# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୩୦/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, August 30/2019 | ★★★★★★

୪୫ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଗୁଞ୍ଜନ ସକ୍ସେନା ଚରିତ୍ରରେ ଜାହ୍ନବୀ**

ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର 'ଗୁଞ୍ଜନ ସକ୍ସେନା-ଦି କାର୍‌ଗିଲ ଗର୍ଲ'ର ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି।

୦୭ | ୧୯

**ଇଲାଭେନିଲଙ୍କୁ ସ୍ୱର୍ଣ୍ଣ**

ଭାରତୀୟ ଶୁଟର ଇଲାଭେନିଲ ଭାଲାରିଭାନ୍ ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ (ରାଇଫଲ୍/ପିସ୍ତଲ) ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



## ବ୍ୟାଙ୍କ ଠକେଇ ୭୧,୫୪୩ କୋଟିରେ ପହଞ୍ଚିଲା

**ମୁମ୍ବାଇ,୨୯-୮:** ରିଜର୍ଭ ବ୍ୟାଙ୍କ ବାର୍ଷିକ ରିପୋର୍ଟରେ ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ବଢ଼ିଥିବା ସ୍ୱୀକାର କରାଯାଇଛି। ଆଲୋଚ୍ୟ ବର୍ଷରେ ଠକେଇ ଅର୍ଥ ପରିମାଣ ବର୍ଷକୁ ବର୍ଷ ହିସାବରେ ୭୩.୮ ପ୍ରତିଶତ ବୃଦ୍ଧି ପାଇଛି। ଏହି ସମୟରେ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ୬୮୦୧ ଠକେଇ ମାମଲା ଧରାପଡିଛି। ଏଥିରେ ୭୧,୫୪୨.୯୩ କୋଟି ଟଙ୍କାର ଠକେଇ ହୋଇଥିବା ଜଣାପଡିଛି। ୨୦୧୭-୧୮ରେ ଏହି ପରିମାଣ ୪୧,୧୬୭.୦୪ କୋଟି ଟଙ୍କା ଥିଲା। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସର୍ବାଧିକ ଋଣ ପ୍ରଦାନ କରୁଥିବା ବେଳେ ସେମାନେ ଅଧିକ ପରିମାଣରେ ଠକେଇର ସମ୍ମୁଖୀନ ହୋଇଛନ୍ତି ବୋଲି କେନ୍ଦ୍ରୀୟ ବ୍ୟାଙ୍କର ବାର୍ଷିକ ରିପୋର୍ଟରେ କୁହାଯାଇଛି। ଏଥିରେ କୁହାଯାଇଛି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ୩୭୬୬ ମାମଲାରେ ୬୪,୫୦୯.୪୩ କୋଟି ଟଙ୍କାର ଠକେଇ ଧରାପଡିଛି, ଯାହା କି, ପୂର୍ବ ଆର୍ଥିକ ବର୍ଷରେ ୩୮,୨୬୦.୮୦ କୋଟି ଟଙ୍କା ଥିଲା। ଏହି ସମୟରେ ୨୮୮୫ ମାମଲା ଧରାପଡିଥିଲା।

### ଏମାର ମଠ ଉଚ୍ଛେଦ ପ୍ରକ୍ରିୟା ଜାରି

# ଠାବହେଲା ୬ ଥାକିଆ ଭୂତଳ ଘର



ଖମାର ଘରର ଭୂତଳ କୋଠରି।



ଏମାର ମଠ ପରିସରରେ ଥିବା ସୁଡ଼ଙ୍ଗ।

**ପୁରୀ ଅଫିସ, ୨୯।୮**

ଭଙ୍ଗାଯାଇଛି ବହୁଚର୍ଚ୍ଚିତ ଏମାର ମଠ। ଚାଲିଛି ଉଚ୍ଛେଦ ପ୍ରକ୍ରିୟା। ଆଉ କିଛିଦିନ ପରେ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯିବ ଦ୍ୱାଦଶ ଶତାବ୍ଦୀର ଏହି ମଠ। ତେବେ ଏହି ପ୍ରାଚୀନ ମଠ ଭଙ୍ଗାଯିବା ପରେ ମିଳିଛି ଭୂତଳ ଘରର ସନ୍ଧାନ। ଭୂମିଠାରୁ ପ୍ରାୟ ୧୦ରୁ ୧୫ଫୁଟ ତଳକୁ ଉକ୍ତ ଘର ଥିବାବେଳେ ଉପରକୁ ପ୍ରାୟ ୪୦ଫୁଟ ରହିଥିଲା। ସମ୍ପୂର୍ଣ୍ଣ ପରିତ୍ୟକ୍ତ ଏବଂ ଅନ୍ଧକାରମୟ ଥିବା ଏହି ୬ଥାକିଆ ଘର ମଠର କୋଠି ଘର (ଧାନ, ଚାଉଳ ରହୁଥିଲା) ଭାବେ ବ୍ୟବହୃତ ହେଉଥିଲା। ଦୀର୍ଘବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଏହା ମଧ୍ୟରେ ମାଙ୍କଡ଼, ଚେମେଣିଆ, ମୂଷା ଏବଂ ବିଭିନ୍ନ ପ୍ରକାର ପକ୍ଷୀ ବାସ କରୁଥିଲେ। ବିଷଧର ସାପ ଥିବା ଆଶଙ୍କାରେ ଏହି କୋଠି ଘର ଭଙ୍ଗାଯିବା ପୂର୍ବରୁ ସ୍ନେକ ହେଲ୍‌ପ ଲାଇନର ସହାୟତା ନିଆଯାଇଥିଲା। ସ୍ନେକ ହେଲ୍‌ପ ଲାଇନର ସଦସ୍ୟମାନେ ଏହି ଘର ଭିତରକୁ ପଶି ସାପ ଖୋଜିଥିଲେ। ତେବେ ଘରଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଏହା ଭିତରେ ଅଧିକ ସମୟ ରହିବା ନିରାପଦ ନ ମଣି ସେମାନେ ଫେରି ଆସିଥିଲେ। କୋଠି ଘର ଭଙ୍ଗାଯିବା ପରେ ଏକ ସୁଡ଼ଙ୍ଗ ଥିବା ଜଣାପଡ଼ିଛି। ଉକ୍ତ ସୁଡ଼ଙ୍ଗରୁ ଗୁପ୍ତ କୋଠରୀକୁ ବାଟ ରହିଛି ଓ ଗୁପ୍ତ କୋଠରିରେ ସୁନା, ☞ପୃଷ୍ଠା-୪



ନୂଆଦିଲ୍ଲୀରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରୁଛନ୍ତି। **(ରିପୋର୍ଟ ଖେଳ ପୃଷ୍ଠାରେ)**

**ଆଜିର ସମ୍ପାଦକୀୟ**

**ବୋଲକରା ଆର୍‌ବିଆଇ**

**କାମ୍ପା ପାଣ୍ଠିରେ ରାଜ୍ୟକୁ ମିଳିଲା ୫୯୩୪ କୋଟି** ୩


**BachPan**
www.bachpanglobal.com
ଆଜି ହିଁ ବଚପନ ପ୍ଲେ-ସ୍କୁଲ୍ ଆରମ୍ଭ କରନ୍ତୁ।
8860619105



NECC NATIONAL EGG CO-ORDINATION COMMITTEE | 29.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 57 | 102 | 112 |
| CTC | 54 | 98 | 108 |
| DKL | 57 | 102 | 112 |
| BDK | 57 | 102 | 112 |
| BLS | 57 | 102 | 112 |
| ANG | 56 | 101 | 111 |
| BHM | 57 | 102 | 112 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ପକ୍କାଘର: ପୂରଣ ହୋଇପାରୁନି ଧାର୍ଯ୍ୟଲକ୍ଷ୍ୟ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

- ପିଏମ୍‌ଏୱାଇରେ ଫସିଯାଇଛନ୍ତି ଆଇଏୱାଇ ହିତାଧିକାରୀ
- ପକ୍କାଘର ପାଇବାରୁ ବାଦ୍ ପଡ଼ିବେ୪୦ ହଜାର
- ଟଙ୍କା ନ ଫେରାଇଲେ ଘର ମନା
- ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍
- ଚଳିତ ବର୍ଷ ନିର୍ମାଣ ହେବ ୫ ଲକ୍ଷ ଘର

ରାଜ୍ୟରେ କଚ୍ଛାଘର ରହିବ ନାହିଁ। ସମସ୍ତଙ୍କୁ ଯୋଗାଇ ଦିଆଯିବ ପକ୍କାଘର। ୨୦୧୯ ଡିସେମ୍ବର ସୁଦ୍ଧା ରାଜ୍ୟ ସରକାର ଏବଂ ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଦେବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତିବର୍ଷ ୫ ଲକ୍ଷ ପକ୍କାଘର ନିର୍ମାଣ କରିବାକୁ ବିଜେଡି ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିଲା। ତେବେ ଏହି ଲକ୍ଷ୍ୟ ପୂରଣ କରିବା ନେଇ ରାଜ୍ୟ ସରକାର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଶେଷ ହେଉ ନ ଥିବା ବେଳେ ଠିକ୍ ସମୟରେ କେନ୍ଦ୍ରରୁ ଟଙ୍କା ମିଳୁନାହିଁ। ବିଜୁ ପକ୍କାଘର ଯୋଜନା, ଖଣି ଅଞ୍ଚଳ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ, ମତ୍ସ୍ୟଜୀବୀଙ୍କ ପାଇଁ ପକ୍କାଘର ଭଳି ଏମିତି କେତେ କ'ଣ ଯୋଜନା ରହିଛି। ତଥାପି ରାଜ୍ୟରେ ଆଉ କେତେ ହିତାଧିକାରୀ ଘର ପାଇବାକୁ ଯୋଗ୍ୟ ଅଛନ୍ତି ☞ପୃଷ୍ଠା-୪


TATA ଉତ୍ପାଦନ



ଆପଣଙ୍କ ପୁରୁଣା ସୁନା ଆଜି ଆହୁରି ମୂଲ୍ୟବାନ

ପାଆନ୍ତୁ 100% ଏକ୍‌ସଚେଞ୍ଜ ମୂଲ୍ୟ*
ପୁରୁଣା ସୁନା ସକାଶେ

ତନିସ୍କ ଜ୍ୱେଲରୀ ବଦଳେଇ ଡାଇମଣ୍ଡ ନେଲେ 1 କ୍ୟାରେଟ୍ ଅତିରିକ୍ତ ।

TANISHQ

20% ପର୍ଯ୍ୟନ୍ତ ଛାଡ଼* ସମସ୍ତ ଡାଇମଣ୍ଡ ଜ୍ୱେଲରୀ ଉପରେ ।

HDFC BANK We understand your world | Up to ₹10,000 Additional Instant Discount* on HDFC Bank Debit & Credit Cards | Offer valid from 1st Aug to 31st Aug 2019. Not valid on Gold Coins. *T&Cs apply. Tanishq reserves the right to amend the T&Cs without any prior notice.

Buy online at tanishq.co.in

*ସର୍ତ୍ତାବଳୀ ଲାଗୁ ଅଫର୍ • 10 ଅଗଷ୍ଟ ରୁ 10 ସେପ୍ଟେମ୍ବର 2019 • ପର୍ଯ୍ୟନ୍ତ ବୈଧ 100% ଏକ୍ସଚେଞ୍ଜ ମୂଲ୍ୟ 14 କ୍ୟାରେଟ୍‌ରୁ ଉର୍ଦ୍ଧ୍ୱ ଯେକୌଣସି ସୁନା ପାଇଁ ବୈଧ ଅଟେ । • To know more, log on to tanishq.co.in or give a missed call on 1800 3010 5002. • ଅଧିକ ବିବରଣୀ ପାଇଁ ଦେଖନ୍ତୁ tanishq.co.in/offers • Follow us on: YouTube

ଅନୁଗୁଳ: ଅମଲାପଡ଼ା ଲେନ୍-୨, ଫୋନ୍-୦୬୭୬୪-୨୩୧୨୨୪, ୯୬୫୮୨୭୪୨୨୫
ଭୁବନେଶ୍ୱର: ଚନ୍ଦ୍ରଶେଖର ପୁର, ଫୋନ୍-୯୭୭୭୭୫୦୦୩୦ | ମାଷ୍ଟର କ୍ୟାଣ୍ଟିନ୍, ଫୋନ୍-୦୬୭୪-୨୫୩୪୩୫୧, ୯୨୩୮୩୦୭୦୪୩
କଟକ: କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, ଫୋନ୍-୦୬୭୧-୨୩୦୨୦୩୬, ୯୨୩୮୩୦୭୦୪୪



11 The Original & Authentic Handloom Fabrics
**Cottonfab-2019**™
Traditional, Gorgeous & Fabulous Handlooms,
Saree : Dressmaterial : Kurties : Salwar-Kameez : Home Furnishing



**BROUGHT TO YOU**
UTTAR PRADESH FABRICS Chikan work, Banarasi Silk, Aplic Work, Block Print, RAJASTHAN FABRICS Block Print, Dhabu, Sanganeri, Bandhej, Kota Doria. GUJRAT FABRICS Traditional Bandhani, Kutch Embroidery MADHYA PRADESH FABRICS Light weight Chanderi, Traditional Maheshwari, Batik Print. BIHAR FABRICS Kosa, Kora, Tussar. JAMMU & KASHMIR FABRICS Embroidered Silk, Pashmina Shawls. WEST BENGAL FABRICS Kantha, Baluchari, Dhakai Jamdani, Tangail. ANDHRA PRADESH Kalamkari Vegetable Dye, Zari Border. Mangalgiri, Pochampalli, Gadwal, Venkatgiri, Udappa. TAMILNADU FABRICS Madurai & Kanjeewaram, Coimbatore, Erode Cotton. HARYANA FABRICS Handlooms & Embroidery.



Inauguration by:
**Sri Ananta Narayan Jena**
Hon'ble MLA
Bhubaneswar Central
On 30th August 2019
at 5.00 PM

Gate No. 3,
Exhibition Ground,
Unit-III, Kharvela Nagar, BBSR
30th Aug. - 06th Oct. 2019
Time: 10.30 AM To 9.00 PM

www.cottonfabexpo.com | cottonfabexpo@gmail.com | https://goo.gl/maps/zXTwRnCkx6CGmh2Y8
Regd by: O/o D. C. Handicrafts, Ministry of Textile Govt. of India/ Org by: Awadh Hathkargha Hastshilp Evam Gramodyog Samiti


## ଆଜି ମେଡିକାଲ କାଉନ୍‌ସେଲିଂ

**ଭୁବନେଶ୍ୱର,୨୯।୮(ବ୍ୟୁରୋ):** ରାଜ୍ୟରେ ଥିବା ସରକାରୀ ମେଡିକାଲ କଲେଜରେ ଖାଲିଥିବା ଏମ୍‌ବିବିଏସ୍ ସିଟ୍‌ଗୁଡ଼ିକ ଲାଗି ଶୁକ୍ରବାର ପୁଣି ଥରେ କାଉନସେଲିଂ ହେବ। ୧୦ଟି ଏମ୍‌ବିବିଏସ୍ ସିଟ୍‌ରେ ନାମଲେଖା ପାଇଁ ଅନୁଷ୍ଠିତ ହେବାକୁ ଥିବା ଏହି କାଉନସେଲିଂରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ମେଡିକାଲ କଲେଜ ଭାଗ ନେବେ। ଏସ୍‌ସିବି ମେଡିକାଲରେ ୫ଟି ସିଟ୍‌ରେ ନାମଲେଖା ହେବାକୁ ଥିବାବେଳେ ବଲାଙ୍ଗୀର ମେଡିକାଲ କଲେଜର ୨ଟି ସିଟ୍‌ରେ ନାମଲେଖା ହେବ। ଏହାବ୍ୟତୀତ ବୁର୍ଲାସ୍ଥିତ ଭିଏସ୍‌ଏସ୍ ମେଡିକାଲ କଲେଜ, ବାରିପଦା ମେଡିକାଲ କଲେଜ ଏବଂ ବାଲେଶ୍ୱର ମେଡିକାଲ କଲେଜରେ ଗୋଟିଏ ଲେଖାଏ ସିଟ୍‌ରେ ନାମଲେଖା ହେବ।

**ଆଜିର ମନ୍ତବ୍ୟ**

"କଶ୍ମୀରରେ ହସ୍ତକ୍ଷେପ କରିବାର ଅଧିକାର ପାକିସ୍ତାନର ନାହିଁ।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଅଗଷ୍ଟ ,୨୦୧୯



ବହୁକୋଟି ଟଙ୍କା ବ୍ୟାଙ୍କ ଜାଲିଆତି ଏବଂ ଗୁଜରାଟର ଷ୍ଟେରଲିଂ ବାୟୋଟେକ୍ ଦ୍ୱାରା ମନିଲଣ୍ଡରିଂ ଅଭିଯୋଗରେ ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲଙ୍କ ପୁଅ ଫୈଜଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ୭ ଘଣ୍ଟା ଜେରା କରିଛି । ଉକ୍ତ ଫାର୍ମାସ୍ୟୁଟିକାଲ କମ୍ପାନୀ ମାଲିକ ସନ୍ଦେସରା ଭ୍ରାତାଙ୍କ ସହ ଫୈଜଲଙ୍କ ସମ୍ପର୍କକୁ ନେଇ ଇଡି ପଚରାଉଚରା କରିଥିବା ଜଣାପଡିଛି । ପୂର୍ବରୁ ଦୁଇଥର ଇଡି ତାଙ୍କୁ ଜେରା କରିଥିଲା ।



# ‘ଗଜ୍‌ନବୀ’ ପରୀକ୍ଷା କଲା ପାକିସ୍ତାନ

ଇସ୍‌ଲାମାବାଦ, ୨୯।୮ (ଆଇଏଏନ୍‌ଏସ୍)

ପାକିସ୍ତାନ ବୁଧବାର ରାତିରେ ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ‘ଗଜ୍‌ନବୀ’ର ସଫଳ ପରୀକ୍ଷା କରିଛି । ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ (ଆଇଏସ୍‌ପିଆର୍)ର ମହାନିର୍ଦ୍ଦେଶକ ମେଜର ଜେନେରାଲ ଅସିଫ୍ ଗଫୁର ଏହି ସୂଚନା ଦେଇଛନ୍ତି । କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୨୯୦ କିଲୋମିଟର ରହିଥିବାବେଳେ ଏହା ବିଭିନ୍ନ ପ୍ରକାର ଯୁଦ୍ଧାସ୍ତ୍ର ବହନ କରିପାରିବ ।

ଗତ ମେ ମାସରେ ପାକ୍ ସେନା ଶାହିନ୍-୨ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଥିଲା, ଯାହାର ଲକ୍ଷ୍ୟଭେଦ କ୍ଷମତା ୧୫୦୦ କିଲୋମିଟର ରହିଛି । ଏହି କ୍ଷେପଣାସ୍ତ୍ର ଉଭୟ ପାରମ୍ପରିକ ଓ ଆଣବିକ ଅସ୍ତ୍ର ବହନ କରିପାରିବ ।

**ଜମ୍ମୁ-କଶ୍ମୀର ସମ୍ପର୍କିତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରେ ଭାରତକୁ ବାରମ୍ବାର ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇ ଯୁଦ୍ଧ ଭୟ ଦେଖାଉଥିବା ପାକିସ୍ତାନ ଶେଷରେ ଏକ କ୍ଷେପଣାସ୍ତ୍ର ପରୀକ୍ଷା କରିଛି । ଗଜ୍‌ନବୀ ନାମକ ଏହି ସ୍ୱଳ୍ପ ଦୂରଗାମୀ ମିସାଇଲ୍‌ର ପରୀକ୍ଷଣକୁ ଭାରତ କିମ୍ବା ଅନ୍ତର୍ଜାତୀୟ ସମୁଦାୟ ଗୁରୁତ୍ୱ ଦେଇ ନ ଥିବାବେଳେ ପାକିସ୍ତାନୀ ସେନା ଓ ଶୀର୍ଷ ନେତୃବୃନ୍ଦ ଏହାକୁ ଏକ ବଡ଼ ସଫଳତା ବୋଲି ବିବେଚନା କରି ଆତ୍ମସନ୍ତୋଷ ଲାଭ କରିଛନ୍ତି । ଭାରତ ବିରୋଧୀ ଅପପ୍ରଚାରରେ ସବୁ ମଞ୍ଚରେ ବିଫଳ ହୋଇଥିବା ଇସ୍‌ଲାମାବାଦର ଏହି ପଦକ୍ଷେପ ପାକିସ୍ତାନୀମାନଙ୍କୁ ଖୁସି କରିବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି ।**

ଏହା ପୂର୍ବରୁ ମାର୍ଚ୍ଚରେ ପାକ୍ ବାୟୁସେନା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ‘ସ୍ମାର୍ଟ ୱେପନ୍’ ଜେଏଫ୍-୧୭ ଯୁଦ୍ଧବିମାନରୁ ପରୀକ୍ଷା କରିଥିଲା । ଜାନୁୟାରୀରେ ମଧ୍ୟ ପାକିସ୍ତାନ ନୂତନ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ‘ନସ୍‌ର’ ପରୀକ୍ଷା କରିଥିଲା ।




ବୁଧବାର ରାତିରେ ପରୀକ୍ଷା କରାଯାଇଥିବା ଗଜନବୀର ଏକ ଭିଡିଓ ଟୁଇଟରରେ ଶେୟାର କରିଛନ୍ତି ଗଫୁର । ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଗଜନ୍‌ବୀ ହେଉଛି ସ୍କଡ୍ ପ୍ରଜାତି ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ବିକଶିତ ରୂପ । ଏହା ପାରମ୍ପରିକ, ଅତ୍ୟଧିକ ବିସ୍ଫୋରକ (ଏଚ୍‌ଇ) ଏବଂ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି । ଗଜ୍‌ନବୀର ସଫଳ ପରୀକ୍ଷାକୁ ନେଇ ତିନିବାହିନୀର ମୁଖ୍ୟ ଏବଂ ଷ୍ଟାଫ୍ କମିଟି ଯୁଗ୍ମ ମୁଖ୍ୟମାନଙ୍କ ଅଧ୍ୟକ୍ଷ ବିଶେଷଜ୍ଞ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି । ରାଷ୍ଟ୍ରପତି ଅରିଫ୍ ଅଲଭି ଏବଂ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଉକ୍ତ ଟିମ୍‌କୁ ପ୍ରଶଂସା କରିଛନ୍ତି । ପାକିସ୍ତାନ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବରୁ ଭାରତକୁ ଅବଗତ କରାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ୍ କୁମାର ସୂଚନା ଦେଇଛନ୍ତି ।

## ■ ପାକ୍‌କୁ ରାଜନାଥଙ୍କ ପ୍ରଶ୍ନ
# କଶ୍ମୀର କେବେ ତୁମର ଥିଲା

ଲେହ,୨୯।୮ (ପି.ଟି.)



କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ । କଶ୍ମୀର ପାକିସ୍ତାନର କେବେ ଥିଲା ? ଏହାକୁ ନେଇ ପଡ଼ୋଶୀ ଦେଶ ଅନାବଶ୍ୟକ ଭାବେ କାହିଁକି କାନ୍ଦୁଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଗୁରୁବାର ପ୍ରଶ୍ନ କରିଛନ୍ତି । କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦ ହଟାଇ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ନିଷ୍ପତ୍ତି ନେବା ପରେ ପ୍ରତିରକ୍ଷାମନ୍ତ୍ରୀ ପ୍ରଥମଥର ପାଇଁ ଲଦାଖର ଲେହ ଗସ୍ତରେ ଯାଇ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ଆୟୋଜିତ ‘କିଷାନ-ଯବାନ ବିଜ୍ଞାନ ମେଳା’ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଜନାଥ କହିଛନ୍ତି, କଶ୍ମୀର ପାକିସ୍ତାନର କେବେ ନ ଥିଲା । ସ୍ୱୟଂ ପାକିସ୍ତାନ ଭାରତରୁ ଖସିଯାଇ ସୃଷ୍ଟି ହୋଇଛି । ଏହାର ଅସ୍ତିତ୍ୱକୁ ଭାରତ ସମ୍ମାନ ଦିଏ । ଏହାର ମାନେ ନୁହେଁ ଯେ ପାକିସ୍ତାନ କଶ୍ମୀର ଉପରେ ମନ୍ତବ୍ୟ ଦେଉଥିବ । କଶ୍ମୀରରେ ହସ୍ତକ୍ଷେପ କରିବା ଅଧିକାର ପାକିସ୍ତାନର ନାହିଁ । ଅନୁଚ୍ଛେଦ ୩୭୦ ଉଚ୍ଛେଦର ଅନ୍ତର୍ଜାତିକୀକରଣ ଉଦ୍ୟମ ଚଳାଇଥିବା ଇସ୍‌ଲାମାବାଦକୁ କଶ୍ମୀର ପ୍ରସଙ୍ଗରେ କୌଣସି ରାଷ୍ଟ୍ର ସମର୍ଥନ କରୁନାହାନ୍ତି । ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ପାକିସ୍ତାନ ସହିତ ଭାରତ କିପରି ଆଲୋଚନା କରିବ । ବାସ୍ତବ କଥା ହେଉଛି ପାକ୍-ଅଧିକୃତ କଶ୍ମୀର (ପିଓକେ) ଏବଂ ଗିଲ୍‌ଗିଟ୍ ବାଲ୍‌ତିସ୍ତାନକୁ ପାକିସ୍ତାନ ବେଆଇନ ଭାବେ ଦଖଲରେ ରଖିଛି । ଇସ୍‌ଲାମାବାଦ ସେଠାରେ ମାନବାଧିକାର ଉଲ୍ଲଂଘନ ଓ ନିର୍ଯାତନା ବନ୍ଦ କରୁ ବୋଲି ରାଜନାଥ ପରାମର୍ଶ ଦେଇଛନ୍ତି । ସମଗ୍ର ପିଓକେ ଏବଂ ଗିଲ୍‌ଗିଟ୍ ବାଲ୍‌ତିସ୍ତାନ ଭାରତର ଏକ ଅଂଶବିଶେଷ ବୋଲି ୧୯୯୪ରେ ପାର୍ଲାମେଣ୍ଟର ସଂକଳ୍ପନାମା ସମ୍ପର୍କରେ ମଧ୍ୟ ରାଜନାଥ ଅବତାରଣା କରିଛନ୍ତି ।

## ସଂକ୍ଷେପରେ

### ତାରିଗାମିଙ୍କୁ ଭେଟିଲେ ୟେଚୁରୀ



**ଶ୍ରୀନଗର, ୨୯।୮ (ପି.ଟି.):** ସୁପ୍ରିମକୋର୍ଟଙ୍କ ଅନୁମତି ପରେ ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଗୁରୁବାର ଶ୍ରୀନଗର ଗସ୍ତ କରିଛନ୍ତି । ଗତ ୫ ତାରିଖରୁ ଗୃହବନ୍ଦୀ ଥିବା ଅସୁସ୍ଥ ଦଳୀୟ ସହଯୋଗୀ ମହମ୍ମଦ ୟୁସୁଫ ତାରିଗାମିଙ୍କୁ ଭେଟିଛନ୍ତି । ସୁରକ୍ଷାବଳୟରେ ଥିବା ପୋଲିସ ସିଭିଲ ଲାଇନ୍ସ ଏରିଆସ୍ଥିତ ଗୁପ୍‌କର ରୋଡ୍ ବାସଭବନରେ ତାରିଗାମିଙ୍କ ସହ ସେ ୩ ଘଣ୍ଟା ଆଲୋଚନା କରିଛନ୍ତି । ସେ ଜମ୍ମୁ-କଶ୍ମୀରରୁ ଫେରିବା ପରେ ନିଜ ଅନୁଭବ ସତ୍ୟପାଠ ଆକାରରେ କୋର୍ଟରେ ଦାଖଲ କରିବେ ବୋଲି ଜଣାପଡ଼ିଛି । ଗତ ୯ରେ ୟେଚୁରୀ ଶ୍ରୀନଗର ଯାଇଥିଲେ ହେଁ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ବିମାନବନ୍ଦରରୁ ଫେରାଇ ଦିଆଯାଇଥିଲା । ପରେ କେନ୍ଦ୍ରର ବାରଣ ନିଷ୍ପତ୍ତିକୁ ଅଗ୍ରାହ୍ୟ କରି ସୁପ୍ରିମକୋର୍ଟ ୟେଚୁରୀଙ୍କୁ ସେଠାକୁ ଯିବା ଲାଗି ବୁଧବାର ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଥିଲେ ।

### ନାବାଳିକାଙ୍କୁ ବଳାତ୍କାର ପରେ ବିକ୍ରି

**କର୍ନାଲ, ୨୯।୮ (ପି.ଟି.):** ହରିୟାଣାର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇ ବଳାତ୍କାର କରାଯିବା ପରେ ୭୦ ହଜାର ଟଙ୍କାରେ ବିକ୍ରି କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ୧୬ ବର୍ଷୀୟାଙ୍କ ଘର କର୍ନାଲ ଅନ୍ତର୍ଗତ ଘରୌଣ୍ଡାରେ । ସୋନେପଥରୁ ତାଙ୍କୁ ଉଦ୍ଧାର କରାଯାଇଥିବାବେଳେ ୨ ମଧ୍ୟସ୍ଥଙ୍କ ସହ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗତ ୪ ତାରିଖରୁ ନାବାଳିକା ନିଖୋଜ ହେବା ପରେ ପରିବାର ତରଫରୁ ଘରୌଣ୍ଡା ପୋଲିସଷ୍ଟେଶନରେ ଅଭିଯୋଗ କରାଯାଇଥିଲା । ପୋଲିସ ଖୋଳତାଡ଼୍ କରିବା ପରେ ରୋହତକ୍‌ର ଦୀପକ ନାମକ ଯୁବକ ତାଙ୍କୁ ୭୦ ହଜାର ଟଙ୍କାରେ ମଧ୍ୟସ୍ଥଙ୍କ ଜରିଆରେ କିଣିଥିବା ଜଣାପଡ଼ିଥିଲା । ମୋବାଇଲ ଟ୍ରାକିଂରୁ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା ।

### ନଳିନୀଙ୍କ ଆଗୁଆ ମୁକ୍ତି ଆବେଦନ ଖାରଜ

**ଚେନ୍ନାଇ, ୨୯।୮ (ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟାକାଣ୍ଡ ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ୭ଜଣଙ୍କୁ ଆଗୁଆ ମୁକ୍ତି ଲାଗି ନଳିନୀ ଶ୍ରୀହରନ୍ କରିଥିବା ଆବେଦନକୁ ମାଡ୍ରାସ ହାଇକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି । ତାମିଲନାଡୁ ସରକାର ୨୦୧୮ ସେପ୍ଟେମ୍ବର ୯ରେ ନେଇଥିବା ନିଷ୍ପତ୍ତି ସମ୍ପର୍କରେ ନଳିନୀ ଆବେଦନରେ ଉଲ୍ଲେଖ କରିଥିଲେ । ରାଜ୍ୟ ସରକାର ରାଜ୍ୟପାଳଙ୍କ ଉପରେ ଏନେଇ ଚାପ ପକାଇବା ଲାଗି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କୋର୍ଟଙ୍କୁ ଅନୁରୋଧ କରିଥିଲେ । ଜଷ୍ଟିସ ଆର୍. ସୁବୈୟା ଓ ଜଷ୍ଟିସ ସି. ସରବଣନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ନଳିନୀ ଓ ଅନ୍ୟ ୬ ହତ୍ୟାକାରୀଙ୍କୁ ମୁକ୍ତି ଲାଗି ତାମିଲନାଡୁ ମନ୍ତ୍ରିମଣ୍ଡଳ ରାଜ୍ୟପାଳଙ୍କୁ କହିସାରିଛନ୍ତି । ପୁଣି ଏନେଇ ନିର୍ଦ୍ଦେଶ ଦେବାର କୌଣସି ଆବଶ୍ୟକତା ନାହିଁ । ୧୯୯୧ ମେ ୨୧ରେ ରାଜୀବ ଏକ ନିର୍ବାଚନ ରାଲିରେ ଯାଉଥିବାବେଳେ ଏଲ୍‌ଟିଟିଇ ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିଲେ ।

# ‘ଆତଙ୍କବାଦୀଙ୍କୁ ପଠାଅନି, ପଡ଼ୋଶୀ ଭଳି ରୁହ’



**ନୂଆଦିଲ୍ଲୀ, ୨୯।୮ (ପି.ଟି.):** ପାକିସ୍ତାନ ଭାରତକୁ ଆତଙ୍କବାଦୀଙ୍କୁ ପଠାଇବା ବନ୍ଦ କରି ସ୍ୱାଭାବିକ ପଡ଼ୋଶୀ ଭଳି ରହୁ ବୋଲି ଗୁରୁବାର କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି । ଜମ୍ମୁ-କଶ୍ମୀରକୁ ନେଇ ପାକିସ୍ତାନ ଦେଉଥିବା ଅତ୍ୟନ୍ତ ଦାୟିତ୍ୱହୀନ ମନ୍ତବ୍ୟକୁ ନିନ୍ଦା କରାଯାଇଛି । ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆତଙ୍କବାଦକୁ ପାକିସ୍ତାନ ଏହାର ରାଷ୍ଟ୍ରନୀତି ଭାବେ ବ୍ୟବହାର କରିବା ସହ ଆତଙ୍କବାଦୀଙ୍କୁ ରପ୍ତାନି କରୁଛି । ସେଠାକାର ନେତାମାନେ ଭାରତରେ ହିଂସା ଭିଆଇବା ଉଦ୍ଦେଶ୍ୟରେ ଜେହାଦର ଆହ୍ୱାନ ଦେଇ ଅତ୍ୟନ୍ତ ଦାୟିତ୍ୱହୀନ ଓ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି । ଏହା ଅତି ନିନ୍ଦନୀୟ । ପାକିସ୍ତାନ ଏକ ସ୍ୱାଭାବିକ ପଡ଼ୋଶୀ ଭଳି ବ୍ୟବହାର କରୁ ବୋଲି ରବୀଶ କୁମାର କହିଛନ୍ତି । ସେହିପରି ଜଳପଥରେ ଗୁଜରାଟକୁ ପାକିସ୍ତାନୀ ଆତଙ୍କବାଦୀ ଅନୁପ୍ରବେଶ କରିବା ନେଇ ମଧ୍ୟ କେନ୍ଦ୍ର ସରକାର ସୂଚନା ପାଇଥିବା ସେ ସ୍ପଷ୍ଟ କରିଛନ୍ତି ।

## ■ ଇମ୍ରାନ୍‌ଙ୍କ ଅଫିସ ଉପରେ ଆଇଇଏସ୍‌ସିଓର ୪୧ ଲକ୍ଷ ବାକି
# ବିଦ୍ୟୁତ୍ ସଂଯୋଗ କାଟିବାକୁ ଧମକ

ଇସ୍‌ଲାମାବାଦ, ୨୯।୮ (ପି.ଟି.)

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ପାଇଁ ଏକ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଉପରେ ଇସ୍‌ଲାମାବାଦ ଇଲେକ୍ଟ୍ରିକ୍ ସପ୍ଲାଇ କମ୍ପାନୀ (ଆଇଇଏସ୍‌ସିଓ)ର ୪୧ ଲକ୍ଷ ଟଙ୍କା ବାକି ରହିଛି । ଉକ୍ତ ଅର୍ଥ ପଇଠ ନ କଲେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯିବ ବୋଲି ବିଦ୍ୟୁତ୍ ଯୋଗାଣକାରୀ ଘରୋଇ କମ୍ପାନୀ ନୋଟିସ ଦେଇଛି ।

# ଆଜି ‘କଶ୍ମୀର ଆୱାର୍’ ପାଳିବ ପାକିସ୍ତାନ

**ଇସ୍‌ଲାମାବାଦ, ୨୯।୮ (ପି.ଟି.): ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନଙ୍କ ଆହ୍ୱାନକ୍ରମେ ସେଠାରେ ଶୁକ୍ରବାର** ‘କଶ୍ମୀର ଆୱାର୍’ ପାଳନ କରାଯିବ । ପାକିସ୍ତାନର ଖେଳାଳି, କଳାକାର ଓ ବିଭିନ୍ନ ବର୍ଗର ଲୋକ ମଧ୍ୟାହ୍ନ ୧୨ରୁ ୩ ମିନିଟ୍ ଲାଗି ଛିଡ଼ାହୋଇ କଶ୍ମୀରବାସୀଙ୍କ ଲାଗି ଏକ ହେବା ପାଇଁ ଇମ୍ରାନ୍ ଅନୁରୋଧ କରିଛନ୍ତି । କଶ୍ମୀରବାସୀଙ୍କ ସପକ୍ଷରେ ପାକିସ୍ତାନରେ ରହିଥିବା ସେ ଟୁଇଟ୍ କରିଛନ୍ତି ।

# କଚ୍ଛ ଉପସାଗରରେ ପାକ୍ କମାଣ୍ଡୋ

ନୂଆଦିଲ୍ଲୀ/ଭୁଜ୍, ୨୯।୮ (ପି.ଟି.)

- ■ ଜୈଶ୍ ଚଳାଇଛି ଆକ୍ରମଣ ପ୍ରସ୍ତୁତି
- ■ ଗୁଜରାଟ ବନ୍ଦରରେ ହାଇଆଲର୍ଟ

ପାକିସ୍ତାନୀ ସେନା ଆତଙ୍କବାଦୀଙ୍କୁ ସ୍ଥଳପଥରେ ଅନୁପ୍ରବେଶ କରାଇ ନ ପାରି ଶେଷରେ ଜଳପଥକୁ ବାଛିଛି । ଏଥିଲାଗି ଗୁଜରାଟ ଉପକୂଳ ଦେଇ ଭାରତରେ ଆକ୍ରମଣ କରିବା ପାଇଁ ଯୋଜନା କରିଛି । କଚ୍ଛ ଉପସାଗରରେ ପାକିସ୍ତାନୀ କମାଣ୍ଡୋ ଓ ଜୈଶ୍ ଆତଙ୍କବାଦୀଙ୍କ ଅନୁପ୍ରବେଶ ନେଇ ଗୋଇନ୍ଦା ରିପୋର୍ଟ ମିଳିବା ପରେ ଗୁଜରାଟର ସମସ୍ତ ବନ୍ଦରରେ ହାଇଆଲର୍ଟ ଜାରି କରାଯାଇଛି ।

ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନାନୁସାରେ ଜଳପଥରେ ଆକ୍ରମଣ କରିବା ପାଇଁ ହାରାମି ନାଳା ଦେଇ କଚ୍ଛ ଉପସାଗରକୁ ପାକିସ୍ତାନୀ କମାଣ୍ଡୋ ଓ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ଅନୁପ୍ରବେଶ କରିସାରିଛନ୍ତି । ସେମାନେ ଗୁଜରାଟରେ ଆକ୍ରମଣ କରି ସମ୍ପ୍ରଦାୟିକ ଦଙ୍ଗା ଭିଆଇବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି । କୌଣସି ପ୍ରକାର ସନ୍ଦିଗ୍ଧ ଗତିବିଧି ନଜରକୁ ଆସିଲେ ମାରାଇନ୍ କଣ୍ଟ୍ରୋଲ ଷ୍ଟେଶନକୁ ତୁରନ୍ତ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୁଜରାଟର ମୁନ୍ଦ୍ରା ଓ କାଣ୍ଡଲା ବନ୍ଦରକୁ ସର୍ବାଧିକ ସତର୍କ ରହିବାକୁ କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ବନ୍ଦର ଓ ଘରୋଇ କମ୍ପାନୀଗୁଡ଼ିକ ମଧ୍ୟ ସେମାନଙ୍କ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦେଇଛନ୍ତି । ପ୍ରକାଶ ଯେ, ତିନିଦିନ ତଳେ ନୌସେନା ମୁଖ୍ୟ କରମ୍ବୀର ସିଂ କହିଥିଲେ, ପୁଲୱାମା ଆକ୍ରମଣକାରୀ ଜେଇଏମ୍ ସମୁଦ୍ର ଭିତରେ ଆକ୍ରମଣ ପାଇଁ ଆତଙ୍କବାଦୀଙ୍କୁ ତାଲିମ ଦେଉଥିବା ନେଇ ସୂଚନା ମିଳିଛି । ଏହା ଉପରେ ନୌସେନା କଡ଼ା ନଜର ରଖିଛି । କୌଣସି ପ୍ରକାର ଦୁଃସାହସ କଲେ କଡ଼ା ଜବାବ ଦିଆଯିବ ବୋଲି ପୁଣେରେ ସେ ସ୍ପଷ୍ଟ କରିଥିଲେ ।

# ବ୍ରିଟିଶ ପାର୍ଲାମେଣ୍ଟ ସ୍ଥଗିତ ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ

ଲଣ୍ଡନ, ୨୯।୮

ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନର ପ୍ରସ୍ଥାନ ଲାଗି ଆଉ ମାତ୍ର କେଇ ସପ୍ତାହ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ ପାର୍ଲାମେଣ୍ଟ ଅଧିବେଶନକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି । ୟୁରୋପୀୟ ସମର୍ଥକ ତଥା ବିନା ଚୁକ୍ତିନାମା ବ୍ରେକ୍‌ଜିଟକୁ ବିରୋଧ କରୁଥିବା ଏମ୍‌ପିମାନେ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି । ପାର୍ଲାମେଣ୍ଟକୁ ପାଖାପାଖି ୫ ସପ୍ତାହ ସ୍ଥଗିତ ରଖିବା ପାଇଁ ବୁଧବାର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ଏହାକୁ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପାର୍ଲାମେଣ୍ଟ ସ୍ଥଗିତ ନିଷ୍ପତ୍ତିକୁ ବିରୋଧ କରି ସ୍କଟଲ୍ୟାଣ୍ଡ କଞ୍ଜରଭେଟିଭ ନେତା ରୁଥ୍ ଡାଭିଡସନ୍ ଇସ୍ତଫା ଦେବା ଫଳରେ ଜନସନଙ୍କୁ ଶକ୍ତ ଝଟ୍‌କା ଲାଗିଛି । ବିରୋଧୀମାନେ ତାଙ୍କ ନିଷ୍ପତ୍ତିକୁ ବିଦ୍ରୋହ ଏବଂ ସମ୍ବିଧାନର ଉଲ୍ଲଂଘନ କହିଛନ୍ତି । ଏହା ଉପରେ ରହିତାଦେଶ ଜାରି ପାଇଁ ଲଣ୍ଡନ, ଏଡିନବରା ଓ ବେଲଫାଷ୍ଟ କୋର୍ଟରେ ଆବେଦନ କରିଛନ୍ତି । ଗୁରୁବାର ହଜାର ହଜାର ଲୋକ ଲଣ୍ଡନ, ମଞ୍ଚେଷ୍ଟର, ଏଡିନବରା ସମେତ ଅନ୍ୟ ସହରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରିଥିବା ଜଣାପଡିଛି । ପାର୍ଲାମେଣ୍ଟ ଭବନ ନିକଟରେ ବିଶାଳ ର୍‍ୟାଲି କରାଯାଇ ବିଦ୍ରୋହ ବନ୍ଦ କର ସ୍ଲୋଗାନ ଦିଆଯାଇଥିଲା ।

**ପ୍ରତିବାଦରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ**




# ବିଦେଶୀ ମିଡିଆକୁ ଏଲ୍‌ଓସି ବୁଲାଇଲା ପାକ୍

ଇସ୍‌ଲାବାବାଦ, ୨୯।୮ (ଆଇଏଏନ୍‌ଏସ୍)

କଶ୍ମୀର ପ୍ରସଙ୍ଗରେ ବିଶ୍ୱବ୍ୟାପୀ ଡିଣ୍ଡିମ ପିଟି ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରୁଥିବା ପାକିସ୍ତାନ ଗୁରୁବାର ବିଦେଶୀ ମିଡିଆକୁ ନିୟନ୍ତ୍ରଣରେଖା (ଏଲ୍‌ଓସି) ବୁଲାଇଛି । ଏହାସହ ଭାରତ ପଟୁ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରାଯାଉଥିବା ସେମାନଙ୍କ ନିକଟରେ ଅଭିଯୋଗ କରିଛି । କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମ ପ୍ରତିନିଧି ପିଓକେ ସଂଲଗ୍ନ ଏଲ୍‌ଓସି ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କଠାରୁ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି । ପାକିସ୍ତାନର ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ ମହାନିର୍ଦ୍ଦେଶକ ଆସିଫ୍ ଗଫୁର ଏସମ୍ପର୍କିତ ଭିଡିଓ ଟୁଇଟ୍ କରିଛନ୍ତି ।

# ଉପତ୍ୟକାରେ ସ୍ୱାସ୍ଥ୍ୟସେବା ସଙ୍କଟ

ରୋଗୀଙ୍କ ପାଇଁ ହସ୍ପିଟାଲଗୁଡ଼ିକରେ ଔଷଧ ନାହିଁ । କର୍ଫ୍ୟୁ ବଳବତ୍ତର ରହିଥିବାରୁ ଚିକିତ୍ସା ଲାଗି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ଲାଗି ଆମ୍ବୁଲାନ୍ସ ନାହିଁ । ଏଟିଏମ୍‌ଗୁଡ଼ିକ ବନ୍ଦ ଥିବାରୁ ଲୋକେ ଔଷଧ କିଣିବା ପାଇଁ ଟଙ୍କା ଉଠାଇପାରୁ ନାହାନ୍ତି । ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରିପ୍ରେକ୍ଷୀରେ ଉପତ୍ୟକାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଭଳି ସଙ୍କଟ ସୃଷ୍ଟି ହୋଇଛି । ନିକଟରେ ଉପତ୍ୟକାର ସ୍ୱାସ୍ଥ୍ୟସେବା ସଙ୍କଟକୁ ନେଇ ଗଣମାଧ୍ୟମରେ କହୁଥିବାବେଳେ ଓମାର ସଲିମ୍ ଅଖ୍‌ତାର ନାମକ ଜଣେ ଯୁବ ଡାକ୍ତରଙ୍କୁ ପୋଲିସ ଉଠାଇ ନେଇଥିଲା । ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଥମିନାହିଁ । ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏଭଳି ଅଭିଯୋଗକୁ ଜମ୍ମୁ-କଶ୍ମୀର ପୋଲିସ ଓ ପ୍ରଶାସନ ପକ୍ଷରୁ ଗୁରୁବାର ଖଣ୍ଡନ କରାଯାଇଛି ।

ରିପୋର୍ଟ ଅନୁସାରେ ଦୁଇଦିନ ତଳେ ଶ୍ରୀନଗରରେ ପ୍ଲାକାର୍ଡ ଧରି ଗୋଲ୍ଡ ମେଡାଲିଷ୍ଟ ୟୁରୋଲୋଜିଷ୍ଟ ଓମାର ସଲିମ୍ ଅଖ୍‌ତାର ବିବିସିକୁ କହୁଥିଲେ, ଏହା ବିକ୍ଷୋଭ ନୁହେଁ, ବରଂ ଏକ ଅନୁରୋଧ । ଅଗଷ୍ଟ ୬ରେ ଜଣେ ରୋଗୀଙ୍କୁ କେମୋଥେରାପି ଚିକିତ୍ସା ଆବଶ୍ୟକ ଥିଲା । ସେ ଗତ ୨୪ ତାରିଖରେ ଆମ ପାଖକୁ ଆସିଥିଲେ । କିନ୍ତୁ ଔଷଧ ପାଇପାରି ନ ଥିଲେ । ଆଉ ଜଣେ ରୋଗୀଙ୍କ କେମୋଥେରାପି ଔଷଧ ଦିଲ୍ଲୀରୁ ଅଣାଯିବାର ଥିଲା । କିନ୍ତୁ ତାହା ଆଣିବା ପାଇଁ ଆମେ ଅର୍ଡର କରିପାରିଲୁ ନାହିଁ । ଫଳରେ ତାଙ୍କର ଚିକିତ୍ସା ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି । ସେ କୌଣସି ସମୟରେ ଆଖିବୁଜି ଦେଇପାରନ୍ତି । କଶ୍ମୀରରେ ଏଟିଏମ୍‌ଗୁଡ଼ିକ ବନ୍ଦ ଥିବାରୁ ଲୋକେ ଔଷଧ କିଣିବା ପାଇଁ ଟଙ୍କା ଉଠାଇ ପାରୁନାହାନ୍ତି । ଇଣ୍ଟରନେଟ କାମ କରୁ ନ ଥିବାରୁ ଗରିବ ରୋଗୀଙ୍କୁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ମାଗଣାରେ ଚିକିତ୍ସା କରାଯାଇ ପାରୁନାହିଁ । କାରଣ ଏଥିଲାଗି ଅନ୍‌ଲାଇନ୍‌ରେ ତଥ୍ୟ ଆବଶ୍ୟକ ହୋଇଥାଏ ବୋଲି ଅଖ୍‌ତାର କହିବାବେଳେ ପୋଲିସ ତାଙ୍କୁ ଟାଣିନେଇ ଏକ ଭ୍ୟାନ୍‌ରେ ବସାଇ ନେଇଯାଇଥିଲା ।




**ବିଦେଶୀ ଗଣମାଧ୍ୟମରେ ‘କଶ୍ମୀର’**

**ଭାରତର କଶ୍ମୀର ଦମନ ହସ୍ପିଟାଲଗୁଡ଼ିକୁ ଶ୍ମଶାନରେ ପରିଣତ କରିଦେଇଛି**

ଉପତ୍ୟକାରେ ସ୍ଥିତି ସ୍ୱାଭାବିକ ରହିଛି ବୋଲି କେନ୍ଦ୍ର ସରକାର ଦାବି କରୁଥିବାବେଳେ ଔଷଧ, ଶିଶୁ ଖାଦ୍ୟ ଓ ଅନ୍ୟ ଚିକିତ୍ସା ଉପଲବ୍ଧ ନ ଥିବାରୁ କଶ୍ମୀରୀଙ୍କ ପାଇଁ ବଞ୍ଚିବା କଠିନ ହୋଇପଡ଼ିଲାଣି ବୋଲି କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ଲଣ୍ଡନରେ ରହୁଥିବା କଶ୍ମୀରୀ ଡାକ୍ତର ମୁଦାସିର ଫିର୍ଦ୍ଦୋସି କହିଛନ୍ତି, କର୍ଫ୍ୟୁ ବଳବତ୍ତର ରହିଥିବାରୁ ଆମ୍ବୁଲାନ୍ସରେ ରୋଗୀଙ୍କୁ ଚିକିତ୍ସା ପାଇଁ ବଣ୍ଡିପୋରା, ଅନନ୍ତନାଗ ଓ ବାରାମୁଲା ଭଳି ସ୍ଥାନରେ ହସ୍ପିଟାଲକୁ ନିଆଯାଇ ପାରୁନାହିଁ । ଅଖ୍‌ତାର ଗିରଫ ହୋଇପାରନ୍ତି ବୋଲି ଜାଣି ସୁଦ୍ଧା ସ୍ୱାସ୍ଥ୍ୟସେବା ନେଇ ସେ ଗଣମାଧ୍ୟମ ଆଗକୁ ଆସିଥିଲେ । ସେଠାକାର ସ୍ଥିତି ତାଙ୍କ ଗିରଫଦାରିରୁ ସ୍ପଷ୍ଟ ହେଉଛି । ଅଖ୍‌ତାରଙ୍କୁ ପରେ ଛାଡ଼ି ଦିଆଯାଇଥିଲେ ହେଁ ତାଙ୍କ ଗିରଫଦାରିକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ସ୍ୱାଭାବିକ ସ୍ଥିତି ଫେରିଆସିଛି ବୋଲି କେନ୍ଦ୍ର ସରକାରଙ୍କ ଦାବି କେତେ ସତ ତାହା ଏଥିରୁ ଧରାପଡ଼ିଯାଇଛି ବୋଲି ଇଣ୍ଡିଆନ୍ ଡକ୍ଟର୍ସ ଫର୍ ପିସ୍ ଆଣ୍ଡ ଡେଭେଲପ୍‌ମେଣ୍ଟ ପକ୍ଷରୁ କୁହାଯାଇଛି । ୨୪ ଦିନ ଧରି ରୋଗୀମାନଙ୍କୁ ଚିକିତ୍ସାରୁ ବଞ୍ଚିତ କରି ସ୍ୱାସ୍ଥ୍ୟସେବା ସମ୍ପର୍କିତ ଅନ୍ତର୍ଜାତୀୟ ରାଜିନାମା ଉଲ୍ଲଂଘନ କରିବା ସରକାରଙ୍କ ଏକ ଆପରାଧିକ କାର୍ଯ୍ୟ ବୋଲି ଏହି ସଙ୍ଗଠନ ସମାଲୋଚନା କରିବା ସହ ସମସ୍ତ କଟକଣା ହଟାଇବା ପାଇଁ ଦାବି କରିଛି । ଏନେଇ ୱାଲ୍‌ଷ୍ଟ୍ରିଟ୍ ଜର୍ନାଲରେ ‘ଭାରତର କଶ୍ମୀର ଦମନ ହସ୍ପିଟାଲଗୁଡ଼ିକୁ ଶ୍ମଶାନରେ ପରିଣତ କରିଦେଇଛି’ ଶୀର୍ଷକରେ ପ୍ରକାଶିତ ବିସ୍ତୃତ ରିପୋର୍ଟକୁ ଜମ୍ମୁ-କଶ୍ମୀର ପୋଲିସ ଅଧିକାରୀ ଇମ୍‌ତିଆଜ୍ ହୁସେନ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, କଶ୍ମୀରରେ ବିଶ୍ୱସ୍ତରୀୟ ଡାକ୍ତର ଓ ଡାକ୍ତରୀ ଉପକରଣ ଉପଲବ୍ଧ । କୌଣସି ସ୍ଥାନରେ ମାତ୍ରାଧିକ କଟକଣା ଜାରି କରାଯାଇନାହିଁ । ଔଷଧ ମଧ୍ୟ ନିଅଣ୍ଟ ନାହିଁ । ଉପତ୍ୟକାର ସମସ୍ତ ହସ୍ପିଟାଲ ଖୋଲାରହିଛି ଓ ସ୍ୱାଭାବିକ ଭାବେ ଚାଲୁଛି । ପ୍ରକାଶିତ ଖବର ସମ୍ପୂର୍ଣ୍ଣ ଭାବେ ଏକ ମିଥ୍ୟା ପ୍ରଚାର ଅଭିଯାନ ବୋଲି ସେ ଟୁଇଟ୍ କରିଛନ୍ତି । ସେହିପରି ପ୍ରଶାସନିକ ଅଧିକାରୀ ଶାହିଦ ଚୌଧୁରୀ ଏହାକୁ ଖଣ୍ଡନ କରିବା ସହ ହସ୍ପିଟାଲଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଔଷଧ ମହଜୁଦ ଥିବା କହିଛନ୍ତି । ଲଣ୍ଡନ ଓ ୱାଶିଂଟନରୁ ପ୍ରକାଶିତ ରିପୋର୍ଟଗୁଡ଼ିକୁ ସେ ମିଛ ବୋଲି ଦର୍ଶାଇଛନ୍ତି ।

# କଟକଣାକୁ ନେଇ ଚିନ୍ତା ବ୍ୟକ୍ତକଲା ଆମେରିକା

**ୱାଶିଂଟନ, ୨୯।୮:** ଜମ୍ମୁ-କଶ୍ମୀର ସ୍ଥିତି ଉପରେ ନଜର ରଖିଥିବା ଆମେରିକା ସ୍ଥାନୀୟ ନେତାମାନଙ୍କ ଅଟକ ଏବଂ ସାଧାରଣ ଲୋକଙ୍କ ଉପରେ କଟକଣା ଜାରି ରହିଥିବାରୁ ଚିନ୍ତାବ୍ୟକ୍ତ କରିଛି । କଶ୍ମୀର ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ନୂଆଦିଲ୍ଲୀ ଦୋହରାଉଥିବାବେଳେ ମାନବାଧିକାରକୁ ସମ୍ମାନ ଦେବା, ଆଇନଗତ ପ୍ରକ୍ରିୟା ଅନୁପାଳନ କରିବା ଏବଂ ପ୍ରଭାବିତମାନଙ୍କ ସହ ଆଲୋଚନା କରିବା ପାଇଁ ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ଆହ୍ୱାନ ଦେଇଛନ୍ତି । ଏଥିସହିତ ନିୟନ୍ତ୍ରଣ ରେଖାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହ ସୀମାପାର ଆତଙ୍କବାଦ ରୋକିବା ପାଇଁ ମୁଖପାତ୍ର କହିବା ସହ ପରୋକ୍ଷରେ ପାକିସ୍ତାନକୁ ସତର୍କ କରାଇଦେଇଛନ୍ତି । ତେବେ କଶ୍ମୀର ପ୍ରସଙ୍ଗରେ ଦୁଇଦେଶ ମଧ୍ୟରେ ସିଧାସଳଖ ଆଲୋଚନାକୁ ଆମେରିକା ସମର୍ଥନ କରେ ବୋଲି ସେ କହିଛନ୍ତି । ତିନିଦିନ ପୂର୍ବେ ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଶ୍ମୀର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।



ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଗୁରୁବାର ଜଣେ ଦୋକାନୀଙ୍କୁ ସନ୍ଦିଗ୍ଧ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ପରିମ୍ପୋରା ଅଞ୍ଚଳରେ ଏହି ଘଟଣା ଘଟିଛି। ଦୋକାନୀଙ୍କୁ ଗୁରୁତର ଅବସ୍ଥାରେ ପୋଲିସ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆକ୍ରମଣକାରୀଙ୍କ ପରିଚୟ ମିଳି ନ ଥିବା ପ୍ରକାଶ।

**ସଂକ୍ଷେପରେ**

## ୨ରେ ଲଘୁଚାପ, ଅଧିକ ବର୍ଷିବ ନାହିଁ

**ଭୁବନେଶ୍ୱର, ୨୯।୮ (ବ୍ୟୁରୋ):** ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଉତ୍ତର -ପୂର୍ବ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦକ୍ଷିଣ ଚାଇନା ସମୁଦ୍ରରେ ଏକ ଝଡ଼ ସୃଷ୍ଟି ହେଉଥିବାରୁ ଲଘୁଚାପର ପ୍ରଭାବ ସେତେଟା ରହିବ ନାହିଁ। ତେବେ ଆସନ୍ତା ସପ୍ତାହ ଯାଏ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ମୌସୁମୀ ସ୍ୱାଭାବିକ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି। ବାଲେଶ୍ୱରରେ ୪.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୪.୧, କଟକ ୧୦.୨, ସମ୍ବଲପୁର ୨୦.୧, ହୀରାକୁଦରେ ୧୯.୫ମିଲିମିଟର ରେକର୍ଡ କରାଯାଇଛି। ଜୁନ୍ ପହିଲାରୁ ଅଗଷ୍ଟ ୨୯ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ମାତ୍ର ୪ ପ୍ରତିଶତ କମ୍ ବର୍ଷା ହୋଇଛି। ଭବାନୀପାଟଣା ୧.୨, କୋରାପୁଟ ୩.୪, ସୋନପୁରରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଏହି ସମୟରେ ସ୍ୱାଭାବିକ ଭାବେ ୯୧୦ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୮୭୭.୬ ମିଲିମିଟର।




# ଦରମାରେ ଖର୍ଚ୍ଚ ନ କରି ଜଙ୍ଗଲ ସୃଷ୍ଟି କର

**ଭୁବନେଶ୍ୱର, ୨୯।୮ (ବ୍ୟୁରୋ)**

କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା(କାମ୍ପା) ପାଇଁ ଜାତୀୟ କ୍ଷତିପୂରକ ବନୀକରଣ ଜମାରାଶିରୁ କେନ୍ଦ୍ର ସରକାର ଓଡ଼ିଶା ଅଂଶଧନ ୫୯୩୩.୯୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ପରିବେଶ ଭବନଠାରେ ଅନୁଷ୍ଠିତ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀମାନଙ୍କ ସମ୍ମିଳନୀରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭେଡକର ଏହି ଅର୍ଥରାଶି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ପ୍ରଦାନ କରିଛନ୍ତି। ଛତିଶଗଡ଼କୁ ଏ ବାବଦରେ ୫୭୯୧.୭୦ କୋଟି ଟଙ୍କା ମିଳିଥିବା ବେଳେ ମଧ୍ୟପ୍ରଦେଶ ୫୧୯୬.୬୯ କୋଟି, ଝାଡ଼ଖଣ୍ଡ ୪୧୫୮.୦୨ କୋଟି ଏବଂ ମହାରାଷ୍ଟ୍ରକୁ ୩୮୪୪.୨୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶାକୁ ଅନ୍ୟ ରାଜ୍ୟଗୁଡିକଠାରୁ ସର୍ବାଧିକ ଅର୍ଥ ମିଳିଛି। ତେବେ ଏହି ଅର୍ଥକୁ କର୍ମଚାରୀଙ୍କ ଦରମା, ଗସ୍ତ ଖର୍ଚ୍ଚ, ସ୍ୱାସ୍ଥ୍ୟ ଭତ୍ତାରେ ଖର୍ଚ୍ଚ ନ କରି ନୂତନ ଜଙ୍ଗଲ ସୃଷ୍ଟି କରିବା, ବନ୍ୟପ୍ରାଣୀଙ୍କ ବାସସ୍ଥଳୀ ସୃଷ୍ଟି, ନଦୀକୂଳରେ ବନୀକରଣ, ଜଙ୍ଗଲ ନିଆଁ ଲିଭାଇବା, ମୃତ୍ତିକା ସଂରକ୍ଷଣ କରିବା ଆଦି କ୍ଷେତ୍ରରେ ଖର୍ଚ୍ଚ କରିବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ ସୀମା ଓ ଆୟତନ ଦୃଷ୍ଟିରୁ ଓଡ଼ିଶା ଦେଶର ଚତୁର୍ଥ ରାଜ୍ୟ। ବ୍ୟାପକ ଚାରାରୋପଣ ଏବଂ ଜଙ୍ଗଲ ସଂରକ୍ଷଣ ପରିଚାଳନା ଯୋଗୁ ରାଜ୍ୟରେ ଜଙ୍ଗଲ ଆୟତନ ବୃଦ୍ଧି ପାଇଛି। ଗତ ୨ ବର୍ଷ ମଧ୍ୟରେ ଓଡ଼ିଶାରେ ଜଙ୍ଗଲ ଅଞ୍ଚଳ ୮୮୫ ବର୍ଗ କିଲୋମିଟରକୁ ବୃଦ୍ଧି ପାଇଛି। ଏହି ସମ୍ମିଳନୀରେ ଯୋଗଦେଇ ଆରୁଖ କହିଛନ୍ତି ଯେ କ୍ଷତିପୂରଣ ବନୀକରଣ ପାଣ୍ଠି ଉପଯୋଗ କରିବାରେ ଓଡିଶା ଅଗ୍ରଣୀ ରାଜ୍ୟ। କାମ୍ପା ଯୋଜନାରେ ୨୦୦୯ରୁ ୨୦୧୭-୧୮ ପର୍ଯ୍ୟନ୍ତ ୯ଟି ବାର୍ଷିକ କାମ୍ପା ଯୋଜନାରେ ଓଡ଼ିଶାକୁ ସମୁଦାୟ ୨,୬୪୪ କୋଟି ଟଙ୍କା ମିଳିଥିଲା। ରାଜ୍ୟ ସରକାର ସେଥିରୁ ୯୨ ପ୍ରତିଶତ ଅର୍ଥାତ୍ ୨ ହଜାର ୬୦୭ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ୨୦୧୯-୨୦ରେ କାମ୍ପାରେ ରାଜ୍ୟକୁ ମୁଖ୍ୟତଃ ବନୀକରଣ, ବନ୍ୟଜନ୍ତୁ ପରିଚାଳନା, ସୁରକ୍ଷା, ଦକ୍ଷତା ବୃଦ୍ଧି ଏବଂ ଆନୁଷଙ୍ଗିକ ବ୍ୟୟ ବାବଦକୁ ଓଡ଼ିଶା ପାଇଁ ୫୯୨.୫୨ କୋଟି

**କାମ୍ପା ପାଣ୍ଠିରେ ରାଜ୍ୟକୁ ମିଳିଲା ୫୯୩୪ କୋଟି**

ଟଙ୍କାର ଅନୁଦାନ, ୩୮ କୋଟି ମୂଲ୍ୟରେ କାମ୍ପା କାପାସିଟି ବିଲ୍ଡିଂ ସେଣ୍ଟର ନିର୍ମାଣ ଅନୁମୋଦନ, କାମ୍ପାରେ ପ୍ରଦାନ କରାଯାଇଥିବା ଅନୁଦାନ ଅର୍ଥର ୨ ପ୍ରତିଶତ ପ୍ରଶାସନିକ ବ୍ୟୟ ପାଇଁ ଅନୁମତି ପ୍ରଦାନ କରିବାକୁ ମନ୍ତ୍ରୀ ଆରୁଖ ସମ୍ମିଳନୀରେ ଦାବି ଉପସ୍ଥାପନ କରିଛନ୍ତି। ଏହି ସମ୍ମିଳନୀରେ ଜଙ୍ଗଲ ଓ ପରିବେଶ ସଚିବ ମୋନା ଶର୍ମା, ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ ସନ୍ଦୀପ ତ୍ରିପାଠୀ ଏବଂ ମୁଖ୍ୟ ବନ୍ୟ ସଂରକ୍ଷକ ଉମା ନାନ୍ଦୁରୀ ପ୍ରମୁଖ ଯୋଗ ଦେଇଥିଲେ।

## ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ବନୀକରଣ ପାଇଁ କେନ୍ଦ୍ର ସରକାର କାମ୍ପା ଫଣ୍ଡରୁ ଓଡିଶାକୁ ସର୍ବାଧିକ ୫୯୩୩.୯୮ କୋଟି ଟଙ୍କା ଆର୍ଥିକ ସହାୟତାକୁ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି, କାମ୍ପା ଫଣ୍ଡରୁ ମିଳିଥିବା ଏହି ଅର୍ଥରେ ରାଜ୍ୟରେ ଅଧିକ ଗଛ ଲଗାଯାଇ ଓଡିଶାର ସବୁଜବଳୟକୁ ବୃଦ୍ଧି କରାଯାଇପାରିବ । ଏହାସହ ଏକ ସୁସ୍ଥ ଏବଂ ସ୍ୱଚ୍ଛ ପରିବେଶ ଗଢିବା ଏବଂ ଓଡ଼ିଶାର ଜୈବ ବିବିଧତାକୁ ସଂରକ୍ଷିତ କରିବାରେ ଏହି ଅର୍ଥ ସାହାଯ୍ୟ କରିବ ବୋଲି ସେ କହିଛନ୍ତି । ବନୀକରଣ ପାଇଁ ଦେଶର ୨୭ଟି ରାଜ୍ୟକୁ କେନ୍ଦ୍ର ସରକାର ସମୁଦାୟ ୪୭,୪୩୬ କୋଟି ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଏଥିରେ ଓଡିଶାକୁ ସବୁଠାରୁ ଅଧିକ ଟଙ୍କା ମିଳିଥିବାରୁ ରାଜ୍ୟ ଭାଜପାର ନେତୃବୃନ୍ଦ ଧନ୍ୟବାଦ ଜଣାଇଛନ୍ତି। ସେହିପରି ରାଜ୍ୟରେ ପୁନଃବନୀକରଣ ଓ ପର୍ଯ୍ୟାବରଣକୁ ସବୁଜ ସୁନ୍ଦର କରିବା ପାଇଁ ଏହି ଅର୍ଥ ବିଶେଷ ଭାବେ ସହାୟକ ହେବ ବୋଲି ଭାଜପା ମୁଖପାତ୍ର ଗୋଲକ ମାହାପାତ୍ର କହିଛନ୍ତି ।

**ସୁରଟ ହୀରା କାରବାରରେ ମାନ୍ଦାବସ୍ଥା ମାଡ଼**

# ୬୦ ହଜାର କର୍ମଚାରୀ ବେକାର

**ନୂଆଦିଲ୍ଲୀ,୨୯।୮**

ଦେଶର ହୀରା କାରବାର ଗଡ଼ ଭାବେ ପରିଚିତ ଗୁଜରାଟର ସୁରଟରେ ଏବେ ମାନ୍ଦାବସ୍ଥା ଛାଇଗଲାଣି। ଗତ କିଛି ମାସ ମଧ୍ୟରେ ଏଠାରେ ୬୦ ହଜାର କର୍ମଚାରୀ ନିଯୁକ୍ତି ହରାଇ ଏବେ ଦୁଃଖରେ କାଳାତିପାତ କରୁଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, ୪୦ ପ୍ରତିଶତ କାରଖାନାକୁ ଅସମୟରେ ବନ୍ଦ କରିଦିଆଯାଇଛି। ଫଳରେ ଲୋକେ ରୋଜଗାର ହରାଇ ଚାଲିଛନ୍ତି।

ମିଡିଆ ରିପୋର୍ଟ ଅନୁଯାୟୀ, ସୁରଟରେ ହୀରା ବ୍ୟବସାୟ ୨୦୧୬ ନଭେମ୍ବରରୁ ସବୁଠୁ ଖରାପ ସମୟ ଦେଇ ଗତିକରୁଛି। ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରାଗଲା। ସରକାରଙ୍କ ଏହି ନିଷ୍ପତ୍ତି ସୁରଟର ହୀରା ବ୍ୟବସାୟକୁ ଯଥେଷ୍ଟ କ୍ଷତି ପହଞ୍ଚାଇଥିଲା। ଏଥିରୁ ବାହାରି ଆସିବା ଲାଗି ବ୍ୟବସାୟୀ ଉଦ୍ୟମ କରୁଥିବା ବେଳେ ୨୦୧୭ ଜୁଲାଇ ପହିଲାରୁ ଦେଶରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ ହେଲା। ଏହାପରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ପଦାକୁ ଆସିଲା। ଏଥିରେ ପ୍ରମୁଖ ହୀରା ବ୍ୟବସାୟୀ ନୀରବ ମୋଦି, ମେହୁଲ ଚୋକ୍‌ସୀଙ୍କ ସମ୍ପୃକ୍ତି ଧରାପଡିବା,ସିନ୍ଥେଟିକ ହୀରାର ପ୍ରଚଳନ ବୃଦ୍ଧି ଯୋଗୁ ହୀରା ବ୍ୟବସାୟର ଅଣ୍ଟା ଭାଙ୍ଗିଯାଇଥିବା ସୁରଟ ଡାଇମଣ୍ଡ ଆସୋସିଏଶନ ପକ୍ଷରୁ କୁହାଯାଇଛି। ଡାଇମଣ୍ଡ ୱାର୍କର୍ସ ୟୁନିୟନ ପ୍ରେସିଡେଣ୍ଟ ରନ୍‌ମାଲ ଜିଲାରିୟାୟା କହିଛନ୍ତି ଯେ, ହୀରା ଶିଳ୍ପରେ ଏବେ ନିଯୁକ୍ତି ଦୃଶ୍ୟପଟ ଅତ୍ୟନ୍ତ ଶୋଚନୀୟ। ଅନେକ ସ୍ଥାନରେ କାରଖାନାରେ ୩ ଓଳି ବଦଳରେ ଗୋଟିଏ ଓଳିରେ କାମ ହେଉଛି। ଲୋକଙ୍କୁ ବିନା ଦରମା ଦେଇ ପ୍ରାକ୍ ନୋଟିସ୍‌ରେ ହଠାତ୍ ଚାକିରିରୁ ବିଦା କରିଦିଆଯାଉଛି। ସେ କହିଛନ୍ତି ଯେ, ବର୍ତ୍ତମାନ ଗୁଜରାଟରେ ପ୍ରାୟ ୧୫



ହଜାର ଛୋଟ ବଡ଼ ହୀରା ଉଦ୍ୟୋଗ ରହିଥିବା ବେଳେ ୭ ଲକ୍ଷ ବ୍ୟକ୍ତି ଏଥିରେ ନିୟୋଜିତ ରହିଛନ୍ତି। କେବଳ ସୁରଟରେ ୬ ଲକ୍ଷ ବ୍ୟକ୍ତି ହୀରା ବ୍ୟବସାୟ ସହ ଜଡ଼ିତ। ସୁରଟ ବ୍ୟତୀତ ଅମରୋଲି ଓ ଭାବନଗରରେ ହୀରାର କଟିଂ ଓ ପଲିସିଂ କାରବାର ରହିଛି। ସୋନୀ ଡାଇମଣ୍ଡ ବିଜ୍‌ନେସ୍ ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ଶ୍ରେୟାନ ସୋନୀ କହିଛନ୍ତି ଯେ, ଗୁଜରାଟରେ ହୀରା ବ୍ୟବସାୟ ସଙ୍ଗୀନ ହେଲାଣି। କାରଣ ବିଦେଶରେ ଭାରତୀୟ ହୀରା ଚାହିଦା ପ୍ରାୟ ୨୦% କମିଗଲାଣି। ଜୁଲାଇରେ ପଲିସ ହୀରା ରପ୍ତାନି ୧୮.୧୫%କୁ ହ୍ରାସ ପାଇଛି। ଏହି ସମୟରେ ମାତ୍ର ୧୮,୬୩୩.୧୦ କୋଟି ଟଙ୍କାର ହୀରା ରପ୍ତାନି ହୋଇପାରିଛି। ଗତବର୍ଷ ଏହି ସମୟରେ ୮୪,୨୭୨.୩୦ କୋଟି ଟଙ୍କାର ରପ୍ତାନି ହୋଇଥିଲା।

**ଦିଲ୍ଲୀ ଏମ୍ସରୁ ସ୍ଥାନାନ୍ତର ହେବେ ଜଗା-କାଳିଆ**

# ୭ରୁ ଏସ୍‌ସିବିରେ ଚିକିତ୍ସା

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ଅପରେଶନ ମାଧ୍ୟମରେ ଅଲଗା ହୋଇଥିବା କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ ଦିଲ୍ଲୀ ଏମ୍ସରୁ ସ୍ଥାନାନ୍ତର ହେବେ। ଆସନ୍ତା ୭ ତାରିଖରେ ଓଡ଼ିଶାରେ ପହଞ୍ଚିବା ପରେ ସେମାନଙ୍କୁ ସିଧା କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇ ଚିକିତ୍ସା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଗୁରୁବାର ସୂଚନା ଦେଇଛନ୍ତି। ୬ ତାରିଖରେ ଦୁଇ ଭାଇ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ରାଜଧାନୀ ଏକ୍ସପ୍ରେସ୍‌ରେ ଓଡ଼ିଶା ଅଭିମୁଖେ ଯାତ୍ରାରମ୍ଭ କରିବେ। ଉକ୍ତ ଟିମ୍‌ରେ ଦିଲ୍ଲୀ ଏମ୍ସ ଡାକ୍ତର ଦୀପକ ଗୁପ୍ତା, ଡା. ଜି. ରଥ, ଡା. କେ.କୁମାର ଓ ଏ. ଡାନିଏଲଙ୍କ ସମେତ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ସହକାରୀ ପ୍ରଫେସର ଡା. ଏସ୍.ଏସ୍. ବରିହା, ଡା. ବି.ପି.ନାୟକ ଏବଂ ଓଡିଶା ନିବାସର ଅଧିକାରୀ ଡି.କେ.ସାମଲ ମଧ୍ୟ ଆସିବେ। ଏଥିପାଇଁ ଏସ୍‌ସିବି ମେଡିକାଲରେ ଜଗା, କାଳିଆଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ସୁଧାଂଶୁ ମିଶ୍ରଙ୍କ ନେତୃତ୍ୱରେ ଏକ ଡାକ୍ତରୀଦଳ ଗଠନ କରାଯାଇଛି। ସେମାନେ ଜଗା-କାଳିଆଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଦାୟିତ୍ୱରେ ରହିବେ। ସେମାନଙ୍କୁ ନ୍ୟୁରୋସର୍ଜରୀ ବିଭାଗରେ ଏକ ସ୍ୱତନ୍ତ୍ର କ୍ୟାବିନରେ ରଖି ଚିକିତ୍ସା କରାଯିବ। ଏଥିପାଇଁ ଆବଶ୍ୟକ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡା. ସି.ବି.କେ. ମହାନ୍ତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।




## ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରେ ଅଚାନକ ପହଞ୍ଚିଲେ ମନ୍ତ୍ରୀ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ):** ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଗୁରୁବାର ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପରିଦର୍ଶନ କରିଛନ୍ତି । ମନ୍ତ୍ରୀ ସାହୁ ପୂର୍ବାହ୍ନ ୧୦ଟାରେ ନିର୍ଦ୍ଦେଶାଳୟରେ ଅଚାନକ ପହଞ୍ଚିଥିଲେ । ମନ୍ତ୍ରୀ ଉକ୍ତ କାର୍ଯ୍ୟାଳୟରେ ଲାଗିଥିବା ବାୟୋମେଟ୍ରିକ୍ ଏବଂ କର୍ମଚାରୀମାନଙ୍କ ଉପସ୍ଥାନ ଯାଞ୍ଚ କରିଥିଲେ । ପ୍ରତି ସପ୍ତାହରେ ବାୟୋମେଟ୍ରିକ୍ ଯାଞ୍ଚ କରାଯାଉଛି ନା ନାହିଁ ଏ ବିଷୟରେ ମନ୍ତ୍ରୀ ପଚାରି ବୁଝିଥିଲେ । କର୍ମଚାରୀମାନଙ୍କ ସହିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ 'ଟି' ସୂତ୍ରକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି । କର୍ମଚାରୀମାନେ ସମୟାନୁବର୍ତ୍ତୀ ହୋଇ ଠିକ୍ ସମୟରେ କାର୍ଯ୍ୟାଳୟ ଆସିବା ପାଇଁ ସେ କହିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତ୍ୟେକ ଫାଇଲ କାର୍ଯ୍ୟ ଶେଷ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି । କର୍ମଚାରୀମାନେ ସେମାନଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ବଳରେ ରାଜ୍ୟର ପ୍ରଗତିରେ ଭାଗୀଦାର ହେବାକୁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଛନ୍ତି ।



**କିଛି ତଥ୍ୟ**
ଗତ ୨.୫ ବର୍ଷରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୧୪ ଲକ୍ଷ ଯୁବବର୍ଗଙ୍କୁ ନିଯୁକ୍ତି ମିଳିଛି।
– ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଶୋକ
ପରିବାରବର୍ଗ


କାହ୍ନା
ପରିବାରବର୍ଗ


ଶକ୍ତି ପ୍ରସାଦ
ପରିବାରବର୍ଗ


ବିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଠାବହେଲା ୬ ଥାକିଆ...

- ସୁଡ଼ଙ୍ଗ, ଗୁପ୍ତ କୋଠରିକୁ ନେଇ ଚର୍ଚ୍ଚା
- ବାହାରିପାରେ ଗୁପ୍ତଧନ, ବଢ଼ିଲା ସୁରକ୍ଷା ବ୍ୟବସ୍ଥା
- ଅନୁଧ୍ୟାନ କଲେ କେନ୍ଦ୍ରାଞ୍ଚଳ ଆର୍‌ଡିସି
- ସୁଡ଼ଙ୍ଗ ଖବରକୁ ପ୍ରଶାସନର ଅସ୍ୱୀକାର

ରୁପା ଥାଇପାରେ ବୋଲି ଆଲୋଚନା ହେଉଛି। ସୁଡ଼ଙ୍ଗ, ଗୁପ୍ତ କୋଠରି ଓ ସୁନାରୁପାକୁ ନେଇ ଚର୍ଚ୍ଚା ଜୋର ହେବାରୁ ଉଚ୍ଛେଦ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି ପ୍ରଶାସନ। ସନ୍ଧ୍ୟା ହୋଇଯିବାରୁ ଉଚ୍ଛେଦକୁ ବନ୍ଦ ରଖାଯାଇଛି। ରାତିରେ ଏଠାରେ ପୋଲିସ ଫୋର୍ସ ପହରା ଦେବେ। ଅନ୍ୟପକ୍ଷେ ସୁଡ଼ଙ୍ଗ ଥିବା ଯାହା କୁହାଯାଉଛି ତାହା ପ୍ରକୃତରେ ସୁଡ଼ଙ୍ଗ ନୁହେଁ, ଏହା କୋଠିର ଧାନ, ଚାଉଳ ଏବଂ ଅନ୍ୟାନ୍ୟ ଖାଦ୍ୟଶସ୍ୟକୁ ସୁରକ୍ଷିତ ଭାବେ ସାଇତି ରଖିବା ଲାଗି ନିର୍ମାଣ ହୋଇଥିଲା ବୋଲି ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି।

ଗୁରୁବାର ସକାଳୁ ପ୍ରଶାସନ ଆରମ୍ଭ କରିଥିଲା ଉଚ୍ଛେଦ କାର୍ଯ୍ୟ। ଏମାର ମଠର ରଘୁନନ୍ଦନ ଲାଇବ୍ରେରି ଉପର କୋଠାକୁ ଭାଇବ୍ରେଟର ଦ୍ୱାରା ଶ୍ରମିକମାନେ ଭାଙ୍ଗୁଥିବା ବେଳେ କୋଠି ଘରକୁ ଜେସିବି, ବୁଲ୍ ଡୋଜର ଏବଂ ବ୍ରେକରରେ ଭଙ୍ଗା ଯାଇଥିଲା। ଏହି ବିରାଟ ୬ ଥାକିଆ କୋଠି ଘର ଭୂମିଠାରୁ ପ୍ରାୟ ୧୦ରୁ ୧୫ ଫୁଟ ତଳକୁ ରହିଥିଲା। ଘରର ପ୍ରାୟ ୮୦ ପ୍ରତିଶତ ଭଙ୍ଗା ସରିବା ପରେ ଶେଷ ଭାଗକୁ ବଡ଼ ବଡ଼ କାଠଗଣ୍ଡି ସାଇଜ୍ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। କାଠଗଣ୍ଡି ମଧରେ ତଳକୁ ଫାଙ୍କ ରହିଛି ଓ ସମ୍ପୂର୍ଣ୍ଣ ଅନ୍ଧାରୁଆ ରହିଥିବାରୁ ଏହା ଏକ ସୁଡ଼ଙ୍ଗ ବୋଲି ଅନୁମାନ କରାଯାଉଛି। ଏହି ସୁଡ଼ଙ୍ଗ ଦେଇ ଭିତରକୁ କୌଣସି ଗୁପ୍ତ କୋଠରିକୁ ବାଟ ରହିଥିବା ଏବଂ ସୁନାରୁପା ଥିବା ଚର୍ଚ୍ଚା ହେବାରୁ ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ ପହଞ୍ଚିଥିଲେ। ସେମାନେ ସମ୍ପୃକ୍ତ ସ୍ଥାନକୁ ଅନୁଧ୍ୟାନ କରିଥିଲେ। ତେବେ ଉକ୍ତ ଅନ୍ଧାରୁଆ ଜାଗା କ'ଣ ତାହା ସ୍ପଷ୍ଟ ହୋଇନାହିଁ। ସୁଡ଼ଙ୍ଗ ଚର୍ଚ୍ଚା ଖବରକୁ ପ୍ରଶାସନ ପକ୍ଷରୁ ଅସ୍ୱୀକାର କରାଯାଇଛି। କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ ମଧ୍ୟାହ୍ନରେ ଉଚ୍ଛେଦ ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଉଚ୍ଛେଦ କାର୍ଯ୍ୟ ଠିକ୍ ଭାବେ ଚାଲିଛି। ଏଥିପାଇଁ ଜୀବିକା ହରାଉଥିବା ଲୋକଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ ଦାଶ କହିଛନ୍ତି, ସକାଳୁ ସୁରୁଖୁରୁରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲାପାଳ ଏବଂ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ଜଣ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ଉଚ୍ଛେଦ କାର୍ଯ୍ୟରେ ୬ଟି ଜେସିବି, ୩ଟି ଭାଇବ୍ରେଟର, ୬ ଟିପ୍ପର, ଟ୍ରାକ୍ଟର ଏବଂ ୨୦ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ୩୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅସୁରକ୍ଷିତ ଏମାର ମଠର ଖମାର ଏବଂ ରଘୁନନ୍ଦନ ଲାଇବ୍ରେରି ପଛ ପାର୍ଶ୍ୱ କୋଠାକୁ ଭଙ୍ଗାଯାଇଛି। ତେବେ ଖମାର ଘରୁ ସୁଡ଼ଙ୍ଗ ବାହାରିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଏହି ଖମାରରେ ପୂର୍ବରୁ ଧାନ, ଚାଉଳ ଆଦି ଖାଦ୍ୟଶସ୍ୟ ମହଜୁଦ୍ ରଖାଯାଉଥିଲା। ଏହାକୁ ସୁରକ୍ଷିତ ରଖିବା ଲାଗି ତଳେ କାଠଗଣ୍ଡି ଦିଆଯାଇ କିଛି ନିର୍ମାଣ କରାଯାଇଥିଲା। ଏହା ସୁଡ଼ଙ୍ଗ ବୋଲି ଯାହା ଚର୍ଚ୍ଚା ହେଉଛି ସେଥିରେ କୌଣସି ସତ୍ୟତା ନାହିଁ। ଶୁକ୍ରବାର ସକାଳେ ପୁଣି ଉଚ୍ଛେଦ କାର୍ଯ୍ୟ ଜାରି ରହିବ ବୋଲି ଅତିରିକ୍ତ ଜିଲାପାଳ ପ୍ରକାଶ କରିଛନ୍ତି।

### ପକ୍କାଘର: ପୂରଣ...



ତାହାର ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହୋଇପାରୁ ନାହିଁ। ଶୁକ୍ରବାର କେନ୍ଦ୍ର ସରକାରଙ୍କ ମାନବସମ୍ବଳ ମନ୍ତ୍ରଣାଳୟର ଏକ ଟିମ୍ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଜ୍ୟ ସରକାର ଚୂଡ଼ାନ୍ତ ହିତାଧିକାରୀଙ୍କ ତାଲିକା ଏହି ଟିମ୍‌କୁ ପ୍ରଦାନ କରିବେ। ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଆହୁରି ୨୦ ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମଏୱାଇ)- ଗ୍ରାମୀଣରେ ପକ୍କାଘର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଲିକା ସହ ହିତାଧିକାରୀଙ୍କ ଆଧାର ଲିଙ୍କ୍ କରାଯିବ। ହିତାଧିକାରୀଙ୍କ ତାଲିକା ଦିଆଯିବା ସହ ଫଟୋ ମଧ ମନ୍ତ୍ରଣାଳୟକୁ ପଠାଯିବ। ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ମଧରେ ଏହି ପ୍ରକ୍ରିୟା ଶେଷ ହେବ। ତାଲିକା ଦେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ତଥ୍ୟ ସଂଗ୍ରହ କରାଯାଉଛି। ଯେପରି ହିତାଧିକାରୀ ତାଲିକାରେ ଅନିୟମିତତା ନ ହେବ ସେଥିପାଇଁ ଆଧାର ଲିଙ୍କ୍‌କୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି।

ଗୋଟିଏ ପଟେ ରାଜ୍ୟ ସରକାର ନୂତନ ହିତାଧିକାରୀ ସାଉଁଟିବାରେ ବ୍ୟସ୍ତ ରହିଥିବା ବେଳେ ଅନ୍ୟପଟେ ୨୦୧୧ରୁ ୨୦୧୫ ମଧରେ ଇନ୍ଦିରା ଆବାସ ଯୋଜନା (ଆଇଏୱାଇ)ରେ ଘର ପାଇଥିବା ୪୮ ହଜାର ହିତାଧିକାରୀଙ୍କୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି। ସେହି ହିତାଧିକାରୀ ୨/୩ଟି କିସ୍ତିରେ ଟଙ୍କା ନେଇ ଘର କରି ନାହାନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲାରେ ୪୦,୬୬୯ ହିତାଧିକାରୀ ଇନ୍ଦିରା ଆବାସ ଯୋଜନାରେ ପାଇଥିବା ଘର ନିର୍ମାଣ ଶେଷ କରି ନାହାନ୍ତି। ୨୦୧୩-୧୪ରେ ୮୩୨୨ ଜଣ ହିତାଧିକାରୀ ଦୁଇ ତିନୋଟି କିସ୍ତି ନେଇ ଘର ନିର୍ମାଣ କରି ନ ଥିବାବେଳେ ୨୦୧୪-୧୫ରେ ୧୫,୧୬୩ ଏବଂ ୨୦୧୫-୧୬ରେ ୧୭,୧୮୪ ହିତାଧିକାରୀ ଆଇଏୱାଇରେ ଟଙ୍କା ନେଇଥିଲେ ମଧ ଘର ନିର୍ମାଣ ସମ୍ପୂର୍ଣ୍ଣ କରି ନାହାନ୍ତି। ସେହି ହିତାଧିକାରୀଙ୍କ କଚ୍ଚାଘର ଥିଲେ ମଧ ସେମାନଙ୍କୁ ପିଏମ୍‌ଏୱାଇରେ ସାମିଲ୍ କରାଯାଇ ପାରୁନାହିଁ। ଆଇଏୱାଇ କିସ୍ତି ଟଙ୍କା ନ ଫେରାଇଲେ ପିଏମ୍‌ଏୱାଇରେ ସେମାନଙ୍କୁ ସାମିଲ କରାଯାଇ ପାରିବ ନାହିଁ। ଯେଉଁ ହିତାଧିକାରୀ କିସ୍ତି ଅର୍ଥ ଫେରାଉ ନାହାନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଉଛି। ଏହାସତ୍ତ୍ୱେ ସେମାନେ ନେଇଥିବା ଟଙ୍କା ଫେରସ୍ତ କରୁନାହାନ୍ତି। ଯେଉଁ କେତେଜଣ ହିତାଧିକାରୀ ଟଙ୍କା ଫେରାଇବାକୁ ଚାହୁଁଛନ୍ତି ସେମାନେ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜ ନାମ ସାମିଲ କରିବା ସହ ମାସକ ମଧରେ ଘର ଯୋଗାଇ ଦେବାକୁ ଦାବି କରୁଛନ୍ତି। ଅନ୍ୟପକ୍ଷରେ ଯେଉଁମାନଙ୍କର କ୍ରମିକ ନମ୍ବର ଅନୁଯାୟୀ ଘର ପାଇବାକୁ ପାଳି ପଡ଼ୁଛି ସେମାନେ ଏହାର ବିରୋଧ କରୁଛନ୍ତି। କିସ୍ତି ଫେରାଇଲେ ମଧ ଆଇଏୱାଇ ହିତାଧିକାରୀଙ୍କୁ କ୍ରମିକ ନମ୍ବର ଆସିବା ଯାଏ ଅପେକ୍ଷା କରିବାକୁ ପଡ଼ିବ। ତେବେ ସେହି ହିତାଧିକାରୀମାନେ ସରକାରଙ୍କ ଏହି ପ୍ରସ୍ତାବରେ ରାଜି ହେଉ ନାହାନ୍ତି। ସୂଚନା ଅନୁଯାୟୀ, ରାଜ୍ୟରେ ୨୦୧୪ରୁ ଏପର୍ଯ୍ୟନ୍ତ ୨୨ ଲକ୍ଷ ପକ୍କାଘର ନିର୍ମାଣ ହୋଇଛି। ଚଳିତ ବର୍ଷ ୮ ଲକ୍ଷ ୧୯ ହଜାର ପକ୍କାଘର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରୁ ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ୫ ଲକ୍ଷ ୫୯ ହଜାର ଗୃହ ନିର୍ମାଣ କରିବା ଯୋଜନା କରାଯାଇଛି।

୨୦୧୪ ପରେ ପକ୍କାଘର ନିର୍ମାଣ ଯୋଜନା ନାମ ବଦଳିବା ସହ ଗୃହ ନିର୍ମାଣ ମୂଲ୍ୟ ମଧ ବୃଦ୍ଧି ପାଇଛି। ଆଇଏୱାଇରେ ୟୁନିଟ ମୂଲ୍ୟ ଆଇଏପି ଅଞ୍ଚଳ ପାଇଁ ୭୫ ହଜାର ଟଙ୍କା ଥିବା ବେଳେ ନନ୍ ଆଇଏପି ଅଞ୍ଚଳ ପାଇଁ ୭୦ ହଜାର ଟଙ୍କା ଥିଲା। ପିଏମ୍‌ଏୱାଇ-ଗ୍ରାମୀଣ କାର୍ଯ୍ୟକାରୀ ହେବା ପରେ ୟୁନିଟ ମୂଲ୍ୟ ଆଇଏପି ଅଞ୍ଚଳରେ ୧ ଲକ୍ଷ ୩୦ ହଜାର ଟଙ୍କା ଓ ନନ୍ ଆଇଏପିରେ ୟୁନିଟ ପିଛା ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯାଉଛି। ଏହାଛଡା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ୍)ରେ ଯଥାକ୍ରମେ ୯୫ ଓ ୯୦ ଦିନର ମଜୁରି ବାବଦରେ ୧୫ ହଜାରରୁ ୧୬ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏତଦ୍‌ବ୍ୟତୀତ ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ତିଆରି କରିବାକୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ଯେଉଁ ହିତାଧିକାରୀ ୪ ମାସରେ ଘର ଶେଷ କରିବେ ତାଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ୨୦ ହଜାର ଓ ୬ ମାସରେ ଶେଷ କଲେ ୧୦ ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଏହାକୁ ନେଇ ପଞ୍ଚାୟତିରାଜ ବିଭାଗ ଏବଂ ଇନ୍ଦିରାଆବାସ ହିତାଧିକାରୀଙ୍କ ମଧରେ ଚାଲିଛି ଟଣାଓଟରା। ଆସନ୍ତା ଡିସେମ୍ବର ସୁଦ୍ଧା ଲକ୍ଷ୍ୟ ପୂରଣ ନେଇ ଅଡୁଆରେ ପଡ଼ିଛନ୍ତି ସରକାର।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଭିଜିଲାନ୍ସ ଜାଲରେ କୋଟିପତି ଶିକ୍ଷକ ଦମ୍ପତି

**ବ୍ରହ୍ମପୁର ଅଫିସ,୨୯।୮**

ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୱାରେଣ୍ଟ ବଳରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଗୁରୁବାର ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ଗଉଞ୍ଜୁ ବାଉରୀବନ୍ଧୁ ପାଳ ହାଇସ୍କୁଲ ସହକାରୀ ଶିକ୍ଷକ ସଦାନନ୍ଦ ପାଢ଼ୀଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଟକ ରଖାଯାଇଛି। ଏଥିସହ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ସେମାନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧ କୋଟି ୯୮ ଲକ୍ଷ ୭୫ ହଜାର ୬୭୯ ଟଙ୍କା ଆକଳନ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି।

ଗୁରୁବାର ଭିଜିଲାନ୍ସ ପକ୍ଷରୁ ଶିକ୍ଷକ ସଦାନନ୍ଦଙ୍କ ଗଉଞ୍ଜୁସ୍ଥିତ ବାସଭବନ, ଆଙ୍କୁଲି ଗୋବିନ୍ଦ ନଗରରେ ଥିବା ୩ ମହଲା ବିଶିଷ୍ଟ ଘର, ଆଙ୍କୁଲିରେ ଆଉ ଏକ ୨ ମହଲା ଘର ଓ ଶିକ୍ଷକତା କରୁଥିବା ବିଦ୍ୟାଳୟରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଶିକ୍ଷକ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ପାତ୍ରଙ୍କ ନାମରେ ଥିବା ୫ ଗୃହ ଉପଯୋଗୀ ପ୍ଲଟର ମୂଲ୍ୟ ୪୪ ଲକ୍ଷ ୮୦ ହଜାର ୮୧୦ ଟଙ୍କା ଆକଳନ କରାଯାଇଥିବା ବେଳେ ଆଙ୍କୁଲି ଗୋବିନ୍ଦନଗରର ଥିବା ୩ ମହଲା ବିଶିଷ୍ଟ ଘରର ମୂଲ୍ୟ ୮୨ ଲକ୍ଷ ୮୨ ହଜାର ୫୦୨ ଟଙ୍କା ଆକଳନ କରାଯାଇଛି। ସେହିପରି ଆଙ୍କୁଲିରେ ଥିବା ଆଉ ଏକ ଦୁଇ ମହଲା ଘର ମୂଲ୍ୟ ୨୭ ଲକ୍ଷ ୧୪ ହଜାର ଆକଳନ ହୋଇଛି। ଘରକରଣା ସାମଗ୍ରୀ ୨ ଲକ୍ଷ ୫୯ ହଜାର ୫୪ ଟଙ୍କା, ଘରୁ ମିଳିଥିବା ୨୨୩ ଗ୍ରାମ ସୁନା ଗହଣା ଓ ସେଥିରୁ ୧୫୮ ଗ୍ରାମ ଉପହାର ଆକାରରେ ମିଳିଥିବା ବେଳେ ଏହାର ମୂଲ୍ୟ ୪ ଲକ୍ଷ ୭ ହଜାର ଟଙ୍କା ଆକଳନ କରାଯାଇଛି।

ସେହିପରି ୧୧୭ ଗ୍ରାମ ରୁପା ସାମଗ୍ରୀର ମୂଲ୍ୟ ୬ ହଜାର ୬୦୦, ବିଭିନ୍ନ ବ୍ୟାଙ୍କରେ ଜମା ଥିବା ୧୨ ଲକ୍ଷ ୩୬ ହଜାର ୩୪୦ ଟଙ୍କା, ପୋଷ୍ଟ ଅଫିସରେ ଜମା ଥିବା ୬ ଲକ୍ଷ ୭ ହଜାର ୫୨୬ ଟଙ୍କା, ଏନ୍‌ଏସ୍‌ସି ୮୦ ହଜାର ଟଙ୍କା, ବିଭିନ୍ନ ଏଲଆଇସିରେ ଜମାଥିବା ୩ ଲକ୍ଷ ୧୨ ହଜାର ୮୮ ଟଙ୍କା ଆକଳନ କରାଯାଇଛି। ତାଙ୍କ ଘରେ ଥିବା ଦୁଇଟି ବାଇକ୍‌ର ମୂଲ୍ୟ ୯୨ ହଜାର ୯୦୦ ଟଙ୍କା ଆକଳନ କରାଯାଇଛି। ସେହିପରି ସଦାନନ୍ଦଙ୍କ ଘରୁ ନଗଦ ୩ ଲକ୍ଷ ୮୬ ହଜାର ୪୫୦ ଟଙ୍କା ମିଳିଛି ବୋଲି ଏସ୍‌ପି ସ୍ୱାଇଁ ସୂଚନା ଦେଇଛନ୍ତି। ଚଢ଼ାଉ ଜାରି ରହିଥିବା ବେଳେ ଶିକ୍ଷକ ଦମ୍ପତିଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ସବିଶେଷ ଆକଳନ ହୋଇପାରି ନ ଥିବା ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୭ରେ ସଦାନନ୍ଦ ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ବେଳେ ବର୍ତ୍ତମାନ ସେମାନେ ମାସକୁ ୪୯ ହଜାର ଟଙ୍କା ଦରମା ପାଉଥିବା ଏସ୍‌ପି ସ୍ୱାଇଁ କହିଛନ୍ତି। ରାତି ହୋଇଯାଇଥିବାରୁ ଜ୍ୟୋତ୍ସ୍ନାରାଣୀଙ୍କୁ ଛାଡି ଦିଆଯାଇଥିବା ବେଳେ ସଦାନନ୍ଦଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର କୋଣଭାବରେ ରହିଥିବାରୁ ଦୃଢ଼ ମନୋବଳ ନେଇ କର୍ମକ୍ଷେତ୍ରରେ ଅଗ୍ରସର ହେବେ। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନରୁ ଲାଗିରହିଥିବା ମନୋମାଳିନ୍ୟ ଦୂରେଇ ଯିବ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସକାଳୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ବୃଷ** ସପ୍ତମାଧିପତି କେନ୍ଦ୍ରସ୍ଥ ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଆଶା ପୂରଣ ହେବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ବିବାଦୀୟ ଘଟଣା ସେମିତି କିଛି ଗୁରୁତର ହେବ ନାହିଁ ଅବଶ୍ୟ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ସଭାସମିତିରେ କଥାକହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ।

**ମିଥୁନ** ବଳବାନ୍ ରାହୁ ରାଶିରେ ରହିଥିବାରୁ ଯେ କୌଣସି ପ୍ରକାରେ ନିଜର କାମ ହାସଲ ପାଇଁ ଚେଷ୍ଟିତ ହେବେ। ସ୍ୱକୀୟ ଚେଷ୍ଟାଦ୍ୱାରା ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଋଣ ପରିଶୋଧ କରିବା ପାଇଁ ମହାଜନୀ ଚାପର ବଶବର୍ତ୍ତୀ ହେବେ। ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ ପ୍ରାଧାନ୍ୟ ଅକ୍ଷୁଣ୍ଣ ରହିବ।

**କର୍କଟ** ଧନସ୍ଥାନରେ ଏକାଧିକ ଗ୍ରହ ରହିଥିବାରୁ ଅର୍ଥଲାଭ ସାଙ୍ଗକୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ବିତିବ। କିନ୍ତୁ ସତର୍କତା ଅଭାବରୁ ଅନ୍ୟ ପାଇଁ ନିଜେ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ନିଜ ସାଧନାର କୃତି ଓ କୃତିତ୍ୱର ସୁପରିଣାମସ୍ୱରୂପ ସମାଜରେ ପ୍ରତିଷ୍ଠିତ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଆତ୍ମୀୟସ୍ୱଜନଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ। ସ୍ଥଗିତ କାମଗୁଡିକ ନିର୍ଦ୍ଦିଷ୍ଟ ସମୟରେ ନ ହେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ରାଶିରେ ଏକାଧିକ ଗ୍ରହ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ବାଣିଜ୍ୟ ଓ କଳା ସାହିତ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

**କନ୍ୟା** ପାରିବାରିକ କ୍ଷେତ୍ରର କୌଣସି ଅତୀତ କଥା ମନକୁ ବାରମ୍ବାର ଆଲୋଡିତ କରିବ। ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ବନ୍ଧୁଙ୍କ ଉପରେ ସେମାନଙ୍କର ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଏଣୁ ଆପଣଙ୍କୁ ସମାଧାନ ସକାଶେ ମଧ୍ୟସ୍ଥତା କରିବାକୁ ପଡିପାରେ।

**ତୁଳା** ଲାଭସ୍ଥାନରେ ଗ୍ରହମାନେ ଆପଣଙ୍କୁ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ପ୍ରଦାନ କରିପାରନ୍ତି। ସନ୍ତାନ ହେତୁକ କୌଣସି ସମସ୍ୟା ମନକୁ ବିବ୍ରତ କରିବାର ସୂଚନା ରହିଛି। ନିର୍ଦ୍ଦିଷ୍ଟ ସମୟରେ କାମର ପୂର୍ଣ୍ଣତା ଅଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ ନିନ୍ଦା ଶୁଣିବେ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାର ଲକ୍ଷ୍ୟ କରି ସାମୟିକ ଆଶ୍ୱସ୍ତି ଲାଭ କରିବେ। ମାନସିକ ସ୍ତରରେ ସଂଯମତା କାରଣରୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଆକସ୍ମିକ କୌଣସି ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶାନୁସାରେ ଆପଣଙ୍କୁ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ଧନୁ** ମନ ଅନୁଯାୟୀ ପ୍ରତ୍ୟେକ କାମ କରିପାରୁଥିବାରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ମତପାର୍ଥକ୍ୟ କାରଣରୁ ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ। କୌଣସି କ୍ଷେତ୍ରରେ ସାହାଯ୍ୟ ଓ ଅର୍ଥ ପାଇଁ ବନ୍ଧୁଙ୍କ ହାତକୁ ଚାହିଁ ବସିବେ। କିନ୍ତୁ କ୍ରୀଡା, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସଫଳତା ମିଳିବ।

**ମକର** ମାନସିକ ଅସୁସ୍ଥତା କାରଣରୁ ଦେହ ଓ ମୁଣ୍ଡ ଦରଜ ଅନୁଭବ କରିବେ। ପାରିବାରିକ ଦୁଶ୍ଚିନ୍ତା ଅନେକାଂଶରେ ସ୍ୱାଭାବିକ ଜୀବନଯାତ୍ରାକୁ ପ୍ରତିହତ କରିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଂଶୀଦାର ବ୍ୟବସାୟୀମାନଙ୍କ ସହ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ।

**କୁମ୍ଭ** ସପ୍ତମରେ ଏକାଧିକ ଗ୍ରହ ରହିଥିବା କାରଣରୁ ଯାତ୍ରା ଓ ବିବାଦରୁ ଦୂରେଇ ରହିବା ଭଲ ହେବ। ତଥାପି ଆଜି ଦିନଟିରେ କେତେକ ପୁରାତନ କାମ ଶେଷ କରିବାକୁ ଅଗ୍ରାଧିକାର ଦେଇପାରନ୍ତି। ଜମିଜମା ସମ୍ପର୍କିତ ବିବାଦର ଆଶୁ ସମାଧାନ ହୋଇଯିବ। ଯାନବାହନ, ନିର୍ମାଣ, ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ସ୍ୱାସ୍ଥ୍ୟ, କର୍ମକ୍ଷେତ୍ର, ବିଚାରଧାରା, ଶିକ୍ଷା, ସନ୍ତାନ ଓ ଆଲୋଚନା କ୍ଷେତ୍ର ପାଇଁ ଦିନଟି ବହୁତ ଭଲ। କିନ୍ତୁ ଉତ୍ତରଭାଦ୍ରପଦ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଅପଦସ୍ଥ ହେବାକୁ ପଡିପାରେ। ବନ୍ଧୁମାନଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢ଼ାଇ ଦେବାର ଆଶଙ୍କା ରହିଛ।

ଆଜି ଭାଦ୍ରବ ମାସର ସପ୍ତପୁରୀ ଅମାବାସ୍ୟା, ଶ୍ରୀମନ୍ଦିରରେ ସପ୍ତପୁରି ଭୋଗ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବସ୍ତ୍ରହରଣ ଲୀଳା, ଅଗଷ୍ଟ ୩୦ ତାରିଖ ଶୁକ୍ରବାର, ଲଘୁ ଉଦ୍ୟୋଗ ଦିବସ, ରାଶି ନକ୍ଷତ୍ର-ମଘା/ସିଂହ, ଅମାବାସ୍ୟାର ଶ୍ରାଦ୍ଧ, ସକାଳ ଘ୬।୫୧ମି. ମଧ୍ୟେ ଘ୪।୪୫ମି. ଗତେ, ଘ୬।୨୧ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୫୧ମି. ଗତେ ଘ୮।୨୩ମି. ମଧ୍ୟେ, ଘ୧୧।୪୪ମି. ଗତେ ଘ୧।୨୦ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୧୪ମି. ଗତେ ଘ୧୧।୪୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

2BHK simplex 26,00,000/- finishing Hanspal (Bank finance available)- 9348576936, 9078740684. D-67053

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

3BHK in Krishna Towers facing Iscon Temple, Bhubaneswar for sale at 55,00000 negotiable. Contact: 9337261225, 8249966061. D-14107

**A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363.** D-66944

Stithiban plot sale 10 guntha near firestation Nuagada, Jajpur Road. 9348282843, 9437226098. D-66953

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରୀ ପ୍ଲଟ୍ ବିକ୍ରିହେବ। 9178660666. D-14031

**କଟକ-ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

Selling big patch of land @ low price, Bhubaneswar. 6371090682. D-14101

**Ready to move 2BHK flat premium construction rate- 35lakh includes all. No extra cost near Pahala Pal Hight Hotel. Owner:9937071564.** D-66770

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66951

Ready to move 2BHK flats near (KEC College), Puri bypass road, Bhubaneswar. 9861037729, 9040337729. D-63956

**7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648.** D-66775

**ଭୁବନେଶ୍ୱର Patia College ରୁ 2k.m., 50'x30 = 1500sqft କୁ 6,75,000/- ଘରକରିବା ପାଇଁ ପ୍ଲଟ ମିଳୁଅଛି। 9937032327, 9583328312.** D-66766

**ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft-400/- outrightରେ ମିଳୁଅଛି। 9348847649, 8249243709.** D-66772

**ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି । 9776974912, 8144706560.** D-66773




3BHK apartment with garage for family only at Bomikhal, Bhubaneswar: 9238574993. D-14112

Ground floor with toilet at Changing chowck, suitable for office, consultancy, Dr. Chamber, Diagnostic, medicine store, Parlour. Call: 7008813110. D-14008

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

2100 sqft. house, GF, near CRP square, Bhubaneswar. Corporate residence-cum-office preferred. 9937344728, 06742554515. D-56652

**LEASE**

Italian ଓ Mexican ରେଷ୍ଟୁରାଣ୍ଟ ଖୋଲିବାପାଇଁ 1000-1200sqft ଦୋକାନ ଘର ଆବଶ୍ୟକ। ଯଦି କୌଣସି ବ୍ୟକ୍ତି ହୋଟେଲ୍‌କୁ ଲିଜ୍‌ରେ ଦେବାପାଇଁ ଚାହୁଁଛନ୍ତି, କେବଳ ଭୁବନେଶ୍ୱର ଲୋକମାନେ ଯୋଗାଯୋଗ କରନ୍ତୁ। 9437581042, 9515883819. D-14098




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Newly open Herbal full body massage ladies & gents. 8018246332. D-66948

Excellent body massage and SPA provided by trained expert: 7991082881. D-56653

Ayurvedic full body massage ladies/gents smart experts therapist. 9114697517. D-66949

Ayurvedic full body massage ladies & gents smart therapist. 9040900385. D-66950

Full body massage by expert ladies therapist Jogamaya 9861511572, 7327869094. D-66184

Welcome to Seva Enjoy sensual massage by smart Therapist: 6371291612. D-67049

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372




ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14103

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

It is notified that qualifying original B.Tech (ECE) certificate- Roll No. BT 70803, passed out year 2008 issued by BPUT, Rourkela of Daina Sahu is missing. If found contact: 7978321216. D-14114

**AFFIDAVIT**

By virtue of an affidavit, sworn before the Notary Public, Bhubaneswar on 19.08.2019 I, Sanghamitra Behera hereby declare that after marriage to Deepti Ranjan Lenka, I have changed my name from Sanghamitra Behera to Sanghamitra Lenka. Henceforth, I will be known as Sanghamitra Lenka for all purposes. At present my address is Madhusudan Nagar, Near Central School, Jatni, Po/Ps: Jatni, Dist: Khordha, Pin-752050. D-14111

**ଜନ୍ମଦିନ ଶୁଭେଚ୍ଛା**



**ସଂଗ୍ରାମ ମହାରଣା (ବିକି)**
ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବିଶ୍ୱକର୍ମା ଭଗବାନ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ**
ଜେଜେ, ଜେଜେମା, ବଡ଼ବାବା, ବଡ଼ମା, ବାବା, ମାମା, ରୋଜି, ପାୟଲ, ଲକି, ପରିବାରବର୍ଗ ଏବଂ ସମସ୍ତ ବିଶ୍ୱକର୍ମା ପରିବାର।
ଧ-୧୪୧୦୯




ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରରେ ଅକ୍ଟୋବର ମାସରେ ହେବାକୁ ଥିବା ପ୍ରଥମ ଅନ୍ତର୍ଜାତୀୟ ନିବେଶକ ସମିଟ୍‌କୁ ସ୍ଥଗିତ ରଖାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ପ୍ରଥମେ କେନ୍ଦ୍ରଶାସିତ ଅଞ୍ଚଳ ପ୍ରକ୍ରିୟା ଶେଷ ହେବା ପରେ ସମିଟ୍‌ର ଆୟୋଜନ କରାଯିବ। ଜମ୍ମୁ-କଶ୍ମୀରରେ ନିବେଶ ଲାଗି ମାତ୍ର ୮ରୁ ୧୦ କମ୍ପାନୀ ଆଗ୍ରହ ପ୍ରକାଶ କରିଥିଲେ। ଅଧିକ କମ୍ପାନୀ ଆସିବା ପାଇଁ ସମୟ ଆବଶ୍ୟକ ବୋଲି ରାଜ୍ୟ ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି।



## ଜିଲା ଟିଠି କୋରାପୁଟ

# ବିଡ଼ମ୍ବିତ ଜୀବନ ଜିଉଛନ୍ତି ବିସ୍ଥାପିତ

କୋରାପୁଟ ଜିଲାରେ ବିସ୍ଥାପିତଙ୍କ ସମସ୍ୟା ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି। ଖଣିଜ ସମ୍ପଦ ଭର୍ତ୍ତି ଏହି ଜିଲାରେ ନାଲ୍‌କୋ, ହାଲ୍ ଭଳି ବୃହତ୍ କାରଖାନା ଏବଂ ଜଳାପୁଟ, କୋଲାବ, ତେଲେଙ୍ଗିରି ଭଳି ନଦୀବନ୍ଧ ପ୍ରକଳ୍ପ ପାଇଁ ହଜାର ହଜାର ପରିବାର ବିସ୍ଥାପିତ ହୋଇ ଭିଟାମାଟି ହରାଇ ଆସିଛନ୍ତି। ଦଶନ୍ଧି ଦଶନ୍ଧି ପରେ ମଧ୍ୟ ସେମାନଙ୍କୁ ଏଯାବତ୍ ଉଚିତ ଥଇଥାନ କରାଯାଇନାହିଁ। ସେଥିପାଇଁ ସେମାନେ ନିଜ ଅଧିକାର ଲାଗି ଲଢ଼େଇ ଚଳାଇ ଆସୁଛନ୍ତି ଓ ବିଭିନ୍ନ ସମୟରେ ଆନ୍ଦୋଳନ କରି ଦାବି ହାସଲ ପାଇଁ ପ୍ରଶାସନ ଓ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି। ୨୦୦୯ରେ ନାରାୟଣପାଟଣାରେ ଚାଷୀ ମୂଲିଆ ଆଦିବାସୀ ସଂଘ ପକ୍ଷରୁ ମଦମୁକ୍ତ, ଜମିମୁକ୍ତ ଓ ଗୋତିମୁକ୍ତ ଆନ୍ଦୋଳନ ଉଗ୍ର ରୂପ ନେଇଥିଲା। ଫଳରେ ଅଣଆଦିବାସୀଙ୍କ ବହୁ ଘର ଭାଙ୍ଗିଲା। ଭୟରେ ଏହି ଅଞ୍ଚଳର ପ୍ରାୟ ୨୫୦ ପରିବାର ନିଜ ଭିଟାମାଟି ଛାଡ଼ି କୋରାପୁଟ, ଲକ୍ଷ୍ମୀପୁର, ଦାମନଯୋଡ଼ିରେ ମୁଣ୍ଡ ଗୁଞ୍ଜିଥିଲେ। ପରେ ଏହି ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ଶତାଧିକ ଜିଲା ପ୍ରଶାସନ ସହାୟତାରେ ଭିଟାମାଟିକୁ ଫେରିଛନ୍ତି। କିନ୍ତୁ ଏବେ ମଧ୍ୟ ଅବଶିଷ୍ଟ ୧୪୮ଟି ପରିବାର କୋରାପୁଟ ସହରର ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଥିବାବେଳେ ଅନେକ ପରିବାର ଅସ୍ଥାୟୀ କ୍ୟାମ୍ପରେ ଗୋଟିଏ ଛାତ ତଳେ ପରିବାର ସହ ମୁଣ୍ଡ ଗୁଞ୍ଜିଛନ୍ତି। ଦାମନଯୋଡ଼ିସ୍ଥିତ ନାଲ୍‌କୋ ଓ ସୁନାବେଡ଼ାସ୍ଥିତ ହାଲ୍ ଦ୍ୱାରା ବିସ୍ଥାପିତ ହୋଇଥିବା ଶତାଧିକ ପରିବାର ଏବେ ମଧ୍ୟ ଦୟନୀୟ ଜୀବନ ବିତାଉଛନ୍ତି। ସେହିପରି କୋଲାବ ଜଳଭଣ୍ଡାର ଦ୍ୱାରା ୧୪୭ଟି ଗ୍ରାମର ୧୩ ହଜାର ୩୫୦ ପରିବାର ପ୍ରଭାବିତ ହୋଇଥିଲେ। ପ୍ରକଳ୍ପ ପାଇଁ ୩୩୧୮ଟି ପରିବାର ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହୋଇଥିଲେ। ଯେଉଁ ୫୨୬ଟି ପରିବାର ହାତରେ ପଟ୍ଟା ରହିଥିଲା, ସେମାନଙ୍କୁ ଜିଲାର କୋଟପାଡ଼ ଅଞ୍ଚଳରେ ଥଇଥାନ କରାଯାଇଥିଲା। ପଟ୍ଟା ନ ଥିବା ବଳକା ପରିବାର ଏବେ ବି କୋରାପୁଟ ଜିଲାର ସଦର ଓ ବୈପାରିଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଦୟନୀୟ ଭାବେ ରହିଆସୁଛନ୍ତି। ୧୯୫୬ରେ ଶେଷ ହୋଇଥିବା ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ଜିଲାର ନନ୍ଦପୁର ବ୍ଲକ ଅଧୀନ କୁଲାବିର, ଅତଣ୍ଡା, ପାଡୁଆ, ପରଜାବଡ଼ପଡ଼ା, ପାଛଲୁଙ୍ଗ, କୁଲାରସିଂ, ପାଡୁଆ, ଗୋଲୁର ଭଳି ୮ଟି ପଞ୍ଚାୟତର ୨୯୩୮ଟି ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। କିନ୍ତୁ ସେଥିରୁ ୪୫୦ ଆଦିବାସୀ ପରିବାର ଓ ୧୫୦ ଜଣ ଅନ୍ୟ ସାଧାରଣ ପରିବାରକୁ ଥଇଥାନ କରାଯାଇଥିଲା। ତେବେ ପଟ୍ଟା ନ ଥିବା କ୍ଷତିଗ୍ରସ୍ତ ପରିବାର ଏବେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଅଞ୍ଚଳ, କୋରାପୁଟ ଜିଲାର ନନ୍ଦପୁର, ଲମତାପୁଟରେ ବିଡ଼ମ୍ବିତ ଜୀବନ କାଟୁଛନ୍ତି। ଏମାନଙ୍କର ନିଜର କୌଣସି ଜମି ନ ଥିବାବେଳେ ଜଙ୍ଗଲଜମିରେ ଚାଷବାସ କରି ରହିଆସୁଛନ୍ତି। ପାଖରେ ଜମିପଟ୍ଟା ନ ଥିବାରୁ ସରକାରଙ୍କ ଆବାସ ଯୋଜନାରେ ସେମାନେ ସାମିଲ ହୋଇପାରୁ ନାହାନ୍ତି। ଝାଟିମାଟି ଚାଳଘରେ ସେମାନଙ୍କ ଦିନ କଟୁଛି। ବିକାଶ ପାଇଁ ସରକାର ସିନା ବିଭିନ୍ନ ବୃହତ୍ ପ୍ରକଳ୍ପ କରୁଛନ୍ତି, କିନ୍ତୁ ବିସ୍ଥାପିତ ମେହନତୀ ମଣିଷଙ୍କୁ ଉପଯୁକ୍ତ ଥଇଥାନ କରୁନାହାନ୍ତି। ସରକାରଙ୍କ ଘୋଷିତ ବିକାଶ ଶହ ଶହ ବିସ୍ଥାପିତ ପରିବାର ପାଇଁ କେବଳ ଏକ ବିଡ଼ମ୍ବନା ହୋଇ ରହିନାହିଁ, ବରଂ ସେମାନଙ୍କ ଜୀବନକୁ ମଧ୍ୟ ବିଡ଼ମ୍ବିତ କରିଦେଇଛି।

– ଅମିତାଭ ବେହେରା

# ୩ ଶୀର୍ଷ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ

## ମୁଖ୍ୟ ଶାସନ ସଚିବଙ୍କୁ ୨୦, ଉନ୍ନୟନ କମିଶନର ୧୫ ଏବଂ ଏପିସିଙ୍କୁ ୫ ବିଭାଗ ଦାୟିତ୍ୱ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ରାଜ୍ୟ ପ୍ରଶାସନର ଶୀର୍ଷସ୍ତରରେ ସରକାରୀ କାର୍ଯ୍ୟକୁ ଉତ୍ତମ ରୂପେ ତର୍ଜମା କରାଯିବ। ବିଭାଗୀୟ ଅନୁଶୀଳନ ପରେ ଜଣେ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଧିକାରୀ ଫାଇଲଗୁଡିକ ତଦାରଖ କରିବେ। ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଫାଇଲ ସିଧା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)କୁ ପଠାଯିବ। ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ଉନ୍ନୟନ କମିଶନର, ଉନ୍ନୟନ କମିଶନର(ଡିସି) ଏବଂ କୃଷି ଉତ୍ପାଦନ କମିଶନର(ଏପିସି)ଙ୍କ ମଧ୍ୟରେ ବିଭିନ୍ନ ବିଭାଗଗୁଡ଼ିକର ବଣ୍ଟନ କରାଯାଇଛି। ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଏଣ୍ଡ ପିଜି) ପକ୍ଷରୁ ପ୍ରକାଶ ପାଇଛି।

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧୀନରେ ୨୦, ଡିସି ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧୀନରେ ୧୫ ଏବଂ ଏପିସି ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ୫ ବିଭାଗର ଦାୟିତ୍ୱ ଦିଆଯାଇଛି। ସିଏସ୍‌ଙ୍କ ନିକଟରେ ଗୃହ, ଅର୍ଥ, ଶକ୍ତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଙ୍ଗଲ ଓ ପରିବେଶ, ଜିଏ ଏଣ୍ଡ ପିଜି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶିଳ୍ପ ଓ ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ରହିଛି। ଏଥିସହିତ ଆଇନ, ଏମ୍‌ଏସ୍‌ଏମ୍‌ଇ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସଂସଦୀୟ ବ୍ୟାପାର, ଯୋଜନା ଓ ସଂଯୋଜନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଇସ୍ପାତ ଓ ଖଣି, ପର୍ଯ୍ୟଟନ, ଜଳସମ୍ପଦ ଏବଂ ପୂର୍ତ୍ତ ବିଭାଗ ମଧ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ଅନୁରୂପଭାବେ ଉନ୍ନୟନ କମିଶନର ସୁରେଶ ମହାପାତ୍ରଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଅବକାରୀ, ଉଚ୍ଚଶିକ୍ଷା, ସୂଚନା ଓ ଲୋକସମ୍ପର୍କ, ଶ୍ରମ ଓ ନିୟୋଜନ, ସରକାରୀ ଉଦ୍ୟୋଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରଦାନ କରାଯାଇଛି। ଏଥିସହିତ ସ୍କୁଲ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ବିଦ୍ୟା, କ୍ରୀଡ଼ା ଓ ଯୁବ ସେବା, ହସ୍ତତନ୍ତ/ବୟନଶିଳ୍ପ ଏବଂ ହସ୍ତଶିଳ୍ପ, ଓଡ଼ିଆ ଭାଷା ଏବଂ ସାହିତ୍ୟ ଓ ସଂସ୍କୃତି, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ଏସ୍‌ଟିଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ ବିଭାଗର ଦାୟିତ୍ୱ ମଧ୍ୟ ଉନ୍ନୟନ କମିଶନରଙ୍କୁ ପ୍ରଦାନ କରାଯାଇଛି।

ସେହିପରି ଏପିସି ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ କୃଷି ଓ କୃଷକ ସଶକ୍ତୀକରଣ, ସମବାୟ, ମତ୍ସ୍ୟସମ୍ପଦ ଏବଂ ପ୍ରାଣୀସମ୍ପଦ ଉନ୍ନୟନ, ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ଏବଂ ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ ଦାୟିତ୍ୱ ଦିଆଯାଇଛି।

ସେହିପରି ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି, କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କିତ ବ୍ୟାପାର, ଏକାଧିକ ବିବାଦକୁ ନେଇ ରହିଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସିଧାସଳଖ ନିଷ୍ପତ୍ତି ନେବେ। କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଭାଗୀୟ ସଚିବ/ପ୍ରମୁଖ ଶାସନ ସଚିବ/ଡିସିଙ୍କ ନିଷ୍ପତ୍ତି ପରେ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଫାଇଲ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯିବ। ସେହିପରି ଏପିସିଙ୍କ ଅଧୀନରେ ଆସୁଥିବା ସମସ୍ତ ବିଭାଗ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯିବ। ଅତିରିକ୍ତ ଶାସନ ସଚିବ ପାହ୍ୟା ତଥା ତଦୂର୍ଦ୍ଧ୍ୱ ପାହ୍ୟାକୁ ପଦୋନ୍ନତି ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଆଯିବ। ସେହିପରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ମନେକଲେ ଯେ କୌଣସି ବିଭାଗ ଫାଇଲକୁ ତର୍ଜମା ତଥା ଅନୁଧ୍ୟାନ କରିପାରିବେ। ଅର୍ଥ ବିଭାଗ ଫାଇଲଗୁଡ଼ିକ ଅର୍ଥ ସଚିବ/ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ଯିବ।

## ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ଗଠନ ହେଲା ସଚିବସ୍ତରୀୟ କମିଟି

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ଦୀର୍ଘଦିନ ଧରି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ଜୋର୍ ଧରିଛି। ପଶ୍ଚିମ, ଦକ୍ଷିଣ ଏବଂ ଉତ୍ତର ଓଡିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଲାଗି ବାରମ୍ବାର ଦାବି କରାଯାଉଛି। ତୁରନ୍ତ ପଦକ୍ଷେପ ନେବା ପାଇଁ ବିଭିନ୍ନ ପ୍ରାନ୍ତରୁ ଆସି ବିଭିନ୍ନ ବର୍ଗର ଲୋକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ବାରମ୍ବାର ଦାବି କରିଯାଇଛନ୍ତି। ଏପରି କି ଦଳମତ ନିର୍ବିଶେଷରେ ଶାସକ ଦଳ ନେତାମାନେ ମଧ୍ୟ ବିରୋଧୀଙ୍କ ସହ ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗରେ ବିରୋଧୀ ସରକାରଙ୍କୁ ବିଭିନ୍ନ ସମୟରେ ଟାର୍ଗେଟ କରିଛନ୍ତି। ଗତ ୨୦୧୯ ସାଧାରଣ ନିର୍ବାଚନର ଖୁବ୍ କମଦିନ ପୂର୍ବରୁ ଏହି ପ୍ରସଙ୍ଗରେ ଦାବି ଜୋର୍ ଧରିବାରୁ ମୁଖ୍ୟମନ୍ତ୍ରୀ ଏହାର ସମାଧାନ ପାଇଁ ଗତ ମାର୍ଚ୍ଚ ୮ରେ ବିଚାର ବିଭାଗୀୟ କମିଶନ ସ୍ଥାପନ କରିଥିଲେ। ଏଥିପାଇଁ ଏକ ସଚିବସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଥିଲା। ମାତ୍ର ଉକ୍ତ କମିଟି ରିପୋର୍ଟ କଣ ଆସିଲା ସେନେଇ କିଛି ଜଣାପଡିନାହିଁ। ଏବେ ଏହି ପ୍ରସଙ୍ଗ ଜୋର ଧରିବାରୁ ସରକାର ପୁଣିଥରେ ଏହାର ସମାଧାନ ନିମନ୍ତେ ଏକ ସଚିବସ୍ତରୀୟ କମିଟି ଘୋଷଣା କରିଛନ୍ତି। ପରିସ୍ଥିତିକୁ ଏଡାଇବା ପାଇଁ ସରକାର ପୁଣି ଏକପ୍ରକାର ସମୟ ଗଡାଇବାର ବାହାନା ଖୋଜିଥିବା ବିରୋଧୀ ଅଭିଯୋଗ କରୁଛନ୍ତି।

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ପ୍ରସଙ୍ଗରେ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସଚିବସ୍ତରୀୟ କମିଟିର ପୁନର୍ଗଠନ କରାଯାଇ ଏହି ପ୍ରସଙ୍ଗରେ ସମାଧାନର ରାସ୍ତା କାଢିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାୟୀ ବେଞ୍ଚ ସ୍ଥାପନ ନିମନ୍ତେ ହାଇକୋର୍ଟ ମୁଖ୍ୟ ବିଚାରପତି ଓ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସହ ବିଚାର ବିମର୍ଶ କରିବା ସକାଶେ ରାଜ୍ୟ ସରକାର ଗତ ମାର୍ଚ୍ଚ ୮ ତାରିଖରେ ଏକ ଅଫିସର ସ୍ତରୀୟ କମିଟି ଗଢିଥିଲେ। ରାଜ୍ୟ ସରକାର ବୁଧବାର ଉକ୍ତ ଅଫିସର ସ୍ତରୀୟ କମିଟିର ପୁନର୍ଗଠନ କରିଛନ୍ତି। ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରୁ ଜଣାପଡିଛି ଯେ, ସଂଶୋଧିତ କମିଟିରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ପରିବର୍ତ୍ତେ ଉନ୍ନୟନ କମିଶନର ସୁରେଶ କୁମାର ମହାପାତ୍ରଙ୍କୁ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏଥିରେ ଆଉ ୪ ଜଣଙ୍କୁ ସଦସ୍ୟ ରଖାଯାଇଛି। ଏମାନଙ୍କ ମଧ୍ୟରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଏବଂ ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ଏଥିରେ ସଦସ୍ୟ ରହିଛନ୍ତି। ଏହାସହ ଗୃହ(ହାଇକୋର୍ଟ) ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ଏହି କମିଟିର ଆବାହକ ସଦସ୍ୟ ଭାବରେ ନିଯୁକ୍ତି ଦିଆଯାଇଛି। ତେବେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର କେଉଁ ସ୍ଥାନରେ କରାଯିବ ସେନେଇ କମିଟି ସ୍ଥିର କରିବ। ଏହାସହ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ କମିଟି ବିଭିନ୍ନ ଦିଗରୁ ତର୍ଜମା କରିବ। ତେବେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ରାଜ୍ୟ ସରକାର ସ୍ପଷ୍ଟ ଆଭିମୁଖ୍ୟ ଗ୍ରହଣ କରିବା ସକାଶେ ପ୍ରଥମେ ବିଚାର ବିଭାଗୀୟ କମିଶନ ସ୍ଥାପନ କରିଥିଲେ। ତେବେ ଏଥର ସରକାର ଏନେଇ କମିଟି ଗଠନ କରିଥିବା ବେଳେ କେତେଦିନ ମଧ୍ୟରେ କମିଟି ପକ୍ଷରୁ ରିପୋର୍ଟ ଆସି ଚୂଡାନ୍ତ ନିଷ୍ପତ୍ତି ନିଆଯିବ ସେନେଇ କିଛି ଉଲ୍ଲେଖ ନାହିଁ।

# ସାତକୋଶିଆରେ ୨ ଘଡ଼ିଆଳ କୁମ୍ଭୀର ମୃତ

ବନ୍ତଳା, ୨୯।୮(ଡି.ଏନ.ଏ.)



ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ମହାନଦୀ ଗଣ୍ଡରେ ୨ଟି ଘଡ଼ିଆଳ କୁମ୍ଭୀରର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଟିକରପଡ଼ା କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ ପୋଲ୍ ନିକଟରୁ ଗୁରୁବାର ଗୋଟିଏ ଘଡ଼ିଆଳର ମୃତଦେହ ଉଦ୍ଧାର କରାଯାଇଥିବାବେଳେ ଅନ୍ୟଟିର ମୃତଦେହ ଆଠମଲ୍ଲିକ ବନଖଣ୍ଡ ବିନିକେଇ ନିକଟ ନଦୀ ଭିତରେ ଭାସୁଥିବା ଦେଖାଯାଇଛି। ବନ ବିଭାଗ ପକ୍ଷରୁ ଉକ୍ତ ଘଡ଼ିଆଳକୁ ଉଦ୍ଧାର ପାଇଁ ଉଦ୍ୟମ ଜାରିରହିଛି।




# ଆଜିଠାରୁ ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ନାମଲେଖା ପରେ ଯୁକ୍ତ ୨ କଲେଜଗୁଡିକରେ ଖାଲିଥିବା ସିଟ୍ ପୂରଣ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଥିବା ବେଳେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଶୁକ୍ରବାର ପୂର୍ବାହ୍ଣ ୧୧ଟାରୁ ଶନିବାର ଅପରାହ୍ଣ ୫ଟା ମଧ୍ୟରେ ନାମ ଲେଖାଇ ପାରିବେ। ମିଳିଥିବା ସୂଚନା ମୁତାବକ, ଦ୍ୱିତୀୟ ପର୍ଯ୍ୟାୟରେ ନାମଲେଖା ଲାଗି ମୋଟ ୩୯,୦୫୦ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୩୬, ୩୧୭ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏଥିରେ ୧୬, ୯୩୬ ଜଣ ଛାତ୍ରୀ ରହିଥିବା ବେଳେ ୧୯,୩୮୧ଜଣ ଛାତ୍ର ରହିଛନ୍ତି। ସେହିଭଳି କଳା ବିଭାଗରେ ୧୭, ୩୩୫ଜଣ ନାମଲେଖା ପାଇଁ ମନୋନୀତ ହୋଇଥିବା ବେଳେ ବିଜ୍ଞାନରେ ୮,୭୬୬, ବାଣିଜ୍ୟରେ ୪,୭୧୧, ସଂସ୍କୃତରେ ୩,୫୯୫ ଓ ଧନ୍ଦାମୂଳକ ଶିକ୍ଷାରେ ୧୯୧୦ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସାମ୍‌ସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ୨୦୧୯-୨୦ ଶିକ୍ଷାବର୍ଷରେ ମୋଟ ୪,୪୨,୨୯୫ ସିଟ୍‌ରେ ଯୁକ୍ତ ନ ନାମଲେଖା ଅନୁଷ୍ଠିତ ହେଉଛି। ପ୍ରଥମ ପର୍ଯ୍ୟାୟ ନାମଲେଖାରେ ୩,୧୦,୩୭୫ ସିଟ୍ ପୂରଣ ହୋଇଥିବା ବେଳେ ଆଉ ୧,୩୧,୯୨୦ ସିଟ୍ ଖାଲିରହିଛି।

# ପୁରୀରେ ମଠ, ମନ୍ଦିର ଉଚ୍ଛେଦକୁ ବିରୋଧ

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ ଅଫିସ, ୨୯।୮:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୁରୀ ଶ୍ରୀମନ୍ଦିର ନିକଟରେ ଥିବା ବିଭିନ୍ନ ମଠ, ମନ୍ଦିରକୁ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଉଛି। ଏହାକୁ ବିରୋଧ କରି ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଗୁରୁବାର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ବହୁ ବର୍ଷର ମଠ ଓ ମନ୍ଦିରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଉଛି, ତାହା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି ସୁରକ୍ଷା ସେନା ପକ୍ଷରୁ ଆବେଦନକାରୀ ଗିରିଜା ପ୍ରସନ୍ନ ଦାସ, ସବ୍ୟସାଚୀ ଶତପଥୀ ଓ ଦିନେଶ ଅଗ୍ରୱାଲ ଆବେଦନରେ ଦର୍ଶାଇଛନ୍ତି। ଏହାଦ୍ୱାରା ହିନ୍ଦୁଙ୍କର ଭାବନାକୁ ଶକ୍ତ ଆଘାତ ଦେଇଛି ବୋଲି ସୁରକ୍ଷା ସେନା ମୁଖ୍ୟ ଅଭିଷେକ ଜୋଷୀ କହିଛନ୍ତି। ଆଇନଜୀବୀ ରମାକାନ୍ତ ପଣ୍ଡା ମାମଲା ପରିଚାଳନା କରୁଥିବାବେଳେ ଆଇନଜୀବୀ ତଥା ଓଡ଼ିଶା ସୁରକ୍ଷା ସେନାର ସାଧାରଣ ସମ୍ପାଦକ ସତ୍ୟବ୍ରତ ପଣ୍ଡା ସହାୟତା କରୁଛନ୍ତି।




## CLASSIFIED DISPLAY













# ଦାଦନ ଯାଇ ଜୀବନ ଗଲା

**କାମାକ୍ଷାନଗର, ୨୯।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲାରେ ଦାଦନ ଦୁଃଖର ଦାରୁଣ ଚିତ୍ର ପଦାକୁ ଆସିଛି। ପେଟ ପାଟଣା ଚିନ୍ତାରେ ବାଙ୍ଗାଲୋର ଯାଇଥିବା ଜଣେ ଯୁବକ ରୋଗଗ୍ରସ୍ତ ହୋଇ ଘରକୁ ଫେରିବା ବାଟରେ ଟ୍ରେନ୍‌ରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ କାମାକ୍ଷାନଗର ବ୍ଲକ ବାଉଁଶପାଳ ପଞ୍ଚାୟତ ବାଙ୍ଗୁରା ପାରିଖେତା ସାହିର ତନୁଜ ପ୍ରଧାନ (୨୪)। ଅର୍ଥାଭାବରୁ ମୃତଦେହ ଗାଁକୁ ଅଣାଯାଇପାରିନାହିଁ। ସାଙ୍ଗସାଥୀଙ୍କ ସହାୟତାରେ ମରଶରୀରକୁ ଆନ୍ଧ୍ରପ୍ରଦେଶ ରାଜ୍ୟ ନନ୍ଦିଆଲ ଷ୍ଟେଶନ ନିକଟରେ ପୋତି ଦିଆଯାଇଛି। ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ମନେରଖ ! ଯେଉଁ ସମର୍ପଣ ଭଗବାନଙ୍କ ସର୍ତ୍ତ ପାଳନ କରିବାକୁ ଚାହେଁ ନାହିଁ– ତାହା ତାମସିକ ସମର୍ପଣ। ଏପରି ସମର୍ପଣ ଦ୍ୱାରା ମଣିଷ ଭଗବାନଙ୍କୁ ସବୁକିଛି କରିଦେବେ ବୋଲି ଆହ୍ୱାନ କରେ। ସେ ମଧ୍ୟ ଚାହେଁ ସବୁ କ୍ଲେଶ ଓ ଦ୍ୱନ୍ଦ୍ୱ ଏଡିଦେଇ ଚାଲିବାକୁ। ଏହା ହେଲା ଆତ୍ମ-ପ୍ରବଞ୍ଚନା। ଏହା କେବେ ତୁମକୁ ମୁକ୍ତି ଓ ପୂର୍ଣ୍ଣତା ଆଡକୁ ନେଇଯାଏ ନାହିଁ। –ଶ୍ରୀଅରବିନ୍ଦ



# ବୋଲକରା ଆର୍‌ବିଆଇ

ଦୀର୍ଘକାଳ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ସରକାର ମଧ୍ୟରେ ଟଣାଓଟରା ଚାଲିଥିଲା, ଯେଉଁଥିରେ ଦୁଇଜଣ ଆର୍‌ବିଆଇ ଗଭର୍ନରଙ୍କୁ ଆକସ୍ମିକଭାବେ ପଦତ୍ୟାଗ କରିବାକୁ ପଡ଼ିଥିଲା। କିନ୍ତୁ ଶେଷରେ ସରକାର କେନ୍ଦ୍ରୀୟ ବ୍ୟାଙ୍କକୁ ନିଜ ସୁବିଧା ଅନୁସାରେ ଚଳାଇବା ପାଇଁ ବାଟ ବାହାର କରିନେଇଛନ୍ତି। ରିଜର୍ଭ ବ୍ୟାଙ୍କ ତା'ର ୧.୭୬ ଲକ୍ଷ କୋଟି ଟଙ୍କାର ଉଦ୍‌ବୃତ୍ତ ପାଣ୍ଠି କେନ୍ଦ୍ର ସରକାରଙ୍କୁ ଦେବା ଲାଗି ରାଜି ହୋଇଯାଇଛି। ଏହି ବିପୁଳ ରାଶି ମଧ୍ୟରେ ଅଛି ୨୦୧୮-୧୯ ପାଇଁ ୧.୨୩ ଲକ୍ଷ କୋଟି ଟଙ୍କାର ଉଦ୍‌ବୃତ୍ତ (ଡିଭିଡେଣ୍ଡ) ଏବଂ ୫୨,୬୩୭ କୋଟି ଟଙ୍କାର ଅତିରିକ୍ତ ଜରୁରିକାଳୀନ ବ୍ୟବସ୍ଥା ପାଣ୍ଠି, ଯାହା ପୂର୍ବତନ ଆର୍‌ବିଆଇ ଗଭର୍ନର ବିମଲ ଜଲାନ୍‌ଙ୍କ ନେତୃତ୍ୱରେ ଗଠିତ ବିଶେଷଜ୍ଞ କମିଟି ଦ୍ୱାରା ଚିହ୍ନଟ ହୋଇଥିଲା ଏବଂ ଆର୍‌ବିଆଇ ବୋର୍ଡ ଦ୍ୱାରା ଗୃହୀତ ହୋଇଥିଲା। ଗତ କିଛିବର୍ଷ ଧରି କେନ୍ଦ୍ର ସରକାର ଓ ଆର୍‌ବିଆଇ ମଧ୍ୟରେ ଲାଗି ରହିଥିବା ଟଣାଓଟରାର ଏହାଦ୍ୱାରା ଏକପ୍ରକାର ପରିସମାପ୍ତି ଘଟିଛି। ଇତିମଧ୍ୟରେ ଆର୍‌ବିଆଇ ୨୮,୦୦୦ କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ଡିଭିଡେଣ୍ଡ ପ୍ରଦାନ କରିସାରିଛି ଏବଂ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ୯୦,୦୦୦ କୋଟି ଟଙ୍କା ଆର୍‌ବିଆଇଠାରୁ ପାଇବାକୁ ବଜେଟରେ ଘୋଷଣା କରି ସାରିଛନ୍ତି। ଏଣୁ ବାକି ୫୮,୦୦୦ କୋଟି ଟଙ୍କା ହେଉଛି ସରକାରଙ୍କର ଅପ୍ରତ୍ୟାଶିତ ଆୟ। ବର୍ତ୍ତମାନର ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କର କେନ୍ଦ୍ର ସରକାରଙ୍କ ପ୍ରତି ସଦାକୃତଜ୍ଞ ଭାବ ଦୃଷ୍ଟିକୋଣରୁ ଏତେବଡ଼ ପରିମାଣ ପ୍ରଦାନ କରିବାର ନିଷ୍ପତ୍ତି ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ।

ଆର୍‌ବିଆଇ ଗଭର୍ନର ଦାସ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତଥା ନର୍ଥ ବ୍ଲକ୍‌ରେ ଥିବା ତାଙ୍କର ପୂର୍ବତନ ବସ୍‌ମାନଙ୍କୁ ଗଭର୍ନର ପଦରେ ନିଯୁକ୍ତି ପରଠାରୁ ସଦା ଖୁସି କରିବା ପାଇଁ ଚେଷ୍ଟା କରିଆସିଛନ୍ତି। ଗତ ଜାନୁୟାରୀ ମାସରୁ ଏପର୍ଯ୍ୟନ୍ତ ଆର୍‌ବିଆଇ ରେପୋ ରେଟ୍‌ରେ ମୋଟ ୧୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି ଏବଂ ଆଗକୁ ଆହୁରି ହ୍ରାସ କରିବା ପାଇଁ ସଙ୍କେତ ଦେଇଛି। ସଦ୍ୟତମ ନିଷ୍ପତ୍ତିରୁ ଜଣାପଡୁଛି ଯେ ସରକାରଙ୍କ ଆଗରେ ସେ ନଇଁବେ ବୋଲି ଆଶା କରାଯାଉଥିବା ବେଳେ ସେ ଗୁରୁଣ୍ଡିବା ପାଇଁ ମଧ୍ୟ ପ୍ରସ୍ତୁତ ଅଛନ୍ତି। ତାଙ୍କର ଏପରି ଖୋସାମଦିଆ ଗୁଣ ନିଶ୍ଚିତ ଭାବେ କେନ୍ଦ୍ରୀୟ ବ୍ୟାଙ୍କର ଭାବମୂର୍ତ୍ତିରେ ଆଞ୍ଚ ଆଣିବ।

## ଆଜିର ଅର୍ଥନୀତି

ଆଶ୍ଚର୍ଯ୍ୟର କଥା ହେଉଛି ସରକାର ଆର୍‌ବିଆଇଠାରୁ ବଜେଟରେ ମାତ୍ର ୯୦,୦୦୦ କୋଟି ଟଙ୍କା ପାଇବାକୁ ଆଶା ରଖିଥିବା ବେଳେ ଏବଂ ଅଧିକ ଟଙ୍କା ପାଇଁ କୌଣସି ଚାପ ପକାଇ ନ ଥିବାବେଳେ ବ୍ୟାଙ୍କ ଏକକାଳୀନ ଏତେ ଟଙ୍କା ଦେବା ପାଇଁ କାହିଁକି ଘୋଷଣା କଲା। ଜଲାନ୍ କମିଟିର ପ୍ରସ୍ତାବ ଅନୁଯାୟୀ ଉପଲବ୍ଧ ଇକ୍ୱିଟିକୁ ୫.୫ ପ୍ରତିଶତକୁ କମାଇବାକୁ ବ୍ୟାଙ୍କ ନିଷ୍ପତ୍ତି ନେଇଥିଲେ ମଧ୍ୟ ଏକକାଳୀନ ଏତେ ଟଙ୍କା ଦେବା ପାଇଁ ଘୋଷଣା ନ କରି ପର୍ଯ୍ୟାୟକ୍ରମେ ଦେଇଥିଲେ ବରଂ ଭଲ ହୋଇଥାନ୍ତା। ଆର୍‌ବିଆଇ ଏତେ ଟଙ୍କା କିପରି ସଞ୍ଚୟ କଲା ତାହା ମଧ୍ୟ ସ୍ପଷ୍ଟ ନୁହେଁ। ୨୦୧୮-୧୯ ଆର୍ଥିକ ବର୍ଷରେ ୧.୨୩ ଲକ୍ଷ କୋଟି ଟଙ୍କାର ଡିଭିଡେଣ୍ଡ ସଞ୍ଚୟ ସର୍ବୋଚ୍ଚ ଏବଂ ଏହା ପୂର୍ବବର୍ଷ ଡିଭିଡେଣ୍ଡର ଦୁଇଗୁଣରୁ ଅଧିକ। ଗୋଟିଏ ବର୍ଷରେ ଏତେ ଟଙ୍କା ସଞ୍ଚୟ କିପରି ସମ୍ଭବ ହେଲା ତାହା ଅନୁସନ୍ଧାନସାପେକ୍ଷ। ଭାରତ ସରକାର ହେଉଛନ୍ତି ଆର୍‌ବିଆଇର ସାର୍ବଭୌମ ମାଲିକ। ତେଣୁ ବ୍ୟାଙ୍କର ସଞ୍ଚିତ ଧନରାଶିର କିପରି ବିନିଯୋଗ କରାଯିବ ସେ ସମ୍ପର୍କରେ ସରକାର ନିଷ୍ପତ୍ତି ନେଇପାରିବେ। ତଥାପି ସରକାର ସେପରି କରିବା ଦୁର୍ଭାଗ୍ୟଜନକ ହୋଇଥିବା ବେଳେ ବ୍ୟାଙ୍କ ଉକ୍ତ ବିପୁଳ ଧନରାଶି ସରକାରଙ୍କୁ ଉପହାର ଦେବା ଅଧିକ ଚିନ୍ତାଜନକ। ଏହି ଧନରାଶି ହେଉଛି ଆର୍‌ବିଆଇ ଦ୍ୱାରା ପିଢ଼ି ପରେ ପିଢ଼ି ଅନେକ ବର୍ଷ ଭିତରେ ସଞ୍ଚିତ ଇକ୍ୱିଟି। ଏଣୁ ଗୋଟିଏ ବର୍ଷରେ ନିଜର ଆବଶ୍ୟକତା ପୂରଣ ପାଇଁ କୌଣସି ସରକାର ଏହି ସଞ୍ଚିତ ଧନର ଏକାଂଶ ମଧ୍ୟ ନେଇ ଖର୍ଚ୍ଚ କରିବା ନୀତି ଦୃଷ୍ଟିରୁ ଠିକ୍ ନୁହେଁ। ଦେଶର ଦୁର୍ଦ୍ଦିନରେ ଏହି ଧନ ଖର୍ଚ୍ଚ କରିବା ପାଇଁ ଉଦ୍ଦିଷ୍ଟ, ଯାହା ଜଲାନ୍ କମିଟି ସୂଚିତ କରିଛି।

ଆର୍‌ବିଆଇ କୃତଜ୍ଞତାବଶତଃ ଉକ୍ତ ବିପୁଳ ଧନରାଶି ସରକାରଙ୍କୁ ପ୍ରଦାନ କରିବାକୁ ଘୋଷଣା କରିଥିବା ବେଳେ ସରକାର ଏହି ଟଙ୍କାକୁ କିପରି ଖର୍ଚ୍ଚ କରିବେ ସେ ନେଇ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ସରକାର ଏହି ଅର୍ଥକୁ ନିଜର ବିତ୍ତୀୟ ନିଅଣ୍ଟ ଚାପକୁ ପ୍ରଶମନ କରିବା ପାଇଁ ବିନିଯୋଗ କରିପାରନ୍ତି। ସରକାରଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ କରଜନିତ ରାଜସ୍ୱ ହ୍ରାସ ଘଟିଥିବାରୁ ଏହି ଅପ୍ରତ୍ୟାଶିତ ଆୟ ତଜ୍ଜନିତ ଅଭାବ ପୂରଣ କରିବାରେ ସାହାଯ୍ୟ କରିବ। ଜିଏସ୍‌ଟି ଆଦାୟ ଆହୁରି ହ୍ରାସ ପାଇପାରେ। ଅର୍ଥନୀତିକୁ ଚଳତ୍‌ଶୀଳ କରିବା ପାଇଁ ଏହି ଅପ୍ରତ୍ୟାଶିତ ଆୟକୁ ବିନିଯୋଗ କରିବା ପରିବର୍ତ୍ତେ ଏହାକୁ ରାଜସ୍ୱ ହ୍ରାସର ଭରଣା ପାଇଁ ବ୍ୟବହାର କରାଯାଇପାରେ। ଆମେ ଆଶା କରୁଛୁ ଏହି ବିପୁଳ ଦାନରାଶିକୁ ସରକାର ଅତ୍ୟନ୍ତ ଦୂରଦର୍ଶିତାର ସହିତ ବିବେକାନୁମୋଦିତ ଭାବରେ ଖର୍ଚ୍ଚ କରିବେ।

# କଶ୍ମୀର ଓ ବିଜୁବାବୁ



ଇଂ. ମାୟାଧର ସ୍ୱାଇଁ

କେନ୍ଦ୍ର ସରକାର ଅଗଷ୍ଟ ପ୍ରଥମ ସପ୍ତାହରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଠାଇଦେଇ ଜମ୍ମୁ-କଶ୍ମୀରକୁ ଦୁଇଟି ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କଲେ। ଅନୁଚ୍ଛେଦ ୩୭୦ ବଳରେ ଜମ୍ମୁ-କଶ୍ମୀର ପାଇଁ ଅନ୍ୟ ରାଜ୍ୟଠାରୁ କେତେକ ଅଲଗା ନିୟମ ଥିଲା, ଯେପରି ଏହାର ଅଲଗା ପତାକା ଓ ସମ୍ବିଧାନ। ଏହି ଅନୁଚ୍ଛେଦରେ ଥିବା ଧାରା ୩୫(କ) ଅନୁଯାୟୀ ଅନ୍ୟ ରାଜ୍ୟର ଅଧିବାସୀମାନେ ଜମ୍ମୁ-କଶ୍ମୀରରେ ଜମି ଓ ଅନ୍ୟ ସ୍ଥାବର ସମ୍ପତ୍ତି କ୍ରୟ କରିପାରୁ ନ ଥିଲେ। ଏପରିକି ସେଠାକାର ଲୋକମାନେ ଭାରତୀୟ ନାଗରିକ ହେବା ସହିତ ଜମ୍ମୁ ଓ କଶ୍ମୀରର ନାଗରିକ ଭାବେ ଗଣା ଯାଉଥିଲେ। ଏହି ରାଜ୍ୟର ଜଣେ ମହିଳା ଅନ୍ୟ ରାଜ୍ୟର ଲୋକଙ୍କୁ ବିବାହ କଲେ, ତାହାର ପୈତୃକ ସମ୍ପତ୍ତି ସମେତ ଅନ୍ୟ କେତେକ ଅଧିକାର ହରାଉଥିଲା। ଅନୁଚ୍ଛେଦ ୩୭୦ ହଟିବା ପରେ ଅଧିକାଂଶ ଭାରତୀୟ ଖୁସି ପ୍ରକଟ କରୁଥିବା ବେଳେ କେତେକେ ଏହାର ବିରୋଧ କରୁଛନ୍ତି। ଏହା ହେଉଛି ବର୍ତ୍ତମାନ ଦେଶର ସବୁଠୁ ଅଧିକ ଚର୍ଚ୍ଚିତ ବିଷୟ। କିନ୍ତୁ ଏଠାରେ ଏହି ବିବାଦ ଉପରେ ଆଲୋଚନା ନ କରି ଭାରତ ସହ ଜମ୍ମୁ ଓ କଶ୍ମୀରର ମିଶ୍ରଣରେ ବିଜୁବାବୁଙ୍କ ଅବଦାନକୁ ସ୍ମରଣ କରାଯାଇଛି। ପ୍ରଥମେ କଶ୍ମୀର ଭାରତରେ ମିଶିବାର ଘଟଣାକ୍ରମକୁ ଦେଖାଯାଉ।

ଇଂରେଜମାନେ ଭାରତରୁ ଯିବା ପୂର୍ବରୁ ଏହାକୁ ଦୁଇଟି ଦେଶ ଭାରତ ଓ ପାକିସ୍ତାନ ଭାବେ ବିଭକ୍ତ କରିଦେଲେ। ୧୯୪୭ ମସିହା ଅଗଷ୍ଟ ୧୪ ତାରିଖରେ ପାକିସ୍ତାନ ଗଠିତ ହେଲା ଓ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା। କିନ୍ତୁ ଇଂରେଜମାନେ ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକୁ ଭାରତ କିମ୍ବା ପାକିସ୍ତାନରେ ନ ମିଶାଇ ଏହାକୁ ସେମାନଙ୍କ ଉପରେ ଛାଡ଼ିଦେଲେ। ସେମାନେ ନିଜ ଇଚ୍ଛାନୁସାରେ ଭାରତ କିମ୍ବା ପାକିସ୍ତାନରେ ଯୋଗ ଦେଇପାରିବେ କିମ୍ବା ନିଜେ ସ୍ୱାଧୀନ ହୋଇ ରହିପାରିବେ। ସ୍ୱାଧୀନତା ପାଇବା ପରେ ଭାରତର ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରଚେଷ୍ଟାରେ ୫୬୫ଟି ଗଡ଼ଜାତ ରାଜ୍ୟ ଭାରତରେ ମିଶିଲେ।

ସେତେବେଳେ କଶ୍ମୀରର ଶାସକ ଥିଲେ ମହାରାଜା ହରି ସିଂହ। ସେ ଭାରତ କିମ୍ବା ପାକିସ୍ତାନରେ ନ ମିଶି ସ୍ୱାଧୀନ ରହିବାକୁ ଇଚ୍ଛା କରିଥିଲେ। ସେ ନିଜ ଦେଶକୁ ପ୍ରାଚ୍ୟର ସୁଇଜରଲାଣ୍ଡ କରିବା ପାଇଁ ଚାହିଁଥିଲେ ଏବଂ ସୁଇଜରଲାଣ୍ଡ ଭଳି କଶ୍ମୀରକୁ ପୃଥିବୀର ଅନ୍ୟତମ ପର୍ଯ୍ୟଟନସ୍ଥଳୀ କରିବାର ସ୍ୱପ୍ନ ଦେଖିଥିଲେ। କୌଣସି ଦେଶ ସହ ନ ମିଶିବାର କାରଣ ଭାବେ କୁହାଗଲା ଯେ ଭାରତରେ ମିଶିଲେ ଏହାର ସଂଖ୍ୟାବହୁଳ ମୁସ୍‌ଲିମ ନାଗରିକମାନେ ଅସନ୍ତୁଷ୍ଟ ହେବେ ଏବଂ ପାକିସ୍ତାନରେ ମିଶିଲେ ଅଳ୍ପସଂଖ୍ୟକ ହିନ୍ଦୁ ଓ ଶିଖ୍‌ମାନେ ହଇରାଣ ହେବେ। କିନ୍ତୁ ୧୯୪୭ ମସିହା ଅକ୍ଟୋବରରେ ସବୁକିଛି ଓଲଟପାଲଟ ହୋଇଗଲା। ପାକିସ୍ତାନର ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର କେତେଜଣ ପାଶ୍ତୁନ ଜନଜାତି କଶ୍ମୀର ଆକ୍ରମଣ କଲେ। ଏହା ପଛରେ ପାକିସ୍ତାନ ସରକାରଙ୍କ ପ୍ରଚ୍ଛନ୍ନ ହାତ ଥିଲା। ଏପରିକି ପାକିସ୍ତାନର ଅନେକ ସୈନ୍ୟ ଛଦ୍ମବେଶରେ ଏହି ଆକ୍ରମଣରେ ସାମିଲ ହୋଇଥିଲେ ଏବଂ ବରିଷ୍ଠ ପାକିସ୍ତାନୀ ସେନା ଅଧିକାରୀ ଆକବର ଖାଁ ଏହାର ନେତୃତ୍ୱ ନେଇଥିଲେ। ଅକ୍ଟୋବର ଶେଷ ବେଳକୁ ପ୍ରାୟ ପାଞ୍ଚ ହଜାର ଆକ୍ରମଣକାରୀ କଶ୍ମୀରରେ ପ୍ରବେଶ କରିଥିଲେ। ସେମାନେ ତିନି ଦିନ ମଧ୍ୟରେ ମୁଜାଫରବାଦ, ଡୋମେଇ, ଗାରଭି ଓ ଚିନାରି ଅଧିକାର କରି ଉରି ଆଡ଼କୁ ଅଗ୍ରସର ହେଲେ। ସେମାନେ ଅନେକ ଗାଁରେ ନିଆଁ ଲଗାଇ ଲୁଟପାଟ କରିଥିଲେ। ଉରିଠାରେ ସେମାନଙ୍କୁ କଶ୍ମୀର ସେନାର ବ୍ରିଗେଡିୟର ରାଜିନ୍ଦର ସିଂହ ତିନିଶହ ସୈନିକଙ୍କ ସହ ପ୍ରତିରୋଧ କଲେ। ଏଥିରେ ବ୍ରିଗେଡିୟରଙ୍କ ସମେତ ଅଧିକାଂଶ ସୈନ୍ୟ ନିହତ ହେଲେ। କିନ୍ତୁ ସେମାନଙ୍କର ଏହି ସାହସିକ ଲଢ଼େଇ ଯୋଗୁ ମହାରାଜା ହରି ସିଂହଙ୍କୁ ଶ୍ରୀନଗରରୁ ଖସିଯିବା ପାଇଁ ଏବଂ ଭାରତ ସହ ମିଶ୍ରଣ ଚୁକ୍ତି କରିବା ପାଇଁ ସମୟ ମିଳିଗଲା।

୧୯୪୭ ଅକ୍ଟୋବର ୨୪ ତାରିଖରେ ମହାରାଜା ହରି ସିଂହ ସାହାଯ୍ୟ ପାଇଁ ଭାରତ ସରକାରଙ୍କୁ ଜରୁରୀ ଅନୁରୋଧ କଲେ। ତା' ପରଦିନ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ସଚିବ ଭି.ପି. ମେନନ୍ ଶ୍ରୀନଗର ଯାଇ ମହାରାଜାଙ୍କୁ ସ୍ଥଳପଥରେ ଜମ୍ମୁ ପଠାଇଦେଲେ। ସେତେବେଳକୁ ରାଜପ୍ରାସାଦକୁ ସୁରକ୍ଷା ଦେବା ପାଇଁ ଯଥେଷ୍ଟ ସୈନ୍ୟ ମଧ୍ୟ ନ ଥିଲେ। ଅକ୍ଟୋବର ୨୬ ତାରିଖରେ ଭାରତ ସରକାରଙ୍କର ପ୍ରତିରକ୍ଷା ସଂକ୍ରାନ୍ତ କ୍ୟାବିନେଟ କମିଟି ଶ୍ରୀନଗରକୁ ଦୁଇ କମ୍ପାନୀ ସୈନ୍ୟ ପଠାଇବା ପାଇଁ ନିଷ୍ପତ୍ତି ନେଲା। ମାତ୍ର ବଡଲାଟ ମାଉଣ୍ଟ ବେଟେନ ଗୋଟିଏ ନିରପେକ୍ଷ ଦେଶକୁ ସେନା ପଠାଇବା ସପକ୍ଷରେ ନ ଥିଲେ। ଏଣୁ ମେନନ୍ ଜମ୍ମୁ ଯାଇ ମହାରାଜାଙ୍କୁ ପ୍ରସ୍ତାବ ଦେଲେ ଯେ ଭାରତ ସେନାର ସାହାଯ୍ୟ ପାଇବାକୁ ହେଲେ ଭାରତରେ କଶ୍ମୀରର ମିଶ୍ରଣ କରିବାକୁ ପଡ଼ିବ। ମହାରାଜା ଏଥିରେ ରାଜିହୋଇ ମିଶ୍ରଣ ଚୁକ୍ତିରେ ୧୯୪୭ ଅକ୍ଟୋବର ୨୬ ତାରିଖରେ ଦସ୍ତଖତ କଲେ। ମାତ୍ର ଏଥିରେ କଶ୍ମୀରକୁ କେତେକ ସ୍ୱତନ୍ତ୍ର ସୁବିଧା ଦେବା ପାଇଁ ପ୍ରସ୍ତାବ ଦେଲେ। ଏହି ପ୍ରସ୍ତାବକୁ ଅସ୍ଥାୟୀ ଉଲ୍ଲେଖ କରାଯାଇ ଭାରତ ସରକାର ଅକ୍ଟୋବର ୨୭ ତାରିଖରେ ଏହାକୁ ଗ୍ରହଣ କରିନେଲେ। ଏହି ଅସ୍ଥାୟୀ ପ୍ରସ୍ତାବ ୭୨ ବର୍ଷ ପରେ ବର୍ତ୍ତମାନ ହଟିଯାଇଛି।

ଭାରତ ସରକାର ପାକିସ୍ତାନୀ ଆକ୍ରମଣକାରୀଙ୍କ ଠାରୁ କଶ୍ମୀରକୁ ରକ୍ଷା କରିବା ପାଇଁ ୧୯୪୭ ଅକ୍ଟୋବର ୨୭ ତାରିଖରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଦେୱାନ ରଣଜିତ ରାୟଙ୍କ ନେତୃତ୍ୱରେ ପ୍ରଥମ ଦଫାରେ ପ୍ରଥମ ଶିଖ୍ ରେଜିମେଣ୍ଟର ୧୭ ଜଣ ସୈନିକଙ୍କୁ ପଠାଇଲେ। ଅଧିକାଂଶ ସ୍ଥଳପଥ ଆକ୍ରମଣକାରୀଙ୍କ ଦ୍ୱାରା ଅବରୋଧ ହୋଇଥିବାରୁ ଏବଂ ସମୟ ଅଭାବରୁ ଆକାଶପଥରେ ସୈନ୍ୟମାନଙ୍କୁ ନେବା ଏକମାତ୍ର ବିକଳ୍ପ ଥିଲା। ପ୍ରଧାନମନ୍ତ୍ରୀ ନେହେରୁଙ୍କ ଅନୁରୋଧରେ ବିଜୁବାବୁ ଡାକୋଟା ବିମାନରେ ସୈନ୍ୟମାନଙ୍କୁ ନେଇ ଶ୍ରୀନଗର ବିମାନଘାଟିରେ ଅବତରଣ କରାଇଥିଲେ। ବିଜୁବାବୁ ଜଣେ ଦୁଃସାହସିକ ପାଇଲଟ ଭାବେ ଜଣା ଥିଲେ ଏବଂ ଏହି କାର୍ଯ୍ୟ ସେ ହିଁ କେବଳ କରିପାରିବେ ବୋଲି ନେହେରୁ ମନେ କରିଥିଲେ। ସେତେବେଳକୁ ଆକ୍ରମଣକାରୀମାନେ ଶ୍ରୀନଗର ବିମାନବନ୍ଦରକୁ ଅଧିକାର କରିଥିଲେ ନା ନାହିଁ, ତାହାର ଖବର ଜଣା ନ ଥିଲା। ଆକ୍ରମଣକାରୀଙ୍କ ଦୃଷ୍ଟି ଆଢୁଆଳରେ ରହିବା ପାଇଁ ବିଜୁବାବୁ ବିପଜ୍ଜନକ ଭାବେ ବିମାନକୁ ଅତି କମ୍ ଉଚ୍ଚତାରେ ଉଡ଼ାଇ ନେଇଥିଲେ। ବିଜୁବାବୁ ସେହିଦିନ ଅନେକଥର ଦିଲ୍ଲୀରୁ ଶ୍ରୀନଗରକୁ ବିମାନ ଚଳାଇ ସୈନ୍ୟମାନଙ୍କୁ ସେଠାକୁ ନେଇଥିଲେ। ଫଳସ୍ୱରୂପ ଭାରତୀୟ ସୈନ୍ୟମାନେ ଆକ୍ରମଣକାରୀଙ୍କୁ ଶ୍ରୀନଗର ଦଖଲ କରିବାକୁ ଦେଇ ନ ଥିଲେ ଏବଂ ସେଠାରୁ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ବିଜୁବାବୁଙ୍କ ଯୋଗୁ କଶ୍ମୀର ରକ୍ଷା ପାଇ ଭାରତରେ ମିଶିଲା। ନେହେରୁଙ୍କ ସମେତ ଅନେକ ନେତା ବିଜୁବାବୁଙ୍କ ସାହସ ଓ କର୍ତ୍ତବ୍ୟନିଷ୍ଠାକୁ ଭୂୟସୀ ପ୍ରଶଂସା କରିଥିଲେ। କିନ୍ତୁ ଦୁଃଖର କଥା ଯେ, କଶ୍ମୀର ଯୁଦ୍ଧ ଇତିହାସ ଲେଖିବା ବେଳେ କେହି ବିଜୁବାବୁଙ୍କ ମହାର୍ଘ ଅବଦାନ ସମ୍ବନ୍ଧରେ ଉଲ୍ଲେଖ କରିନାହାନ୍ତି।

ଏବେ ଅନୁଚ୍ଛେଦ ୩୭୦ ହଟିଯିବା ପରେ କଶ୍ମୀର ସର୍ବତ୍ର ଆଲୋଚନାର ବିଷୟ ହୋଇଛି ଏବଂ ଲୋକେ ବିଜୁବାବୁଙ୍କୁ ମନେ ପକାଉଛନ୍ତି। ଏପରିକି ଲୋକ ସଭାରେ ମଧ୍ୟ ତାଙ୍କର ଏହି ସାହସିକ କାର୍ଯ୍ୟର ଆଲୋଚନା ହୋଇଛି। ପ୍ରକୃତ ଅର୍ଥରେ ତାଙ୍କୁ ଭାରତର ଗୋଟିଏ ଅମୂଲ୍ୟ ରତ୍ନ କହିଲେ ଅତ୍ୟୁକ୍ତି ହେବ ନାହିଁ।

୭୦, ଲକ୍ଷ୍ମୀବିହାର, ଫେଜ-୧, ଭୁବନେଶ୍ୱର,
ମୋ-୯୪୩୮୬୯୩୭୨୪

# ଆମାଜନ ନିଆଁ: ବିଶ୍ୱ ପାଇଁ ବିପଦ



ଡ. ଦେବାନନ୍ଦ ବେଉରା

ପୃଥିବୀର ବୃହତ୍ତମ ବୃଷ୍ଟିପୁଷ୍ଟ ଜଙ୍ଗଲ ଆମାଜନ ବର୍ତ୍ତମାନ ଜଳୁଛି। ସାରା ବିଶ୍ୱ ଏଥିପାଇଁ ଚିନ୍ତିତ। ଏତେ ବଡ଼ ଆମାଜନ ଜଙ୍ଗଲର ପ୍ରାୟ ୫୦ ପ୍ରତିଶତ ପ୍ରଚଣ୍ଡ ଅଗ୍ନିର ଆଁରେ କବଳିତ। ଦକ୍ଷିଣ ଆମେରିକାର ୪୦ ପ୍ରତିଶତ ଅଞ୍ଚଳକୁ ଘେରି ରହିଥିବା ଏହି ଜଙ୍ଗଲ ଯୁକ୍ତରାଷ୍ଟ୍ର ଆମେରିକା କ୍ଷେତ୍ରଫଳର ପ୍ରାୟ ଦୁଇତୃତୀୟାଂଶ ହେବ। କୁହାଯାଉଛି ଯେ ୨୦୧୩ ମସିହା ପରେ ଆମାଜନରେ ଜଙ୍ଗଲ ନିଆଁ ସର୍ବାଧିକ ରହିଛି, ଯାହା ପୂର୍ବବର୍ଷ ତୁଳନାରେ ୮୦ ପ୍ରତିଶତରୁ ଅଧିକ। ଏଥିସହିତ ୟୁରୋପୀୟ ସଂଘର ଉପଗ୍ରହ 'କୋପରନିକସ୍' ଦ୍ୱାରା ଆମାଜନ ଜଙ୍ଗଲ ନିଆଁର ତଥ୍ୟ ଆସିଛି। ସମଗ୍ର ବ୍ରାଜିଲ ସହିତ ପୂର୍ବ ଆଟଲାଣ୍ଟିକ ତଟ ପର୍ଯ୍ୟନ୍ତ ଧୂଆଁ ବ୍ୟାପୁଥିବା କଥା ଏହା ଦର୍ଶାଇଛି। ପାଖାପାଖି ବ୍ରାଜିଲର ଅର୍ଦ୍ଧାଧିକ ଅଞ୍ଚଳକୁ ଧୂମମୟ କରି ଏହା ପଡ଼ୋଶୀ ପେରୁ, ବଲିଭିଆ ଏବଂ ପାରାଗୁଏ ଆଡ଼କୁ ବ୍ୟାପିବା ଆରମ୍ଭ କରିଛି।

ଦକ୍ଷିଣ ଆମେରିକାର ୫.୫ ନିୟୁତ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ବିଶ୍ୱର ବୃହତ୍ତମ ଗ୍ରୀଷ୍ମମଣ୍ଡଳୀୟ ବୃଷ୍ଟିପୁଷ୍ଟ ଜଙ୍ଗଲ ଆମାଜନ ବିଶ୍ୱ ପରିବେଶକୁ ପରିପୁଷ୍ଟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନେକ ପ୍ରାକୃତିକ ଘାତ ପ୍ରତିଘାତ ସତ୍ତ୍ୱେ ଏହା ୫୫ ନିୟୁତ ବର୍ଷ ଧରି ନିଜର ସ୍ଥିତି ବଜାୟ ରଖିପାରିଛି। ପୃଥିବୀର ସର୍ବାଧିକ ଉଦ୍ଭିଦ ଓ ପ୍ରାଣୀ ପ୍ରଜାତି ଏହିଠାରେ ଦେଖାଯାନ୍ତି। ବିଶ୍ୱରେ ପରିଚିତ ପ୍ରତି ଦଶଟି ମଧ୍ୟରୁ ଅନ୍ୟୂନ ଗୋଟିଏ ପ୍ରଜାତି ଆମାଜନ ଜଙ୍ଗଲରେ ବାସ କରୁଥିବା ଦେଖିବାକୁ ମିଳେ, ଯାହା ଏକ ଉତ୍କୃଷ୍ଟ ତଥା ଅସମାନ୍ତରାଳ ଜୈବବିବିଧତାର ପରିଚାୟକ। ପ୍ରତି ଦୁଇଦିନରେ ଏଠାରେ ଗୋଟେ ନୂଆ ଜୀବ ପ୍ରଜାତି ଆବିଷ୍କୃତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅମ୍ଳଜାନ ଆମାଜନ ଜଙ୍ଗଲ ନିର୍ଗତ କରିଥାଏ। ଯେଉଁଥିପାଇଁ ତାକୁ ପୃଥିବୀର ଫୁସ୍‌ଫୁସ୍ କୁହାଯାଏ। କିନ୍ତୁ ବିଭିନ୍ନ ବାଟରେ ଜଙ୍ଗଲ କ୍ଷୟ ସାଙ୍ଗକୁ ଜଙ୍ଗଲ ନିଆଁ ଆମାଜନର ପରିସଂସ୍ଥାର ଅବକ୍ଷୟ କରିବା ସହିତ ବିଶ୍ୱ ପରିବେଶକୁ ବିପଦ ପହଞ୍ଚାଇ ଚାଲିଛି।

ଆମାଜନ ଜଙ୍ଗଲ ଅଙ୍ଗାରକାମ୍ଳ ବାଷ୍ପର ଏକ ବଡ଼ ଶୋଷକ ଭାବେ ପରିଚିତ। ଜୀବାଶ୍ମ ଜାଳେଣି ଯଥା କୋଇଲା, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍‌ର ଦହନରୁ ନିର୍ଗତ ହେଉଥିବା ଅଙ୍ଗାରକାମ୍ଳକୁ ଶୋଷଣ କରି ଏହା ପରିବେଶକୁ ବିଶୁଦ୍ଧ ରଖିବାରେ ସାହାଯ୍ୟ କରିଥାଏ। ଆଲୋକଶ୍ଳେଷଣ ପ୍ରକ୍ରିୟାରେ ପ୍ରଚୁର ଅଙ୍ଗାରକାମ୍ଳକୁ ବ୍ୟବହାର କରି ବୃକ୍ଷଲତା ବଢ଼ିବା ସହିତ ଜୀବନରକ୍ଷାକାରୀ ଅମ୍ଳଜାନ ନିର୍ଗତ କରିଥାନ୍ତି। ପ୍ରତ୍ୟକ୍ଷ ଭାବେ ଏହି ସୁବିସ୍ତୃତ ବୃଷ୍ଟିପୁଷ୍ଟ ଜଙ୍ଗଲ ବିଶ୍ୱତାପନକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠିର କହିବା କଥା ହେଉଛି ସାମ୍ପ୍ରତିକ ଜଙ୍ଗଲ ନିଆଁ ପୂର୍ବରୁ ଅନ୍ୟ ବାଟରେ ଜଙ୍ଗଲ କ୍ଷୟ ପାଇଁ ଆମାଜନ ବାର୍ଷିକ ଭିତ୍ତିରେ ପ୍ରାୟ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ଅବଶୋଷଣ କରିଥାଏ। ନିଆଁର ଆଁକୁ ଆସିଯିବା ପରେ ଏହି ଜଙ୍ଗଲ ଅଙ୍ଗାରକାମ୍ଳର ଶୋଷକ ହେବା ପରିବର୍ତ୍ତେ ଉତ୍ପନ୍ନର ଏକ ବଡ଼ ଉତ୍ସ ହେବାରେ ଲାଗିଛି। ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ପୃଥିବୀର ଯିଏ ରକ୍ଷାକବଚ ସାଜି ଆସିଥିଲା ତାହା ଏବେ ଅତ୍ୟଧିକ ଅଙ୍ଗାରକାମ୍ଳ ଗ୍ୟାସ୍ ଛାଡ଼ି ଜଳବାୟୁ ସନ୍ତୁଳନ ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛି।

ଆମାଜନ ଜଙ୍ଗଲରେ ନିଆଁ ଲାଗିବା ଘଟଣାରେ ଏଠାକାର କୃଷକ ଏବଂ ଗୋପାଳନ ଫାର୍ମମାନଙ୍କୁ ଦାୟୀ କରାଯାଇଛି। କୃଷି ଏବଂ ଗୋପାଳନ ପାଇଁ ଆବଶ୍ୟକ କ୍ଷେତ୍ର ଯୋଗାଡ଼ରେ ଏମାନେ ଜଙ୍ଗଲ ସଫା କରନ୍ତି, ଯେଉଁଥିରେ ନିଆଁ ଲଗେଇ ଜଙ୍ଗଲ ପୋଡ଼ିବାକୁ ଆପଣେଇଥାନ୍ତି। ବର୍ତ୍ତମାନ ସେଠାରେ ସବୁଜିମା ଶୁଷ୍କ ଥିବାରୁ ସେମାନଙ୍କ ପାଇଁ ଏବେ ନିଆଁ ଲଗେଇବାର ଉତ୍କୃଷ୍ଟ ସମୟ। ଜଙ୍ଗଲ ସଫାକରି ଗୋଚାରଣ ଭୂମି ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ। ଆଇଏନ୍‌ପିଇର ବରିଷ୍ଠ ବୈଜ୍ଞାନିକ ଆଲବର୍ଟ ସେଜରଙ୍କ କହିବା ଅନୁସାରେ ୯୯ ପ୍ରତିଶତ ଜଙ୍ଗଲ ନିଆଁ ମନୁଷ୍ୟକୃତ। ଉଦ୍ଦେଶ୍ୟମୂଳକ ଭାବେ ହେଉ କିମ୍ବା ଦୁର୍ଘଟଣାଜନିତ ଉଭୟ କ୍ଷେତ୍ରରେ ମଣିଷ ଅଭିଯୁକ୍ତ। କ୍ଷୁଦ୍ର କୃଷି ପାଇଁ ହେଉ ବା ଯାନ୍ତ୍ରିକ ତଥା ଆଧୁନିକ କୃଷିଭିତ୍ତିକ ବାଣିଜ୍ୟ ପ୍ରୋଜେକ୍ଟ ପାଇଁ ଜଙ୍ଗଲ ହଜିଯାଉଛି ନିଆଁର କରାଳ ଗର୍ଭରେ। ଗୋମାଂସର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଗୋପାଳନ ଫାର୍ମଗୁଡ଼ିକ ସମ୍ପ୍ରସାରିତ ହେବା ସହିତ ଚାରଣଭୂମି ପାଇଁ ଜଙ୍ଗଲ ସଫାର ମାଧ୍ୟମ ସାଜିଛି ଜଙ୍ଗଲ ନିଆଁ। ଏଣେ ଗୋସମ୍ପଦ ସମୁଦାୟ ପଶୁସମ୍ପଦ ନିର୍ଗତ କରୁଥିବା ସବୁଜଗୃହ ବାଷ୍ପ ମିଥେନର ୪୧ ପ୍ରତିଶତ ନିର୍ଗମନ କରନ୍ତି, ଯାହା ବିଶ୍ୱ ସମୁଦାୟ ମିଥେନ ନିର୍ଗମନର ୧୪.୫ ପ୍ରତିଶତ। ଏହି ପରିପ୍ରେକ୍ଷୀରେ ଆମାଜନ ଜଙ୍ଗଲରେ ନିଆଁ ପରୋକ୍ଷରେ ଗୋମାଂସ ଭକ୍ଷଣର ଚାହିଦା ବୃଦ୍ଧି ଯୋଗୁ ଘଟୁଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏଥିସହିତ କାଠମାଫିଆ, ଜମିମାଫିଆ ଓ ବେଆଇନ ଭାବେ ଜଙ୍ଗଲ ସଫାକରି କୃଷିଖେତ ସୃଷ୍ଟି କରିବାର ମାନସିକତା ଜଙ୍ଗଲ କ୍ଷୟକୁ ବିସ୍ଫୋରକ ସ୍ଥିତିକୁ ଠେଲିଦେଇଛି।

ପୃଥିବୀର କୋଣ ଅନୁକୋଣରେ ସଂଘଟିତ ହେଉଥିବା ପରିବେଶ ପରିପନ୍ଥୀ ପ୍ରକ୍ରିୟା ବିଶ୍ୱ ଜଳବାୟୁ ପରିବର୍ତ୍ତନ ପାଇଁ ଖୋରାକ ଯୋଗାଇ ଚାଲିଛି। ଏଣୁ ବିଶ୍ୱ ସମୁଦାୟ ଯାକୁ ଅଣଦେଖା କରିବାର ଅବକାଶ ଆଉ ନାହିଁ। ଆମାଜନ ପରି ବୃହତ୍ ଜଙ୍ଗଲ ପ୍ରଚଣ୍ଡ ଅଗ୍ନିର ଆଁକୁ ଠେଲି ହୋଇଯାଇଛି, ଯାହା ଜଙ୍ଗଲ କ୍ଷୟ, ଉତ୍ତାପ ବୃଦ୍ଧି, ଧୂମବଳୟ ପରିବ୍ୟାପ୍ତି ପରି ଗମ୍ଭୀର ସ୍ଥିତି ସୃଷ୍ଟି କରିଛି। ବିଶ୍ୱ ଜଳବାୟୁ ପାଇଁ ଏହା ସଦ୍ୟତମ ବିପଦ ଭାବେ ଉଭା ହୋଇଛି। ବ୍ରାଜିଲ ସମେତ ସମଗ୍ର ବିଶ୍ୱବାସୀ ଏହାର ନିରାକରଣ ନିମିତ୍ତ ଏକମନ, ଏକପ୍ରାଣ ହୋଇ ଆଗେଇ ନ ଆସିଲେ ଭବିଷ୍ୟତ ପାଇଁ ଏହା ମରଣାନ୍ତକ ସାଜିବ।

ବିଭାଗୀୟ ମୁଖ୍ୟ, ଭୂତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ମୋ-୯୮୬୮୨୮୩୪୭୨

## ଏଇ ଭାରତରେ

ଉତ୍ତରପ୍ରଦେଶ ମିର୍ଜାପୁରର ଅହୋରାହ ଥାନା ଅନ୍ତର୍ଗତ ବରାହୀ ଗାଁରେ ଦେଖିବାକୁ ମିଳେ ଏକ ଅଜବ ମେଳା। ଏହାକୁ ୩୫୦ ବର୍ଷର ପୁରୁଣା ମେଳା ବୋଲି କୁହାଯାଏ। ସ୍ଥାନୀୟ ଲୋକେ ଏହାକୁ ଭୂତମେଳା କୁହନ୍ତି। କାରଣ ଏଠାରେ ରାତିହେଲେ ଭୂତପ୍ରେତ ଚଳାଚଳ କରନ୍ତି ବୋଲି ଏହି ମେଳାର ନାମ ଏପରି ରଖାଯାଇଛି। ଦୀପାବଳି ପରେ ଏକାଦଶୀ ତିଥିରେ ୩ ଦିନ ଲାଗି ଏହି ମେଳା ଅନୁଷ୍ଠିତ ହୁଏ। ଏଠାରେ ଥିବା ଏକ ସମାଧିକୁ ପୂଜା କରାଯାଇଥାଏ। ଏହି ସମାଧି ହେଉଛି ବେଚୁବୀରଙ୍କର ଆଉ ଏହା ନିକଟରେ ରହିଛି ତାଙ୍କ ସ୍ତ୍ରୀ ବରାହୀଙ୍କ ସମାଧି। ଲୋକଙ୍କ ବିଶ୍ୱାସ ଅନୁଯାୟୀ ଯେଉଁମାନଙ୍କ ଉପରେ ଭୂତପ୍ରେତ ସବାର ହୋଇଥାଆନ୍ତି ତାକୁ ଦୂରେଇବା ପାଇଁ ଲୋକେ ଏଠାକୁ ଆସିଥାଆନ୍ତି। ବର୍ଷ ବର୍ଷ ଧରି ଏଠାକୁ ଆସୁଥିବା ଲୋକେ ସୁଫଳ ପାଆନ୍ତି ବୋଲି କୁହନ୍ତି। କେବଳ ସେତିକି ନୁହେଁ ଯେଉଁମାନଙ୍କର ସନ୍ତାନସନ୍ତତି ହେଉ ନ ଥାଏ ସେମାନେ ଏହି ମେଳାକୁ ଆସିଲେ ସେମାନଙ୍କ ମନସ୍କାମନା ପୂରଣ ହୋଇଥାଏ। କେବଳ ଅର୍ଦ୍ଧଶିକ୍ଷିତ ନୁହେଁ ବରଂ ଶିକ୍ଷିତ ଲୋକେ ମଧ୍ୟ ଏଠାକୁ ଆସି ପୂଜାର୍ଚ୍ଚନା କରୁଥିବା ଦେଖାଯାଏ।

## ଚିରନ୍ତନୀ

ନ ପାରଇ ବୁଝି କେହି ମୃଦୁ ପ୍ରାଣେ କିବା ଅନୁଭୂତି
ଲାଗେ ତା'ର ଅହରହ, ଆଣିଥାଏ ସେ କେଉଁ ବିଭୂତି,
କରିବାକୁ ଏ ଭୁବନ ପଥେ ନିବେଦନ
ଅଦଭୁତ କି ଉଦ୍‌ଭାବନ!

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୯୪

- ୧୫ଶ ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତାରେ ଭାରତ ୬ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ସହ ୫ମ ସ୍ଥାନ ହାସଲ କରିଛି।
- ପଶ୍ଚିମବଙ୍ଗର ମିଦିନାପୁର ଜିଲାରେ କେଲେଘାଇ ନଦୀରେ ନୌକା ବୁଡି ୩୭ ଜଣଙ୍କ ପ୍ରାଣହାନି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | B | | | | | | | | 6 | | | | |
| | 6 | | | | 5 | 0 | E | 2 | C | | 9 | | | |
| 9 | 5 | | | 4 | D | | 3 | | | 8 | 0 | | C | |
| 3 | | | | | | | | 4 | | | | | | E |
| | 8 | | 6 | | | | | D | 5 | 2 | | B | | |
| B | | 1 | | 6 | | C | | | | | | | | |
| | 4 | | C | D | | | 6 | 3 | 7 | | | | | |
| | | | | 2 | 3 | | A | | | D | | | | 8 |
| | 3 | 8 | 9 | | | | 2 | | E | | | | | 4 |
| | 0 | | | | 1 | | 8 | | 2 | | | A | | B |
| | | 0 | | | 8 | | | | | 1 | 6 | 7 | | |
| | | | | 9 | B | | | 0 | | 4 | | | | |
| 6 | A | 7 | | | | E | B | | | C | | 2 | | |
| 1 | | | | 5 | 7 | | | 9 | A | | | | | |
| | E | | | | | | C | | D | | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | C | 0 | 3 | E | D | 5 | 1 | B | 8 | 6 | A | 4 | 2 |
| 3 | E | 2 | 1 | D | A | 0 | 9 | B | 4 | C | 7 | 5 | 6 | 8 |
| 1 | 5 | 8 | 2 | 6 | B | 4 | C | 7 | 0 | A | D | 3 | E | 9 |
| 0 | 6 | B | 8 | 9 | 4 | A | 3 | 2 | 5 | E | 1 | C | D | 7 |
| D | 4 | A | 5 | 7 | C | 6 | E | 8 | 3 | 2 | 9 | B | 0 | 1 |
| A | 1 | 3 | D | 4 | 8 | 9 | 2 | C | 6 | 0 | 5 | E | 7 | B |
| 8 | 0 | D | 9 | 1 | 5 | E | B | 6 | A | 7 | 3 | 4 | 2 | C |
| E | 7 | 4 | 6 | A | 2 | 5 | 8 | 3 | C | D | B | 9 | 1 | 0 |
| B | C | 9 | 7 | E | 3 | 1 | 0 | A | 2 | 4 | 8 | D | 5 | 6 |
| 6 | 2 | 5 | B | C | 0 | 7 | D | 4 | 1 | 9 | E | 8 | A | 3 |
| 5 | 3 | 0 | C | 8 | D | B | 1 | E | 7 | 6 | A | 2 | 9 | 4 |
| 9 | D | 6 | 4 | 2 | 7 | C | A | 5 | 8 | 3 | 0 | 1 | B | E |
| 2 | B | 7 | E | 5 | 6 | 3 | 4 | 9 | D | 1 | C | 0 | 8 | A |
| C | 8 | E | A | B | 1 | 2 | 7 | 0 | 9 | 5 | 4 | 6 | 3 | D |
| 4 | A | 1 | 3 | 0 | 9 | 8 | 6 | D | E | B | 2 | 7 | C | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆୟୁଷ୍ମାନ ଭାରତକୁ ମନା କାହିଁକି

ମହାଶୟ,

ଓଡ଼ିଶା ସ୍ୱାସ୍ଥ୍ୟସେବାରେ ଏକ ପଛୁଆ ରାଜ୍ୟ। ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେତେଦୂର ସଫଳ ହେଉଛି ତାହା ସମସ୍ତଙ୍କୁ ଜଣା। ଏକ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଡାକ୍ତର ଓ ରୋଗୀ ଅନୁପାତ ୧:୧୦,୦୦୦। ଏହି ପରିସ୍ଥିତିରେ ଓଡ଼ିଶା ସରକାର କାହିଁକି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ସାମିଲ ହେଉନାହାନ୍ତି ? ଆୟୁଷ୍ମାନ ଯୋଜନା ବିଶ୍ୱର ଏକ ବଡ଼ ସ୍ୱାସ୍ଥ୍ୟ ଯୋଜନା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହାର ପ୍ରଶଂସା କରିଛି। ଏସବୁ ଦୃଷ୍ଟିରୁ ଓଡ଼ିଶା ଖୁବ୍‌ଶୀଘ୍ର ଏହି ଯୋଜନାରେ ସାମିଲ ହେବା ଉଚିତ। ଏହାଦ୍ୱାରା ଓଡ଼ିଶାବାସୀ ଉପକୃତ ହେବେ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ପାକ୍ ସେନାଧକ୍ଷଙ୍କ କାର୍ଯ୍ୟକାଳ ବୃଦ୍ଧି ଅନ୍ତରାଳେ

ପାକିସ୍ତାନର ଇମ୍ରାନ ଖାଁ ସରକାର ପାକ୍ ସେନାଧକ୍ଷ ଜାଭେଦ ବାଜୱାଙ୍କ କାର୍ଯ୍ୟକାଳ ହଠାତ୍ ତିନି ବର୍ଷ ବଢାଇଦେବା ବିସ୍ମୟଜନକ ମନେହୁଏ। ଅବସର ନେବାକୁ ଯାଉଥିବା ଜଣେ ସେନାଧକ୍ଷଙ୍କ କାର୍ଯ୍ୟକାଳ ବଢାଇ ସରକାରୀ ନିୟମ କାନୁନକୁ ଜାଣିଶୁଣି ଇମ୍ରାନ ଖାଁ ଉଲ୍ଲଂଘନ କରିଛନ୍ତି ବୋଲି କୁହାଯାଇପାରେ। ଏହା ସ୍ପଷ୍ଟ ଯେ, ସେନା ସହାୟତାରେ ଇମ୍ରାନ ଖାଁ ସରକାର ଗଢ଼ି ପାରିଛନ୍ତି। ସେନାକୁ ସନ୍ତୁଷ୍ଟ କରି ନିଜ ଗାଦିକୁ ସୁରକ୍ଷିତ ରଖିବା ପାଇଁ ସେ ସେନାଧକ୍ଷଙ୍କ କାର୍ଯ୍ୟକାଳ ବଢାଇଛନ୍ତି। ୩୭୦ ଧାରାକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଯେଉଁ ପ୍ରକାର ତିକ୍ତତା ସୃଷ୍ଟି ହୋଇଛି ଏଥିରେ ସାହାଯ୍ୟ କରିବା ପାଇଁ ଇମ୍ରାନ ଖାଁ ବାଜୱାଙ୍କ କାର୍ଯ୍ୟକାଳ ବଢ଼ାଇଛନ୍ତି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ,ପୁରୀ

### ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା

ରାଜ୍ୟ ସରକାର ୧୫ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଦୁଇଜଣ ଅବସରପ୍ରାପ୍ତ ଅଧିକାରୀଙ୍କ ପେନ୍‌ସନ ବନ୍ଦ କରିଦେଇଛନ୍ତି। ଏହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା (ଜିରୋ ଟଲରାନ୍ସ) ନୀତି କାର୍ଯ୍ୟରେ ପ୍ରତିଫଳିତ ହୋଇଛି। ତେବେ ରାଜ୍ୟ ପ୍ରଶାସନରେ ତାଳୁଠାରୁ ତଳିପା ପର୍ଯ୍ୟନ୍ତ ଦୁର୍ନୀତି ଏତେ ବ୍ୟାପିଯାଇଛି ଯେ, ସେ ତୁଳନାରେ ଏହି କାର୍ଯ୍ୟାନୁଷ୍ଠାନ ଆଦୌ ଯଥେଷ୍ଟ ନ ହେଲେ ମଧ୍ୟ ଏହା ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ କଠୋର ଆଭିମୁଖ୍ୟକୁ ପ୍ରମାଣିତ କରୁଛି। ଦଣ୍ଡିତ ହୋଇଥିବା ଏହି ଅଧିକାରୀ ଓ କର୍ମଚାରୀ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଦୋଷୀ ପ୍ରମାଣିତ ହୋଇସାରିଛନ୍ତି। ମାତ୍ର ରାଜ୍ୟସାରା ଯେଉଁ ହଜାର ହଜାର ଦୁର୍ନୀତିରେ ଲିପ୍ତ ଅଧିକାରୀ ଓ କର୍ମଚାରୀ ଅଛନ୍ତି, ସେମାନେ କିପରି ଦୁର୍ନୀତି ନିବାରଣ ବିଭାଗ ନଜରକୁ ଆସିବେ ତା' ଉପରେ ଗୁରୁତ୍ୱ ଦିଆଯାଉ। ଦୁର୍ନୀତି ବିରୋଧରେ ଆରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ ଏହି କଠୋର ଆଭିମୁଖ୍ୟ ଅଧିକ ବ୍ୟାପକ ହେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ମହାନଦୀ ସାଉଥ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଜଗତ୍‌ସିଂହପୁର ଜିଲା ରାଘୁନାଥପୁର ବ୍ଲକ ତାରପୁରସ୍ଥିତ ମହାନଦୀ ପୋଲର ସ୍ଲାବ ଜଏଣ୍ଟ ମୁଣ୍ଡରେ ଗର୍ତ୍ତ ସୃଷ୍ଟି ହୋଇଛି । ଗୁରୁବାର ଡ୍ରୋନ କ୍ୟାମେରା ମାଧ୍ୟମରେ ବିଭାଗ ପକ୍ଷରୁ ଏହି ପୋଲର ସର୍ବେକ୍ଷଣ କରାଯାଇଛି ।

## ସଂକ୍ଷେପରେ

### ଯୁକ୍ତ ୨ ବହି ଆଉ ଛାପିବନି ଟେକ୍ସ୍ଟ ବୁକ୍ ଅଫ ବ୍ୟୁରୋ

ଭୁବନେଶ୍ୱର,୨୯।୮(ବ୍ୟୁରୋ): ଟେକ୍ସ୍ଟ ବୁକ୍ ଅଫ ବ୍ୟୁରୋ ଅଫିସ୍ କାର୍ଯ୍ୟାଳୟଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଉଚ୍ଚଶିକ୍ଷା ବିଭାଗ ସଚିବ, ଟେକ୍ସ୍ଟ ବୁକ୍ ଅଫ୍ ବ୍ୟୁରୋର ନିର୍ଦ୍ଦେଶକ ଏବଂ ସଦସ୍ୟମାନେ ଉପସ୍ଥିତ ରହି ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟାଳୟରେ ବିଶ୍ୱବିଦ୍ୟାଳୟ, ଯୁକ୍ତ ୨ ଆଦି ବିଭିନ୍ନ ପିଲାଙ୍କ ପରୀକ୍ଷା ପେପରଠାରୁ ଆରମ୍ଭ କରି ବହି ଆଦି ଛପା ଯାଇଥାଏ। ବର୍ତ୍ତମାନ ଏହି କାର୍ଯ୍ୟାଳୟ ପକ୍ଷରୁ ୧୪କୋଟି ଟଙ୍କାର ବହି ଛପାଯାଇଛି। ଏହି ବହିଗୁଡିକ କିପରି ଠିକ୍ ଭାବରେ ବଣ୍ଟାଯାଇପାରିବ ସେନେଇ ବିଶେଷତଃ ଆଲୋଚନା କରାଯାଇଛି। ପୂର୍ବରୁ ଟେକ୍ସ୍ଟ ବୁକ୍ ଅଫ୍ ବ୍ୟୁରୋ ଦ୍ୱାରା ଯୁକ୍ତ ୨ ପିଲାଙ୍କ ପାଠ୍ୟ ପୁସ୍ତକ ଛପାଯାଉଥିଲା। କିନ୍ତୁ ଆଗକୁ ଆଉ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ବହି ଛପାଯିବ ନାହିଁ ବୋଲି ଜଣାପଡିଛି। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଗଣଶିକ୍ଷା ବିଭାଗ ସେମାନଙ୍କ ବହି ଛାପିବା ବ୍ୟବସ୍ଥା ନିଜସ୍ୱ ମାଧ୍ୟମରେ କରିବାକୁ ସ୍ଥିର କରିଥିବା ଜଣାପଡିଛି। ଅନ୍ୟପଟେ ଟେକ୍ସ୍ଟ ବୁକ୍ ଅଫ୍ ବ୍ୟୁରୋ ଚଳିତ ବର୍ଷ ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ଲାଗି ମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି। ଏନେଇ ବିଧିବଦ୍ଧ ଭାବରେ କୌଣସି ନିର୍ଦ୍ଦିଷ୍ଟ ତାରିଖ ଠିକ୍ ହୋଇ ନ ଥିବା ବେଳେ ଏହା ଖୁବ୍‌ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

### ହୋଟେଲ ରୁମ୍‌ରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୨୯।୮- ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ରେଳ ଷ୍ଟେଶନ ନିକଟ ଏକ ହୋଟେଲରୁ ଗୁରୁବାର ଜଣେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ନାଁ ଧୀରଜ ବର୍ମା (୩୨), ଘର ରାଜଗାଙ୍ଗପୁର। ଦୁଇଦିନ ହେବ ସେ ବ୍ୟବସାୟିକ କାମରେ ଆସି ଏହି ହୋଟେଲରେ ରହୁଥିଲେ। ଗୁରୁବାର ସକାଳ ପର୍ଯ୍ୟନ୍ତ ତାଙ୍କ ରୁମ୍ ନ ଖୋଲିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ପୋଲିସ ହୋଟେଲରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପରିବାର ଲୋକେ ମଧ୍ୟ ଆସି ରାଉରକେଲାରେ ପହଞ୍ଚିଛନ୍ତି। କୁହାଯାଉଛି ଯେ ଧୀରଜ ଜଣେ ଅଳଙ୍କାର ବ୍ୟବସାୟୀ। ସେ ଋଣ ଭାରରେ ବୁଡ଼ିରହି ମାନସିକ ଚାପରେ ଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୨/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ବିଦ୍ୟାଳୟ ପରିସର ସଫା କଲେ, ପିଲାଙ୍କୁ ପଢ଼ାଇଲେ

#### ଖାଦ୍ୟର ମାନ ନେଇ ସରପଞ୍ଚ ଖପ୍ପା


ଅଙ୍ଗନୱାଡି କେନ୍ଦ୍ରରେ ସରପଞ୍ଚ ପ୍ରମିଳା ନାଏକ ପିଲାଙ୍କୁ ପାଠ ପଢ଼ାଉଛନ୍ତି।

ଅନୁଗୋଳ ଅଫିସ, ୨୯।୮- ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଜାମୁନାଳୀ ପଞ୍ଚାୟତ ସରପଞ୍ଚ ପ୍ରମିଳା ନାଏକ ଗୁରୁବାର ଜାମୁନାଳୀ ବିଦ୍ୟାଳୟ ପରିସର ସଫେଇ କରାଇବା ସହ ସେଠାରେ ଥିବା ଅଙ୍ଗନୱାଡ଼ି ପିଲାଙ୍କୁ ପାଠ ପଢ଼ାଇ ଚର୍ଚ୍ଚାକୁ ଆସିଛନ୍ତି। ତେବେ ଅଙ୍ଗନୱାଡି ପିଲାଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଖାଇବା ପରେ ଏହା ଉନ୍ନତମାନର ହୋଇ ନ ଥିବାରୁ ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରପଞ୍ଚଙ୍କ ଏପରି କାର୍ଯ୍ୟକୁ ପଞ୍ଚାୟତବାସୀ ପ୍ରଶଂସା କରିଛନ୍ତି। ଦୁଇ ଦିନ ତଳେ ସରପଞ୍ଚ ନାଏକ ଜାମୁନାଳୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବା ବେଳେ ବିଦ୍ୟାଳୟ ପରିସର ଅସ୍ୱାସ୍ଥ୍ୟକର ଥିବା ଦେଖିବାକୁ ପାଇଥିଲେ। ଗୁରୁବାର ସକାଳେ ଗାଁ ଲୋକଙ୍କୁ ଡାକି ସେ ସ୍କୁଲ ପରିସର ସଫା କରାଇଥିଲେ। ସେଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ଦିଦି ଟ୍ରେନିଂରେ ଯାଇଥିବାରୁ ସରପଞ୍ଚ ନାଏକ କୁନି କୁନି ପିଲାଙ୍କୁ ଏକ ଘଣ୍ଟା ଧରି ପାଠ ପଢ଼ାଇଥିଲେ। ପରେ ପିଲାଙ୍କ ପାଇଁ ରୋଷେଇ ହୋଇଥିବା ଖାଦ୍ୟର ମାନ ପରଖିବା ପାଇଁ ପିଲାଙ୍କ ସହ ବସି ଖାଇଥିଲେ। ତେବେ ପିଲାଙ୍କୁ ଦିଆଯାଇଥିବା ଭାତ ସହ ଆଳୁ ତରକାରି ଓ ଅଣ୍ଡା ଝୋଳ ନିମ୍ନମାନର ହୋଇଥିବା ଜାଣି ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଭାତ ଜାଉ ଭଳି ହୋଇଥିବା ବେଳେ ଆଳୁ ଝୋଳ ଖାଲି ପାଣି ପରି ଲାଗୁଥିଲା। ଏପରି କି ତରକାରିରେ ସ୍ୱାଦ ନ ଥିବାବେଳେ ଅଲଣା ଥିଲା। ଏ ନେଇ ଦାୟିତ୍ୱରେ ଥିବା କର୍ମୀଙ୍କୁ ସେ ତାଗିଦ କରିଥିଲେ। ଆଗକୁ ଏପରି ହେଲେ ପ୍ରଶାସନକୁ ଚିଠି ଲେଖି ଅବଗତ କରିବେ ବୋଲି ମଧ୍ୟ ସରପଞ୍ଚ ନାଏକ ଚେତାବନୀ ଦେଇଥିଲେ।

# ବିଳମ୍ବରେ ପହଞ୍ଚୁଥିବା କର୍ମଚାରୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

## ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟି ଜାରି କଲେ ନିର୍ଦ୍ଦେଶନାମା

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ରାଜ୍ୟ ସରକାର କର୍ମଚାରୀଙ୍କ ପାଇଁ କାର୍ଯ୍ୟାଳୟରେ ପହଞ୍ଚିବା ଲାଗି ସକାଳ ୧୦ଟା ଏବଂ ଫେରିବା ସମୟ ଅପରାହ୍ଣ ୫ଟା ୩୦ ମିନିଟ ଧାର୍ଯ୍ୟ କରିଛନ୍ତି। ଏହି ସମୟ ପରେ ଆସୁଥିବା ଏବଂ ପୂର୍ବରୁ ଯାଉଥିବା କର୍ମଚାରୀମାନଙ୍କୁ ଅନୁପସ୍ଥିତ ବୋଲି ଧରି ନିଆଯିବ। ଦିନକୁ କାର୍ଯ୍ୟାଳୟରେ କର୍ମଚାରୀମାନେ ଅତି କମରେ ସାଢ଼େ ୭ ଘଣ୍ଟା ରହିବାକୁ ବାଧ୍ୟ। ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ସମସ୍ତ କର୍ମଚାରୀଙ୍କ ପାଇଁ ଗୋଟିଏ ନିୟମ କରାଯାଇଛି। ମାତ୍ର କେତେକ କର୍ମଚାରୀ ଏହି ନିର୍ଦ୍ଦେଶନାମାକୁ ବେଖାତିର କରି ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଜଣାପଡିଛି। ବିଳମ୍ବରେ ଆସୁଥିବା କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଜିଷ୍ଟ୍ରାର କୋ ଅପରେଟିଭ ସୋସାଇଟି ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ରେଜିଷ୍ଟ୍ରାର ବିଭୂତିଭୂଷଣ ପଟ୍ଟନାୟକ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେତେକ କର୍ମଚାରୀ ନିୟମିତ ଭାବେ ବିଳମ୍ବରେ ଆସୁଛନ୍ତି। ଯେଉଁମାନେ ବିଳମ୍ବରେ ଆସୁଛନ୍ତି ସେମାନଙ୍କୁ ଅନୁପସ୍ଥିତ ଭାବେ ଧରି ନିଆଯିବ। ଏଥିସହିତ ଯେଉଁମାନେ ବିନାନୁମତିରେ ଅନୁପସ୍ଥିତ ରହୁଛନ୍ତି ସେମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଚାରୀଙ୍କ ଉପସ୍ଥାନ ରେଜିଷ୍ଟରକୁ ପ୍ରତ୍ୟେକ ଦିନ ୧୦ଟା ୩୦ ସୁଦ୍ଧା ରେଜିଷ୍ଟ୍ରାରଙ୍କ ନିକଟରେ ଯାଞ୍ଚ କରିବା ପାଇଁ ରଖିବାକୁ ପ୍ରତ୍ୟେକ ବିଭାଗର ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗତ ସଚିବସ୍ତରୀୟ ବୈଠକରେ ମଧ୍ୟ ସଚିବମାନଙ୍କୁ କର୍ମଚାରୀଙ୍କ ଉପସ୍ଥାନକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ କର୍ମଚାରୀମାନେ ଏହି ନିର୍ଦ୍ଦେଶନାମାକୁ ମାନୁନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ଚାକିରି ପ୍ରଲୋଭନ ଦେଖାଇ ୪୦ ଲକ୍ଷ ଟଙ୍କା ଠକେଇ

ଭବାନୀପାଟଣା,୨୯।୮(ଡି.ଏନ.ଏ.)

ଭବାନୀପାଟଣାର ଜଣେ ୱେସ୍କୋ ଲାଇନ୍‌ମ୍ୟାନ ଚାକିରୀ ପ୍ରଲୋଭନ ଦେଖାଇ ଏକାଧିକ ଯୁବକଙ୍କଠାରୁ ପ୍ରାୟ ୪୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ନାମ ଜ୍ୟୋତି ରଞ୍ଜନ ସାମଲ । ତାଙ୍କ ବିରୋଧରେ ବିଭିନ୍ନ ଥାନାରେ ଅଭିଯୋଗ ହେବା ପରେ ସେ ଗତ ୪ ମାସ ହେଲା ଫେରାର ଥିବା ଜଣାପଡିଛି। ଏ ନେଇ ପୋଲିସ ତନାଘନା କରିବା ବଦଳରେ ହାତବାନ୍ଧି ବସିଥିବା ଠକେଇ ଶିକାର ଯୁବକମାନେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ମୁତାବକ, ୱେସ୍କୋର କଳାହାଣ୍ଡି ଜିଲା ଭବାନୀପାଟଣା ପୂର୍ବ ବିଦ୍ୟୁତ୍ ମଣ୍ଡଳ ଅନ୍ତର୍ଗତ ସେକ୍ସନ-୩ରେ ଲାଇନମ୍ୟାନ-ସି ଭାବେ କାମ କରନ୍ତି ଜ୍ୟୋତିରଞ୍ଜନ। ସେ ଭବାନୀପାଟଣା ସହର ବଡପଡାର ମଦନ କୁମ୍ଭାରଙ୍କୁ ଚାକିରି ଦେବେ ବୋଲି କହି ୨୦୧୭ ଡିସେମ୍ବର ୨୬ରେ ୫୦ ହଜାର ଟଙ୍କା ନେଇଥିଲେ । ଚାକିରି ନ ମିଳିବାରୁ ମଦନ ଟଙ୍କା ଫେରସ୍ତ ମାଗିଥିଲେ। ଜ୍ୟୋତିରଞ୍ଜନ ତାଙ୍କୁ ଠକି ଚାଲିଥିଲେ। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଗତ ଅଗଷ୍ଟ ୨୦ ତାରିଖରେ ମଦନ ଲିଖିତ ଅଭିଯୋଗ କରିଥିଲେ। ସେହଭଳି ଜ୍ୟୋତିରଞ୍ଜନ ଅନେକ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ସଦର ଥାନାରେ ଏ ନେଇ ୭ରୁ ଅଧିକ ଲିଖିତ ଅଭିଯୋଗ ହୋଇଛି। ଜ୍ୟୋତିରଞ୍ଜନ ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କା ହଡପ କରି ଫେରାର ହୋଇଥିବା ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ ଏତଲା ଦାଏର ନ କରି ଚୁପ ବସିଛି। ଏ ସମ୍ପର୍କରେ ସଦର ଥାନା ଆଇଆଇସିଙ୍କୁ ପଚାରିବାରୁ ଏ ନେଇ ଅଭିଯୋଗ ଆସିଛି, କିନ୍ତୁ ଅଭିଯୋଗକାରୀମାନେ ବୁଝାମଣା ପାଇଁ ଆଲୋଚନା କରିଥିବା କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଣ୍ଡ ନରେନ୍ଦ୍ର**
**ପିଠି ଅରକ୍ଷିତ ।**

ରଜାଳିଆ କଥାବାର୍ତ୍ତା । କିନ୍ତୁ ଘରେ ଏତେ ଅଭାବ ଯେ କହିଲେ ନ ସରେ। ସମ୍ବଳ ଅଭାବରୁ ପିଠିରେ ଟିକିଏ ତେଲ ବାଜୁନି କି ଘୋଡ଼େଇହେବାକୁ ଖଣ୍ଡେ କପଡ଼ା ନାହିଁ। ଏପରିସ୍ଥଳେ ଦରିଦ୍ର ବ୍ୟକ୍ତି ତୁଣ୍ଡାଟାରେ ନିଜ ବଡ଼ଲୋକି ଦେଖେଇହେବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ତୁଚ୍ଛା କଥା**
**ତୁଚ୍ଛା କଥାରେ ଏତେ ହୀନସ୍ତା ।**

କଥା ନିହାତି ମାମୁଲି, ଅର୍ଥହୀନ ପରନ୍ତୁ ସେଇ କଥାରେ ମାତି ସମସ୍ତେ ଅସ୍ତବ୍ୟସ୍ତ, ହଇରାଣ ହରକତ। ସାଧାରଣତଃ ଅଯଥା ବା ମୂଲ୍ୟହୀନ କଥାକୁ ଅଧିକ ଗୁରୁତ୍ୱ ଦେବା ଉଚିତ ହୋଇ ନ ଥାଏ। ମୂଲ୍ୟହୀନ କଥାଶୁଣି ମନ ଖରାପ କରିବାରେ ଲାଭ କିଛି ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ରାଉରକେଲା ଅଫିସ,୨୯।୮

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଲୋହରା ବସ୍ତି ଅଞ୍ଚଳରେ ରହୁଥିବା ଜଣେ ୧୩ ବର୍ଷୀୟ ବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ସେହି ବସ୍ତିର ହାବିଲ ହଂସ (୪୦)ଙ୍କୁ ଗିରଫ କରିଛି। ଘଟଣା ବୁଧବାର ବିଳମ୍ବିତ ରାତିରେ ଘଟିଛି। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୨୬୪/୨୦୧୯) ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା କରାଇଛି। ନାବାଳିକାଙ୍କ ମା' ବାପା ଦିନମଜୁରିଆ। କିଛିଦିନ ହେବ ହାବିଲ ନାବାଳିକାଙ୍କୁ ବିଭିନ୍ନ ବାଟରେ ପ୍ରଲୋଭିତ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ବଳାତ୍କାର କରିଥିବା ସୂଚନା ମିଳିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଇଣ୍ଡସ୍ ଫାଇନାନ୍ସ ଲି:
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004611
8394004898

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

FINANCE
UNB ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ବେରୋଜଗାର ଏବଂ ସମସ୍ତ ଋଣ ମାତ୍ର ୫ ଘଣ୍ଟାରେ ଘରେବସି ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
7298510688
7055901278

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

FINANCE
Regd. ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୧୨ ଘଣ୍ଟାରେ । ୧% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ଠକ ମାନଙ୍କୁ ସାବଧାନ
ଥରେ ନିଶ୍ଚୟ ସଂମ୍ପର୍କ କରନ୍ତୁ
8278077123
8607378206

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲି:
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

!!ଋଣ ଋଣ ଋଣ!!
୧ରୁ ୩୦ ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, ପଶୁପାଳନ, ମାଛ ଚାଷ, ଆଧାର କାର୍ଡ, ରାଶନ କାର୍ଡ, ସମସ୍ତ ପ୍ରକାର ଋଣ ୨୪ ଘଣ୍ଟାରେ ଘରେ ବସି ଉପଲବ୍ଧ।
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ୫୦% ରିହାତି, ୧% ସୁଧ ୫୦% ରିହାତି।
!! PRAYAS FINANCE !!
Email : prayasfinance6@gmail.com
9938314547
Tribhuban Tower-16, 14/46, Sabji Mundi Road, Near SBI
Corporate Office : Rajhat, Gujurat - 360001

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ - ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

DHARITRI Career appointment Every Wednesday and Saturday


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅକ୍ଟୋବର ୨୦ ସୁଦ୍ଧା ଓସିଏ ନିର୍ବାଚନ

କଟକ ଅଫିସ, ୨୯।୮




ଆସନ୍ତା ଅକ୍ଟୋବର ୨୦ ତାରିଖ ମଧ୍ୟରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନିର୍ବାଚନ ହେବ। ଏ ନେଇ ଗୁରୁବାର ଓସିଏର ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ପ୍ରେସ ବିଜ୍ଞପ୍ତି ଜାରି କରିଛନ୍ତି। ଓସିଏ ନିର୍ବାଚନକୁ ନେଇ ଏବେ ଏହା ହେଉଛି ସବୁଠାରୁ ବଡ଼ ଘୋଷଣା। ଗୁରୁବାର ନିର୍ବାଚନ ଅଧିକାରୀ ମାଖନଲାଲ କିଛିଦିନ ନିମନ୍ତେ ବିହାର ଫେରି ଯାଇଥିବା ବେଳେ ଉକ୍ତ ଘୋଷଣା ରାଜ୍ୟ କ୍ରିକେଟ ସଂଗଠକଙ୍କ ମହଲରେ ଆଲୋଡନ ସୃଷ୍ଟି କରିଛି। ଅକ୍ଟୋବର ୨୨ରେ ହେଉଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର କର୍ମକର୍ତ୍ତା ନିର୍ବାଚନ। ଏହା ପୂର୍ବରୁ ରାଜ୍ୟ ସଂଘର ନିର୍ବାଚନ ଶେଷ କରିବାକୁ ଚେଷ୍ଟା କରାଯାଉଛି। କୌଣସି ନିର୍ଦ୍ଦିଷ୍ଟ ତାରିଖ ନିର୍ଦ୍ଧାରଣ ହୋଇ ନ ଥିଲେ ମଧ୍ୟ ଅକ୍ଟୋବର ୧୭ରୁ ୨୦ ତାରିଖ ମଧ୍ୟରେ ଏହା ହେବା ନିଶ୍ଚିତ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ନୂତନ ସମ୍ବିଧାନରେ ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡ଼ିକ ନିଜର ପ୍ରତିନିଧି ତାଲିକା ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ଅପରାହ୍ନ ୪ଟା ସୁଦ୍ଧା ପଠାଇବାକୁ ନିର୍ବାଚନ ଅଧିକାରୀ ମାଖନଲାଲଙ୍କ ନିର୍ଦ୍ଦେଶ ରହିଛି।

ଓସିଏ ନିର୍ବାଚନ ନେଇ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର ହୋଇ ନ ଥିଲେ ବି ଏହା ଏକ ପ୍ରକାର ନିର୍ବାଚନୀ ବିଗୁଲ ବୋଲି କୁହାଯାଇପାରେ। ଆଶାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଏବେଠାରୁ ଆରମ୍ଭ ହୋଇଯିବ। ସେପ୍ଟେମ୍ବର ୧୨ ମଧ୍ୟରେ ଅନୁବନ୍ଧିତ ୟୁନିଟଗୁଡ଼ିକ ପ୍ରତିନିଧି ତାଲିକା ପଠାଇବେ। ଏହି ତାଲିକାରୁ ହିଁ ବଛାଯିବେ ଓସିଏର ଆଗାମୀ ଉତ୍ତରାଧିକାରୀ। ଏଣୁ ପ୍ରତିନିଧି ବାଛିବା ହିଁ ସମସ୍ତ ଅନୁବନ୍ଧିତ ୟୁନିଟ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ଓସିଏର ନୂତନ ସମ୍ବିଧାନରେ ସଦସ୍ୟ ସଂଖ୍ୟା ହେଉଛି ୭୩। ୩୦ଟି ଜିଲା, ୨୦ କ୍ଲବ, ୧୦ ସ୍କୁଲ, ୫ କଲେଜ, ଭୁବନେଶ୍ୱର, ରାଉରକେଲା, ରେଲୱେ, ପାରାଦୀପ ଓ କିଟ୍ ଆଦି ଜଣେ ଲେଖାଏ ସଦସ୍ୟଙ୍କ ନାମ ପଠାଇଲେ ଭୋଟରଙ୍କ ସଂଖ୍ୟା ୭୦ ହେବ। ଏହାଛଡ଼ା ସଦସ୍ୟ ଭାବେ ସାମିଲ ହୋଇଥିବା ୩ ଅନ୍ତର୍ଜାତୀୟ ଖେଳାଳି ଶିବ ସୁନ୍ଦର ଦାସ, ସଞ୍ଜୟ ରାଉଳ ଓ ଦେବାଶିଷ ମହାନ୍ତି ମଧ୍ୟ ଏହି ପ୍ରକ୍ରିୟାରେ ଭୋଟ ଦେବେ। ଅକ୍ଟୋବର ୨୦ ମଧ୍ୟରେ ୬ଟି ପଦବୀର ନିର୍ବାଚନ କରାଯିବ। ଏଗୁଡ଼ିକ ହେଲା ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ କାଉନସିଲ ମେମ୍ବର। ଏହା ପରେ ଖେଳାଳି ସଂଘରୁ ଜଣ ଲେଖାଏ ନିର୍ବାଚିତ ହେବା ବେଳେ ଏଜି ଗୋଟିଏ ପଦବୀରେ ରହିବେ। ମୋଟ ୯ଜଣଙ୍କୁ ନେଇ ଓସିଏ ପରିପୂର୍ଣ୍ଣ ହେବ। ଖେଳାଳି ସଂଘରୁ ଜଣେ ଲେଖାଏ ପୁରୁଷ ଓ ମହିଳା ଖେଳାଳି ନିର୍ବାଚନ ମାଧ୍ୟମରେ ଓସିଏର ପଦବୀରେ ଅବସ୍ଥାପିତ ହେବେ।

# ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)



ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଗୁରୁବାର ଘାଟିକିଆସ୍ଥିତ ଆପିଜୟ ସ୍କୁଲ ପରିସରରେ ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଏସ୍‌ଏସ୍‌ଏସ୍‌ଏଫ୍) ପକ୍ଷରୁ ଏହାର ପାଇଲଟ୍ ପ୍ରୋଜେକ୍ଟ 'ଫିଟ୍‌ନେଶ ଓ ସ୍ପୋର୍ଟ୍ସ' ଉଦ୍‌ଘାଟିତ ହୋଇଯାଇଛି। ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଣେଶ ଚନ୍ଦ୍ର ଜେନା ଓ ଆପିଜୟ ସ୍କୁଲର ପ୍ରିନ୍ସିପାଲ ସ୍ମିତା ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଏହି ଅବସରରେ ଉପସ୍ଥିତ ରହିଥିଲେ। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ପଦ୍ମଶ୍ରୀ ଦିଲୀପ ତିର୍କୀ ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ସହ ଫିଟ୍‌ନେଶ, ସ୍ପୋର୍ଟ୍ସ ଉପରେ ଆଲୋଚନା କରିଥିଲେ। 'ଖେଳକୁ ପ୍ରଫେଶନଭାବେ ନ ଗ୍ରହଣ କରିଏହାକୁ ଫିଟ୍ ରହିବା ପାଇଁ ଖେଳିବାକୁ' ଛାତ୍ରୀଛାତ୍ରମାନଙ୍କୁ ଦିଲୀପ ଉପଦେଶ ଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର ପୂର୍ବତନ ଆସିଷ୍ଟାଣ୍ଟ ନିର୍ଦ୍ଦେଶକ ଅଶୋକ ମହାନ୍ତି ଛାତ୍ରୀଛାତ୍ରଙ୍କ ଆଦ୍ୟ ଜୀବନ (୬ରୁ ୧୨ ବର୍ଷ)ରେ ଫିଟ୍‌ନେଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନର ନିର୍ଦ୍ଦେଶକ ତଥା ଭାରତର ଅନ୍ୟତମ ପ୍ରତିଷ୍ଠିତ ଫିଜିଓଥେରାପିଷ୍ଟ ମୁକ୍ତିପ୍ରସାଦ ଦାଶ ଗୋଟିଏ ଦିନ ପୂର୍ବରୁ ହୋଇଥିବା ଟେଷ୍ଟର ରିପୋର୍ଟ ଏହି ଅବସରରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ସପୋର୍ଟ ସ୍କୁଲ ସ୍ପୋର୍ଟ୍ସ ଫାଉଣ୍ଡେଶନର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଉନ୍ନତ ଫିଟ୍‌ନେଶ ପାଇଁ ଏହି ସ୍କୁଲର ୩ଜଣଙ୍କୁ ମୁଖ୍ୟ ଅତିଥି ପଦକ ପ୍ରଦାନ କରିଥିଲେ। ଏସ୍‌ଏସ୍‌ଏସ୍‌ଏଫ୍ ଅନ୍ୟତମ ନିର୍ଦ୍ଦେଶକ ଚେତନ ଭୂୟାଁ ଏହି ଅବସରରେ ଧନ୍ୟବାଦ ଅର୍ପଣ କରିଥିଲେ। ସୌର୍ଯ୍ୟ ରଞ୍ଜନ ପରିଜା, ଅରବିନ୍ଦ ମିତ୍ର, ହେମନ୍ତ ଜେନା ଓ ଜ୍ୟୋତିପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫୁଟ୍‌ବଲ, କବାଡ଼ି, ଖୋ ଖୋ ପ୍ରତିଯୋଗିତା


ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଅନୁଷ୍ଠିତ ଫୁଟ୍‌ବଲ, କବାଡି ଓ ଖୋ ଖୋ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିଙ୍କ ସହ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଗୁରୁବାର ୟୁନିଟ-୯ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଫୁଟବଲ, କବାଡ଼ି, ଖୋ ଖୋ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ୟୁନିଟ-୯ ଓ ଘାଟିକିଆ ମଧ୍ୟରେ ଏକ ବାଳିକା ଫୁଟବଲ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିଟ-୯ ବିଜୟ ହାସଲ କରିଥିଲା। ଖୋ ଖୋରେ ମଧ୍ୟ ୟୁନିଟ-୯ ଦଳ ବିଜୟୀ ହୋଇଥିଲା। ଖେଳ ସମ୍ପର୍କିତ ଜ୍ଞାନ ପରୀକ୍ଷାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୟୁନିଟ-୬ ଆଥଲେଟିକ୍ ଆସୋସିଏଶନର ଉପ ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ସମ୍ପାଦକ ଦିଲୀପ କୁମାର ଦାସ, ୟୁନିଟ-୯ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ପଞ୍ଚାନନ ପ୍ରଧାନ, ହର୍ଷମଣି ସ୍ୱାଇଁ, ସାକିନା, ଉର୍ମିଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସଞ୍ଜୀବ ରାଜପୁତଙ୍କୁ ଅଲିମ୍ପିକ କୋଟା

ରିଓ ଡି' ଜେନିରୋ, ୨୯।୮ (ପି.ଟି.)

ଏଠାରେ ଚାଲିଥିବା ଶୁଟିଂ ବିଶ୍ୱକପ୍‌ରେ ଭାରତର ସଞ୍ଜୀବ ରାଜପୁତ ଗୁରୁବାର ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ରୌପ୍ୟପଦକ ଲାଭ କରିଛନ୍ତି। ଏଥି ସହିତ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତ ତରଫରୁ ୮ମ କୋଟା ହାସଲ କରିଛନ୍ତି। ୮ଜଣ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ୩୮ ବର୍ଷୀୟ ସଞ୍ଜୀବ ୪୬୨.୦ ପଏଣ୍ଟ ସ୍କୋର କରି କ୍ରୋଏସିଆର ପିଟର ଗୋର୍ସା (୪୬୨.୨)ଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଚାଇନାର ଝାଙ୍ଗ ଚାଙ୍ଗ୍‌ହଙ୍ଗ୍‌ଙ୍କୁ ବ୍ରୋଞ୍ଜ ପଦକ ମିଳିଥିଲା।

# ଫାଇନାଲରେ ସୈନିକ ସ୍କୁଲ

ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ରବି କୁମାର

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ପ୍ରଥମ ଦଳ ଭାବେ ସୈନିକ ସ୍କୁଲ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସୈନିକ ସ୍କୁଲ ୧-୦ ଗୋଲରେ ଶ୍ରୀ ଅରବିନ୍ଦ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୂରଜ ସୁନ୍ଦର ଦିଗାଲ ଏକମାତ୍ର ଗୋଲସ୍କୋର କରିଥିଲେ। ମ୍ୟାଚ୍ ଶେଷରେ ହକି ଗାଙ୍ଗପୁର ସଭାପତି ଦେବାଶିଷ ଗୌଡ଼ ଅତିଥି ଭାବେ ଯୋଗଦେଇ ବିଜୟୀ ସୈନିକ ସ୍କୁଲର ରବି କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଦିଗ୍‌ବିଜୟ ଦାସ, କୀର୍ତ୍ତି ଆର୍. ସ୍ୱାଇଁ, ଲକ୍ଷ୍ମୀ ପ୍ରସାଦ ଓ ସରୋଜ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ।

Estd. - 2009
A Government Engineering College
E-mail - pmecbam@gmail.com
Website - www.pmec.ac.in

**PARALA MAHARAJA ENGINEERING COLLEGE**

*(A constituent college of Biju Patnaik University of Technology, Odisha, Rourkela)*
SITALAPALLI: BERHAMPUR: DIST.:- GANJAM: PIN - 761003

No. PMEC/Estt./ 1703 Date:- 27.08.2019

**TENDER FOR RUNNING OF MESS IN DIFFERENT HOSTELS**
Bid Ref No. PMEC/WH/2019/TENDER/01 Date:- 26/08/2019

Sealed tenders are invited from the registered caterer with valid GST No. and PAN for running of Mess in different Hostels of this college for a period one year. The tender document is available in the college website i.e. **www.pmec.ac.in**.

The undersigned reserve the right to extend the date and accept and reject any or all tenders without assigning any reason thereof.

Sd/-
Principal
PMEC, Berhampur

**BHUBANESWAR MUNICIPAL CORPORATION**

**No.23809 COMPETITIVE BIDDING THROUGH e-Procurement Dt.28/08/19**

**NOTICE INVITING TENDER**
**Bid Reference No. BMC-EE DIV-1-04/2019-20, Dt.28.08.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-I, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under BMC are also eligible to participate for the works having estimated cost up to Rs.4.00 lakhs.

Only the Bid Reference No. **(BMC-EE DIV-I-04/2019-20)** should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information mentioned in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, Sri S.C Mallia, HA-cum-Acct., BMC Division No.I (Tel. No.9861094727) (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **11** Nos.
2. Place of Execution : Different locations under **Division-1** of Bhubaneswar Municipal Corporation
3. Estimated Cost of Individual Work: **Rs. 239457/- to Rs.6432714/-**
4. Eligible Class of Contractors –: Registered Contractors of **Class-'D' to Class-'A'** as indicated against each work mentioned in the tender call notice and **BMC Contractors** for the works having estimated cost up to Rs.4.00 lakhs only.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 01.09.2019 to 5 P.M of 10.09.2019** for online bidding.
8. Bids received will be opened from e-procurement system at **4.30 P.M onwards on 11.09.2019.**
9. The bidder must possess valid and Compatible **Digital Signature Certificate (DSC).**
10. Further details are available in the DTCN. The DTCN **for 11 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer,**
**BMC Division No.-I**

**Progress Through Partnership for a Better Bhubaneswar**

# ଆସନ୍ତା ବର୍ଷ ରେକର୍ଡ ୨୨ ଫର୍ମୁଲାୱାନ

ସ୍ପା-ଫ୍ରାଙ୍କରଚାମ୍ପ୍ସ (ବେଲଜିୟମ), ୨୯।୮ (ଏଏଫ୍‌ପି)

ଆସନ୍ତାବର୍ଷ ଫର୍ମୁଲା ୱାନ ସିଜନରେ ରେକର୍ଡ ୨୨ଟି ରେସ୍ ଆୟୋଜିତ ହେବ। ଭିଏତ୍‌ନାମ ଚାମ୍ପିୟନଶିପ୍‌ରେ ନୂତନଭାବେ ଯୋଗ ଦେବ। ଡଚ୍ ଗ୍ରାଁ ପ୍ରି. ଚାମ୍ପିୟନଶିପ୍‌କୁ ପ୍ରତ୍ୟାବର୍ତ୍ତନ କରିବ। ଆଇକନିକ୍ ଜାଣ୍ଡଭୁର୍ଟ ସର୍କିଟରେ ମାକ୍ସ ଭର୍ଷ୍ଟାପେନ୍ ଏବଂ ତାଙ୍କ ସମର୍ଥକଙ୍କ ଲାଗି ଖୁସିର ବିଷୟ। ଗୁରୁବାର ପ୍ରସ୍ତୁତ କରାଯାଇଥିବା ଫର୍ମୁଲା କ୍ୟାଲେଣ୍ଡରରୁ ଜର୍ମାନ ଗ୍ରାଁ.ପ୍ରି ବାଦ୍ ପଡ଼ିଛି।

# ରେଡ୍ଡୀଙ୍କ ୧୪୬: ଇଣ୍ଡିଆ ଗ୍ରୀନ୍ ୩୦୮/୪

ବେଙ୍ଗାଲୁରୁ, ୨୯।୮ (ପି.ଟି.)

ଇଣ୍ଡିଆ ଗ୍ରୀନ୍ ଓ ଇଣ୍ଡିଆ ରେଡ୍ ମଧ୍ୟରେ ଗୁରୁବାରଠାରୁ ସ୍ଥାନୀୟ କେଏସ୍‌ସିଏ ଗ୍ରାଉଣ୍ଡରେ ଦୁଲୀପ୍ ଟ୍ରଫିର ଅନ୍ତିମ ତଥା ୩ୟ ରାଉଣ୍ଡ ରବିନ୍ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ୪ ଦିବସୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଇଣ୍ଡିଆ ଗ୍ରୀନ୍ ଦଳ ଓପନର୍ ପି. ଅକ୍ଷଥ ରେଡ୍ଡୀଙ୍କ ଦମ୍‌ଦାର ଶତକ ବଳରେ ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୯୦ ଓଭରରେ ୪ ଉଇକେଟ୍ ହରାଇ ୩୦୮ ରନ୍ ସଂଗ୍ରହ କରିଛି। ହାଇଦ୍ରାବାଦ୍‌ର ଡାହାଣହାତୀ ବ୍ୟାଟ୍ସମ୍ୟାନ ଅକ୍ଷଥ୍ ୨୪୮ ବଲରୁ ୧୪୬ ରନ କରିଥିଲେ।

# ଥ୍ରୋ ବଲ୍ ଫେଡେରେଶନ କପ୍‌ରେ ଭାଗନେବ ଓଡ଼ିଶା



କର୍ମକର୍ତ୍ତାଙ୍କ ସହ ଓଡ଼ିଶା ଥ୍ରୋ ବଲ୍ ଦଳର ଖେଳାଳିମାନେ।

ଭୁବନେଶ୍ୱର, ୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଶନିବାରଠାରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଶିରିଡ଼ି ସାଇ ଷ୍ଟାଡିୟମରେ ୩୦ତମ ଫେଡେରେଶନ୍ କପ୍ ଥ୍ରୋ ବଲ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶା ଥ୍ରୋ ବଲ୍‌ର ଉଭୟ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଗୁରୁବାର ଆଜ୍‌ମିର ଏକ୍ସପ୍ରେସ ଯୋଗେ ରାଜ୍ୟ ଦଳର ଖେଳାଳିମାନେ ମହାରାଷ୍ଟ୍ର ଅଭିମୁଖେ ଗସ୍ତ କରିଛନ୍ତି ବୋଲି ଓଡ଼ିଶା ଥ୍ରୋ ବଲ୍ ସଂଘର ସମ୍ପାଦକ ଯଶୋବନ୍ତ ପରମଗୁରୁ କହିଛନ୍ତି। ମିତାଲି ମଧୁସ୍ମିତା ଦାସ ଓ ସତିକାନ୍ତ ପଟ୍ଟନାୟକ ଯଥାକ୍ରମେ ମହିଳା ଓ ପୁରୁଷ ଦଳର କୋଚ୍ ଭାବେ ଦଳ ସହ ଗସ୍ତ କରିଛନ୍ତି। କୃଷ୍ଣଚନ୍ଦ୍ର ଦାସ ଏହି ଅବସରରେ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ମହିଳା ଦଳ: ଭାରତୀ ମଲ୍ଲିକ, ସ୍ୱପ୍ନା ସାହୁ, ସ୍ନେହଲତା ସାହୁ, ଶର୍ମିଷ୍ଠା ଜେନା, ଜି. ବିଜ୍ଜୁ, ସୁଧାସିନ୍ଧୁ ସାହୁ, ସୌମ୍ୟା ରଞ୍ଜନା, ଅର୍ଚ୍ଚନା ମଲ୍ଲିକ, ଅଲିଶା କେର୍କେଟା, ପୁନମ ଏକ୍କା, ମମତା ବାରିକ, ସୁପ୍ରିୟା ସାହୁ ଓ ମମତା ସାହୁ। ମ୍ୟାନେଜର- ଅର୍ଚ୍ଚନା ଅନୁରାଗିନୀ ମହାନ୍ତି।

ଓଡ଼ିଶା ପୁରୁଷ ଦଳ: ସତ୍ୟଦେବ ସାହୁ, ଆଲୋକ କୁମାର ଦଳାଇ, ଅମିତ୍ ସାହୁ, ଅନିଷ ରାଉଳ, ସୁନୀଲ କୁମାର ଦାଶ, ଦେବୀ ପ୍ରସାଦ ତ୍ରିପାଠୀ, ପ୍ରଶାନ୍ତ ନାୟକ, ମହେଶ୍ୱର ଜେନା, ଏସ୍. ଜଗା ରେଡ୍ଡୀ, ସୁଶାନ୍ତ କୁମାର ଦାସ ଓ କାର୍ତ୍ତିକ କୌଶିକ ପଣ୍ଡା।

**ODISHA STAFF SELECTION COMMISSION**
**Barrack No.1, Unit-V, Bhubaneswar-751054**

No.IIE-90/2019/2753/OSSC Date:29.08.19

**Recruitment for the 106 post of Junior Engineer (Mechanical) on contractual basis under Engineer in Chief( Water Resources) Department, Government of Odisha.**
**INDICATIVE ADVERTISEMENT**
**(Post Code-JEM/135)**
No.55-T :- IMPORTANT : (WEBSITE : www.ossc.gov.in)

i) Online application form shall be made available in the official website of the Commission www.ossc.gov.in from Dtd. 30.08.2019 till Dtd. 29.09.2019 by 11.55 PM. Candidates are required to apply through Online Mode only.
ii) No Hard copy of the online application is required to be sent to the Commission. The documents as required are to be uploaded while filling up of the application form and self attested copies of all requisite documents/certificates are to submitted at the time of certificate verification.
iii) The candidates applying for the post must go through the Detailed Advertisement and ensure that they fulfil all the eligibility criteria prescribed for the post as laid down therein. Admission of a candidate for the written examination & other Tests shall be provisional and would be on the basis of the information furnished by him/her in the Online Application form only.
iv) If at any stage of recruitment or thereafter, it is found that any information furnished by the candidate in his/her online application is false/incorrect or the candidate has suppressed any relevant information or the candidate otherwise does not satisfy the eligibility criteria prescribed for the post, his/her candidature for the Post/Examination will be cancelled forthwith and he may be debarred either temporarily or permanently from appearing any further recruitment examination (s) conducted by Odisha Staff Selection Commission.
v) As per the Govt. in Works Department Notification No -FE-II-JE(C)-70/13/33215/WR dated 28th Dec, 2013 the Diploma holders in the Panel maintained by the committee of chief Engineers shall be allowed to sit in three consecutive recruitment tests irrespective of the fact that they have crossed the upper age limit as provided under the Recruitment Rules, if he/she fulfils the other conditions of recruitment.

**NO. OF VACANCIES : Total : 106.** The details regarding category wise vacancies including Women, Ex-Servicemen, PwD (Person with Disabilities) & Sports person has been mentioned in the Detailed Advertisement.

**SCALE OF PAY & CONDITION OF SERVICE :** The appointment will be initially on contractual basis carrying a consolidated pay of Rs.16880/- as per Odisha Group-B Posts (Contractual Appointment) Rules, 2013 notified vide G.A. Department Notification No. GAD- SC-Rules-0061-2013-1147/Gen dt.17.01.2014 and subsequent amendments. The Condition of services shall be governed by relevant cadre rules.

**ELIGIBILITY :**
**i) Age :** Must not be below 21 years and above 32 years of age as on 01.01.2019. The upper age limit is relaxable by 5 years in case of SEBC,SC,ST & Women candidates, 10 years relaxation in case of PwD category candidates, the period of qualifying years of service rendered in Defence Forces in case of Ex-SM Candidates and upto 45 years in case of In- Service Contractual Employees as on 01.01.2019.
PwD candidates in the ST & SC category shall be entitled to avail cumulative age relaxation of ten years over & above the normal relaxation specified for the category.

**ii) Educational Qualification :** The Candidate must have passed a Diploma in (Mechanical) Engineering or an equivalent qualification from the institution recognised by the Odisha Council of Technical Education & Vocational Training (SCTE & VT). The candidates who have passed Diploma in Mechanical Engineering from Institutes other than the list of Institutions approved by SCTE&VT must submit equivalent pass Certificate from SCTE&VT (Odisha). The candidates who have passed Diploma in Mechanical Engineering through Distance mode shall not be eligible for the post.

**PLAN OF EXAMINATION :**
The Selection shall be based on Career Evaluation and Objective Type Written Test
(a) Written Test (Objective Type) : **100 Marks (50% weightage)**
(b) The Career Evaluation shall be made in the following manner:
**i. High School Certificate Exam : 20% weightage**
**ii. Diploma in Mechanical Engineering : 30% Weightage**
(c) Certificate Verification: Candidates two times of the vacancies in order of merit category wise basing on the sum total of marks secured in Written Examination and Career Evaluation shall be shortlisted for verification of original certificates.
(d) Merit List: The merit List shall be prepared basing on the sum total of marks secured in Written Test & Career Evaluation taken together.

**EXAMINATION FEE :** Candidates in order to apply for the post must deposit a non-refundable Fee of Rs.200/- (Rupees two hundred only) through online mode using banking channel/payment gateways (refer to the detailed advertisement) The ST, SC & PwD candidates are exempted from paying any examination fee.

**NOTE :**
1. This advertisement is indicative in nature and provisional. The candidates are advised to refer to the detailed advertisement available in the official website of the Commission 'www.ossc.gov.in' before filling the online application.
2. The candidates are required to visit the website of the Commission regularly for detailed information about the programme of the examination, notice regarding rejection of the application, other important notices etc. and also to keep track of publication of various notices relating to this recruitment to be published in the leading local dailies for information about the examination.
3. The candidates are further advised to keep their registered e-Mail Id and Mobile No. active till completion of this recruitment to get important e-mail/SMS regarding examination notices etc. The Commission is not responsible for non receipt of any information relating to the examination or other updates.

**By Order of the Commission**
09005/11/0040/1920 **Sd./- SECRETARY**



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
- ଡାୟୋଜେନିସ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନେକ୍ସସ୍ କମ୍ଫିଆନ୍ସ ଡେ, ଏସପ୍ଲାନେଡ ୱାନ ମଲ, ସକାଳ ୯ଟା।
- ଭୁବନେଶ୍ୱର କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ଅଟଳ ଭବନ, ୟୁନିଟ-୪, ସକାଳ ୯ଟା।
- ଆଇସିସି ପକ୍ଷରୁ ଏଚ୍‌ଆର ଲିଡରସିପ ସମ୍ମିଳନୀ, ମେ ଫେୟାର କନଭେନସନ, ପୂର୍ବାହ୍ନ ୧୦ଟା।
- ଶ୍ରୀ ମୁକ୍ତେଶ୍ୱର ନିର୍ମାଣ ଶ୍ରମିକ ସଂଘର ବାର୍ଷିକ ଉତ୍ସବ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା, କପିଳପ୍ରସାଦ, ସୁନ୍ଦରପଦା ଇଲେକ୍ଟ୍ରି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ଫରେଷ୍ଟ କର୍ପୋରେଶନ କର୍ମଚାରୀ ସଂଘର ସାଧାରଣ ବୈଠକ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ୧୧ତମ କଟନ ଫେବ-୨୦୧୯, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୬୦ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟା ଭବନ ସଭାଗୃହ, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଚର୍ଚ୍ଚା, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।
- ଜ୍ୟୋତି କଳା ମନ୍ଦିରର ବାର୍ଷିକୋତ୍ସବ ଓ ଜ୍ୟୋତିକଳା ମନ୍ଦିର ଓଡ଼ିଶୀ ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ସାକ୍ଷୀଗୋପାଳ**

- ପଞ୍ଚାୟତ ସମିତି ବୈଠକ, ସତ୍ୟବାଦୀ ବ୍ଲକ ସଭାଗୃହ, ପୂର୍ବାହ୍ନ ୧୧ଟା।

## ମଲ୍ଲିଆ ଯୋରରେ ବୁଡ଼ି ବୃଦ୍ଧ ମୃତ

**କଟକ ସଦର,୨୯।୮(ଡି.ଏନ୍.ଏ.):** ମଲ୍ଲିଆ ଯୋରରେ ବୁଡ଼ି ଗୁରୁବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୪୨ମୌଜା ଫାଣ୍ଡି ଦହିଗାଁ ଗ୍ରାମର ରଷି ବେହେରା(୭୪)। ପୋଲିସ ସୂଚନା ଅନୁଯାୟୀ, ରଷି ବୁଧବାର ରାତିରେ ଘରପଛ ପଟେ ଥିବା ଯୋରକୁ ଶୌଚ କରିବାକୁ ଯାଇ ଫେରି ନ ଥିଲେ। ପରିବାର ଲୋକ ରାତିରେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ମଲ୍ଲିଆ ଯୋରରେ ଭାସୁଥିବା ଦେଖିବାକୁ ମିଳିଥିଲା। ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୯/୧୯)ରୁଜୁ ହୋଇଛି।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

**କଟକ ସଦର,୨୯।୮(ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀ ନାରାୟଣପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ବୁଦ୍ଧି ଭୋଇ(୩୭)। ସୂଚନା ଅନୁଯାୟୀ, ପଡ଼ିଆରେ ଚରୁଥିବା ଗୋରୁଙ୍କୁ ଆଣିବା ପାଇଁ ବୁଦ୍ଧି ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତା ମହିଳାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ କଟକ ସଦର ବିକାଶ ମଞ୍ଚର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ରେଳଧାରଣାରୁ ଅଜଣା ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୨୯।୮(ବ୍ୟୁରୋ):** ଭୁବନେଶ୍ୱର ରେଲୱେ ଷ୍ଟେସନ ନିକଟ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଗୁରୁବାର ସକାଳୁ ଜିଆରପି ପୋଲିସ ଉଦ୍ଧାର କରିଛି। ତାଙ୍କର କୌଣସି ପରିଚୟ ମିଳିପାରି ନାହିଁ। ତାଙ୍କ ଶରୀରର ରଙ୍ଗ ଗୌର ବର୍ଣ୍ଣ ହୋଇଥିବା ବେଳେ ବୟସ ୪୫ ବୋଲି ଅନୁମାନ କରାଯାଉଛି। ଜିଆରପି ଥାନା ପୋଲିସ ସୂଚନା ମୁତାବକ, ଭୋର ପ୍ରାୟ ସାଢେ ୩ଟା ବେଳେ ନଂ ୧ ପ୍ଲାଟଫର୍ମରେ ଥିବା ପାର୍ସଲ ଅଫିସ ସମ୍ମୁଖ ନିକଟରେ ଏକ ମୃତଦେହ ପଡିଥିବା ପୋଲିସ ଖବରପାଇ ପହଞ୍ଚିଥିଲା। ଜିଆରପି ପୋଲିସ ଉଦ୍ଧାର ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ଶବ ବ୍ୟବଚ୍ଛେଦ ଗୃହକୁ ପଠାଯିବା ସହ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା 'ଚିନ୍ତା ଓ ଚେତନା'ର ୪୧ତମ ବର୍ଷା ଉତ୍ସବର ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

### ■ 'ଚିନ୍ତା ଓ ଚେତନା'ର ୪୧ତମ ବର୍ଷା ଉତ୍ସବ

# ଶେଷ ସନ୍ଧ୍ୟାରେ ଭିଜାଇଲା ବର୍ଷା ସଙ୍ଗୀତ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ଋତୁଚକ୍ରର ଆବର୍ତ୍ତନରେ ବର୍ଷାର ଅନୁଭବ ନିଆରା। ଭାରତୀୟ ଜନଜୀବନରେ ବର୍ଷା ଏକ ଅଭିନ୍ନ ଅଂଶ। ମଣିଷ, ପଶୁପକ୍ଷୀ ଓ ଉଦ୍ଭିଦ ଜଗତ ସହ ଓତପ୍ରୋତ ଭାବେ ଜଡ଼ିତ ଏହି ବର୍ଷା। ସାହିତ୍ୟ, ସଙ୍ଗୀତ, ନୃତ୍ୟରେ ବର୍ଷାର ବ୍ୟାପକ ପ୍ରୟୋଗକୁ ଆଧାର କରି ୩ଦିନ ବ୍ୟାପୀ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ବର୍ଷା ଉତ୍ସବ ଗୁରୁବାର ଏକ ନିଆରା ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। 'ଚିନ୍ତା ଓ ଚେତନା' ପକ୍ଷରୁ ଆୟୋଜିତ ୪୧ତମ ବର୍ଷା ଉତ୍ସବରେ ଦୁଇଦିନ ଧରି ନୃତ୍ୟର ପସରା ପରେ ଉଦ୍‌ଯାପନୀ ସନ୍ଧ୍ୟାରେ ମନଛୁଆଁ ସଙ୍ଗୀତର ହୃଦୟସ୍ପର୍ଶୀ ଧୁନ୍ ସମ୍ପୂର୍ଣ୍ଣ ପରିବେଶକୁ ମର୍ମସ୍ପର୍ଶୀ କରିଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ସୁବାସ ଦାସ, ନିମାକାନ୍ତ ରାଉତରାୟ, ଆଦ୍ୟାଶା ଦାସ, ମିତାଲି ଚିନ୍ନାରା, ସଙ୍ଗୀତା ଗୋସାଇଁ, ସଙ୍ଗୀତାଞ୍ଜଳି ନନ୍ଦ, ସଙ୍ଗୀତା ପଣ୍ଡା, ସାଗରିକା ପଟ୍ଟନାୟକ, ମମତା ପାଢୀ, ନାରାୟଣ ରଥ, ରୂପକ ପରିଡ଼ା, ଛନ୍ଦା ମିଶ୍ର, ହରପ୍ରିୟା ସ୍ୱାଇଁ ଓ ବନଜା ମିଶ୍ର ପ୍ରମୁଖ ବର୍ଷା ସଙ୍ଗୀତରେ ଉପସ୍ଥିତ ଶ୍ରୋତାଙ୍କ ମନ ଓ ହୃଦୟକୁ ଭିଜାଇଥିଲେ। ସୁଗମ ସଙ୍ଗୀତ, ହିନ୍ଦୀ ଓ ଓଡ଼ିଆ ଚଳଚ୍ଚିତ୍ରର ଚିରସବୁଜ ବର୍ଷାଗୀତକୁ ଗାଇ ବର୍ଷା ଉତ୍ସବକୁ ମେଲାଣି ଦେଇଥିଲେ।

ସନ୍ଧ୍ୟାରେ ଅତିଥିଭାବେ ରାଜ୍ୟ ଉଚ୍ଚଶିକ୍ଷା ଓ କୃଷି ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ବରିଷ୍ଠ ସାହିତ୍ୟିକା ଡ. ପ୍ରତିଭା ରାୟ, ଶିକ୍ଷାବିତ୍ ଡ. ଅଜୟ ବାହାଦୂର ସିଂହ, ପୂର୍ବତନ ପ୍ରଶାସକ ସହଦେବ ସାହୁ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ଅଭିଲେଖାଗାର ଅଧୀକ୍ଷିକା ସୁଚିସ୍ମିତା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ କାର୍ଯ୍ୟକ୍ରମର ମିଡ଼ିଆ ପାର୍ଟନର୍ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'କୁ ଆୟୋଜକଙ୍କ ପକ୍ଷରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ସପ୍ତମ ବାଟାଲିୟନ୍‌ର ବ୍ୟାଣ୍ଡ୍ ଧୁନ୍‌ରେ ବର୍ଷା ଉତ୍ସବକୁ ନିଆରାଭାବେ ଉପସ୍ଥାପିତ କରାଯାଇଥିଲା। ଚିନ୍ତା ଓ ଚେତନାର ରାଷ୍ଟ୍ରୀୟ ମହାସଚିବ ସୁରେନ୍ଦ୍ର ଦାସ ଅତିଥି ପରିଚୟ, ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ସନାତନ ଚୌଧୁରୀ, ଶ୍ୱେତା ଓ ଦାନିଶ୍ ଅକ୍ରମ୍ ପରିଚାଳନାରେ ସହଯୋଗ କରିଥିଲେ। ସଂଗଠନ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



କଣ୍ଠଶିଳ୍ପୀ ସୁବାସ ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।

# ରମାଦେବୀରୁ ପ୍ରଥମ ଡକ୍ଟରେଟ୍ ପାଇଲେ ରେଣୁ ସ୍ୱରୂପ

## ବିଜ୍ଞାନର ଗତି, ପ୍ରକୃତି ମୂଲ୍ୟବୋଧ ହେଉ: ରାଜ୍ୟପାଳ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ବିଶିଷ୍ଟ ବୈଜ୍ଞାନିକ ତଥା କେନ୍ଦ୍ର ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ସଚିବ ଡ. ରେଣୁ ସ୍ୱରୂପଙ୍କୁ ମିଳିଛି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଥମ ସମ୍ମାନ ସୂଚକ ଡକ୍ଟରେଟ୍ (ଡି.ଏସ୍‌ସି) ଉପାଧି। ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ସ୍ୱରୂପଙ୍କୁ ଉପାଧି ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଲେ, ଆଧୁନିକ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ମାନବ ସଭ୍ୟତାର ଅଗ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଲୋକଙ୍କ ବହୁବିଧ ଅଭୀପ୍ସା, ଆକାଂକ୍ଷା ଓ ଅଭିଳାଷ ପୂରଣ କରିବାରେ ଏହା ସଫଳ ହୋଇଛି। ହେଲେ ବିଜ୍ଞାନ ସହ ନୀତିଶାସ୍ତ୍ରକୁ ଏକାଠି କରି ମାନବ ସଭ୍ୟତାର ଭବିଷ୍ୟତ ମାର୍ଗକୁ ନିର୍ଦ୍ଧାରଣ କରାଯିବା ଦରକାର। ବିଜ୍ଞାନ ଓ ବିକାଶ ଆଜି ମଣିଷର ଆବଶ୍ୟକତା ପୂରଣ କରିବାକୁ ଉଦ୍ଦିଷ୍ଟ। କିନ୍ତୁ ଆଧ୍ୟାତ୍ମିକ ଓ ଭାବପ୍ରବଣ ଆବଶ୍ୟକତା ଅପୂରଣୀୟ ରହିଲେ ମାନବ ଜୀବନ ସାର୍ଥକ ହେବା ଅସମ୍ଭବ ବୋଲି ରାଜ୍ୟପାଳ କହିଥିଲେ। ସେ କହିଲେ, ପୃଥିବୀ ବର୍ତ୍ତମାନ ଅନେକ ସମସ୍ୟା ଦେଇ ଗତି କରୁଛି। ଏଭଳି ସ୍ଥିତିରେ ପୃଥିବୀକୁ ଧ୍ୱଂସମୁଖରୁ ବଞ୍ଚାଇବାକୁ ବିଜ୍ଞାନର ଗତି ଓ ପ୍ରକୃତିକୁ ଆହୁରି ମୂଲ୍ୟବୋଧ ଆଧାରିତ କରିବା ଦରକାର। ଭୌଗୋଳିକ ଭାବେ ଓଡ଼ିଶାର ପରମ୍ପରା, ଐତିହ୍ୟ ଓ ଚେତନା ବିଶ୍ୱବ୍ୟାପୀ। ଜଗନ୍ନାଥ ଧର୍ମ, ପରମ୍ପରା ଓ ସଂସ୍କୃତି ବିଶ୍ୱକୁ ସଙ୍କଟରୁ ମୁକ୍ତି ଦେବାରେ ଦିଗ୍‌ଦର୍ଶନ ଦେବାକୁ ସକ୍ଷମ। ଓଡ଼ିଶାରେ ଯେଉଁମାନେ ଜନ୍ମ ନେଇଛନ୍ତି ସେମାନେ ଭାଗ୍ୟବାନ ବୋଲି ରାଜ୍ୟପାଳ କହିଥିଲେ।

ଡିଗ୍ରୀ ଗ୍ରହଣ କରିବା ଅବସରରେ ଡ. ସ୍ୱରୂପ କହିଲେ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମାଧ୍ୟମରେ ସରକାର ନାରୀ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ବିଜ୍ଞାନ, ଶିକ୍ଷା ଓ ନେତୃତ୍ୱ କ୍ଷେତ୍ରରେ ନାରୀଙ୍କ ଉପସ୍ଥିତି ଆଜି ମଧ୍ୟ କମ୍ ରହିଛି। ଏହି ଅଭାବ ପୂରଣ କରିବାରେ ଏଡି ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ନାରୀମାନେ ଅଧିକ ସଂଖ୍ୟାରେ ବିଜ୍ଞାନ ଓ କାରିଗରି ବିଦ୍ୟାରେ ଯୋଗଦେବାକୁ ସେ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ପଦ୍ମଜା ମିଶ୍ର ବକ୍ତବ୍ୟରେ କହିଲେ, ମାତ୍ର ୪ ବର୍ଷରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଶିକ୍ଷା ମାନଚିତ୍ରରେ ନିଜର ଉପସ୍ଥିତି ଜାହିର କରିପାରିଛି। ନାରୀ ଶିକ୍ଷାର ଅଗ୍ରଗତି ପାଇଁ ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। କୁଳସଚିବ ଇତିଶ୍ରୀ ଦାସ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଡ. ରେଣୁ ସ୍ୱରୂପ ଦେଶର ବାୟୋଟେକ୍ନୋଲୋଜି ଗବେଷଣା କ୍ଷେତ୍ରରେ ଏକ ପରିଚିତ ନାମ ହୋଇଥିବା ବେଳେ ଦୀର୍ଘ ୨୯ ବର୍ଷ ଧରି ସେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି।



ରେଣୁ ସ୍ୱରୂପଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଉପାଧି ପ୍ରଦାନ କରୁଛନ୍ତି।

### ବରମୁଣ୍ଡାରେ ବସ୍ ଅଗ୍ନିକାଣ୍ଡ ପରେ ତତ୍ପରତା

## ବସ୍ ମାଲିକଙ୍କୁ ଚିଠି ଲେଖିଲା ପରିବହନ ବିଭାଗ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍ ଅଗ୍ନିକାଣ୍ଡ ଘଟଣା ପରେ ପରିବହନ ବିଭାଗର ତତ୍ପରତା ପ୍ରକାଶ ପାଇଛି। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବସ୍‌ରେ ଅଗ୍ନିନିର୍ବାପକ ଯନ୍ତ୍ର ମହଜୁତ ରଖିବାକୁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଦୀପ କୁମାର ମହାନ୍ତି କହିଛନ୍ତି। ନିର୍ଦ୍ଦେଶ ପାଳନ ନ କଲେ ସମ୍ପୃକ୍ତ ବସ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ନେଇ ସବୁ ବସ୍ ମାଲିକଙ୍କୁ ଖୁବଶୀଘ୍ର ଚିଠି କରାଯିବା ସହ ବିଭାଗ ପକ୍ଷରୁ ବସ ମାଲିକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ଏଥିସହ ସେ କହିଛନ୍ତି, ବସଟି ଶର୍ଟସର୍କିଟ କାରଣରୁ ନିଆଁ ଲାଗିଥିଲା। ପରେ ନିଆଁ ଜୋରରେ ବ୍ୟାପୀ ଯିବାରୁ ଆୟତ୍ତ କରିବା ସମ୍ଭବ ହୋଇପାରି ନ ଥିଲା। ସୂଚନା ମୁତାବକ, ବୁଧବାର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଚକାଡୋଲା ବସ ଭିତରେ କଣ୍ଡେକ୍ଟର ଶୋଇଥିବା ବେଳେରେ ନିଆଁ ଲାଗିଥିଲା। ଜଣେ ମହିଳା ଯାତ୍ରୀ ତାଙ୍କୁ ଉଠାଇବା ପରେ ଉଭୟେ ବାହାରକୁ ଦଉଡିଥିଲେ। ତେବେ ପ୍ରଶ୍ନ ଉଠୁଛି, ବସ୍ ଭିତରେ ଅଗ୍ନିନିର୍ବାପକ ଯନ୍ତ୍ର ଥିବା ସତ୍ତ୍ୱେ କାହିଁକି ବ୍ୟବହାର କରାଗଲା ନାହିଁ।

### ■ ଆଜିଠୁ 'ମୋ ସରକାର' ପ୍ରଶିକ୍ଷଣ ଆରମ୍ଭ

# ପାଠ ପଢ଼ିବେ ପୋଲିସ ଅଧିକାରୀ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ 'ମୋ ସରକାର' ବ୍ୟବସ୍ଥା। ପୋଲିସର ଆଚରଣ ଓ ବ୍ୟବହାରରେ ସୁଧାର ଆଣିବାକୁ ଶୁକ୍ରବାରଠାରୁ କମିଶନରେଟ ପୋଲିସ ମୁଖ୍ୟାଳୟରେ ଏଥିପାଇଁ ପ୍ରଶିକ୍ଷଣ ଦିଆଯିବ। ପ୍ରତି ଜିଲାରୁ ଜଣେ ଡିଏସ୍‌ପି ଏବଂ ଇନ୍‌ସପେକ୍ଟରଙ୍କୁ ଡିଜିପିଙ୍କ କାର୍ଯ୍ୟାଳୟର ଏକ୍ସପର୍ଟମାନେ ଟ୍ରେନିଂ ଦେବେ ବୋଲି ଜଣାପଡିଛି। କାର୍ଯ୍ୟକ୍ରମକୁ ପୋଲିସ ଡିଜି ବି.କେ. ଶର୍ମା ଶୁଭାରମ୍ଭ କରିବେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କିଲ୍ ଡେଭଲପ୍‌ମେଣ୍ଟର ଚେୟାରପର୍ସନ ସୁବ୍ରତ ବାଗଚି ଯୋଗଦେବାର ରହିଛି।

ମିଳିଥିବା ସୂଚନାନୁସାରେ, ପ୍ରଶିକ୍ଷଣ ପରେ ସମ୍ପୃକ୍ତ ଅଧିକାରୀମାନେ ନିଜ ଜିଲାର ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ବ୍ୟବହାର ଶିକ୍ଷାଦେବେ। ଏଥିପାଇଁ ପୋଲିସ ଅଫିସରଙ୍କ ନିମନ୍ତେ ୮ ମାନଦଣ୍ଡ ସ୍ଥିର କରାଯାଇଛି। ଏହି ମାନଦଣ୍ଡଗୁଡିକ ହେଲା ସମାନୁବର୍ତ୍ତିତା, ଫଳାଫଳ, ଭାଷା ପ୍ରୟୋଗ, ଏତଲା ପଞ୍ଜୀକରଣ, ଯୋଗାଯୋଗ, ଫଲୋଅପ୍, ଭଦ୍ରାମି ଓ ସଚୋଟତା। ଏହାକୁ ପୋଲିସ କର୍ମଚାରୀମାନେ କଡାକଡି ପାଳନ କରିବାକ ନିର୍ଦ୍ଦେଶ ରହିଛି। ଏଥିରୁ ଗୋଟିଏ ଉଲ୍ଲଂଘନ କରିବା ନେଇ ଅଭିଯୋଗ ଆସିଲେ ଉକ୍ତ ପୋଲିସ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ସମ୍ପର୍କରେ ପ୍ରଶିକ୍ଷଣବେଳେ ଅବଗତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଉପରେ ଗୁରୁତ୍ୱ ଦିଆଦେବାକୁ କୁହାଯିବ। କିଭଳି ସେମାନେ ଏହି ୫-ଟିକୁ ନିଜର ଦୈନନ୍ଦିନ କାର୍ଯ୍ୟରେ ଲଗାଇବେ ତାହା ମଧ ପ୍ରଶିକ୍ଷଣ ଦିଆଯିବ।

> ■ ଆଚରଣ ଓ ବ୍ୟବହାରରେ ସୁଧାର ଆଣିବାକୁ ପ୍ରୟାସ
>
> ■ ୮ ମାନଦଣ୍ଡ ଉପରେ ଗୁରୁତ୍ୱ

ଅନେକ ସମୟରେ ପୋଲିସର ବ୍ୟବହାର ନେଇ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ନ୍ୟାୟ ନ ପାଇ ଥାନାରୁ ଫେରୁଛନ୍ତି। ଅଭିଯୋଗକାରୀଙ୍କୁ ଥାନାରେ ବସାଇ ଅଭିଯୁକ୍ତଙ୍କୁ ଛାଡି ଦେବାର ଘଟଣା ମଧ ଘଟୁଥିବା ଦେଖିବାକୁ ମିଳୁଛି। ତେଣୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କଲା ବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହ ପୋଲିସକୁ ଆକ୍ରମଣ କରାଯାଉଛି। ଥାନା ଭିତରେ ପଶି ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରୁଛନ୍ତି। କେତେଜଣ ହାତଗଣତି ପୋଲିସ ଅଫିସର ପାଇଁ ବିଭାଗ ନିନ୍ଦିତ ହେଉଛି। ଏଥିଯୋଗୁ ପୋଲିସ ଲୋକଙ୍କ ବିଶ୍ୱାସଭାଜନ ହୋଇପାରୁନାହିଁ। ପୋଲିସ ଲୋକଙ୍କ ନିକଟତର ହେଉ ନ ଥିବାରୁ ଗୋଇନ୍ଦା ବିଭାଗ ମଧ ଫେଲ୍ ମାରୁଛି। କାରଣ ପୋଲିସକୁ ଖବର ଦେବାର ମୁଖ୍ୟ ଆଧାର ହେଉଛନ୍ତି ସ୍ଥାନୀୟ ଲୋକେ। ହେଲେ ପୋଲିସର ଉଦ୍ଧତ ବ୍ୟବହାର ପାଇଁ ଲୋକେ ପୋଲିସକୁ ବିଶ୍ୱାସକୁ ନେଇପାରୁନାହାନ୍ତି। ପୋଲିସ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇ ପାରୁ ନ ଥିବାରୁ ଅନେକ ଅପରାଧୀ ବସ୍ତି ହେଉ ଅବା ଜନବସତିରେ ସୁରକ୍ଷିତ ଭାବେ ରହୁଛନ୍ତି। ସେମାନଙ୍କ ବିଷୟରେ ଅଞ୍ଚଳର ଲୋକେ ପୋଲିସକୁ ଖବର ଦେଉନାହାନ୍ତି। ତେଣୁ ପୋଲିସ ଲୋକଙ୍କ ନିକଟତର ହେବାକୁ ଅନେକ ଯୋଜନା ହେଉଛି। ଯାହାକି ଲୋକଙ୍କ ସହ ସୁସମ୍ପର୍କ ଗଢିବାରେ ସହାୟକ ହେବ ବୋଲି କୁହାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଆନନ୍ଦ



ପ୍ରିୟଙ୍କା



ଜିତେନ୍ଦ୍ର



ବିବେକାନନ୍ଦ



ବିକ୍ରମ



ପିଣ୍ଟୁ



ସୌମ୍ୟ



ଜନାର୍ଦ୍ଦନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲି ଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି। -ଜର୍ଜ ଶାନ୍ତାୟନ



# ପୂର୍ବ ଯୋଜନାର ଫଳ ଏମିତି

ସହରାଞ୍ଚଳ ବିକାଶ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରତିବର୍ଷ ମାଳମାଳ ଯୋଜନା ଓ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି। ବିଶେଷକରି ସ୍ୱାୟତ୍ତଶାସନ ଦିବସରେ ସର୍ବାଧିକ ପ୍ରକଳ୍ପ ଘୋଷଣା ସହ ବହୁ ଆଡ଼ମ୍ବରପୂର୍ଣ୍ଣ ଭାବେ ଉଦ୍‌ଘାଟନ ତଥା ଶିଳାନ୍ୟାସ କରାଯାଉଛି। ହେଲେ ବର୍ଷ ପରେ ବର୍ଷ ବିତିଯାଉଥିଲେ ମଧ୍ୟ ବହୁ ପ୍ରକଳ୍ପ ଏବେବି ଫଳକରେ ସୀମିତ ରହିଛି। ଶନିବାର ସ୍ୱାୟତ୍ତଶାସନ ଦିବସ। ପ୍ରତିବର୍ଷ ଭଳି ବିଏମ୍‌ସି ଏବର୍ଷ ମଧ୍ୟ ସହରବାସୀଙ୍କୁ ଶତାଧିକ ପ୍ରକଳ୍ପ ଭେଟି ଦେଇ ସୁନେଲି ସ୍ୱପ୍ନ ଦେଖାଇବ। ହେଲେ ପୂର୍ବର ଫଳ ଆଗାମୀ ଯୋଜନାର ସଫଳତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

**ରିପୋର୍ଟ: ସ୍ଥିତପ୍ରଜ୍ଞ ମିଶ୍ର**



ଇସ୍କନ ସମ୍ମୁଖ ରାସ୍ତା

**ଶନିବାର ସ୍ୱାୟତ୍ତ ଶାସନ ଦିବସ ପାଳିବ ବିଏମ୍‌ସି**



ସତ୍ୟନଗର ଅଞ୍ଚଳ

## ସୁଧୁରିଲାନି ବର୍ଜ୍ୟ ପରିଚାଳନା, ଭଙ୍ଗା ଡଷ୍ଟବିନ୍‌ରେ ଚାଲୁଛି କାମ

ସହରରେ ଦୈନିକ ୬୦୦ଟନ ଅଳିଆ ଆବର୍ଜନା ବାହାରୁଛି। ପରିଚାଳନା ଭାର ଠିକା ସଂସ୍ଥା ନେଇଛି। ବିଏମ୍‌ସି ଏବାବଦକୁ ବହୁ କୋଟି ଟଙ୍କା ଦେଉଥିଲେ ମଧ୍ୟ ଠିକ୍ ତଦାରଖ କରୁ ନ ଥିବାରୁ ଠିକା ସଂସ୍ଥା ମନମୁଖି କାର୍ଯ୍ୟ କରୁଛି। ବିନା ଘୋଡ଼ଣୀରେ ଅଳିଆ ଉଠାଇବା, ଭଙ୍ଗା ଡଷ୍ଟବିନ ବ୍ୟବହାର ଓ ଦୀର୍ଘଦିନ ଅଳିଆ ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ୱାର୍ଡଗୁଡିକରେ ରଖାଯାଇଥିବା ଡଷ୍ଟବିନଗୁଡ଼ିକର ଦୟନୀୟ ସ୍ଥିତି ଦେଖିଲେ ସହରର ପରିମଳ ବ୍ୟବସ୍ଥାର ଅସଲ ଚେହେରା ବାରିହୋଇପଡୁଛି।

## କାର୍ଯ୍ୟରେ ଆସୁନି ଅତ୍ୟାଧୁନିକ ମାଛ, ମାଂସ ମାର୍କେଟ

ଭୁବନେଶ୍ୱରର ବିଭିନ୍ନ ବଜାର ଓ ରାସ୍ତାପାର୍ଶ୍ୱରେ ମାଛ, ମାଂସ କଟାଯାଉଥିବାରୁ ଦୁର୍ଗନ୍ଧ ହେଉଚି। ସହରର ପରିବେଶ ସହ ସୌନ୍ଦର୍ଯ୍ୟ ନଷ୍ଟ ହେଉଥିବାରୁ ୯କୋଟି ଟଙ୍କା ବ୍ୟୟରେ ଗାଡ଼କଣରେ ଅତ୍ୟାଧୁନିକ ମାଛ, ମାଂସ ମାର୍କେଟ ନିର୍ମାଣ କରାଗଲା। ଇତିମଧ୍ୟରେ ଉଦ୍‌ଘାଟନ ସରିଥିଲେ ମଧ୍ୟ ବ୍ୟବସାୟୀଙ୍କୁ ବଣ୍ଟନ କରାଯାଉ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରିନି।

## ଫ୍ରୁଟ ମାର୍କେଟ ଭିତ୍ତିପ୍ରସ୍ତରକୁ ୪ ବର୍ଷ ବିତିଲା

ଫଳ ବ୍ୟବସାୟୀମାନେ ସହରର ରାସ୍ତାକୁ କବ୍‌ଜା କରି ବେପାର କରୁଛନ୍ତି। ଏଠିସେଠି ଫଳ ଆବର୍ଜନା ପକାଇବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ସୁବ୍ୟବସ୍ଥିତ ଫ୍ରୁଟ୍ ମାର୍କେଟ ସ୍ଥାପନ ଉଦ୍ଦେଶ୍ୟରେ ୨୦୧୫ରେ ୟୁନିଟ୍-୨ ମାର୍କେଟ ବିଲ୍ଡିଂକୁ ଲାଗି ୩ ମହଲାବିଶିଷ୍ଟ କୋଠା ପାଇଁ ଭିତ୍ତିପ୍ରସ୍ତର ପଡ଼ିଥିଲା। ୬ମାସ ମଧ୍ୟରେ ସାରିବାକୁ କୁହାଯାଇଥିଲେ ମଧ୍ୟ ଏଯାଏ କାର୍ଯ୍ୟକ୍ଷମ ହୋଇପାରିନି।

## ବେଆଇନ ପାର୍କିଂରେ ଲାଗିପାରିଲାନି ଅଙ୍କୁଶ

ଏପର୍ଯ୍ୟନ୍ତ ସୁବ୍ୟବସ୍ଥିତ ହୋଇପାରିଲାନି ପାର୍କିଂ ବ୍ୟବସ୍ଥା। ରାସ୍ତା ଉପରେ ରହୁଛି ଗାଡ଼ି। ପୁଣି ବିଏମ୍‌ସି ଲୋଗୋ ବ୍ୟବହାର କରି ବେଆଇନ ପାର୍କିଂ ଫି' ଆଦାୟ କରାଯାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ୪ ନମ୍ବର ମାର୍କେଟ, ଅଶୋକ ନଗର, ୟୁନିଟ୍-୩, ଜନପଥ, ବାପୁଜୀ ନଗର, ୟୁନିଟ-୫, ରେଳଷ୍ଟେଶନ ସମେତ ବିଭିନ୍ନ ମାର୍କେଟ ନିକଟରେ ବେଆଇନ ପାର୍କିଂସ୍ଥଳ କରାଯାଇ ଲୋକଙ୍କୁ ଶୋଷଣ କରାଯାଉଛି।

## ଜବରଦଖଲମୁକ୍ତ ସହର ଉଦ୍ୟମ ଫେଲ୍

ସହରର ବହୁ ସରକାରୀ ଜମି ଏବେ ମାଫିଆଙ୍କ କବ୍‌ଜାରେ। ରାତି ପାହିଲେ ବେଆଇନ ନିର୍ମାଣ ଦେଖିବାକୁ ମିଳୁଛି। ବସ୍ତିଠାରୁ ଆରମ୍ଭ କରି ସରକାରୀ କ୍ୱାର୍ଟର୍ସ ସବୁଠି ଏବେ ଜବରଦଖଲର ଚିତ୍ର। ଉଚ୍ଛେଦ ପରେ ବି ପୁଣି ଦଖଲ ହେଉଛି। ପରବର୍ତ୍ତୀ ପଦକ୍ଷେପ ନିଆଯାଉ ନ ଥିବାରୁ ଜବରଦଖଲ ବଢ଼ି ଚାଲିଛି। ଅନ୍ୟପକ୍ଷରେ ଉଚ୍ଛେଦ ହେଉଥିବା ବ୍ୟବସାୟୀ ଓ ବସ୍ତିବାସିନ୍ଦାଙ୍କୁ ଥଇଥାନ ସମସ୍ୟା ଯୋଗୁ ବିଏମ୍‌ସିର ଜବରଦଖଲମୁକ୍ତ ସହର ଉଦ୍ୟମ ଫେଲ୍ ମାରିଛି।

## ସ୍ୱେରେଜ ବଢ଼ାଇଛି ଚିନ୍ତା

ରାଜଧାନୀର ତରଳ ବର୍ଜ୍ୟକୁ ବିଶୋଧନ କରିବା ପାଇଁ 'ଇଣ୍ଟିଗ୍ରେଟେଡ୍ ସ୍ୱେରେଜ ସିଷ୍ଟମ' କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ୨୦୧୦ରୁ ରାଜଧାନୀରେ ରାସ୍ତା ଖୋଳାଯାଇ ପାଇପ୍ ବିଛାଯିବା ସହ ମ୍ୟାନ୍‌ହୋଲ କରାଯାଉଛି। ୨୦୧୩ରୁ ୪ ସ୍ଥାନରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ଆରମ୍ଭ ହୋଇଥିଲେ ମଧ୍ୟ ସେଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରିନି। ଅନ୍ୟପକ୍ଷରେ ସହରରେ ମନଇଚ୍ଛା ସ୍ୱେରେଜ ଲାଇନ୍ ପାଇଁ ୧୦ଫୁଟ ଗଭୀର ଗାତ ଖୋଳି ଛାଡ଼ି ଦିଆଯାଉଥିବାରୁ ମାସ ମାସ ଧରି ଲୋକେ ହଟହଟା ହେବା ସହ ନାନା ଆଶଙ୍କାରେ ରହୁଛନ୍ତି।

## ଜଳବନ୍ଦୀ ଯନ୍ତ୍ରଣା

ସାମାନ୍ୟ ବର୍ଷା ହେଲେ ଭୁବନେଶ୍ୱରରେ ପ୍ରତିବର୍ଷ ଜଳବନ୍ଦୀ ସମସ୍ୟା ଉପୁଜୁଛି। ଜାତୀୟ ରାଜପଥଠାରୁ ଆରମ୍ଭ କରି କଲୋନୀ ରାସ୍ତାରେ ବି କାର୍ ଭାସିଯାଉଛି। ସହରବାସୀ ଜଳବନ୍ଦୀ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ସହରରେ ୬୭ ୱାର୍ଡରେ ୬୫୦ କି.ମିର ଆଭ୍ୟନ୍ତରୀଣ ଡ୍ରେନ ଓ ୬୦ କି.ମିର ମୁଖ୍ୟ ଡ୍ରେନ୍ ରହିଛି। ଠିକ୍ ଭାବେ ସଫେଇ ଓ ଆବଶ୍ୟକ ସମ୍ପ୍ରସାରଣ ନ ହେବା ଯୋଗୁ ଜଳ ନିଷ୍କାସିତ ହୋଇ ନ ପାରି ସହରକୁ ବୁଡାଉଛି। ଅନ୍ୟପକ୍ଷରେ ମୁକୁଳା ଡ୍ରେନ୍ ପ୍ରତିବର୍ଷ ଜୀବନ ନେଉଛି। ଗତ ଜୁଲାଇ ମାସରେ ନୟାପଲ୍ଲୀ ଅଞ୍ଚଳର ବୃଦ୍ଧା ଟି ଆକାମ୍ମା ଭିଲ୍ଲା ଛକରେ ବର୍ଷା ପାଣିରେ ଭାସିଯାଇ ଡ୍ରେନ୍‌ରେ ପଶିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ତେଣୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି।

## ସ୍ମାର୍ଟସିଟିରେ ନଂ.୧, ସ୍ୱଚ୍ଛ ସର୍ବେକ୍ଷଣରେ ପଛରେ

ଦେଶରେ ନଂ.୧ ସ୍ମାର୍ଟ ସିଟି ଭାବେ ଭୁବନେଶ୍ୱର ରହିଛି ସତ, କିନ୍ତୁ ସ୍ୱଚ୍ଛତା ସର୍ବେକ୍ଷଣରେ ବହୁ ପଛରେ ରହିଛି। କ୍ରମାଗତ ଭାବେ ବିଏମ୍‌ସି ଖରାପ ପ୍ରଦର୍ଶନ କରି ଚାଲିଛି। ଏହି ତାଲିକାରେ ୨୦୧୭ରେ ଭୁବନେଶ୍ୱର ୯୪ତମ ସ୍ଥାନରେ ରହିଥିବାବେଳେ ୨୦୧୮ରେ ୨୧୮ତମ ଓ ୨୦୧୯ରେ ୨୮ ତମ ସ୍ଥାନକୁ ଖସି ଆସିଛି। ଲୋକଙ୍କ ମତାମତ, କେନ୍ଦ୍ରୀୟ ଟିମ୍‌ଙ୍କ କ୍ଷେତ୍ର ପରିଦର୍ଶନ, ସାର୍ଟିଫିକେଶନ ଓ ସେବା ସ୍ତରରେ ପ୍ରଗତିକୁ ମାନଦଣ୍ଡ କରି ଏହି ସର୍ବେକ୍ଷଣ କରାଯାଇଥିଲା। ଆଗକୁ ପୁଣି ଏହି ସର୍ବେକ୍ଷଣ ହେବାକୁ ଥିବାରୁ ବିଏମ୍‌ସିକୁ ଏକ୍ଷେତ୍ରରେ ଆହୁରି ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ନାମକୁ ମାତ୍ର ପ୍ଲାଷ୍ଟିକ୍ ବ୍ୟାନ୍

ଗତବର୍ଷ ଗାନ୍ଧୀ ଜୟନ୍ତୀରୁ ସହରରେ ପ୍ଲାଷ୍ଟିକ୍ ବ୍ୟାନ୍ କରାଯାଇଥିଲା। କିଛିଦିନ ଧରି ବ୍ୟାପକ ଚଢ଼ାଉ ଓ ପଦକ୍ଷେପ ନିଆଗଲା। ତା'ରେ ସବୁକିଛି ପୂର୍ବଭଳି ଚାଲିଲା। ମନେ ପଡ଼ିଯିବା ପରେ ଗତ ଜୁନ ଓ ଜୁଲାଇ ମାସରେ ପୁଣି ଚଢାଉ କରାଯାଇଥିଲେ ମଧ୍ୟ ଏହାର କିଛି ବି ଫରକ ପଡ଼ିଲାନି। ଏବେ ବି ବେଧଡ଼କ ନିଷେଧ ପଲିଥିନ ବ୍ୟବହାର ହେଉଛି। ଏଥିଯୋଗୁ ସହରରେ ଆବର୍ଜନା ସମସ୍ୟା ବଢ଼ିବା ସହ ପରିବେଶ ପ୍ରଦୂଷିତ ହେଉଛି।

## ସୁପର ସ୍ପେଶାଲିଟି ହସ୍ପିଟାଲ ସ୍ୱପ୍ନ

ବିଏମ୍‌ସି ପକ୍ଷରୁ ଗାଡ଼କଣଠାରେ ଏକ ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ପାଇଁ ୨୦୧୩ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୨୦୧୪ରେ ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏକ ଠିକା ସଂସ୍ଥାକୁ ନିର୍ମାଣ କରିବା ଲାଗି ଦାୟିତ୍ୱ ଦିଆଯାଇଥିଲା। ୨୦୧୯ ଶେଷ ହେବାକୁ ବସିଥିବାବେଳେ ଏଯାଏ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିବାରୁ ଏହା ସ୍ୱପ୍ନ ହେବାରେ ଲାଗିଛି।

## ୧ ନଂ. ହାଟ ନବୀକରଣ ପ୍ରହସନ

ରାଜଧାନୀର ସବୁଠାରୁ ବଡ଼ ବ୍ୟବସାୟିକ ପେଣ୍ଠସ୍ଥଳ ହେଉଛି ୧ ନଂ. ହାଟ। ସ୍ୱାୟତ୍ତ ଶାସନ ଦିବସ ପାଖେଇ ଆସିଲେ ହାଟ କଥା ମନେପଡ଼େ। ନୂଆରୂପ ଦେବାକୁ ବହୁ ଯୋଜନା ହୁଏ। ୨୦୧୫ରୁ ୨୦୧୭ ତିନିବର୍ଷ ସ୍ୱାୟତ୍ତ ଶାସନ ଦିବସରେ ଏହି ହାଟର ନବୀକରଣ ସହ ମଲ୍ଟି ଫ୍ୟାସିଲିଟି ଉପଲବ୍ଧ ଲାଗି ଯୋଜନା କରାଯାଇଥିଲା। ହେଲେ କାହିଁକି ଶିଳାନ୍ୟାସ ହୋଇପାରୁନି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



୧ନଂ ହାଟ

## କୁଆଡ଼େ ଗଲା ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖ ଫୁଟ୍ ଓଭରବ୍ରିଜ୍

ପ୍ରତିଦିନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀ, ଅଭିଭାବକ, ଅଧ୍ୟାପକ ଓ ସାଧାରଣ ଲୋକେ ରାସ୍ତା ଅତିକ୍ରମ କରିଥାନ୍ତି। ତେଣୁ ଏଠାରେ ଫୁଟ୍ ଓଭରବ୍ରିଜ୍ କରିବା ଲାଗି ୨୦୧୧ ସ୍ୱାୟତ୍ତ ଶାସନ ଦିବସରେ ତତ୍‌କାଳୀନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ସଞ୍ଜୀବ ସାହୁ, ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ପଡ଼ିଥିଲା। ୮ବର୍ଷ ବିତିଯାଇଥିଲେ ମଧ୍ୟ କେବଳ ଫଳକରେ ସୀମିତ ରହିଛି ଫୁଟ୍ ଓଭରବ୍ରିଜ ଓ ଏବେବି ଛାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ରାସ୍ତା ଅତିକ୍ରମ କରୁଛନ୍ତି। ବିଏମ୍‌ସି ନୀରବଦ୍ରଷ୍ଟା ସାଜିଛି।

## ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ କମୁଛି

ଭୁବନେଶ୍ୱରରେ ହୋଲ୍‌ଡିଂ ଟ୍ୟାକ୍ସରେ ବ୍ୟାପକ ଘୋଟାଲା ଦେଖିବାକୁ ମିଳୁଛି। ଟ୍ୟାକ୍ସ ଫାଙ୍କିବା ଅବା ବ୍ୟବସାୟିକ ପ୍ରତିଷ୍ଠାନକୁ ଘରୋଇ ଦର୍ଶାଇ କମ୍ ଟ୍ୟାକ୍ସ ଦିଆଯାଉଛି। ଟ୍ୟାକ୍ସ କଲେକ୍ଟରମାନେ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବିଏମ୍‌ସି କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି।



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତା

## ଚିଲିକା ପାଇଁ ବିପଦ ମାଲେସିଆ ଜାହାଜ

# ମିଳୁନି ଆବଶ୍ୟକ ସୁରକ୍ଷା, ବାହାରିପାରୁନି ତେଲ

ବ୍ରହ୍ମଗିରି/କୃଷ୍ଣପ୍ରସାଦ, ୨୯।୮(ଡି.ଏନ୍.ଏ.)

ଚିଲିକା ପାଇଁ ଦିନକୁ ଦିନ ବିପଦ ସୃଷ୍ଟିକରୁଛି ମାଲେସିଆ ଜାହାଜ। ଜାହାଜରୁ ତେଲ କାଢ଼ିବା ଜରୁରୀ ହୋଇପଡ଼ିଥିବାବେଳେ ଜିଲା ପ୍ରଶାସନ ଚେଷ୍ଟା ଜାରି ରଖିଛି। ମାତ୍ର ୬ଦିନ ଧରି ତେଲ କାଢ଼ିବା ଲାଗି ଚେଷ୍ଟା କରାଯାଉଥିଲେ ବି ସଫଳତା ମିଳିପାରୁନି। ପ୍ରଶାସନ ଓ ଠିକା ସଂସ୍ଥା ଦ୍ୱାରା ନିୟୋଜିତ ଥିବା କର୍ମଚାରୀଙ୍କ ମଧ୍ୟରେ ସାମଞ୍ଜସ୍ୟ ଅଭାବରୁ ତେଲ କାଢ଼ିବାରେ ବିଳମ୍ବ ହେଉଛି। ବୁଧବାର ତେଲ କାଢ଼ିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ବି ଗୁରୁବାର ତେଲ କଢ଼ାଯାଇପାରିନାହିଁ। ତେଲ କାଢିବା ପାଇଁ ସ୍ଲିକବାର ଇଣ୍ଡୋନେସିଆର ଭୁବନେଶ୍ୱର ବ୍ରାଞ୍ଚରୁ ଆସିଥିବା ଦଳର ବିଶେଷଜ୍ଞ ସୁଶାନ୍ତ କୁମାର ମାହାନ୍ତଙ୍କ କହିବା ଅନୁଯାୟୀ, ଯଦି ଠିକ୍ ଉପାୟରେ ତେଲ ନ କଢ଼ା ଯାଏ ଏଥିରୁ ତେଲ ଲିକ୍ ହୋଇ ଚିଲିକାରେ ମିଶିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଉପଯୁକ୍ତ ସୁରକ୍ଷା ନ ମିଳିବା ପର୍ଯ୍ୟନ୍ତ ତେଲ କଢ଼ା ନ ଯାଉ ବୋଲି ସେ କହିଛନ୍ତି। ମାଲେସିଆର ଏହି ପଣ୍ୟବାହୀ ଜାହାଜ ଚଳିତ ମାସ ୨ତାରିଖରେ ମୋଙ୍ଗଲା ବନ୍ଦରରୁ ବାହାରି ବିଶାଖାପାଟଣା ଅଭିମୁଖେ ଯାଇଥିଲା। ସେଠାରୁ ଫେରିବାବେଳେ ଅଚଳ ହୋଇପଡ଼ିଥିଲା। ଗତ ୮ତାରିଖରେ ବଙ୍ଗୋପସାଗରରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଓଡ଼ିଶା ଉପକୂଳକୁ ଚାଲିଆସି କୃଷ୍ଣପ୍ରସାଦ ବ୍ଲକର ରାଜହଂସ ନିକଟରେ ଲାଗିଥିଲା। ପ୍ରଥମେ ଜିଲା ପ୍ରଶାସନ ଜାହାଜରେ ୩୦ ହଜାର ଲିଟର ଡିଜେଲ, ୧ ହଜାର ଲିଟର ଲ୍ୟୁବ ଅଏଲ, ୨୦୦ ଲିଟର ହାଇଡ୍ରୋଲିକ ତେଲ ଅଛି ବୋଲି ଆକଳନ କରିଥିଲା। ମାତ୍ର ଗୁରୁବାର ବିଶେଷଜ୍ଞ ଦଳ ପହଞ୍ଚି ଯାଞ୍ଚ କରିବାରୁ ଉକ୍ତ ଜାହାଜ ମଧ୍ୟରେ ୭ଟି ଟାଙ୍କି ରହିଥିବା ଜଣାପଡ଼ିଥିଲା। ଏଥିରୁ ୫ଟି ଟାଙ୍କିରେ ତେଲ ଫୁଲ୍ ହୋଇଥିବାବେଳେ ୩୫ ହଜାର





ଲିଟର ଡିଜେଲ, ୧୫ଶହ ଲିଟର ଲ୍ୟୁବ ଅଏଲ, ୧୫ଶହ ଲିଟର ହାଇଡ୍ରୋଲିକ ଅଏଲ ରହିଥିବା ଜଣାପଡ଼ିଛି। ଏହାସହ ଜାହାଜ ମଧ୍ୟରେ ଥିବା ବ୍ୟାଟେରିଗୁଡ଼ିକ ଫାଟିଯାଇ ଏସିଡ୍ ବାହାରୁଛି, ଯାହାକି ବିପଦ ସୃଷ୍ଟି କରିପାରେ। ଜାହାଜଟି ଦିନକୁ ଦିନ ଢଳିବା କାରଣରୁ ଏଥିରୁ ତେଲ ବାହାରି ସମୁଦ୍ର ଓ ଚିଲିକା ଜଳରେ ମିଶିଲେ ଚିଲିକାର ଜୈବବିବିଧତା ପାଇଁ ବିପଦ ଦେଖାଦେବ। ବୁଧବାର ଉକ୍ତ ଜାହାଜଠାରୁ ରାଜହଂସ (ତେଲ କଢାଯିବା ସ୍ଥାନ) ପର୍ଯ୍ୟନ୍ତ ୧ ହଜାର ମିଟର ପାଇପ ବିଛାଯାଇ ଗୁରୁବାର ଦିନ ତେଲ ବାହାର କରାଯିବା ପାଇଁ ସ୍ଥିର ହୋଇଥିଲା। ମାତ୍ର ବିଶେଷଜ୍ଞଙ୍କ ପରାମର୍ଶ ପରେ ତେଲ କଢ଼ା ବନ୍ଦ ରହିଥିଲା। ଉକ୍ତ ଠିକାସଂସ୍ଥା ତରଫରୁ ଯୋଗାଇ ଦିଆଯାଇଥିବା ମୋଟର ଏବଂ ପାଇପ ତେଲ କାଢିବା ପାଇଁ ଉପଯୁକ୍ତ ନୁହେଁ। ଜାହାଜରୁ ମୋଟର ଦ୍ୱାରା ତେଲ କଢାଯାଇ ଏକ ଟ୍ୟାଙ୍କରରେ ରଖାଯିବ। ସେଠାରୁ ତେଲ ଭେସେଲ ସାହାଯ୍ୟରେ ସାତପଡାକୁ ଆସି ଏକ ଟ୍ୟାଙ୍କରରେ ଲୋଡ କରାଯିବ। ଏଥିପାଇଁ ଆବଶ୍ୟକ ଉଚ୍ଚ ଶକ୍ତି ସମ୍ପନ୍ନ ପମ୍ପ। ଏହା ସହ ଯେଉଁ ପାଇପ ମାଧ୍ୟମରେ ତେଲ ବାହାରିବ ସେଥିରେ ତେଲ ଲିକ ହେବାର ସମ୍ଭାବନା ରହିଛି। ଫଳରେ ଏହି ତେଲ ଚିଲିକାରେ ମିଶି ବିପଦ ସୃଷ୍ଟି କରିପାରେ ବୋଲି ଅନୁମାନ କରାଯାଉଛି। ଏଣୁ ଉପଯୁକ୍ତ ସୁରକ୍ଷା ଯୋଗାଇ ନ ଦେଲେ ଜାହାଜରୁ ତେଲ ବାହାରିପାରିବ ନାହିଁ ବୋଲି ବିଶେଷଜ୍ଞ ମାହାନ୍ତ କହିଛନ୍ତି।

### ଭାଙ୍ଗିଲାଣି କଣ୍ଟେନର

କୂଳରେ ଲାଗିଥିବା ଜାହାଜର କଣ୍ଟେନରଟି ଧୀରେ ଧୀରେ ଭାଙ୍ଗିବାକୁ ଲାଗିଲାଣି। ଜାହାଜରୁ କଣ୍ଟେନରଟି ଅଲଗା ହୋଇ ଯାଇଥିବାବେଳେ ଏଥିରେ ୫ଫୁଟର ଫାଟ ସୃଷ୍ଟି ହୋଇଥିଲା। ସମୁଦ୍ରର ଜୁଆର ପାଣି ଏହି ଫାଟ ମଧ୍ୟରେ ପଶିବାରୁ ଏହା ମଙ୍ଗଳବାର ଦିନ ଓଲଟି ପଡିଥିଲା। ଏବେ ଏହି କଣ୍ଟେନର କିଛି ଅଂଶ ଭାଙ୍ଗି ଭାସୁଥିବାର ଦେଖିବାକୁ ମିଳିଛି।

### ଚକ୍କର କାଟୁଛି ହେଲିକପ୍ଟର

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାଜହଂସ ନିକଟରେ ଲାଗିଥିବା ମାଲେସିଆର ଏକ ପଣ୍ୟବାହୀ ଜାହାଜ ନିକଟରେ ଗୁରୁବାର ଦିନତମାମ ଏକ ହେଲିକପ୍ଟର୍ ଚକ୍କର କାଟୁଥିବା ଦେଖିବାକୁ ମିଳିଥିଲା। ଏହି ହେଲିକପ୍ଟର୍‌ଟି କାହାର ଏବଂ କେଉଁ ଉଦ୍ଦେଶ୍ୟରେ ଏଠାରେ ଘୂରୁଛି ତାହାକୁ ନେଇ ସାଧାରଣରେ ଉତ୍କଣ୍ଠା ସୃଷ୍ଟି ହୋଇଥିଲା।

## ୭ ଦିନରେ ପୁରୀ ଉପକୂଳ ଛାଡ଼ିବାକୁ ନୋଟିସ

**ପୁରୀ ଅଫିସ,୨୯।୮:** ଚିଲିକା ମୁହାଣ ନିକଟସ୍ଥ ରାଜହଂସ ଉପକୂଳରେ ଅଟକି ରହିଥିବା ମାଲେସିଆ ଜାହାଜ ଜିନ୍ ହ୍ୱାକୁ ନେଇ ଦିନକୁ ଦିନ ଅଡୁଆ ବଢୁଛି। ତେଣୁ ତୁରନ୍ତ ପୁରୀ ଉପକୂଳ ଛାଡ଼ିବାକୁ ଗୁରୁବାର ନୋଟିସ୍ ଦେଇଛି ଜିଲା ପ୍ରଶାସନ। ୨ଦିନ ମଧ୍ୟରେ ତେଲ ଖାଲି କରିବାକୁ କୁହାଯାଇଥିବାବେଳେ ୭ଦିନ ମଧ୍ୟରେ ପୁରୀ ଉପକୂଳ ଛାଡ଼ିବାକୁ ନୋଟିସ୍ ଦିଆଯାଇଛି ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ତେବେ ଗୁରୁବାର ତେଲ କଢାଯିବା ଲାଗି ସ୍ଥିର ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିବା ଜଣାପଡ଼ିଛି।



ଯେଉଁମାନେ ଗୁଡ଼ାଏ କଥା କୁହନ୍ତି,
ସେମାନେ ଖୁବ୍ କମ୍ ଚିନ୍ତା କରନ୍ତି।
-ଜନ୍ ଡ୍ରାଇଡେନ୍




ଏମାର ମଠର ଖମାର ଘରକୁ ବୁଲ୍‌ଡୋଜର ସାହାଯ୍ୟରେ ଭଙ୍ଗାଯାଉଛି।


ମଠର ବହୁ ପୁରାତନ କୋଠିଘର ଭଙ୍ଗାଯିବା ପରେ ବାହାରିଥିବା ହଜାର ହଜାର ଚେମେଣି।


ମଠ କାନ୍ଥରେ ଥିବା ପୁରାତନ ମୂର୍ତ୍ତି।

# ଅଗଣିତ ପ୍ରଜାଙ୍କ ମୁହଁରେ ଦେଇଥିଲା ଆହାର

## ଏମାର ମଠ: ନଅଙ୍କ ଦୁର୍ଭିକ୍ଷରେ ଥିଲା ସାହାରା

ପୁରୀ ଅଫିସ,୨୯।୮

ଲଙ୍ଗୁଳି ମଠ ପରେ ଶ୍ରୀକ୍ଷେତ୍ର ମଠ ମାନଚିତ୍ରରୁ ହଜିଯିବାକୁ ବସିଛି ଏମାର ମଠ। ଶ୍ରୀ ସମ୍ପ୍ରଦାୟର ଏମାର ମଠ ପ୍ରାୟ ୯୦୦ ବର୍ଷ ତଳର। ଅତୀତରେ ଓଡ଼ିଶାର ସବୁଠୁ ଧନୀ ମଠ ଭାବେ ପରିଚିତ ଏମାର ମଠ ବିପତ୍ତି ସମୟରେ ସହଯୋଗ ଓ ସହାୟତାର ହାତ ବଢାଉଥିଲା। ଦେଉଥିଲା ଅନ୍ନଛତ୍ର। ହେଲେ ଏବେ ଏହାକୁ ଉଚ୍ଛେଦ କରାଯାଉଛି। ଆଉ ଅଳ୍ପ କିଛିଦିନ ପରେ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯିବ ଏହି ଐତିହ୍ୟ ସମ୍ପନ୍ନ ପ୍ରାଚୀନ ମଠ। କେବଳ ଠାକୁରଙ୍କ ବିଜେସ୍ଥଳୀକୁ ଛାଡ଼ି ଏହାର ବିରାଟ ଅଟ୍ଟାଳିକା ମାଟିରେ ମିଶିଯିବ। ଗୁରୁବାର ପ୍ରାୟ ୨୦ ପ୍ରତିଶତ ଉଚ୍ଛେଦ କରାଯାଇଛି। ଏହି ମଠ ସମ୍ପର୍କରେ ଆମର ସଂକ୍ଷିପ୍ତ ଉପସ୍ଥାପନା।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ମତରେ, ୧୨୦୦ ମସିହା ପରେ ପରେ ତୀର୍ଥଯାତ୍ରୀ କିମ୍ବା ଭକ୍ତଙ୍କ ଲାଗି ପୁରୀରେ ବର୍ତ୍ତମାନ ଭଳି ରହିବା ପାଇଁ ହୋଟେଲ, ଧର୍ମଶାଳା କିମ୍ବା ଖାଇବା ନିମନ୍ତେ ରେଷ୍ଟୁରାଣ୍ଟ ନ ଥିଲା। ତେଣୁ ବିଭିନ୍ନ ରାଜ୍ୟରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏମାର ମଠ ହିଁ ଥିଲା ସାହା ଭରସା। ଶ୍ରୀରାମାନୁଜାଚାର୍ଯ୍ୟଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିବା ରାଜା, ମହାରାଜା ଓ ଜମିଦାରମାନେ ମଠକୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କ ସେବାପୂଜା ପାଇଁ ଦାନ କରୁଥିଲେ। ସମ୍ପୃକ୍ତ ରାଜା, ମହାରାଜା ଏବଂ ଜମିଦାରଙ୍କ ଅଞ୍ଚଳରୁ ଆସୁଥିବା ତୀର୍ଥଯାତ୍ରୀଙ୍କୁ ମଠରେ ରହିବା, ଖାଇବା ପାଇଁ ବ୍ୟବସ୍ଥା କରିବାକୁ ସେହି ଦାନ ଭିତରେ ଏକ ବୁଝାମଣା ରହିଥିଲା। ତେଣୁ ଏମାର ମଠ ଚକଡ଼ାରେ ମଠ ପକ୍ଷରୁ ଦୁଃଖୀ, ରଙ୍କି, ଯୋଗୀ, ସାଧୁ, ତୀର୍ଥଯାତ୍ରୀ ସମସ୍ତଙ୍କୁ ମହାପ୍ରସାଦ ବିତରଣ କରାଯାଉଥିଲା। ଚକଡ଼ା ଉପରେ ଅହର୍ନିଶ ଟଙ୍କତୋରାଣି ଯୋଗାଇଦେବାର ମଧ ବ୍ୟବସ୍ଥା ଥିଲା। ସେତେବେଳେ ଭକ୍ତମାନଙ୍କୁ ଯେଉଁ ଖାଦ୍ୟ ଦିଆଯାଉଥିଲା ତାହା ଏମାର ମଠର ନିଜସ୍ୱ ଜମିବାଡ଼ିରୁ ଆସୁଥିଲା। ଓଡ଼ିଆରେ ଗୋଟିଏ କଥା ଅଛି ଏମାର, ଯୁଆଡେ ଯିବ ତା'ର ଖମାର। ଅଖଣ୍ଡ ଓଡ଼ିଶାର ପ୍ରତ୍ୟେକ ଜିଲା ଏବଂ ବ୍ଲକସ୍ତରରେ ମଠର ଜମିବାଡ଼ି ଥିଲା ଏବଂ ଏବେ ବି କେତେକାଂଶରେ ରହିଛି। ଏହିସବୁ ଜାଗାରେ ଖମାର ରହିଥିଲା। ସେହି

> **ଏମାର, ଯୁଆଡେ ଯିବ ତା'ର ଖମାର**

ଖମାରରୁ ଧାନ ଓ ଚାଉଳ ଶଗଡ଼ରେ ବୁହା ହୋଇ ଆସୁଥିଲା। ସେହି ଚାଉଳ ବିଭିନ୍ନ କିସମର ଥିଲା। ଏଥିମଧ୍ୟରେ ବଗଡ଼ା ଚାଉଳ ରହୁଥିଲା। ମହାପ୍ରଭୁଙ୍କର ପ୍ରିୟ ହେଉଛି ବଗଡ଼ା ଅନ୍ନ। ବାସ୍ତବରେ ଏମାର ମଠ ହିଁ ମହାପ୍ରଭୁଙ୍କ କୋଠ ଭୋଗରେ ସମ୍ପୂର୍ଣ୍ଣ ବଗଡ଼ା ଅନ୍ନ ବ୍ୟବସ୍ଥା କରାଉଥିଲା। ସେହି ଚାଉଳ ଓ ଧାନ ରହିବା ଲାଗି ମଠ ପରିସରରେ ତିଆରି ହୋଇଥିଲା କୋଠି। ଏହି କୋଠିକୁ ୬ଟି କୋଠରି ବା ଥାକରେ ବିଭକ୍ତ କରାଯାଇଥିଲା। ସେହି କୋଠରିଗୁଡ଼ିକରେ ବିଭିନ୍ନ କିସମର ଚାଉଳ ମହଜୁଦ୍ ରଖାଯାଉଥିଲା। ଏହାର ସୁଫଳ ୧୮୬୬ ନଅଙ୍କ ଦୁର୍ଭିକ୍ଷ ସମୟରେ ଦେଖିବାକୁ ମିଳିଥିଲା। ନଅଙ୍କ ଦୁର୍ଭିକ୍ଷରେ ଗାଁ ଗଣ୍ଡା ଘରଦ୍ୱାର ଛାଡ଼ି ଲୋକେ ପୁରୁଷୋତ୍ତମ (ଶ୍ରୀକ୍ଷେତ୍ର)କୁ ପଳାଇ ଆସିଥିଲେ। ସେମାନଙ୍କର ବିଶ୍ୱାସ ଥିଲା ପୁରୁଷୋତ୍ତମରେ କେହି ଭୋକିଲା ରୁହନ୍ତି ନାହିଁ। ମହଜୁଦ୍ ରଖାଯାଇଥିବା ଚାଉଳରେ ମହାପ୍ରଭୁଙ୍କୁ ଭୋଗ ଲଗାଯାଇ ବିଭିନ୍ନ ଖମାର ଅଞ୍ଚଳରୁ ଆସିଥିବା ଅଗଣିତ ଭକ୍ତଙ୍କୁ ତିନିଦିନ ଧରି ଖାଇବାକୁ ଦିଆଯାଇଥିଲା। ପରେ ସେମାନଙ୍କୁ ସ୍ଥାୟୀ ଭାବେ ବସବାସ କରିବା ଲାଗି ମଠ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସେହି ସାହିଗୁଡ଼ିକ ନଅଙ୍କିଆ ସାହି ଭାବେ ପରିଚିତି ପାଇଥିଲା। ପୁରୀ ସହରରେ ୪ଟି ନଅଙ୍କିଆ ସାହି ମଧ୍ୟରୁ ଏବେ ବି ୨ଟି ନଅଙ୍କିଆ ସାହି ରହିଛି, ହେଲେ ଏହାର ନାମ ଏବେ ବଦଳିଯାଇଛି।

ଏମାର ମଠର ଧନ ସମ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଡ. ମିଶ୍ର କହିଛନ୍ତି, ଅଖଣ୍ଡ ଭାରତ ବର୍ଷର ରାଜା ମହାରାଜାମାନେ ଏମାର ମଠ ପାଇଁ ଯେଉଁ ଅମୃତ ମଣୋହୀ ଖଞ୍ଜା କରିଥିଲେ ତାହା ମଧ୍ୟରେ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଦାନ ଦେଇଥିଲେ। ଫଳରେ ଏକଦା ଏହି ମଠ ଓଡ଼ିଶାର ସବୁଠୁ ଧନୀ ମଠ ଭାବେ ପରିଚିତ ଥିଲା। ୨୦୧୧ ମସିହାରେ ମଠରୁ ୫୨୨ ଖଣ୍ଡ ରୁପା ଇଟା ବାହାରିଥିଲା। ଏବେ ବି ମଠରୁ ଆହୁରି ସୁନା ଓ ରୁପା ଇଟା ଯେ ନ ବାହାରିବ ତାହା କହିହେବ ନାହିଁ। ପ୍ରାଚୀନ କାଳରେ ଶ୍ରୀରାମାନୁଜଙ୍କର ଏକ ସୁବର୍ଣ୍ଣ ପ୍ରତିମା ମଠରେ ରହିଥିଲା। ଶୁଣାଯାଏ, ଏହାକୁ ଏକ ନିବୁଜ କୋଠରିରେ ରଖାଯାଇ ପୂଜା କରାଯାଉଥିଲା। ତେଣୁ ମଠର ମୁଖ୍ୟ କୋଠା ଭାଙ୍ଗିବା ବେଳେ ପ୍ରଶାସନ ସାବଧାନତାର ସହିତ ଏଥିପ୍ରତି ଧ୍ୟାନ ରଖିବା ଆବଶ୍ୟକ ବୋଲି ଡ. ମିଶ୍ର ମତ ଦେଇଛନ୍ତି।

## ମଠରୁ ବାହାରୁ ନାହାନ୍ତି ମହନ୍ତ

ଏମାର ମଠ ଭଙ୍ଗାକୁ ନେଇ ଯେତିକି ଚର୍ଚ୍ଚା ଚାଲିଛି ତାହାଠୁ ଅଧିକ ଚର୍ଚ୍ଚା ହେଉଛି ମହନ୍ତଙ୍କୁ ନେଇ। କିଛିଦିନ ହେଲା ମହନ୍ତ ରାଜଗୋପାଳ ରାମାନୁଜ ଦାସ ମଠ ବାହାରକୁ ବାହାରୁ ନାହାନ୍ତି। ସେ ମଠ ଭିତରେ ଥିଲେ ମଧ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା ବାହାର ଲୋକଙ୍କୁ ସାକ୍ଷାତ୍ ଦେଉନାହାନ୍ତି। ତେବେ ମଠ ମହନ୍ତଙ୍କ ଏଭଳି ନୀରବତାକୁ ନେଇ ନାନା ପ୍ରକାର ଆଲୋଚନା ଶୁଣିବାକୁ ମିଳୁଥିବାବେଳେ ସେ ମୌନବ୍ରତ କରି ଧ୍ୟାନରେ ବସିଛନ୍ତି ବୋଲି ଚର୍ଚ୍ଚା ହେଉଛି। ମଠ ଭଙ୍ଗାକୁ ବିରୋଧ କରି ସେ ଏଭଳି କରୁଥିବା କୁହାଯାଉଛି। ତେବେ ଏହାକୁ ଜିଲା ପ୍ରଶାସନର ଜଣେ ଅଧିକାରୀ ଖଣ୍ଡନ କରିଛନ୍ତି। ଗୁରୁବାର ସକାଳେ ସେ ମଠ ଭିତରକୁ ଯାଇ ମହନ୍ତଙ୍କ ସହ କଥା ହୋଇଥିବା ସମ୍ପୃକ୍ତ ଅଧିକାରୀ କହିଛନ୍ତି।


ମଠ ପରିସରରେ ସ୍ନେକ୍ ହେଲ୍‌ପ ଲାଇନ୍ ସଦସ୍ୟମାନେ ସାପ ଖୋଜୁଛନ୍ତି।

## ଉଚ୍ଛେଦ ପ୍ରସଙ୍ଗରେ ମୁହଁ ଖୋଲିଲେ ଶଙ୍କରାଚାର୍ଯ୍ୟ

# କ୍ଷୟକ୍ଷତି ଭରଣା ହେବା ଦରକାର

ପୁରୀ ଅଫିସ,୨୯।୮

ଶ୍ରୀମନ୍ଦିର ସୁରକ୍ଷା ପାଇଁ ମେଘନାଦ ପାଚେରି କଡ଼ରୁ ୭୫ମିଟର ପରିଧି ମଧ୍ୟରେ ଥିବା ସମସ୍ତ ନିର୍ମାଣ ଉଚ୍ଛେଦ କରାଯିବ। ଏହି ପରିସୀମା ମଧ୍ୟରେ ରହିଥିବା ମଠ, ମନ୍ଦିରର ଠାକୁରଙ୍କ ବିଜେସ୍ଥଳୀକୁ ବାଦ୍ ଦେଇ ଆଉ ସବୁ କୋଠା ଭଙ୍ଗାଯିବ। ତେବେ ବର୍ତ୍ତମାନ ଅସୁରକ୍ଷିତ ଦର୍ଶାଇ ପ୍ରଶାସନ ଲଙ୍ଗୁଳି ମଠ ଏବଂ ଏମାର ମଠକୁ ଉଚ୍ଛେଦ କରିଛି। ଏହି ଉଚ୍ଛେଦ ସମ୍ପର୍କରେ ଗୁରୁବାର ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଜଗଦ୍‌ଗୁରୁ କହିଛନ୍ତି, ମେଘନାଦ ପାଚେରି କଡ଼ରେ ଥିବା ରାମଦୟା ପରିଷଦର କେତେଜଣ ମୋ' ପାଖକୁ ଆସିଥିଲେ। ସେମାନଙ୍କୁ ଯେଉଁ ଉପଦେଶ ଦେଇଛି ସେଥିରେ ଖୁସି ହୋଇ ଫେରିଛନ୍ତି। ସେହିପରି କଟକୀ ମଠ ମହନ୍ତ ଆସିଥିଲେ ମଧ୍ୟ ଅଧିକାଂଶ ମହନ୍ତ, ସନ୍ଥ ଆସିନାହାନ୍ତି। ସେମାନଙ୍କ ମନରେ କ'ଣ ଭାବନା ରହିଛି ତାହା ଜାଣିନାହିଁ। କଟକୀ ମଠ ମହନ୍ତଙ୍କଠାରୁ ଯାହା ଶୁଣିଲି ବର୍ତ୍ତମାନ ଯାହା କାର୍ଯ୍ୟକ୍ରମ ଚାଲୁଛି ସେଥିରେ ମୋର ଅସନ୍ତୋଷ ନାହିଁ କି ଏହାକୁ ବିରୋଧ କରୁନାହୁଁ। କିନ୍ତୁ ଯାହା କ୍ଷୟକ୍ଷତି ହେଉଛି ତାହା ଭରଣା ହେବା ଦରକାର। ତେବେ ଏଥିଲାଗି ମୁଖ୍ୟମନ୍ତ୍ରୀ ପୁରୀବାସୀଙ୍କ ସହଯୋଗ ଲୋଡ଼ିଥିବା ବେଳେ ଏଥିପାଇଁ କଷ୍ଟ ହେବ। କିନ୍ତୁ ଯେଉଁମାନଙ୍କର କ୍ଷତି ହେବ ସେମାନଙ୍କୁ ଉପଯୁକ୍ତ ଥଇଥାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି । ତେଣୁ କ୍ଷତିଗ୍ରସ୍ତଙ୍କୁ ଥଇଥାନ କରାଯିବା ସହିତ ସେମାନଙ୍କ କ୍ଷତିର ଭରଣା ଉପରେ ଗୁରୁତ୍ୱ ଦେଇଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ।


ଏମାର ମଠ ସମ୍ମୁଖ ଦ୍ୱାରରେ ଲାଗିଥିବା ପୁରାତନ କବାଟ।


ଉଚ୍ଛେଦ କାର୍ଯ୍ୟ ତଦାରଖ କରୁଛନ୍ତି ଆର୍‌ଡିସି ଏବଂ ଅନ୍ୟ ଅଧିକାରୀମାନେ।

## ଏମାର ମଠ ଉଚ୍ଛେଦର ଏପାଖ ସେପାଖ...

### ସଜାଗ ରହିଲେ ସ୍ନେକ ହେଲ୍‌ପ ଲାଇନ ସଦସ୍ୟ

ଦ୍ୱାଦଶ ଶତାବ୍ଦୀର ଏମାର ମଠ ଭାଙ୍ଗିବା ପୂର୍ବରୁ ପ୍ରଶାସନ ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିଲା। ତେବେ ଶହ ଶହ ବର୍ଷ ତଳର ପୁରୁଣା କୋଠା ଭାଙ୍ଗିବାକୁ ଯାଉଥିବାରୁ ବିଭିନ୍ନ ପ୍ରକାର ସରୀସୃପ ବାହାରିବା ଆଶଙ୍କା ପ୍ରକାଶ ପାଇଥିଲା। ପରିତ୍ୟକ୍ତ କୋଠି ଘର ଭିତରେ ବିଷଧର ସାପ ଏବଂ ଅନ୍ୟାନ୍ୟ ସରସୃପ ଥିବା ଆଶଙ୍କା କରି ଉଚ୍ଛେଦ ସମୟରେ ସ୍ନେକ ହେଲ୍‌ପ ଲାଇନ ସଦସ୍ୟଙ୍କୁ ସଜାଗ ରଖାଯାଇଥିଲା। ଶୁଭେନ୍ଦୁ ମଲ୍ଲିକଙ୍କ ନେତୃତ୍ୱରେ ଆସିଥିବା ସଦସ୍ୟମାନେ ଉଚ୍ଛେଦ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଘଟଣାସ୍ଥଳରେ ସେମାନଙ୍କ ସାଜ ସରଞ୍ଜାମ ଧରି ପ୍ରସ୍ତୁତ ରହିଥିଲେ। ଅବଶ୍ୟ ପ୍ରଥମ ଦିନ ଭଙ୍ଗା ବେଳେ କୌଣସି ସରୀସୃପଙ୍କୁ ଦେଖିବାକୁ ମିଳିନାହିଁ। ହେଲେ ଭାଇବ୍ରେଟରରେ ଭଙ୍ଗାଯାଉଥିବାରୁ ଭୟରେ ଇଟା, ପଥର ତଳେ ସାପ ଲୁଚି ରହିଥିବେ, ନଚେତ ଚାପି ହୋଇଯାଇଥିବେ। ରାତିରେ ସାପଗୁଡ଼ିକ ଆଖପାଖ ଅଞ୍ଚଳକୁ ଚାଲିଯିବାର ସମ୍ଭାବନା ରହିଛି ବୋଲି ଶୁଭେନ୍ଦୁ କହିଛନ୍ତି।

### ବାହାରିଲେ ହଜାର ହଜାର ଚେମେଣି ଚଟିଆ

ଏମାର ମଠର ବହୁ ପୁରାତନ କୋଠି ଘର ଭଙ୍ଗାଯିବା ପରେ ହଜାର ହଜାର ସଂଖ୍ୟାରେ ଚେମେଣି ଚଟିଆ ଚାରିଆଡେ ଉଡ଼ି ବୁଲିଥିଲେ। ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଏହି କୋଠିଘର କାନ୍ଥରେ ଏମାନେ ସବୁଲାଗି ରହିଥିଲେ। ଏତେ ସଂଖ୍ୟକ ଚେମେଣି ଚଟିଆଙ୍କୁ ଦେଖି ଲୋକେ ଚକିତ ହୋଇପଡ଼ିଥିଲେ। ଏ ନେଇ ନାନା ଚର୍ଚ୍ଚା ବି ଶୁଣିବାକୁ ମିଳିଥିଲା। ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ପୂର୍ବରୁ ଶହ ଶହ ସଂଖ୍ୟାରେ ଚେମେଣି ଚଟିଆଙ୍କୁ ଦେଖିବାକୁ ମିଳୁଥିଲା। କିନ୍ତୁ ପ୍ରାୟ ବର୍ଷେ ହେବ ସେମାନଙ୍କୁ ଆଉ ପ୍ରାୟତଃ ଦେଖିବାକୁ ମିଳୁନାହିଁ। ତେଣୁ ସେଠାରୁ ଚେମେଣି ଚଟିଆ ଆସି ଏଠାରେ ରହୁଥିବା କେହି କେହି କହୁଥିଲେ।

### ଭାଙ୍ଗିଲା ମହୁଫେଣା, ଉଡ଼ିଲେ ମହୁମାଛି

ଏମାର ମଠ କୋଠି ଘରଗୁଡ଼ିକର କାନ୍ଥ ପ୍ରାୟ ୫୦ରୁ ୬୦ ଫୁଟ ଉଚ୍ଚତା ବିଶିଷ୍ଟ ଥିଲା। ଏହି ଘରଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ରହିଥିବାରୁ ଏହାର କାନ୍ଥରେ ବଡ଼ ବଡ଼ ଗଛ ଉଠିଥିଲା। କୋଠି ଘର କାନ୍ଥରେ ଏକ ବଡ଼ ମହୁଫେଣା ରହିଥିଲା। କାନ୍ଥ ଭଙ୍ଗାଯିବା ପରେ ମହୁଫେଣାଟି ଭାଙ୍ଗିଯାଇଥିଲା। ଫଳରେ ମହୁମାଛି ଏଣେତେଣେ ଉଡ଼ି ବୁଲିଥିଲେ। ଭଙ୍ଗା କାନ୍ଥ ତଳେ ମହୁଫେଣାଟି ମଧ ଚାପି ହୋଇଯାଇ ମହୁ ବହିଯାଇଥିଲା।

### ସୁଡ଼ଙ୍ଗ ଚର୍ଚ୍ଚା ପରେ ବଢିଲା ଗହଳି

ଅପରାହ୍ନ ପ୍ରାୟ ୫ଟାରେ ଏମାର ମଠ କୋଠି ଘର ଭଙ୍ଗା ଯାଉଥିଲା। ଏହି ସମୟରେ ଏକ ସୁଡ଼ଙ୍ଗ ବାହାରିବା ନେଇ ପ୍ରଚାର ହୋଇଥିଲା। ଏହାପରେ ଉଚ୍ଛେଦ ସ୍ଥଳରେ ଲୋକଙ୍କ ଗହଳି ବଢିଯାଇଥିଲା। ଲୋକେ ପରସ୍ପର ମଧ୍ୟରେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ କରିଦେଇଥିଲେ। କେହି କହୁଥାନ୍ତି, ସୁଡ଼ଙ୍ଗ ଦେଇ ଗୁପ୍ତ କୋଠରିକୁ ବାଟ ରହିଛି। ସେହି ଗୁପ୍ତ କୋଠରିରେ ବହୁ ସୁନା, ରୁପା ମହଜୁଦ୍ ଅଛି। ପୁଣି ଆଉ କେହି କହୁଥାନ୍ତି, ସିନ୍ଦୁକରେ ବହୁ ଗୁପ୍ତଧନ ରହିଛି। ଏମିତି ନାନା ଆଲୋଚନା ମଧ୍ୟରେ ଗହଳି ବଢିବାରୁ ପୋଲିସ କର୍ମଚାରୀମାନଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ସୁଡ଼ଙ୍ଗ କୁହାଯାଉଥିବା ସ୍ଥାନରୁ ଦେଖଣାହାରୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୋଲିସ ହଟାଇ ଦେଇଥିଲା।

### ଗଣମାଧ୍ୟମରେ ମତ ରଖି ଯୁବକ ହଟହଟା

ଏକ ବୈଦ୍ୟୁତିକ ଗଣମାଧ୍ୟମରେ ମତ ରଖିବା ପରେ ଜଣେ ଯୁବକଙ୍କୁ ହଟହଟା ହେବାକୁ ପଡ଼ିଛି। ସୁଡ଼ଙ୍ଗ ସମ୍ପର୍କରେ ଯୁବକ ଜଣଙ୍କ ଅତିରଞ୍ଜିତ କଥା କହିଥିବା ଅଭିଯୋଗରେ ପୋଲିସ ତାଙ୍କୁ ଘଟଣାସ୍ଥଳରୁ ଧରି ନେଇଥିଲା। ସମ୍ପୃକ୍ତ ଯୁବକ କହିଥିଲେ ସେହି ସୁଡ଼ଙ୍ଗ ତଳେ ୩ଟି ପାହାଚ ରହିଛି ଏବଂ ଏକ ସିନ୍ଦୁକ ଥିବା ଭଳି ଜଣାପଡୁଛି। ଏକ ଗଣମାଧ୍ୟମରେ ଏହା ପ୍ରସାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ଫଳରେ ପୋଲିସ ସେହି ଯୁବକଙ୍କୁ ଧରି ନେଇଥିଲା। ପରେ ତାଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

### ମୁଖ୍ୟ କୋଠାରେ ଥାଇପାରେ ଗୁପ୍ତଧନ

ଏମାର ମଠ କୋଠି ଘରେ ସୁଡ଼ଙ୍ଗ ବାହାରିବା ଚର୍ଚ୍ଚା ଖବର ପ୍ରଶାସନ ଅଧିକାରୀଙ୍କୁ ଅଡୁଆରେ ପକାଇଥିଲା। ସୁଡ଼ଙ୍ଗର ସତ୍ୟତା ଥାଉ କି ନ ଥାଉ ଲୋକଙ୍କ ଗହଳି ହେବା ସହ ନାନା ପ୍ରକାର ଆଲୋଚନା ଶୁଣିବାକୁ ମିଳିଥିଲା। ପୂର୍ବରୁ ଏହି ମଠରୁ ୫୨୨ ଖଣ୍ଡ ରୁପା ଇଟା ବାହାରିଥିଲା। ଆହୁରି ଅନେକ ସୁନା, ରୁପା ମଠ ଗୁପ୍ତ କୋଠରିରେ ରହିଛି ବୋଲି ଚର୍ଚ୍ଚା ଶୁଣିବା ପରେ ଜଣେ ପ୍ରଶାସନିକ ଅଧିକାରୀ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ। ଗଣମାଧ୍ୟମ ଅତିରଞ୍ଜିତ ଭାବେ ଏଭଳି ଖବର ପ୍ରସାରଣ କରୁଛି। ଯଦି ସୁନା, ରୁପା ରଖିବା କଥା କୋଠି ଘରେ କାହିଁକି ରହିବ। ଯଦି କିଛି ଗୁପ୍ତଧନ ଥିବ ତାହା ମୁଖ୍ୟ କୋଠାରେ ଥାଇପାରେ ବୋଲି ସମ୍ପୃକ୍ତ ଅଧିକାରୀ କହିଥିଲେ। ମୁଖ୍ୟ କୋଠା ଭାଙ୍ଗିବା ବେଳେ ଏଥିପ୍ରତି ପ୍ରଶାସନ ସତର୍କ ଦୃଷ୍ଟି ଦେବ ବୋଲି ସେ ମତ ରଖିଥିଲେ ।

# 'ମଠ, ମନ୍ଦିର ସଂସ୍କୃତି ବଜାୟ ରହୁ'

ପୁରୀ ଅଫିସ,୨୯।୮

ଦ୍ୱାଦଶ ଶତାବ୍ଦୀରେ ସ୍ଥାପିତ ହୋଇଥିବା ଏମାର ମଠର ଗୌରବମୟ ଇତିହାସ ରହିଛି। ଅତୀତରେ ଶ୍ରୀମନ୍ଦିର ପରିଚାଳନାରେ ଏମାର ମଠର ବିଶେଷ ଭୂମିକା ରହିଥିଲା। ଏବେ ବି ଶ୍ରୀମନ୍ଦିରର ଦୈନିକ ନୀତିରୀତିରେ ଏହି ମଠର ସେବା ପରମ୍ପରା ରହିଥିବା ବେଳେ ଗରିବ ଗୁରୁବାଙ୍କୁ ଏହାର ଅବଦାନ ଅତୁଳନୀୟ। ଏହି ମଠକୁ ବିପଦସଙ୍କୁଳ ଦର୍ଶାଇ ଜିଲା ପ୍ରଶାସନ ଉଚ୍ଛେଦ କରିଛି। ଏ ନେଇ ସହରବାସୀଙ୍କ ମଧ୍ୟରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଚ୍ଛେଦକୁ କେତେଜଣ ସ୍ୱାଗତ କରିଥିବାବେଳେ ଅନ୍ୟ କେତେଜଣ ବିରୋଧ କରିଛନ୍ତି। ଏହାକୁ ନେଇ ମତାମତ ଭିତ୍ତିକ ଉପସ୍ଥାପନା...

### ମଠ, ମନ୍ଦିର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ



ମଠ ଓ ମନ୍ଦିର ହେଉଛି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଶ୍ରୀମନ୍ଦିର ରୀତିନୀତି ସହିତ ମଠ ମନ୍ଦିର ଜଡ଼ିତ। ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ବହୁ ପ୍ରାଚୀନ। ସନ୍ଥ ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଏମାର ମଠର ସ୍ୱତନ୍ତ୍ର ଐତିହ୍ୟ ରହିଛି। ମଠ ସଂସ୍କୃତି ବିଲୁପ୍ତ ହେଲେ, ଏହା ସହିତ ଐତିହ୍ୟ, ପରମ୍ପରା ମଧ ଲୋପ ପାଇଯିବ। ଏମାର ମଠ ଦ୍ୱାରା ପରିଚାଳିତ ରଘୁନନ୍ଦନ ଗ୍ରନ୍ଥାଗାରରେ ବହୁ ଶାସ୍ତ୍ର, ବେଦ, ପୁରାଣ, ଶ୍ରୀଜଗନ୍ନାଥ ସଂସ୍କୃତିଭିତ୍ତିକ ପ୍ରାଚୀନ ପୁସ୍ତକ ରହିଛି। ଶ୍ରୀମନ୍ଦିରର ସୁରକ୍ଷା ଲାଗି ରାଜ୍ୟ ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ମଠ, ମନ୍ଦିର ସଂସ୍କୃତି ବଜାୟ ରଖାଯାଉ।

-ସନ୍ଥ ରାମ ଚରଣ ଦାସ, କାର୍ଯ୍ୟକାରୀ ସଭାପତି, ନିଖିଳ ଉତ୍କଳ ମଠ ମନ୍ଦିରାଧୀଶ ସେବା ସଂଘ

### ୯୦୦ ବର୍ଷର ଇତିହାସ ଧ୍ୱଂସ ପାଇଲା



ଏମାର ମଠ ଭଙ୍ଗାଯିବା ପରେ ଏହା ସହିତ ୯୦୦ ବର୍ଷର ଇତିହାସ ଧ୍ୱଂସ ପାଇଯାଇଛି। ବର୍ଷ ବର୍ଷ ଧରି ଏହି ମଠ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ମହାପ୍ରଭୁଙ୍କ ଦୈନିକ ରୀତିନୀତି ସହିତ ଏହା ଜଡ଼ିତ ଥିବାରୁ ଏହି ମଠର ସଂରକ୍ଷଣ ଜରୁରୀ ହୋଇପଡ଼ିଛି। ବିଭିନ୍ନ ସ୍ଥାନରୁ ପୁରୀକୁ ସାଧୁସନ୍ଥ ଆସିଲେ ଏଠାରେ ରହି ବିଷ୍ଣୁଙ୍କ ଉପାସନା କରିଥାନ୍ତି। ଅତୀତରେ ଗଢି ଉଠିଥିବା ବହୁ ମଠର ଅସ୍ତିତ୍ୱ ହଜିବାକୁ ବସିଲାଣି। ତେବେ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

- ନରେଶ ଦାଶ, ଐତିହ୍ୟ ଗବେଷକ

### ଐତିହ୍ୟ ନଷ୍ଟ ନ ହେଉ



ମଠ ହେଉଛି ସଂସ୍କୃତିର ପରିଚୟ। ମଠରେ ସନାତନ ସଂସ୍କୃତିର ପ୍ରଚାର ସହିତ ବେଦ ପାଠ, ଭାଗବତ ପାଠ, ଆଧ୍ୟାତ୍ମିକ ତତ୍ତ୍ୱ ଆଦି ଆଲୋଚନା କରାଯାଏ। ବୈଦିକ ସଂସ୍କୃତିର ପ୍ରଚାର ପ୍ରସାର କ୍ଷେତ୍ରରେ ମଠଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ଯଦି ମଠ ମନ୍ଦିର ରହିବ ନାହିଁ, ତାହାଲେ ସଂସ୍କୃତିର ଅବକ୍ଷୟ ଘଟିବ। ସମାଜରେ ଅରାଜକତା ବୃଦ୍ଧି ପାଇବ। ମଠ ହେଉଛି ଏକ ଧାର୍ମିକ ଓ ଆଧ୍ୟାତ୍ମିକ କେନ୍ଦ୍ର ବିନ୍ଦୁ। ଶ୍ରୀକ୍ଷେତ୍ରରେ ମଠ ସଂସ୍କୃତି ଅଷ୍ଟମ ଶତାବ୍ଦୀରୁ ଆରମ୍ଭ ହୋଇଥିବା କୁହାଯାଉଛି। ମଠ ଭଳି ପ୍ରାଚୀନ କୀର୍ତ୍ତିରାଜି ଭଙ୍ଗାଗଲେ ଆଗାମୀ ପିଢି କ'ଣ ଜାଣିବେ। ଏହା କେବଳ ଇତିହାସ ହୋଇ ରହିଯିବ। ଶ୍ରୀମନ୍ଦିର ସୁରକ୍ଷା ଲାଗି ଜବରଦଖଲ ଉଚ୍ଛେଦ ହେଉ, ମାତ୍ର ଐତିହ୍ୟକୁ ନଷ୍ଟ ନ କରାଯାଉ।

- ଦେବାଶିଷ ମିଶ୍ର, ଯୁବ ସଙ୍ଗଠକ

### ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ



ଅତୀତରେ ଶ୍ରୀମନ୍ଦିର ଉପରେ ୧୮ଥର ଆକ୍ରମଣ ହୋଇଛି। ସେହି ସମୟରେ ଗଜପତି, ପାଇକ ବାହିନୀ, ସେବକ, ମହନ୍ତ, ବାବାଜୀ ଏବଂ ଜନତା ନିଜ ଜୀବନକୁ ବାଜି ଲଗାଇ ଶ୍ରୀମନ୍ଦିରକୁ ସୁରକ୍ଷା ଦେଇଥିଲେ। ଯାହା ଫଳରେ ଭାରତରେ ୩୫ହଜାରରୁ ଊର୍ଦ୍ଧ୍ୱ ମନ୍ଦିର ଧ୍ୱଂସ ପାଇଥିବା ବେଳେ କିଛି ମନ୍ଦିର ପାର୍ଶ୍ୱରେ ବିଭିନ୍ନ ଉପାସନା ପୀଠ ଗଢି ଉଠିଥିଲା। କିନ୍ତୁ ଶ୍ରୀକ୍ଷେତ୍ରରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ଏହାର ସଂସ୍କୃତି ଆଜି ବି ଅକ୍ଷୁଣ୍ଣ ରହିଛି। ମାତ୍ର ବର୍ତ୍ତମାନର ସୁରକ୍ଷା ବ୍ୟବସ୍ଥା ପୂର୍ବାପେକ୍ଷା ଭିନ୍ନ। ତେଣୁ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ମୁଖ୍ୟମନ୍ତ୍ରୀ ତ୍ୟାଗ ଲାଗି ଦେଇଥିବା ଆହ୍ୱାନର ଯଥାର୍ଥତା ରହିଛି। ମଠ ଉପାସନାସ୍ଥଳୀ ରହିବ ଓ ଏହାର ପୂଜାନୀତି ବନ୍ଦ ହେବ ନାହିଁ। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ପଦକ୍ଷେପ ପ୍ରଂଶସନୀୟ।

- ଡ. ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ତ୍ତିନ



## ସଂକ୍ଷେପରେ

### ଭାଜପାରେ ଦୁଇ ଗୋଷ୍ଠୀ କନ୍ଦଳ
### କର୍ମୀଙ୍କୁ ଅପହରଣ କରି ନିଷ୍ଠୁର ମାଡ଼, ୫ ଘଣ୍ଟା ପରେ ଛାଡ଼ିଲେ

**ପୁରୁଣା ଭୁବନେଶ୍ୱର,୨୯।୮(ଡି.ଏନ.ଏ.):** ଭାଜପାର ଭୁବନେଶ୍ୱରରେ ଦୁଇଗୋଷ୍ଠୀ ମଧ୍ୟରେ ଗୁରୁବାର କନ୍ଦଳ ଦେଖାଦେଇଛି। ମିଳିଥିବା ଖବର ମୁତାବକ, ଗୋଟିଏ ଗୋଷ୍ଠୀର ୩ ଜଣ ଅପରଗୋଷ୍ଠୀର ସୌମ୍ୟରଞ୍ଜନ ଷଡଙ୍ଗୀଙ୍କୁ ଅପହରଣ କରି ନେଇ ନିଷ୍ଠୁର ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଦୀର୍ଘ ୫ ଘଣ୍ଟା ସୌମ୍ୟରଞ୍ଜନଙ୍କୁ ଅଟକ ରଖିବା ପରେ ଛାଡି ଦେଇଛନ୍ତି। ଏ ନେଇ ଥାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏୟାରପୋର୍ଟ ଥାନା ଆଇଆଇସି ଉମାକାନ୍ତ ପ୍ରଧାନଙ୍କୁ ପଚାରିବାରେ, ଭାଜପାରେ ଦୁଇ ଗୋଷ୍ଠୀ ମଧ୍ୟରେ କନ୍ଦଳ ସହ ଅପହରଣ ଘଟଣା ଘଟିଛି। ଅପହରଣ କରାଯାଇଥିବା ସୌମ୍ୟରଞ୍ଜନଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ନଂ. ୧୩୬/୧୯ରେ ମାମଲା ରୁଜୁ ହୋଇଛି। ସୌମ୍ୟରଞ୍ଜନଙ୍କୁ କିଏ ଅପହରଣ କରି ନେଇଥିଲେ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ହସ୍ତଗତ ହେବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ପୂଜାରେ ଆଇନସମ୍ମତ ବିଦ୍ୟୁତ ନେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୮(ବ୍ୟୁରୋ):** ଆଉ ଦିନ କେଇଟା ପରେ ଗଣେଶ ପୂଜା। ବର୍ତ୍ତମାନ ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ସରି ଆସିଲାଣି। ଅଧିକାଂଶ ସମୟରେ ପୂଜା ମଣ୍ଡପଗୁଡିକରେ ବିଜୁଳି ଚୋରି କରି ଆଲୋକ ବ୍ୟବସ୍ଥା ଓ ଅନ୍ୟାନ୍ୟ କାର୍ଯ୍ୟ କରାଯିବାର ନଜର ରହିଛି। ତେବେ ବିଜୁଳି ଚୋରିକୁ ନେଇ ଗୁରୁବାର ସେସୁ ପକ୍ଷରୁ ଏକ ନିର୍ଦ୍ଦେଶନାମା ସହ ପରାମର୍ଶ ବିଜ୍ଞପ୍ତି ଜାରି କରାଯାଇଛି। ମଣ୍ଡପରେ ବିଦ୍ୟୁତ ସେବା ସକାଶେ ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟରୁ ଅନୁମତି ସହ ସଂଯୋଗ ନେବାକୁ ସେସୁ ଅନୁରୋଧ କରିଛି। ବିଦ୍ୟୁତ ଚୋରି କରି ପୂଜା କରୁଥିଲେ, ୨୦୦୩ ବିଦ୍ୟୁତ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେସୁ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସେସୁ ପକ୍ଷରୁ ଜନସମ୍ପର୍କ ଅଧିକାରୀ ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଆଇନ ସମ୍ମତ ବିଦ୍ୟୁତ ସେବା ନେବାକୁ ଅନୁରୋଧ କରିଛନ୍ତି। ଏହାସହ ଆଲୋକସଜ୍ଜାରେ ଏଲ୍‌ଇଡି ଲାଇଟ ବ୍ୟବହାର ଖର୍ଚ୍ଚ କମିଯାଉଥିବାରୁ ବ୍ୟବହାର କରିବାକୁ ସେସୁ ପରାମର୍ଶ ଦେଇଛି।

### ଅତିଥି ଅଧ୍ୟାପକଙ୍କୁ ଶିକ୍ଷାବର୍ଷ ଶେଷରେ ଛଟେଇ ନ କରିବାକୁ ଦାବି

**ଭୁବନେଶ୍ୱର,୨୯।୮(ବ୍ୟୁରୋ):** ବିଭିନ୍ନ ସରକାରୀ ମହାବିଦ୍ୟାଳୟ, ସ୍ୱୟଂଶାସିତ, ଡିଗ୍ରୀ ଓ ମଡେଲ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ଅତିଥି ଅଧାପକଙ୍କୁ ଶିକ୍ଷାବର୍ଷ ଶେଷରେ ଛଟେଇ କରାଯାଉଛି। ଏହାକୁ ବନ୍ଦ କରିବା, ସେମାନଙ୍କ ଅଭିଜ୍ଞତାର ସଦୁପଯୋଗ କରାଯାଇ ପଣି ସାକ୍ଷାତକାର ମାଧମରେ ନିଯୁକ୍ତି ଦେବା, ଚାକିରି ସୁରକ୍ଷା ପ୍ରଦାନ କରିବା ପ୍ରଭୃତି ଦାବିରେ ଅତିଥି ଅଧାପକ ସଂଘ ପକ୍ଷରୁ ଦାବି ହୋଇଛି। ଏହି ଅବସରରେ ୟୁଟିଆ କାର୍ଯ୍ୟାଳୟରେ ସଂଘ ସଭାପତି ବିକ୍ରମ କେଶରୀ ବର୍ମାଙ୍କ ପୌରୋହିତ୍ୟରେ ଏକ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷଙ୍କ ଦ୍ୱାରା ନିଯୁକ୍ତ ଅଧାପକଙ୍କୁ ଶିକ୍ଷାବର୍ଷ ଶେଷରେ ଚାକିରିରୁ ବହିଷ୍କାର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଭାପତି ବର୍ମା କହିଛନ୍ତି। ଏ ନେଇ ସରକାର ଯଦି କିଛି ନିଷ୍କର୍ଷ ନ ବାହାର କରିବେ ତାହା ହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ■ ଜାତୀୟ ରାଜପଥରେ ଲୁଟେରା ସକ୍ରିୟ
# ୫ ବର୍ଷରେ ୯ ଜଣଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ, ୨୯।୮**

■ ଟାର୍ଗେଟରେ ବାଇକ୍
■ ସନ୍ଧ୍ୟା ହେଲେ ରାଜପଥ ନୁହେଁ ନିରାପଦ

ଖୋର୍ଦ୍ଧା ଜିଲା ଦେଇ ଅତିକ୍ରମ କରିଥିବା କୋଲକାତା-ମାଡ୍ରାସ ୧୬ ନଂ. ଓ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଲୁଟେରା ସକ୍ରିୟ ହୋଇ ପଡିଛନ୍ତି। ଦିନବେଳା କାଁ ଭାଁ ଲୁଟ୍ ହେଉଥିବାବେଳେ ସନ୍ଧ୍ୟାରେ ରାଜପଥ ନିରାପଦ ନୁହେଁ। ଗତ ୫ ବର୍ଷ ମଧ୍ୟରେ ଲୁଟ୍ ବେଳେ ବାଇକରୁ ଖସି ୯ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି। ବିଭିନ୍ନ ଲୁଟ୍ ସମୟର ତରିକାକୁ ଅନୁଧ୍ୟାନ କଲେ ଲୁଟେରାଙ୍କ ଟାର୍ଗେଟରେ ବାଇକ୍ ରହିଥିବା ସ୍ପଷ୍ଟ ହୋଇଛି। କାରଣ ବାଇକ୍‌ରେ ଯାଉଥିବା ଯାତ୍ରୀଙ୍କଠାରୁ ଲୁଟ୍ କଲେ ଧରା ପଡିବାର ଭୟ ନାହିଁ। ଲୁଟେରାମାନେ ବନ୍ଧୁକ ଦେଖାଇ ଟଙ୍କା, ସୁନା, ରୁପ ଅଳଙ୍କାର ସହ ବାଇକ ମଧ୍ୟ ଲୁଟି ନେଉଛନ୍ତି। ଲୁଟେରାମାନଙ୍କୁ କାବୁ କରିବାକୁ ପୋଲିସର ପଦକ୍ଷେପ ନାହିଁ। ପାଟ୍ରୋଲିଂ ନ ଥିବାରୁ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଗତ ୨ ମାସ ମଧ୍ୟରେ ଦୁଇ ରାଜପଥ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ଲୁଟ୍ ହୋଇ ସାରିଲାଣି। ତେବେ ବେଶି ଲୁଟ୍ ହେଉଛି ୧୬ ନଂ. ଜାତୀୟ ରାଜପଥରେ। ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଆଦର୍ଶ ଥାନାର ପିତାପଲ୍ଲୀ ଛକଠାରୁ ବାଣପୁର ଥାନାର ହାଟବରଡିହ ଛକ ପର୍ଯ୍ୟନ୍ତ ଲୁଟେରାମାନେ ସେମାନଙ୍କର ରାଜ୍ ଚଳାଇଛନ୍ତି। ଲୁଟ୍ ପରେ ଲୁଟେରାମାନେ ନୟାଗଡ ଓ ଗଞ୍ଜାମ ଜିଲା ସୀମାକୁ ଚାଲି ଯାଉଛନ୍ତି। ଏହି ରାଜପଥ ଅଞ୍ଚଳରେ ଖୋର୍ଦ୍ଧା ଆଦର୍ଶ ଥାନା, ଖୋର୍ଦ୍ଧା ସଦର ଥାନା, ଜଙ୍କିଆ ଥାନା, ନିରାକାରପୁର ଥାନା, ଟାଙ୍ଗୀ ଥାନା, ବାଲୁଗାଁ ଥାନା ଓ ବାଣପୁର ଥାନା ଏବଂ ନୟାଗଡ ଜିଲାର ଚାନ୍ଦପୁର ଥାନା ରହିଥିଲେ ହେଁ ଅପରାଧୀଙ୍କୁ ରୋକ୍ ଲଗାଇ ପାରୁନି। ସେହିପରି ୫୭ ନଂ. ଜାତୀୟ ରାଜପଥରେ ଖୋର୍ଦ୍ଧା ଆଦର୍ଶ ଥାନା, ବାଘମାରୀ ଥାନା, ବେଗୁନିଆ ଥାନା, ବୋଲଗଡ ଥାନା ଏବଂ ନୟାଗଡ ଜିଲାର ରଣପୁର ଥାନାର ସୁନାଖଲା ଫାଣ୍ଡି ଆସୁଛି। ଏହି ରାସ୍ତାରେ ଲୁଟେରାମାନେ ମଧ୍ୟ ପୋଲିସକୁ ଚକମା ଦେଖାଇ ଲୁଟ୍ କରି ଚାଲିଛନ୍ତି। ଗତ ୨ ମାସ ମଧ୍ୟରେ ୯ ଟି ଲୁଟ୍ ହୋଇ ସାରିଲାଣି। ଲୁଟେରାମାନେ ଖୋର୍ଦ୍ଧା ଜିଲାର ସଡକ ପଥରେ ଲୁଟ୍ କରି ନୟାଗଡ ଜିଲାକୁ ଚାଲି ଯାଉଛନ୍ତି। ଅପରପକ୍ଷେ ୧୬ ନଂ. ଜାତୀୟ ରାଜପଥରେ ୬ ଜଣଙ୍କର ଓ ୫୭ ନଂ ଜାତୀୟ ରାଜପଥରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଗତ ୨୪ ତାରିଖରେ ଜଣେ ମହିଳାଙ୍କଠାରୁ ଲୁଟ୍ ହୋଇଥିଲା। ମହିଳା ଜଣକ ବାଇକ୍‌ର ପଛପାଖରେ ବସିଥିବାବେଳେ ଲୁଟେରାମାନେ ଠେଲି ଦେଇ ଲୁଟ୍ କରିଥିଲେ। ତେବେ ଚଳନ୍ତା ବାଇକରୁ ଖସି ମହିଳା ପ୍ରାଣ ହରାଇଥିଲେ।

### ଥାନାରେ ଅଭିଯୋଗ ହେଉନି ଅଧିକାଂଶ ଲୁଟ୍

୫୭ ନଂ. ଓ ୧୬ ନଂ. ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଲୁଟ୍ ଚାଲିଛି। ତେବେ ଲୁଟ୍ ପରେ ଅଧିକାଂଶ ଲୋକ ଥାନାରେ ଅଭିଯୋଗ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କାରଣ ଥାନାକୁ ଗଲେ ନ୍ୟାୟ ମିଳୁନି। ପ୍ରଥମତଃ ମକଦ୍ଦମା ରୁଜୁ କରିବାକୁ ପୋଲିସକୁ ହାତଗୁଞ୍ଜା ଦେବାକୁ ପଡୁଛି। ୨ୟରେ ମକଦ୍ଦମା ପରେ ଲୁଟେରାଙ୍କୁ ଧରିବାକୁ ପୋଲିସର ଆନ୍ତରିକତା ରହୁ ନାହିଁ। ଲୁଟେରା ଯାହା ନେଲେ ପରେ ପୋଲିସ ପାଇଁ ଖର୍ଚ୍ଚ କରିବାକୁ ଅଧିକାଂଶ ଲୋକ ଚାହୁଁ ନାହାନ୍ତି। ବରଂ ଭାଗ୍ୟକୁ ଆଦରି ଚୁପ ରହୁଛନ୍ତି। ଏଭଳିସ୍ଥଳେ ପୋଲିସ କେତେଦୂର ଲୋକଙ୍କ ନିକଟତର ହେଉଛି ତାହା ଅନୁମେୟ।



ୟୁନିଟ୍-୪ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗୁରୁବାର ଅନୁଷ୍ଠିତ ବିଜ୍ଞାନ ମେଳାରେ ଜଣେ ଛାତ୍ରୀ ପ୍ରକଳ୍ପ ସମ୍ପର୍କରେ ପିଲାମାନଙ୍କୁ ବୁଝାଉଛନ୍ତି।

## କମିଶନରେଟ୍ ପୋଲିସରେ ଅଦଳବଦଳ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

କମିଶନରେଟ୍ ପୋଲିସରେ କାର୍ଯ୍ୟରତ ୫ ଜଣ ଅଧିକାରୀଙ୍କ ଗୁରୁବାର ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ମହିଳା ଥାନାରେ କାର୍ଯ୍ୟରତ ଅଧିକାରୀ ଅନୁସୟା ନାୟକଙ୍କୁ କଟକ ମହିଳା ଥାନାକୁ ବଦଳି କରାଯାଇଛି। ଏଥିସହ ଭୁବନେଶ୍ୱର କମିଶନରେଟ୍ ମୁଖ୍ୟାଳୟରେ ଇନ୍ସପେକ୍ଟର ପର୍ସୋନେଲ ଭାବେ କାର୍ଯ୍ୟରତ ବନିତା ମହାରଣାଙ୍କୁ ଭୁବନେଶ୍ୱର ମହିଳା ଥାନା ଅଧିକାରୀ ଭାବେ ନିଯୁକ୍ତି କରାଯାଇଛି। ସେହିପରି କଟକ ମହିଳା ଥାନାରେ କାର୍ଯ୍ୟରତ ଥାନା ଅଧିକାରୀ ରିନା ଦାସଙ୍କୁ ଭୁବନେଶ୍ୱର କମିଶନରେଟ ମୁଖ୍ୟାଳୟରେ ଇନ୍ସପେକ୍ଟର ପର୍ସୋନେଲ ଭାବେ ବଦଳି କରାଯାଇଛି। କଟକ ଡିଆଇବିରେ କାର୍ଯ୍ୟରତ ଏସ୍‌ଆଇ ଭୁବନ ମୋହାନ ସାମନ୍ତରାଏ ଓ ରବୀନ୍ଦ୍ର କୁମାର ଲେଙ୍କାଙ୍କୁ ଭୁବନେଶ୍ୱର ଡିଆଇବିକୁ ସ୍ଥାନାନ୍ତର କରାଯାଇଛି।

## ଦେବୀ ପାଦହରା ପୁଷ୍କରିଣୀ ଆବର୍ଜନାମୟ



ଦଳପୂର୍ଣ୍ଣ ହୋଇପଡ଼ିଥିବା ଦେବୀ ପାଦହରା ପୁଷ୍କରିଣୀ।

**ପୁରୁଣା ଭୁବନେଶ୍ୱର,୨୯।୮(ଡି.ଏନ୍.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତରପୂର୍ବ କୋଣରେ ଥିବା ଐତିହ୍ୟ ଦେବୀପାଦହାର ପୁଷ୍କରିଣୀଟି ଏବେ ଆବର୍ଜନାମୟ ହୋଇପଡ଼ିଛି। କିମ୍ବଦନ୍ତୀରୁ ଜଣାଯାଏ ମା' ପାର୍ବତୀ ଫାଲଗୁନ ମାସ ଶୁକ୍ଳ ଏକାଦଶୀ ଦିନ ବିମାନସ୍ଥ ହୋଇ ଆସୁଥିବା ସମୟରେ ଶ୍ରୀଲିଙ୍ଗରାଜ ଏଠାରେ କୀର୍ତ୍ତି ଓ ବାସ ନାମକ ଦୁଇ ରାକ୍ଷସଙ୍କୁ ପାଦ ଦ୍ୱୟରେ ପାତାଳକୁ ଚାପି ଦେଇଥିଲେ। ପରେ ସେଠାରେ ଏହି ଦେବୀ ପାଦହରା କଥା ପାର୍ବତୀ ସାଗର ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ତତ୍କାଳୀନ ରାଜା ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଛୋଟ ଛୋଟ ୧୦୮ଟି ଲିଙ୍ଗ ଅବସ୍ଥାନ କରିବା ସହ ଛୋଟ ମନ୍ଦିର ଗଢିଥିଲେ। ଏଭଳି ଏକ ସୌନ୍ଦର୍ଯ୍ୟମୟ ପୁଷ୍କରିଣୀର ପୁନରୁଦ୍ଧାର ପାଇଁ ୨ ବର୍ଷ ତଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଯୋଜନା କରାଯାଇଥିଲା। ସେଥିରେ ପୋଖରୀ ଚତୁଃପାର୍ଶ୍ୱରେ କେବଳ ଆଲୋକୀକରଣ କରାଯାଇଛି। ହେଲେ ଆବର୍ଜନା ପୂତି ଗନ୍ଧମୟ ପୋଖରୀଟିର ସଫା ନ ହୋଇଥିବାରୁ ଏକ ପ୍ରକାର ପରିତ୍ୟକ୍ତ ହୋଇପଡ଼ିଛି। ଛୋଟ ମନ୍ଦିରଗୁଡ଼ିକ ଉପରେ ଗଛଲତା ମାଡ଼ିଯିବାରୁ ମନ୍ଦିରଗୁଡ଼ିକ ଲୋକଲୋଚନରୁ ଦୂରେଇଯାଇଛି। ସେଇଭଳି ଏହାର ପଶ୍ଚିମ ଓ ଉତ୍ତର ପାର୍ଶ୍ୱରେ ଅବରୋଧ ଯୋଗୁ ପର୍ଯ୍ୟଟକମାନେ ପୋଖରୀଟି ସମ୍ବନ୍ଧରେ ଅବଗତ ହୋଇପାରୁନାହାନ୍ତି। ଶ୍ରୀ ଲିଙ୍ଗରାଜ ମନ୍ଦିର ଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ପୁଷ୍କରିଣୀଟି ଆବର୍ଜନା ପଡି ଦୁର୍ଗନ୍ଧ ହେଉଥିବାରୁ ସେଠି ଯିବାକୁ ନାକ ଟେକୁଛନ୍ତି। ମଙ୍ଗଳବାର କଲିକତାରୁ ଆସିଥିବା ପର୍ଯ୍ୟଟକ ସୁକୁମାର କର୍ମକାର କୁହନ୍ତି, ମନ୍ଦିର ପରିବେଶ ବହୁତ ଥିବାବେଳେ ପୁଷ୍କରିଣୀର ଅବସ୍ଥା ଶୋଚନୀୟ ହୋଇପଡିଛି। ଏଥିପ୍ରତି ଧ୍ୟାନ ଦେଇ ତଥା ପୁଷ୍କରଣୀଟି ସୌନ୍ଦର୍ଯ୍ୟ ପାଇଁ ସଫେଇ ନିହାତି ଦରକାର। ସେହିଭଳି ପର୍ଯ୍ୟଟକ ମୀରା ମୁଣ୍ଡ କୁହନ୍ତି, ମନ୍ଦିର ବୁଲି ଯେତିକି ଶାନ୍ତି ଲଗିଲା ପୁଷ୍କରିଣୀଟି ଆବର୍ଜନା ପାଇଁ ଆକୃଷ୍ଟ କରିପାରିଲା ନାହିଁ। ଏ ନେଇ ଏଏସ୍‌ଆଇ ସଂରକ୍ଷଣ ଅଧୀକ୍ଷକ ତ୍ରୈଲୋକ୍ୟନାଥ ବେହେରାଙ୍କୁ ପଚାରିବାରେ ଆମର ଭୁବନେଶ୍ୱର ସର୍କଲରେ ବର୍ଷେ ପାଖାପାଖି ହେଲା ଶ୍ରମିକ ଧାରଣାରତ ଥିବାରୁ ସଫେଇ କାର୍ଯ୍ୟକ୍ରମ ହୋଇପାରୁନାହିଁ। ତେବେ ଟେଣ୍ଡର ପ୍ରକ୍ରିୟା ଚାଲିଛି। ଖୁବ୍‌ଶୀଘ୍ର ପୁଷ୍କରିଣୀ ସଫେଇ କରାଯିବ ବୋଲି ସେ କହିଥିଲେ।

## ଓଲଟିଲା ଅଟୋ: ୪ ଛାତ୍ରୀଛାତ୍ର ଗୁରୁତର

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ଶହୀଦନଗର ଥାନା ଅନ୍ତର୍ଗତ ଟଙ୍କପାଣି ସାଇମନ୍ଦିର ନିକଟରେ ଗୁରୁବାର ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏଥିରେ ବସିଥିବା ୪ଜଣ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିଷ୍ଣୁପ୍ରିୟା ବେଉରା (୭), ସୁଜିତ କୁମାର ବେହେରା (୬), ପାୟଲ ପ୍ରିୟଦର୍ଶିନୀ ବେହେରା (୮) ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ପିଲାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲ। ସୂଚନା ଅନୁଯାୟୀ, ଶିଶୁପାଳଗଡରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଉକ୍ତ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରନ୍ତି। ଗୁରୁବାର ମଧ୍ୟାହ୍ନ ୧୨ଟାରେ ସ୍କୁଲ ସରିବା ପରେ ଅଟୋ ଡ୍ରାଇଭର ୪ଜଣ ପିଲାଙ୍କୁ ଧରି ଘର ଅଭିମୁଖେ ଯାଉଥିଲେ। ସବୁ ପିଲାଙ୍କ ଘର ଟଙ୍କାପାଣିରୋଡ୍ ଶିବନଗର ବୋଲି ଜଣାପଡିଛି। ଅଟୋରେ ବସିଥିବା ଜଣେ ପିଲାର ବାପା ଉକ୍ତ ଅଟୋକୁ ଚଳାଉଥିଲେ। ଅଟୋଟି ଟଙ୍କପାଣିରୋଡ୍‌ରେ ଯାଉଥିବାବେଳେ ହଠାତ୍ ଆଗରେ ଏକ ଟ୍ରାକ୍ଟର ପଶି ଆସିବାରୁ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡିଥିଲା। ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଟ୍ରାକ୍ଟର ନେଇ ଫେରାର ହୋଇଯାଇଛି। ତେବେ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବାରୁ ଅଟୋ ଡ୍ରାଇଭରଙ୍କ ଲାଇସେନ୍ସ ଚେକିଂ ଏବଂ ସଚେତନ କରିବାକୁ ଅଭିଭାବକ ମହାସଂଘ ଦାବି କରିଛି।

## ■ ଓଲଟିଲା ଚାଉଳ ବୋଝେଇ ମିନି ଟ୍ରକ
# ଜଣେ ଶ୍ରମିକ ମୃତ, ୩ ଗୁରୁତର

**ବାଲିପାଟଣା,୨୯।୮(ଡି.ଏନ୍.ଏ.)**



ରାଜସ ପଞ୍ଚାୟତର କୃଷ୍ଣପୁର ପୋଲ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଚାଉଳ ବୋଝେଇ ଟ୍ରକ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୁଆପୁର ଗ୍ରାମର ଧୋକଡ଼ି ଭୋଇ। ଗୁରୁତରମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପିଡିଏସ୍ ଚାଉଳ ଲୋଡ କରି ଏକ ମିନିଟ୍ରକ୍ ଓ ଦୁଇ ଟ୍ରାକ୍ଟର ସୋମଣା ପଞ୍ଚାୟତ ପଟକୁ ଯାଉଥିଲା। କୃଷ୍ଣପୁର ପୋଲ ନିକଟରେ ଏକ କାରକୁ ସାଇଡ ଦେବା ବେଳେ ମିନିଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଗାଡି ଉପରେ ବସିଥିବା ମାର୍ଥାପୁର ଗ୍ରାମର ରାଧୁ ପ୍ରଧାନ, ଗୁଆପୁର ଗ୍ରାମର ବାଜୁ ଭୋଇ ଓ ଚିତ୍ତରଞ୍ଜନ ପରିଡା ଗୁରୁତର ହୋଇଥିଲେ। କିନ୍ତୁ ଗାଡି ଉପରେ ଧୋକଡି ଶୋଇପଡିଥିବାରୁ କିଛି ଜାଣିବା ପୂର୍ବରୁ ଚାଉଳ ବସ୍ତା ତଳେ ଚାପି ହୋଇଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଧୋକଡିଙ୍କୁ ବସ୍ତା ତଳୁ ବାହାର କରିଥିଲେ ମଧ୍ୟ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ମିନିଟ୍ରକ ଚାଳକ ଫେରାର ହୋଇଯାଇଥିଲେ। ଖବରପାଇ ବାଲିପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମିନିଟ୍ରକ ଓ ଚାଉଳ ବସ୍ତା ଜବତ କରିଛି। ଖବର ଲେଖାହେବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## ଟ୍ରେନ୍ ଯାତ୍ରୀଙ୍କୁ ଲୁଟ୍ ଉଦ୍ୟମ, ୨ ଗିରଫ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**




ଗିରଫ ଦୁଇ ଅଭିଯୁକ୍ତ।

ଭୁବନେଶ୍ୱର ମୁଖ୍ୟ ରେଲୱେ ଷ୍ଟେଶନରେ ବୁଧବାର ବିଳମ୍ବିତ ରାତିରେ ଆରପିଏଫ ଓ ଜିଆରପି ଦୁଇଜଣ ନିଶାଦିଆ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଭଗବତୀ ପ୍ରସାଦ ଗ୍ରାମର ସୁଶାନ୍ତ ରାଉତ ଓ ରୋହିବଙ୍କାର ଲକ୍ଷ୍ମୀଧର ଅଲଟିଆ। ଏମାନଙ୍କଠାରୁ ୧୫ଟି ନିଶା ବଟିକା ଜବତ ହୋଇଛି। ଏ ସମ୍ପର୍କରେ ଜିଆରପି ଥାନାରେ ଏକ ମାମଲା (ନଂ.୧୪୨/୧୯) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ପ୍ରଭାତ ନାୟକ ନାମକ ଯୁବକ ମଙ୍ଗଳବାର ଚେନ୍ନାଇରୁ ଏର୍ନାକୁଲମ-ପାଟଣା ସୁପରଫାଷ୍ଟ ଏକ୍ସପ୍ରେସରେ ଆସି ରାତି ୨ଟାରେ ଷ୍ଟେଶନରେ ଓହ୍ଲାଇଥିଲେ। ଅଭିଯୁକ୍ତ ସୁଶାନ୍ତ ତାଙ୍କ ନିକଟକୁ ଆସି କୁଆଡେ ଯିବ ବୋଲି ପଚାରିଥିଲେ। ପ୍ରଭାତ ନୟାଗଡ଼ କହିବାରୁ ସୁଶାନ୍ତ ମଧ ସେଠି ଯିବେ କହି ତାଙ୍କ ସହ ମିଶିଯାଇଥିଲେ। ପରେ ମୋର ଜଣେ ସାଙ୍ଗ ଆସୁଛି, ୩ ମିଶି ବାଇକରେ ନୟାଗଡ଼ ସୁଶାନ୍ତ ତାଙ୍କୁ କହିଥିଲେ। ପ୍ରଭାତ ମନା କରିବା ସହ ସନ୍ଦେହ କରି ଷ୍ଟେଶନ ଭିତରକୁ ଚାଲିଯାଇଥିଲେ। ସେଠାରେ ଆରପିଏଫ ଥିବା ଦେଖି ସୁଶାନ୍ତ ପଳାଇଯାଇଥିଲେ। ଏ ନେଇ ପ୍ରଭାତ ଜିଆରପି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକ୍ରମେ ଅଭିଯୁକ୍ତଙ୍କ ଉପରେ ନଜର ରଖିଥିଲା। ବୁଧବାର ରାତିରେ ପୁଣି ଏକ ବାଇକ ଯୋଗେ ସୁଶାନ୍ତ ଓ ଲକ୍ଷ୍ମୀଧର ଲୁଟ ଉଦ୍ଦେଶ୍ୟରେ ଆସିଥିବାବେଳେ ପୋଲିସ କାବୁ କରିଥିଲା। ପଚରାଉଚୁରା ପରେ ଉଭୟେ ସତ କଥା ମାନିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ଧର୍ମପରାୟଣା ମହିଳା ସଚିବାଳା ପଟ୍ଟନାୟକଙ୍କ ବୁଧବାର ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ୟୁନିଟ୍-୪ ମଧୁସୂଦନନଗର ଅଞ୍ଚଳର ସ୍ୱର୍ଗତା ସଚିବାଳା ଜଣେ ଧର୍ମପରାୟଣା ମହିଳା ଓ ପରୋପକାରୀ ଭାବେ ପରିଚିତ ଥିଲେ। ସେ ବାଳ ବିକାଶ କାର୍ଯ୍ୟକ୍ରମ ସହ ଜଡ଼ିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## କ୍ୟାପିଟାଲ ହସ୍ପିଟାଲରେ ଲାଗିଲା ନୂଆ ଫ୍ରିଜର ବକ୍ସ



କ୍ୟାପିଟାଲ ହସ୍ପିଟାଲରେ ଲାଗିଥିବା ନୂଆ ଫ୍ରିଜର ବକ୍ସ।

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ରଖିବା ପାଇଁ ପୂର୍ବରୁ ସମସ୍ୟା ଥିବାବେଳେ ଏବେ ଏକ ନୂଆ ଫ୍ରିଜର ବକ୍ସ ଲଗାଗଲା। ପୂର୍ବରୁ ଜାଗା ଫ୍ରିଜର ନ ଥିବାରୁ ବରଫ ଦେଇ ଚଟାଣରେ ରଖାଯାଉଥିଲା। ଯାହାଦ୍ୱାରା ମୃତଦେହକୁ ମୂଷା ଖାଇବାର ଭୟ ରହିଥିଲା। ଏନେଇ ଜୁନ୍ ୬ରେ ଧରିତ୍ରୀରେ 'କ୍ୟାପିଟାଲ ହସ୍ପିଟାଲରେ ଫ୍ରିଜର ବକ୍ସ ଅଭାବ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ହସ୍ପିଟାଲର ରୋଗୀ କଲ୍ୟାଣ ସମିତି ତୁରନ୍ତ ଏକ ବୈଠକ ଡକାଯାଇ ଆଲୋଚନା କରାଯାଇଥିଲା। କର୍ତ୍ତୃପକ୍ଷ ସରକାରଙ୍କୁ ଜଣାଇବା ପରେ ଆଉ ଦୁଇଟି ଫ୍ରିଜ୍‌ର ବକ୍ସ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ଢେଙ୍କାନାଳ ଜିଲା ମୁଖ୍ୟାଳୟରେ ଫ୍ରିଜର ବକ୍ସର ଅଭାବ ଥିବାରୁ ସେଠାରୁ ଗୋଟାଏ ପଠାଇ ଦିଆଯାଇଥିଲା। ବର୍ତ୍ତମାନ ନୂଆ ଫ୍ରିଜର ବକ୍ସରେ ଏକାଥରରେ ୮ଟି ମୃତଦେହ ରହିପାରିବ। ଏଥିପାଇଁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଛି।

**ଏକାସଙ୍ଗେ ରହିବ ୮ ମୃତଦେହ**

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**



ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ ମୋନିକା ନେଲ୍‌ସନ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ସହ ଆଲୋଚନା କରୁଛନ୍ତି।

ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ ମୋନିକା ନେଲ୍‌ସନ୍ ଗୁରୁବାର ସଚିବାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, କାର୍ଯ୍ୟକାରୀ ହେଉଥିବା ସମ୍ପୂର୍ଣ୍ଣା ଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହିସବୁ କାର୍ଯ୍ୟକ୍ରମ ଓଡିଶାରେ ବେଶ୍ ସଫଳତାର ସହିତ କାର୍ଯ୍ୟକାରୀ ହେଉଥିବା ଏବଂ ଏହାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚି ପାରୁଥିବାରୁ ନେଲ୍‌ସନ୍ ଖୁସି ବ୍ୟକ୍ତ କରି ୟୁନିସେଫ୍ ତା'ର ସହାୟତା ଓ ସହଯୋଗ ବଜାୟ ରଖିବ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ମଧ ଏଥିପାଇଁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ମନ୍ତ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷାତ ସମୟରେ ୟୁନିସେଫ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ବିବେକ ଭିରେନ୍ଦ୍ର ସିଂହ ମଧ ଉପସ୍ଥିତ ଥିଲେ।

## 'ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା'

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

ବାତ୍ୟା ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରିବାରେ ଓଡ଼ିଶା ସମଗ୍ର ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଛି। ଏହି ଉଲ୍ଲେଖନୀୟ ସଫଳତାରେ ଉଭୟ ରାଜ୍ୟ ସରକାର ଏବଂ ଓଡ଼ିଶାବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏହି ନୂତନ ଉପଲବ୍ଧି ଭବିଷ୍ୟତ ପାଇଁ ବିଶେଷ ଭାବେ ସହାୟକ ହେବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଗୁରୁବାର 'ଫନୀରୁ ଶିକ୍ଷା' ଶୀର୍ଷକ ଏକ କର୍ମଶାଳାରେ ଯୋଗଦେଇ ପ୍ରଫେସର ଲାଲ କହିଲେ, ଫନୀ ପରେ ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଓଡ଼ିଶାକୁ ସହାୟତାର ହାତ ବଢ଼ାଇଛନ୍ତି। ସେବା ପ୍ରକୃତ କ୍ଷେତ୍ରରେ ବସ୍ତୁ ଭିତ୍ତିକ ନୁହେଁ, ଏହା ଭାବଭିତ୍ତିକ। ଏହି ଭାବର ପରିଚ୍ଛନତା ଓ କ୍ରିୟାଶୀଳତା ଏକାନ୍ତ ଆବଶ୍ୟକ। ଆନ୍ତରିକତା ଓ ଏକାତ୍ମ ଭାବ ନେଇ ଯେଉଁ ସେବା କାର୍ଯ୍ୟ କରାଯାଏ ତା'ର ପ୍ରଭାବ ସୁଦୂର ପ୍ରସାରୀ ହୁଏ ବୋଲି ରାଜ୍ୟପାଳ ତଥା ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡ଼ିଶା ଶାଖାର ଅଧ୍ୟକ୍ଷ ରାଜ୍ୟପାଳ ପ୍ରଫେସର ଲାଲ୍ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଜୁନିୟର ରେଡ଼କ୍ରସ୍‌ର ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ରେଡ଼କ୍ରସ୍, ଓଡ଼ିଶା ଶାଖା କାର୍ଯ୍ୟକାରୀ କମିଟିର ଅଧ୍ୟକ୍ଷ ନବ କିଶୋର ଦାସ ପ୍ରମୁଖ ଯୋଗଦେଇ ଫନୀ ମୁକାବିଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସହଯୋଗ ବିଶେଷ ସହାୟକ ହୋଇଥିବା କହିଥିଲେ। ଭାରତୀୟ ରେଡକ୍ରସ୍, ଓଡିଶା ଶାଖାର ଅବୈତନିକ ସମ୍ପାଦକ ମେଜର ଡ. କଳ୍ପନା ଦାସ କର୍ମଶାଳାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାନାଡିଆନ୍ ରେଡକ୍ରସର ପ୍ରତିନିଧି ସୁରେଶ ଭୋଜ୍, କତାର ରେଡକ୍ରସର ପ୍ରତିନିଧି ତାରାବେନ, ଇକୋର ପ୍ରତିନିଧି ତପନ ମହାପାତ୍ର ପ୍ରମୁଖ ଏହି କର୍ମଶାଳାରେ ନିଜ ନିଜର ଅଭିଜ୍ଞତା, ଅନୁଭବ ଓ ଉପଲବ୍ଧି ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଅଗଷ୍ଟ,୨୦୧୯



ଉତ୍ତରପ୍ରଦେଶର ଉନ୍ନାଓରେ ପୁଣି ଏକ ଗଣବଳାତ୍କାର ଘଟଣା ସାମ୍ନାକୁ ଆସିଛି। ମାଖି ଗ୍ରାମରୁ ଜଣେ ଯୁବତୀଙ୍କୁ ୩ ଯୁବକ ଅପହରଣ କରି ଗଣବଳାତ୍କାର କରିଥିବା ଜଣାପଡ଼ିଛି। ଜୁଲାଇ ୧ରେ ଏଭଳି ଘଟଣା ଘଟିବା ପରେ ପୋଲିସରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ପୀଡ଼ିତା ଓ ତାଙ୍କ ମା' ଆତ୍ମାହୁତି ଦେବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷାକର୍ମୀ ସେମାନଙ୍କୁ ଉଦ୍ଧାର କରିଥିଲେ। ମାମଲାରେ ଜଣେ ଗିରଫ ହୋଇଥିବାବେଳେ ପୋଲିସ ତଦନ୍ତ ଜାରିରହିଛି।



**ସଂକ୍ଷେପରେ**

## ଭାଜପା ବିରୋଧରେ ମୁହଁ ଖୋଲିଲେ ଦାମ

ଭୁବନେଶ୍ୱର,୨୯।୮(ବ୍ୟୁରୋ): ବରିଷ୍ଠ ନେତା ଦାମୋଦର ରାଉତ ନିଜର ରାଜନୈତିକ ଅବସ୍ଥାକୁ ନେଇ ପୁଣି ମୁହଁ ଖୋଲିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପାରେ ଯୋଗଦେଇଥିବା ଦାମ ବର୍ତ୍ତମାନ ସେହି ଦଳରେ ନିଜକୁ ଅଲୋଡ଼ା ମନେ କରୁଥିବା କହିଲେଣି। ଭାଜପା ଏବଂ ତାଙ୍କ ମଧ୍ୟରେ ଦୂରତା ବହୁ ମାତ୍ରାରେ ବଢ଼ି ସାରିଥିବା ସେ ସ୍ୱୀକାର କରିଛନ୍ତି। ଗୁରୁବାର ଦାମ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ନିର୍ବାଚନ ସମୟରେ ଭାଜପା ତାଙ୍କୁ ଡାକିଲା ଏବଂ ଆଗ୍ରହ ପ୍ରକାଶ କରି ସେ ଦଳରେ ସାମିଲ ହେଲେ। ନିର୍ବାଚନ ଷ୍ଟାର ପ୍ରଚାରକ ତାଲିକାରେ ତାଙ୍କୁ ରଖାଗଲା। ସଭାସମିତିରେ ଯୋଗଦେବା ଲାଗି ହେଲିକପ୍ଟରରେ ବୁଲାଇଲେ। ବାଲିକୁଦା-ଏରସମାରୁ ପ୍ରାର୍ଥୀ କରିଥିଲେ, ସେଠାରେ ପରାଜିତ ହେଲି। ପରାଜିତ ହେବାର ଅନେକ କାରଣ ରହିଛି। ସେ ବିଷୟରେ କହିଲେ କିଛି ଲାଭନାହିଁ। ନିର୍ବାଚନରେ ପରାଜିତ ହେବା ପରଠାରୁ ଦଳ କୌଣସି କାର୍ଯ୍ୟକ୍ରମରେ ଡାକିନାହିଁ। ଦଳର ସାଂଗଠନିକ କାର୍ଯ୍ୟକ୍ରମ ଚାଲିଛି, ହେଲେ ସେଥିରେ ମଧ୍ୟ ସାମିଲ କରାଯାଇନାହିଁ। ଦରକାର ପଡ଼ିଲେ ଆହୁରି ବହୁତ କିଛି ଖୋଲିବେ ବୋଲି ସେ କହିଛନ୍ତି।

# ଯୁବକଙ୍କୁ ନିସ୍ତୁକ ପିଟିଲେ ଏପିଆର୍ ହାବିଲଦାର

ବୌଦ୍ଧ,୨୯।୮(ସ୍ୱ.ପ୍ର.)

**ପୋଲିସର ଦାଦାଗିରି**
- ଭିଡିଓ ଭାଇରାଲ ପରେ ନିଲମ୍ବିତ, ତଦନ୍ତ ନିର୍ଦ୍ଦେଶ
- ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ୪ ଗିରଫ

ବୌଦ୍ଧ ପୋଲିସର ଦାଦାଗିରି ଚରମସୀମାରେ ପହଞ୍ଚିଛି। ଏପିଆର୍ ହାବିଲଦାର ଜଣେ ଯୁବକଙ୍କୁ ବିଚ୍ ରାସ୍ତାରେ ନିସ୍ତୁକ ପିଟିବାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଉକ୍ତ ଭିଡିଓ ଦେଖିବା ପରେ ବିଭିନ୍ନ ମହଲରେ ପୋଲିସର ଏପରି ଥାର୍ଡଡିଗ୍ରୀକୁ ନିନ୍ଦା କରାଯାଇଛି। ଶେଷରେ ଏସ୍‌ପି ଭି. ରଘୁନାଥ ରାଓ ସମ୍ପୃକ୍ତ ହାବିଲଦାରଙ୍କୁ ଚାକିରିରୁ ନିଲମ୍ବନ କରିବା ସହ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ଅଧୀନ ନୀଳକଣ୍ଠପଡ଼ା ଗ୍ରାମର ବିଶ୍ୱରାଜ ଓରଫ ବିଶ୍ୱଜିତ୍ ଚାଉଳିଆ(୨୩) ନାମକ ଜଣେ ଯୁବକ ଗତ ୨୬ ତାରିଖରେ ଜଣେ ଛାତ୍ରୀଙ୍କୁ ଏକ ମୋବାଇଲ ଫୋନ ଦେଇଥିଲେ। ହେଲେ ଛାତ୍ରୀ ଜଣକ ମୋବାଇଲ ଫୋନକୁ ଫିଙ୍ଗି ଦେଇ ଘରକୁ ପଳାଇଥିଲେ। ୨୮ତାରିଖରେ ଛାତ୍ରୀ ଜଣକ ସାଙ୍ଗମାନଙ୍କ ସହ ବିଦ୍ୟାଳୟରୁ ଫେରୁଥିଲେ। ସେତିକିବେଳେ ବିଶ୍ୱଜିତ୍ କେତେଜଣ ସାଙ୍ଗଙ୍କୁ ଧରି ଛାତ୍ରୀଙ୍କୁ ଅଟକାଇ କାହିଁକି ମୋବାଇଲ ଫୋନ ନେଲ ନାହିଁ ବୋଲି ପଚାରିଥିଲେ। ଏପରି ଏହି ଘଟଣାକୁ ନେଇ ବିଶ୍ୱଜିତ୍ କୁଆଡ଼େ ସଂପୃକ୍ତା ଛାତ୍ରୀଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଗ୍ରାମର କେତେଜଣ ମହିଳା ଏହା ଦେଖି ବିଶ୍ୱଜିତ୍‌ଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେ ବାଇକ୍‌ରେ ଫେରାର ହେବାକୁ ଉଦ୍ୟମ କରିଥିଲେ। ହେଲେ ମହିଳାମାନେ ତାଙ୍କୁ ଅଟକାଇ ଛାତ୍ରୀଙ୍କ ଭାଇଙ୍କୁ ଖବର ଦେଇଥିଲେ। ଛାତ୍ରୀଙ୍କ ଭାଇ ଏପିଆର୍ ହାବିଲଦାର ରଞ୍ଜନ ମହାପାତ୍ରଙ୍କୁ ଡକାଇଥିଲେ। ହାବିଲଦାର ମହାପାତ୍ର ସାଦା ପୋଷାକରେ ପହଞ୍ଚି ଅଟକ ଥିବା ବିଶ୍ୱଜିତଙ୍କୁ ଗାଳିଗୁଲଜ କରିବା ସହ ଏକ ପ୍ଲାଷ୍ଟିକ ପାଇପ୍‌ରେ ନିସ୍ତୁକ ପିଟିଥିଲେ। ପରେ ସେ ପିସିଆର୍ ଭ୍ୟାନକୁ ଫୋନ କରି ଡକାଇଥିଲେ। ଏତିକିରେ ବି ହାବିଲଦାର ମହାପାତ୍ରଙ୍କ ମନ ଶାନ୍ତି ହୋଇ ନ ଥିଲା। ସେ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ବିଶ୍ୱଜିତ୍‌ଙ୍କୁ ପୁଣି ଥରେ ପିଟି ପୋଲିସ ଗାଡିରେ ବସାଇ ଥାନାକୁ ପଠାଇଥିଲେ। ହାବିଲଦାର ମହାପାତ୍ରଙ୍କ ଦାଦାଗିରି ଓ ମାଡ଼ ମାରିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ଅନ୍ୟପକ୍ଷେ ବୌଦ୍ଧ ଥାନା ପୋଲିସ ସଂପୃକ୍ତା ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ବିଶ୍ୱଜିତ୍ ଏବଂ ତାଙ୍କ ୩ ସାଙ୍ଗ ଶଙ୍କର ନାଏକ (୨୨), ଆଠମଲ୍ଲିକ ଥାନା ଅଧୀନ ସୋରିଷପଙ୍କ ଗ୍ରାମର ପ୍ରବୀଣ ନାଏକ (୧୯) ଏବଂ ବୌଦ୍ଧ ଥାନା ଅଧୀନ ସାନବଙ୍କାପଡ଼ା ଗ୍ରାମର ମଣ୍ଟୁ ସେଠୀ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ. ୧୯୬/୧୯) ରୁଜୁ ହୋଇଛି।

ଏହି ଘଟଣା ପରେ ଏସ୍‌ପି ଏପିଆର୍ ହାବିଲଦାର ମହାପାତ୍ରଙ୍କୁ ଚାକିରିରୁ ନିଲମ୍ବିତ କରିବା ସହ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ପୂର୍ବରୁ ବିଶ୍ୱଜିତ୍ ବୌଦ୍ଧ ସାନବଙ୍କାପଡ଼ା ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ଏନେଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ଘଟଣା ଦିନ ଏପିଆର ହାବିଲଦାର ଛୁଟିରେ ଥିଲେ। ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ହେଲେ ତାଙ୍କ ନାମରେ କୌଣସି ମାମଲା ରୁଜୁ ହୋଇନାହିଁ। ନାବାଳିକାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ବିଶ୍ୱଜିତଙ୍କ ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସେ କହିଛନ୍ତି।



ଭାଇରାଲ ଭିଡିଓରେ ଏପିଆର ହାବିଲଦାର ରଞ୍ଜନ ମହାପାତ୍ର ବିଶ୍ୱଜିତ୍‌ଙ୍କୁ ମାଡମାରୁ ଥିବା ଦୃଶ୍ୟ।

## ଗଣେଶ, ସରସ୍ୱତୀ ପୂଜାରେ ମିଳିବନି ମଧ୍ୟାହ୍ନଭୋଜନ

ଭୁବନେଶ୍ୱର,୨୯।୮(ବ୍ୟୁରୋ)

ପୂର୍ବରୁ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଗଣେଶ ପୂଜା ଏବଂ ସରସ୍ୱତୀ ପୂଜାରେ ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା। ପିଲାମାନେ ଏହି ଦୁଇଦିନରେ ସ୍କୁଲକୁ ଆସି ପୂଜାରେ ଯୋଗଦେବା ସହିତ ମଧ୍ୟାହ୍ନ ଭୋଜନ ଖାଇବାର ସୁଯୋଗ ପାଉଥିଲେ। ସରକାରୀ ସ୍ତରରେ ପିଲାଙ୍କ ପାଇଁ ଏହି ଦୁଇ ପାରମ୍ପରିକ ପର୍ବରେ ଖାଦ୍ୟ ଦିଆଯାଉଥିବାରୁ କେବଳ ଠାକୁରଙ୍କ ମୂର୍ତ୍ତି କିଣିବା ଏବଂ ପୂଜା ସାମଗ୍ରୀ ଉପରେ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ଗୁରୁତ୍ୱ ଦେଉଥିଲେ। ଏବେ ଆଉ ଏହି ପୂଜାରେ ମଧ୍ୟାହ୍ନ ଭୋଜନ ମିଳିବ ନାହିଁ। ଏନେଇ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ବିଭାଗ ତରଫରୁ ଗୁରୁବାର ଚିଠି କରାଯାଇଛି। ଗଣେଶ ପୂଜା ଏବଂ ସରସ୍ୱତୀ ପୂଜାରେ ପିଲାମାନେ ଉଷୁନା ଚାଉଳର ଭାତ ଖାଉ ନ ଥିବାବେଳେ ଏହିଦିନ ବହୁତ ପିଲା ଉପବାସ କରୁଛନ୍ତି। ତେଣୁ ପିଲାଙ୍କୁ ଏହିଦିନ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଖାଦ୍ୟ ନ ଦେବା ଲାଗି ନିଷ୍ପତ୍ତି ନିଆଯାଇଛି। ଗଣେଶ ପୂଜା ଲାଗି ମାତ୍ର ୩ ଦିନ ରହିଥିଲା ବେଳେ ହଠାତ୍ ଏପରି ନିଷ୍ପତ୍ତିକୁ ଶିକ୍ଷକମାନେ ନାପସନ୍ଦ କରିଛନ୍ତି।

# ରୁଷିଆ ସରକାରଙ୍କ ସହ ବାଣିଜ୍ୟିକ ଆଲୋଚନା କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୯।୮(ବ୍ୟୁରୋ)



ଦୁଇଦିନିଆ ରୁଷ ଗସ୍ତରେ ଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଏହି ଦେଶର ପେଟ୍ରୋଲିୟମ ଶିଳ୍ପର ନେତୃତ୍ୱ ନେଉଥିବା ସଂସ୍ଥା, ରୁଷିଆ ସରକାରଙ୍କ ଶକ୍ତିମନ୍ତ୍ରୀ ଏବଂ ସଚିବଙ୍କ ସହ କଥାବାର୍ତ୍ତା କରିଛନ୍ତି। ଏହାସହ ଦୁଇ ଦେଶ ମଧ୍ୟରେ ଶିଳ୍ପ ବାଣିଜ୍ୟ ତଥା ଆର୍ଥିକ ଅଭିବୃଦ୍ଧି ସମ୍ପର୍କରେ ସେ ଫଳପ୍ରଦ ଆଲୋଚନା କରିଛନ୍ତି। ରୁଷିଆର ପେଟ୍ରୋଲିୟମ ଓ ଗ୍ୟାସ କ୍ଷେତ୍ରର ପ୍ରମୁଖ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ସମୟରେ ଏହି ଦେଶର କମ୍ପାନୀଗୁଡ଼ିକର ବିଶେଷ ଜ୍ଞାନକୁ ଭାରତର ପେଟ୍ରୋଲିୟମ ଏବଂ ଗ୍ୟାସ ଅନ୍ୱେଷଣ ଓ ଉତ୍ପାଦନ ତଥା ରିଫାଇନିଂ କ୍ଷେତ୍ରରେ ସହଯୋଗ ନେଇ ସେ ବିଶେଷ ଆଲୋଚନା କରିଛନ୍ତି। ଏହି ଗସ୍ତର ପ୍ରଥମ ଦିନରେ ରୁଷିଆ ଶିଳ୍ପ ଓ ବାଣିଜ୍ୟ ବିଭାଗ ଉପମନ୍ତ୍ରୀଙ୍କ ସହ ଆଲୋଚନା କରି ଦୁଇଦେଶ ମଧ୍ୟରେ ଆର୍ଥିକ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଛି। ଉଭୟ ଦେଶ ମଧ୍ୟରେ କିପରି ପୁଞ୍ଜି ନିବେଶ ବୃଦ୍ଧି ପାଇବ ସେନେଇ ଉଭୟ ନେତା ଆଲୋଚନା କରିଛନ୍ତି। ଭାରତ ଓ ରୁଷିଆ ମଧ୍ୟରେ ରହିଥିବା ପୁରୁଣା ସହଯୋଗକୁ ଆହୁରି ବୃଦ୍ଧି କରି କୁକିଂ କୋଲ୍, ଜ୍ଞାନକୌଶଳର ଆଦାନପ୍ରଦାନ ତଥା ଦକ୍ଷତା ବିକାଶ କ୍ଷେତ୍ରରେ ରୁଷିଆ ସରକାରଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ରୁଷିଆ ଉପ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରି ଶକ୍ତି ଓ ଇସ୍ପାତ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଛି। ଶକ୍ତି କ୍ଷେତ୍ରରେ ଦୀର୍ଘବର୍ଷର ସହଯୋଗ ଓ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ରୁଷିଆର ସହଯୋଗ ଉପରେ ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଛନ୍ତି। ସେହିପରି ସେଠାକାର ଉର୍ଜାମନ୍ତ୍ରୀଙ୍କ ସହ ଏକ ବୈଠକରେ ଉର୍ଜା କ୍ଷେତ୍ରରେ ବୃଦ୍ଧି ନେଇ ଆଲୋଚନା ହୋଇଥିବା ଜଣାପଡିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ରୁଷ ଗସ୍ତ ପୂର୍ବରୁ ରୁଷ ସହ ଭାରତର ବିଭିନ୍ନ ବ୍ୟବସାୟିକ ସମ୍ପର୍କ ବିଷୟରେ ଧର୍ମେନ୍ଦ୍ର ସମୀକ୍ଷା କରିଛନ୍ତି।

# ନିର୍ମାଣାଧୀନ କନ୍‌ଭେନ୍‌ଶନ ସେଣ୍ଟର ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୮(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ ଲୋକସେବା ଭବନସ୍ଥିତ ନିର୍ମାଣାଧୀନ କନ୍‌ଭେନଶନ ସେଣ୍ଟର ପରିଦର୍ଶନ କରିଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥସହିତ ଆସନ୍ତା ଗାନ୍ଧୀ ଜୟନ୍ତୀ ତଥା ଅକ୍ଟୋବର ୨ ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ମୁଖ୍ୟମନ୍ତ୍ରୀ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କନଭେନ୍‌ସନ୍ ସେଣ୍ଟରରେ ୨ଟି ବୃହତ ଏବଂ ୨ଟି କ୍ଷୁଦ୍ର ସମ୍ମିଳନୀ କକ୍ଷ ରହିଛି। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ପୂର୍ତ୍ତ ବିଭାଗ କମିଶନର ତଥା ସଚିବ କ୍ରିଷ୍ଣନ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହିଥିଲେ।

# ‘ସମବାୟ ମାଧ୍ୟମରେ କୃଷି ଆୟ ବୃଦ୍ଧି ପାଇଁ ରହିଛି ସୁଯୋଗ’

ଭୁବନେଶ୍ୱର,୨୯।୮(ବ୍ୟୁରୋ)



ବୈଠକରେ ଉପସ୍ଥିତ କୃଷି ମନ୍ତ୍ରୀ ଅରୁଣ ସାହୁ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅଧିକାରୀ।

- ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ
- ଯୋଗଦେଲେ ସମବାୟ, କୃଷିମନ୍ତ୍ରୀ

ଚାଷୀମାନଙ୍କୁ ଦିଆଯାଉଥିବା ମୋଟ ଫସଲ ଋଣରୁ ୬୫ ପ୍ରତିଶତରୁ ଅଧିକ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଦିଆଯାଇଥାଏ। କୃଷକମାନଙ୍କର ଫସଲ ବୀମା, ସାର, କୀଟନାଶକ ଓ ବିହନ ଯୋଗାଇଦେବା ସହିତ ଚାଷୀ ଯେପରି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବ, ସେ ନେଇ ଇ-ମାର୍କେଟ ମାଧ୍ୟମରେ ବିପଣନର ମଧ୍ୟ ବ୍ୟବସ୍ଥା କରାଯାଇଥିବା ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସମବାୟ ମାଧ୍ୟମରେ ଚାଷୀଙ୍କ ଆୟ ଦ୍ୱିଗୁଣିତ ସମ୍ପର୍କିତ କର୍ମଶାଳାରେ ଗୁରୁବାର ମନ୍ତ୍ରୀ ଏହି କଥା କହିଛନ୍ତି।

କୃଷିକ୍ଷେତ୍ରକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ସମବାୟ ମାଧ୍ୟମରେ କୃଷକମାନଙ୍କ ଆୟ ବୃଦ୍ଧି କରିବା ଦିଗରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। କୃଷିଜାତ ସମସ୍ତ ଦ୍ରବ୍ୟ ସାଇତି ରଖିବା ପାଇଁ ଗୋଦାମ ଗୃହ ଏବଂ ଶୀତଳଭଣ୍ଡାର ଆଦି ନିର୍ମାଣ କରାଯାଉଛି। କୃଷକମାନଙ୍କ ଆୟରେ ବୃଦ୍ଧି ନିମନ୍ତେ ଆନୁଷଙ୍ଗିକ କୃଷି, ଗୋପାଳନ, ମତ୍ସ୍ୟଚାଷ, କୁକୁଡ଼ାଚାଷ ଆଦିର ଉନ୍ନତି ପାଇଁ ପଦକ୍ଷେପ ନେବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିସରରେ ସମବାୟ ବିଭାଗ ଓ ଭର୍ଗିଜ୍ କୁରିଏନ୍ ସେଣ୍ଟର ଫର୍ ଏକ୍ସିଲେନ୍ସ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ମ୍ୟାନେଜ୍‌ମେଣ୍ଟ ଆନନ୍ଦର ମିଳିତ ଆନୁକୂଲ୍ୟରେ ଗୁରୁବାର ଚାଲିଥିବା କର୍ମଶାଳାରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ମହିଳାମାନଙ୍କର ଉନ୍ନତି ସହିତ ଚାଷୋପଯୋଗୀ ଜମିକୁ ବ୍ୟବହାର ଉପରେ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି।

କର୍ମଶାଳାରେ ଯୋଗଦେଇ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଥିଲେ, ରାଜ୍ୟରେ କୃଷକମାନଙ୍କ ମାସିକ ଆୟ ୨୦୦୨ରୁ ବୃଦ୍ଧି ପାଇ ୨୦୧୫-୧୬ରେ ପ୍ରାୟ ୭୭୩୧ କୋଟିଟଙ୍କାରେ ପହଞ୍ଚିଛି। କୃଷିର ଉନ୍ନତିପାଇଁ ହିଁ ଐତିହାସିକ କାଳିଆ ଯୋଜନା ପ୍ରଣୟନ କରାଯାଇଛି। ଏହାଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସହିତ ଭୂମିହୀନ ଓ କୃଷି ଶ୍ରମିକ ବହୁଳ ଭାବେ ଉପକୃତ ହେଉଛନ୍ତି। କୃଷିର ଉନ୍ନତି ନିମନ୍ତେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ କୃଷକମାନଙ୍କୁ ଅଧିକ ପରିମାଣର କୃଷି ଋଣ ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯିବ। ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ପାଇଁ ଆବଶ୍ୟକ ପରିବର୍ତ୍ତନ ଆଣିବା ସପକ୍ଷରେ କୃଷିମନ୍ତ୍ରୀ ସାହୁ କହିଥିଲେ।

କର୍ମଶାଳାରେ ଭର୍ଗିଜ କୁରିଏନ୍ ସେଣ୍ଟର ଫର୍ ଏକ୍ସିଲେନ୍ସର ପ୍ରଫେସର ହରେକୃଷ୍ଣ ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୁରାଲ୍ ମ୍ୟାନେଜ୍‌ମେଣ୍ଟ ଆନନ୍ଦର ନିର୍ଦ୍ଦେଶକ ପ୍ରଫେସର ହିତେଶ ଭଟ୍ଟ, ଇଣ୍ଟରନ୍ୟାଶନାଲ୍ କୋଅପରେଟିଭ୍ ଆଲାୟନ୍ସ ଏସିଆ ପାସିଫିକ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ବାଲସୁବ୍ରମଣ୍ୟମ୍ ଆୟାର ଏବଂ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ବୀରବିକ୍ରମ ଯାଦବ ଓ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବିବାଦରେ ବିଚାରପତି କୋଟ୍‌ୱାଲ

**‘ୱାର୍ ଆଣ୍ଡ ପିସ୍’ ପୁସ୍ତକ ରଖିବା ନେଇ ସ୍ପଷ୍ଟୀକରଣ ମାଗିଲେ ହାଇକୋର୍ଟ**

ନୂଆଦିଲ୍ଲୀ,୨୯।୮(ପି.ଟି.)

ଲିଓ ଟଲଷ୍ଟୟଙ୍କ ପୁସ୍ତକ ‘ୱାର ଆଣ୍ଡ ପିସ୍’ ଭଳି ବିବାଦୀୟ ସାମଗ୍ରୀ କ'ଣ ପାଇଁ ପାଖରେ ରଖିଛନ୍ତି ସ୍ପଷ୍ଟୀକରଣ ଦେବାକୁ ବମ୍ବେ ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ବୁଧବାର ନିର୍ଦ୍ଦେଶ ଦେଇ ବିବାଦ ଘେରକୁ ଆସିଛନ୍ତି। ହାଇକୋର୍ଟ ଏଭଳି ସ୍ପଷ୍ଟୀକରଣ ମାଗିବା ବାସ୍ତବରେ ବିଚିତ୍ର ବୋଲି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ‘ନୂଆ ଭାରତକୁ ସ୍ୱାଗତ’ ବୋଲି ରମେଶ ଟୁଇଟ୍ କରିଛନ୍ତି।

ଏଲ୍‌ଗାର ପରିଷଦ-ଭୀମା କୋରେଗାଓଁ ମାମଲାର ଶୁଣାଣି ବେଳେ ଅଭିଯୁକ୍ତ ଭର୍ନନ ଗନସାଲଭେସ୍‌ଙ୍କୁ ହାଇକୋର୍ଟ ଏଭଳି ପ୍ରଶ୍ନ କରିଥିଲେ। ଭର୍ନନଙ୍କ ଘରେ ୱାର ଆଣ୍ଡ ପିସ୍ ପୁସ୍ତକ ସମେତ କେତେକ ସିଡୀ ରହିଛି। ଏଭଳି ପୁସ୍ତକ ଓ ସିଡୀରେ ରାଷ୍ଟ୍ରବିରୋଧୀ ତଥ୍ୟ ରହିଥିବା ଜଷ୍ଟିସ୍ ସାରଙ୍ଗ କୋଟ୍‌ୱାଲଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ କହିଥିଲେ। ନେପୋଲିୟନଙ୍କ ଯୁଦ୍ଧ ସମୟର ରୁଷିଆ ଉପରେ ଲିଖିତ ଉପନ୍ୟାସ ‘ୱାର ଆଣ୍ଡ ପିସ୍’ ଅପରାଧୀକରଣ ପ୍ରମାଣର ଅଂଶବିଶେଷ ବୋଲି ପୁଣେ ପୋଲିସ ଦାବି କରିଥିଲା। ବର୍ଷେ ତଳେ ଭର୍ନନଙ୍କ ମୁମ୍ବାଇ ଘର ଉପରେ ଚଢ଼ାଉ କରି ପୋଲିସ ଉକ୍ତ ପୁସ୍ତକ ଜବତ କରିଥିଲା। ତାଙ୍କ ଘରୁ ‘ରାଜ୍ୟ ଦମନ ବିରୋଧୀ ’ନାମରେ ଏକ ସିଡୀ ସମେତ ଏକାଧିକ ପୁସ୍ତକ ଓ ସିଡୀ ମଧ୍ୟ ଜବତ ହୋଇଥିବା ଅଭିଯୋଗ ହୋଇଛି। ‘ରାଜ୍ୟ ଦମନ ବିରୋଧୀ’ ଶୀର୍ଷକରୁ ଏହା ରାଷ୍ଟ୍ରବିରୋଧୀ ବୋଲି ଜଣାପଡୁଛି। ସେହିପରି ୱାର ଆଣ୍ଡ ପିସ୍ ଅନ୍ୟ ଦେଶରେ ଯୁଦ୍ଧ ସମ୍ପର୍କରେ ଲିଖିତ। କ'ଣ ପାଇଁ ଏଭଳି ପୁସ୍ତକ ଓ ସିଡୀ ରଖିଛ ବୋଲି ଅଭିଯୁକ୍ତଙ୍କୁ ଖଣ୍ଡପୀଠ ପ୍ରଶ୍ନ କରିବା ସହ ଏହାର ସ୍ପଷ୍ଟୀକରଣ ଦେବାକୁ ହେବ ବୋଲି କହିଥିଲେ।

ଏକ ଶାସ୍ତ୍ରୀୟ ଉପନ୍ୟାସ ଉପରେ ଜଷ୍ଟିସ୍ କୋଟ୍‌ୱାଲଙ୍କ ଏଭଳି ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ସହ ଅନେକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଜଷ୍ଟିସ୍ କୋଟ୍‌ୱାଲ ତାଙ୍କର ଦୁଇବର୍ଷର ବିଚାରପତିତ୍ୱ କାଳରେ ବୈବାହିକ ନିଷ୍ଠୁରତାଠାରୁ ଆରମ୍ଭ କରି ବିବାଦୀୟ ଚଳଚ୍ଚିତ୍ର ଶୁଭମୁକ୍ତି ପର୍ଯ୍ୟନ୍ତ ଏକାଧିକ ମାମଲାର ବିଚାର କରିଥିବାବେଳେ ଏକାଧିକ ଥର ଖବରର ଶିରୋନାମା ମଣ୍ଡନ କରିଛନ୍ତି।

## ପୌରପରିଷଦ କାର୍ଯ୍ୟାଳୟ, ତାଳଚେର

ପୌରପରିଷଦ ମଧ୍ୟରେ ଥିବା ସମସ୍ତ ଦୋକାନ ଓ ଜନସାଧାରଣମାନଙ୍କୁ ସମସ୍ତ ପ୍ରକାର ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ନିଷେଧ କରାଯାଇଥିବା ପ୍ଲାଷ୍ଟିକ୍ ଓ ପଲିଥିନ୍ ପଦାର୍ଥଗୁଡ଼ିକ ହେଲା-

(୧) ସମସ୍ତ ପ୍ରକାର ଓ ସବୁ ଆକାରର ପଲିଥିନ୍ କ୍ୟାରୀବ୍ୟାଗକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।
(୨) ପ୍ଲାଷ୍ଟିକ୍ ବୋତଲ ଯାହା ୨୦୦MLରୁ କମ୍ ହୋଇଥିବ ଓ ପାଣି ପାଉଚ୍‌ଗୁଡ଼ିକ ନିଷେଧ କରାଯାଇଛି।
(୩) ସୋଲରେ ନିର୍ମିତ ସମସ୍ତ ପ୍ରକାର ପ୍ଲେଟ, କପ୍, ଗ୍ଲାସ ଏବଂ ସମସ୍ତ ପ୍ରକାର ସାଜସଜ୍ଜା ସମାଗ୍ରୀ ଇତ୍ୟାଦିକୁ ନିଷେଧ କରାଯାଇଛି।
(୪) କୌଣସି ବ୍ୟକ୍ତିବିଶେଷ ପ୍ଲାଷ୍ଟିକ୍ ଜାତୀୟ ପଦାର୍ଥ ଓ ପଲିଥିନ କ୍ୟାରୀବ୍ୟାଗ୍‌ଗୁଡ଼ିକୁ ଏଣେତେଣେ କିମ୍ବା ଜନଗହଳି ସ୍ଥାନରେ ପକାଇବେ ନାହିଁ ଓ ପୌରପରିଷଦର ସଫେଇ କର୍ମଚାରୀଙ୍କୁ ଦେବେ।
(୫) ଅଳିଆଗୁଡ଼ିକୁ ଏଣେତେଣେ ନ ପକାଇ ସର୍ବଦା ଡଷ୍ଟବିନ୍‌ରେ ପକାନ୍ତୁ।

ଉପରୋକ୍ତ ନିୟମଗୁଡ଼ିକୁ ଅବମାନନା କରୁଥିବା ବ୍ୟକ୍ତି ବିଶେଷ ତଥା ବ୍ୟବସାୟୀମାନେ ସରକାରଙ୍କ ଅଧିନିୟମ ସଂଖ୍ୟା ୧୮୭୦, ତା.୨୯।୦୯।୨୦୧୮ ଅନୁଯାୟୀ ଦଣ୍ଡିତ ହେବେ। ଚଢାଉ ସମୟରେ କର୍ମଚାରୀଙ୍କ ସହିତ ଦୁଃବ୍ୟବହାର ତଥା ନିୟମ ଅବମାନନା କରୁଥିବା ବ୍ୟକ୍ତିଙ୍କୁ ଜୋରିମାନା ସହିତ କେସ୍ ଲାଗୁ କରାଯିବାର ନିର୍ଦ୍ଦେଶ ରହିଛି।

ତେଣୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ପଦାର୍ଥଗୁଡ଼ିକ ବ୍ୟବହାର କରନ୍ତୁ ନାହିଁ ଏବଂ ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବା ସଙ୍ଗେ ସଙ୍ଗେ ତାଳଚେର ପୌରପରିଷଦ ଅଞ୍ଚଳକୁ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ ସହର ରୂପେ ଗଢ଼ିତୋଳିବାରେ ସହାୟକ ହୁଅନ୍ତୁ।

**ସୌଜନ୍ୟ - ତାଳଚେର ପୌରପରିଷଦ, ତାଳଚେର**

**ଅତସୀ ପରିଡା (ଓ.ଆର୍.ଏସ୍)**
**ପୌରପରିଷଦ, ତାଳଚେର**

**ପରେଶ ଚନ୍ଦ୍ର ନାୟକ (ଓ.ପ୍ର.ସେ-୧)**
**ପୌର ପ୍ରଶାସକ**
**ପୌରପରିଷଦ, ତାଳଚେର**

# ଯୋଡ଼ାରେ ଖଣି ମନ୍ତ୍ରୀ, ସଚିବ

**ଖଣି ସମସ୍ୟା ଉପରେ କଲେ ଆଲୋଚନା**

ଯୋଡ଼ା, ୨୯।୮(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକଙ୍କ ସହ ଅନ୍ୟ କର୍ମକର୍ତ୍ତା।

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳକୁ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଗୁରୁବାର ଯୋଡା ଗସ୍ତରେ ଆସି ଖଣି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଖଣିଲିଜ୍ ଧାରୀଙ୍କ ସହିତ ଆଲୋଚନା କରିଛନ୍ତି। ଅପରାହ୍ନ ୩ ଘଟିକା ସମୟରେ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଓ ଖଣି ସଚିବ ରାଜକୁମାର ଶର୍ମା ଯୋଡା ପୌରପାଳିକାର ସଭାଗୃହଠାରେ ଆୟୋଜିତ ଏକ ବୈଠକରେ ଯୋଗ ଦେଇ ଖଣି ଲିଜ୍‌ଧାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଖଣି ନିର୍ଦ୍ଦେଶକ ଦୀପକ କୁମାର ମହାନ୍ତି, କେନ୍ଦୁଝର ଜିଲାପାଳ ଆଶିଷ ଠାକରେ, ଚମ୍ପୁଆ ଉପଜିଲାପାଳ ପାରୁଲ ପାଟୱାରି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ଯୋଡା ଖଣିମଣ୍ଡଳର ଖଣି ଗୁଡିକର ବିଭିନ୍ନ ସମସ୍ୟା ସେମାନଙ୍କର ସାମାଜିକ ଦାୟିତ୍ୱ କଣ, ଖଣି ଗୁଡ଼ିକୁ କିପରି ରାସ୍ତା ସଂଯୋଗ କରିପାରିବ ଆଦି ବିଭିନ୍ନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ନିଲାମ୍ ପ୍ରକ୍ରିୟା ସମ୍ପର୍କରେ ମନ୍ତ୍ରୀ କହିଥିଲେ ଯେ, ୫ ଟି ଖଣିର ନିଲାମ ପ୍ରକ୍ରିୟା ଶେଷ ହୋଇଯାଇଛି। ଆଉ ୨୪ଟି ଖଣିର ନିଲାମ ହେବ। ନିଲାମ ପରେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଏହା ଜଣାପଡିବ ବୋଲି ମନ୍ତ୍ରୀ ମଲିକ କହିଥିଲେ।

ଅପରପକ୍ଷରେ ଖଣି ଲିଜ୍‌ଧାରୀମାନଙ୍କର ପ୍ରତିନିଧି, ଖଣି ଲିଜ୍‌ଧାରୀ, ଖଣି ଠିକାଦାର, ପରିବହନ ଠିକାଦାର ସେମାନଙ୍କର ଖଣି କାର୍ଯ୍ୟରେ ହେଉଥିବା ଅସୁବିଧା ସମ୍ପର୍କରେ ମନ୍ତ୍ରୀ ମଲିକ, ସଚିବ ରାଜକୁମାର ଶର୍ମା, ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣି କମ୍ପାନୀ ଗୁଡ଼ିକର ସାମାଜିକ ଦାୟିତ୍ୱବୋଧତା ସମ୍ପର୍କିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ କହିଥିଲେ। ଖଣି ଲିଜ୍‌ଧାରୀ ତାରିଣୀ ପ୍ରସାଦ ମହାନ୍ତି ଖଣିମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ ଯେ, ରାଜ୍ୟ ସରକାର ଖଣିଜ ପରିବହନ ପାଇଁ ନିର୍ଦ୍ଦିଷ୍ଟ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ହେଲେ କିଛି ପରିବହନ ଠିକାଦାର ନିର୍ଦ୍ଧାରିତ ପରିବହନ ମୂଲ୍ୟଠାରୁ ଶହ ଶହ ଟଙ୍କା ଅଧିକ ଦାବି କରୁଛନ୍ତି। ଏହାର ଉତ୍ତର ରଖି କେନ୍ଦୁଝର ଜିଲାପାଳ ଆଶିଷ ଠାକରେ କହିଥିଲେ ଯେ, ଏପରି କ୍ଷେତ୍ରରେ ଲିଖିତ ଅଭିଯୋଗ କଲେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିପରି ଉଚିତ ମାନର କୋଇଲା ଓଡିଶାରେ ମିଳୁ ନ ଥିବାରୁ କାରଖାନା ଚଳାଇବା ପାଇଁ ଅସମ୍ଭବ ହୋଇପଡୁଛି। ଏଣୁ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟରେ ଥିବା ରାଣୀଗଞ୍ଜ ଅଞ୍ଚଳରୁ କୋଇଲା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଚେଷ୍ଟା କରାଯାଉ ବୋଲି ଲିଜ୍‌ଧାରୀ ଓ କାରଖାନା ମାଲିକମାନେ କହିଥିଲେ। ମନ୍ତ୍ରୀ ମଲିକ ଏହାକୁ ମିଳିତ ଭାବେ ଓଡିଶା ସ୍ପଞ୍ଜଆଇରନ ମାନୁଫ୍ୟାକଚରିଂ ଆସୋସିଏସନ ଜରିଆରେ ସରକାରଙ୍କଠାରେ ନିବେଦନ କରିବା ପାଇଁ ଉଦ୍ୟୋଗପତି ମାନଙ୍କୁ କହିଥିଲେ। ରାସ୍ତା ସମ୍ପର୍କରେ କେନ୍ଦୁଝର ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ଯେ, ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ଓ ଖଣିଗୁଡିକ ସହିତ ମଧ୍ୟ ସଂଯୋଗୀକରଣ କରାଯିବ। ରାଜ୍ୟ ରାଜପଥ ନଂ ୨ର ବାମେବାରୀ-ବାଂଶପାଣି ରାସ୍ତାର ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥାକୁ ହଟାଇ ଆସନ୍ତା ସପ୍ତାହ ମଧ୍ୟରେ ୫୨୦ନଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ମଣ୍ଟେକାର୍ଲୋକୁ ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଛି।



ନିର୍ମଳ କୁମାର ମିଶ୍ର



# ସାବାସ୍ ସିନ୍ଧୁ

**ଭାରତର ତାରକା ମହିଳା ବ୍ୟାଡ଼ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବେ ଟପ୍ ଫର୍ମରେ। ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ସେ ଯୋଡ଼ିଛନ୍ତି ଆଉ ଏକ ସ୍ୱର୍ଣ୍ଣିମ ସଫଳତା। ସୁଇଜରଲାଣ୍ଡର ବାସେଲଠାରେ ଅନୁଷ୍ଠିତ ବିଶ୍ୱ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସରେ ସେ ହାସଲ କରିଛନ୍ତି ସ୍ୱର୍ଣ୍ଣ ପଦକ। ଫାଇନାଲରେ ଜାପାନର ନୋଜୋମି ଓକୁହାରାଙ୍କୁ ହରାଇ ଇତିହାସ ରଚିଛନ୍ତି ଏହି ହାଇଦ୍ରାବାଦୀ ଲଳନା...**

ରବିବାର ଥିଲା ବିଶ୍ୱ କ୍ରୀଡ଼ାଜଗତ ପାଇଁ ଘଟଣା ବହୁଳ। ସେହିଦିନ ଏକାଧିକ ଖେଳ ଉପରେ କ୍ରୀଡାପ୍ରେମୀଙ୍କ ନଜର ରହିଥିଲା। ସୁଇଜରଲାଣ୍ଡର ବାସେଲ ସହରରେ ଚାଲିଥିବା ବିଶ୍ୱ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପର ଫାଇନାଲ ଥିବାରୁ ଭାରତୀୟଙ୍କ ନଜର ସ୍ୱତଃ ତାରକା ମହିଳା ଖେଳାଳି ପି.ଭି. ସିନ୍ଧୁଙ୍କ ଉପରେ ରହିଥିଲା। କ୍ରିକେଟ ପ୍ରେମୀମାନେ ୱେଷ୍ଟଇଣ୍ଡିଜ-ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ପ୍ରଥମ ଟେଷ୍ଟର ଫଳାଫଳ ଉପରେ ତୀକ୍ଷ୍ଣ ନଜର ରଖିଥିବାବେଳେ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆସେସ୍ ସିରିଜ୍ ଅନ୍ତର୍ଗତ ତୃତୀୟ ଟେଷ୍ଟର ଫଳାଫଳ ଅତ୍ୟନ୍ତ ରୋମାଞ୍ଚକ ହୋଇଥିଲା। ସେ ଦିନ ଓଡ଼ିଶାବାସୀ ମଧ ଗର୍ବ ଅନୁଭବ କରିବାଭଳି ଘଟଣା ଘଟିଥିଲା। ପ୍ରଥମ ଭାରତୀୟଭାବେ ଓଡିଶାର ପ୍ରମୋଦ ଭଗତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସରେ ଚାମ୍ପିୟନ ହୋଇଥିଲେ। ପୂର୍ବରୁ ସେ ଡବଲ୍ସରେ ମଧ୍ୟ ଚାମ୍ପିୟନ ହୋଇଥିବାରୁ ବାସେଲ ଡବଲ ସଫଳତା ପାଇଥିଲେ ଏହି ପାରା ବ୍ୟାଡ୍‌ମିଣ୍ଟନ ତାରକା।

ବିଡବ୍ଲ୍ୟୁଏଫ୍ (ବ୍ୟାଡ଼ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ଦ୍ୱାରା ଆୟୋଜିତ ବିଶ୍ୱ ବ୍ୟାଡ଼ମିଣ୍ଟନ ଚାମ୍ପିୟନଶିପ୍‌ର ୨୫ ତମ ସଂସ୍କରଣରେ ଐତିହାସିକ ବିଜୟ ସହ ସିନ୍ଧୁ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲେ। ତାଙ୍କର ଏହି ସଫଳତା ପାଇଁ ସମଗ୍ର ବିଶ୍ୱରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଫାଇନାଲରେ ଜାପାନର ତାରକା ଖେଳାଳି ଏବଂ ବିଶ୍ୱ ବ୍ୟାଡ଼ମିଣ୍ଟନ ର୍ୟାଙ୍କିଙ୍ଗ୍‌ର ୪ର୍ଥ ସ୍ଥାନରେ ଥିବା ନୋଜୋମି ଓକୁହାରାଙ୍କୁ ସିଧା ସଳଖ ଗେମ୍‌ରେ ମାତ୍ର ୩୮ ମିନିଟ୍ ମଧ୍ୟରେ ହରାଇ ବିଶ୍ୱ ଚାମ୍ପିୟନ ହୋଇଥିଲେ ସିନ୍ଧୁ। ଏହା ଥିଲା ଆମ ଦେଶ ପାଇଁ ବଡ ଗୌରବର କଥା। ସୁଇଜରଲାଣ୍ଡର ବାସେଲ ସହରରେ ୧୯ରୁ ୨୫ ଅଗଷ୍ଟ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବିଶ୍ୱ ଚାମ୍ପିୟନଶିପ୍‌ରେ ବିଶ୍ୱର ୪୫ ଦେଶରୁ ମୋଟ ୩୫୯ ଖେଳାଳି ଭାଗ ନେଇଥିଲେ। ଏହି ମେଗା ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗର ସିଙ୍ଗଲ୍ସ, ଡବଲ୍ସ ସହିତ ମିକ୍ସଡ୍ ଡବଲ୍ସ ପାଇଁ ବିଶ୍ୱ ର୍ୟାଙ୍କିଙ୍ଗର ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଫାଇନାଲକୁ ମିଶାଇ ମୋଟ ୬୪ ଟି ମ୍ୟାଚ୍ ଖେଳାଯାଇଥିଲା। ୨୦୧୮ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ୩୦ ଜୁଲାଇରୁ ୫ ଅଗଷ୍ଟ ପର୍ଯ୍ୟନ୍ତ ଚାଇନାର ନାନ୍‌ଜିଙ୍ଗ ସହରରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୪୮ ଦେଶର ମୋଟ ୩୫୭ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ଏହାର ମହିଳା ସିଙ୍ଗଲ୍ସ ଫାଇନାଲରେ କାରୋଲିନ ମାରିନ୍‌ଙ୍କ ଠାରୁ ହାରି ପିଭି ସିନ୍ଧୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇ ଥିଲେ। ଏଥର କିନ୍ତୁ ଅଭିଜ୍ଞତାର ଉପଯୋଗ କରି ବିଜୟ ମୁକୁଟ ପିନ୍ଧିଛନ୍ତି ଏହି ଭାରତୀୟ ଲଳନା।

ଗତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏସିଆ ମହାଦେଶରୁ ଚାଇନା, ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ, କୋରିଆ, ଚାଇନିଜ୍-ତାଇପେ, ମାଲେସିଆ, ଥାଇଲାଣ୍ଡ, ଭାରତ ପ୍ରମୁଖ ଦେଶ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ୟୁରୋପ ମହାଦେଶର ସୁଇଜରଲାଣ୍ଡ, ଡେନମାର୍କ ବ୍ୟାଡ଼ମିଣ୍ଟନର ବିଶ୍ୱ ର୍ୟାଙ୍କିଙ୍ଗରେ ସ୍ଥାନ ପାଇବା ପାଇଁ ସକ୍ଷମ ହୋଇଛନ୍ତି। ୨୦୧୧ରୁ ବିଡବ୍ଲ୍ୟୁଏଫ୍‌ର ବିଶ୍ୱ ର୍ୟାଙ୍କିଙ୍ଗ ଆରମ୍ଭ ହୋଇଥିଲା। ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡ଼ିକର ସଫଳତା ଆଧାରରେ ବିଶ୍ୱସ୍ତରୀୟ ଖେଳାଳିମାନଙ୍କର ର୍ୟାଙ୍କିଙ୍ଗ୍ କରାଯାଇଥାଏ। ୨୦୧୮-୧୯ ରେ ଚାଇନା, ମାଲେସିଆ, ଥାଇଲାଣ୍ଡ, ସୁଇଜରଲାଣ୍ଡ, ଭାରତ, ଚାଇନିଜ୍ ତାଇପେ ଏବଂ ଜାପାନର ଖେଳାଳିମାନେ ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି। ପୁରୁଷ ବିଭାଗ୍‌ରେ ଲିନ୍ ଡାନ୍, ଚେନ୍ ଲଙ୍ଗ୍ ସନ୍ ୱାନ-ହୋ, ଭିକ୍ଟର ଆକ୍ସଲେସନ, ଭାରତର କିଡାମ୍ବି ଶ୍ରୀକାନ୍ତ ପ୍ରମୁଖ ର୍ୟାଙ୍କିଙ୍ଗର ଶୀର୍ଷରେ ରହିଥିବା ବେଳେ ମହିଳା ବିଭାଗରେ ଲି ଜୁଏରୁଇ, ସାଇନା ନେହ୍ୱାଲ, କାରୋଲିନା ମାରିନ୍, ତାଇଟିଜୁ ଲଙ୍ଗ୍, ଏକାନେ ୟାମାଗୁଚିଙ୍କ ପରି ନାମୀଦାମୀ ଖେଳାଳି ଚାମ୍ପିୟନଶିପ୍‌ରେ ଭାଗ ନେଇ ଟୁର୍ନାମେଣ୍ଟର ଶୋଭା ବର୍ଦ୍ଧନ କରିଥିଲେ। ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ବର୍ତ୍ତମାନ ପୁରୁଷ ବିଭାଗରେ ଜାପାନର ତାରକା ଖେଳାଳି କେଣ୍ଟୋ ମୋମୋଟା ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତର ଷ୍ଟାର ଖେଳାଳି କିଡାମ୍ବି ଶ୍ରୀକାନ୍ତ ୯ମ ସ୍ଥାନରେ ରହିଛନ୍ତି। ସେହିପରି ମହିଳା ବିଭାଗରେ ଚାଇନିଜ୍ ତାଇପେର ତାଇଜୁ ଲଙ୍ଗ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭାରତର ପି.ଭି. ସିନ୍ଧୁ ୫ମ ସ୍ଥାନରେ ଏବଂ ସାଇନା ନେହ୍ୱାଲ ୮ମ ସ୍ଥାନରେ ରହିଛନ୍ତି। ଗତ କିଛି ବର୍ଷ ହେବ ଉଭୟ ପୁରୁଷ ଏବଂ ମହିଳା ଖେଳାଳିଙ୍କ ମଧ୍ୟରେ ସାଇନା ନେହ୍ୱାଲ, ପି.ଭି. ସିନ୍ଧୁ, କିଡାମ୍ବି ଶ୍ରୀକାନ୍ତ, ସାଇ ପ୍ରଣୀତ୍, ଏଚ୍.ଏସ୍. ପ୍ରଣୟ, ସମୀର ବର୍ମାଙ୍କ ପରି ଖେଳାଳି ବିଶ୍ୱର ତାରକା ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡ଼ିକରେ ବେଶ୍ ଟକ୍କର ଦେଉଥିବାର ଦେଖାଯାଉଛି, ଯାହା କି ଆମ ଦେଶର ବ୍ୟାଡ଼ମିଣ୍ଟନ ପ୍ରେମୀ ଏବଂ ପ୍ରତ୍ୟେକ କ୍ରୀଡାବିତ୍ ମାନଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି। ପୂର୍ବତନ ଖେଳାଳି ପ୍ରକାଶ ପାଦୁକନ୍‌ଙ୍କ ପରେ ଶ୍ରୀକାନ୍ତ ବିଡବ୍ଲ୍ୟୁଏଫ୍ ର୍ୟାଙ୍କିଙ୍ଗରେ ୧ ନମ୍ବର ମାନ୍ୟତା ପାଇବା ଆମ ପାଇଁ ବେଶ୍ ସୁନାମ ଆଣିଥିଲା। ଭାରତର ପୂର୍ବତନ ତାରକା ଖେଳାଳିଙ୍କ ମଧ୍ୟରେ ଅପର୍ଣ୍ଣା ପୋପଟ, ପୁଲେଲା ଗୋପୀଚାନ୍ଦ, ସୟଦ ମୋଦୀ, ଚେ଼ତନ ଆନନ୍ଦ, ପ୍ରଣୟ କୁମାର, ପାରୁପଲ୍ଲୀ କାଶ୍ୟପ, ଅଶ୍ୱିନୀ ପୋନ୍ନାପା, ଚି଼ରାଗ ସେଠୀ ଏବଂ ଏନ୍.ସିକ୍କି ରେଡ୍ଡିଙ୍କ ପରି ଖେଳାଳି ସେମାନଙ୍କର ଦକ୍ଷତା ମାଧ୍ୟମରେ ବିଶ୍ୱରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ। ବ୍ୟାଡମିଣ୍ଟନ ଗେମ୍‌ରେ ୧୯୭୭ରୁ ଚାଇନା ଖେଳାଳିମାନେ ଆଧିପତ୍ୟ ବିସ୍ତାର କରି ଆସୁଥିବା ବେଳେ କ୍ରମେ ଇଣ୍ଡୋନେସିଆ, ଡେନମାର୍କ, ଦକ୍ଷିଣ କୋରିଆ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ଚାଇନା ଖେଳାଳିଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ସାଜିଲେ। ମାତ୍ର ନବେ ଦଶକରେ ଭାରତ ତାର ନିଜସ୍ୱ ଉଦ୍ୟମରେ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିବାକୁ ସକ୍ଷମ ହେଲା। ବର୍ତ୍ତମାନର ବିଶ୍ୱଚାମ୍ପିୟନ ସିନ୍ଧୁ ୨୦୧୬ ରିଓ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ମହିଳା ଭାବେ ରୌପ୍ୟ ପଦକ ଜିତିବା ପରେ ର୍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନକୁ ଉଠିଥିଲେ। ପ୍ରଦର୍ଶନ ଦୃଷ୍ଟିରୁ ଲିନ୍‌ଡାନ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ବ୍ୟାଡ଼ମିଣ୍ଟନ ଖେଳାଳିର ମାନ୍ୟତା ହାସଲ କରିଛନ୍ତି।

ବିଶ୍ୱ ବ୍ୟାଡ଼ମିଣ୍ଟନ ଇତିହାସରେ ଭାରତୀୟ ଖେଳାଳିଙ୍କର କେତେକ ପ୍ରଦର୍ଶନ ଅଭୁଲା ହୋଇ ରହିଛି। ବି.ଡବ୍ଲ୍ୟୁ.ଏଫ୍ ର୍ୟାଙ୍କିଙ୍ଗ୍‌ରେ ଭାରତର ପ୍ରକାଶ ପାଦୁକୋନ ଏବଂ ଶ୍ରୀକାନ୍ତ ଶୀର୍ଷ ଖେଳାଳିଙ୍କ ମଧ୍ୟରେ ରହିଥିଲେ। ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନରେ ପାଦୁକୋନ ଏବଂ ପୁଲେଲା ଗୋପୀଚାନ୍ଦ ଚାମ୍ପିୟନ ହୋଇଥିବାବେଳେ ସିନ୍ଧୁ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାଇନା ଏକାଧିକ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏବେ ବିଶ୍ୱ ଚାମ୍ପିୟନଶିପ୍‌ରେ ସିନ୍ଧୁଙ୍କର ଐତିହାସିକ ସ୍ୱର୍ଣ୍ଣ ପଦକ ଆମ ଭାରତୀୟ କ୍ରୀଡ଼ାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇ ଦେଇଛି। ପ୍ରତ୍ୟେକ ଭାରତୀୟ ଏଥିପାଇଁ ବେଶ୍ ଉତ୍ସାହିତ ଏବଂ ଗର୍ବିତ। ବିଶ୍ୱ ବ୍ୟାଡମିଣ୍ଟନରେ ୨୦୧୮ ମସିହାରେ ସର୍ବାଧିକ ଆୟ କରିଥିବା ଖେଳାଳିଙ୍କ ମଧ୍ୟରେ ମାଲେସିଆର ତାରକା ଖେଳାଳି ଲି.ଚୋଙ୍ଗ୍ ୱେ ସର୍ବାଧିକ ୩୫ ମିଲିୟନ ୟୁ.ଏସ୍. ଡଲାର ପାଇଥିବାବେଳେ, ଚାଇନାର ଲିନ୍-ଡାଙ୍ଗ୍ ୨୬ ମିଲିୟନ ଏବଂ ଭାରତର ସାଇନା ନେହ୍ୱାଲ ୨୪ ମିଲିୟନ ଡଲାର ଅର୍ଥ ରୋଜଗାର କରିବାକୁ ସକ୍ଷମ ହୋଇଥିଲେ।

ଏକାଧିକ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନକୁ ଭିତ୍ତିକରି ଭାରତବର୍ଷରେ ବ୍ୟାଡ଼ମିଣ୍ଟନ ଏକ ଲୋକପ୍ରିୟ ଖେଳର ମାନ୍ୟତା ହାସଲ କରିଛି। ୧୮୦୦ ଶତାବ୍ଦୀର ମଧ୍ୟଭାଗରୁ ଏହି ଖେଳ ଆମ ଦେଶରେ ଆରମ୍ଭ ହୋଇଥିବା ବେଳେ ବ୍ୟାଡ଼ମିଣ୍ଟନ ଆସୋସିଏଶନ୍ ଅଫ୍ ଇଣ୍ଡିଆ ଏହି ଖେଳର ସର୍ବୋଚ୍ଚ ସଂସ୍ଥା ରୂପେ ଏହାର ପ୍ରଚାର ଏବଂ ପ୍ରସାର କରି ଆସୁଛି। ବିଶ୍ୱ ଚାମ୍ପିୟନ ହେବା ପରେ ସିନ୍ଧୁଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟୁଛି। ଭାରତ ପାଇଁ ବ୍ୟାଡ଼ମିଣ୍ଟନ ପାଇଁ ଏକ ନୂଆ ଯୁଗର ଆରମ୍ଭ କରିଛନ୍ତି ସିନ୍ଧୁ। ଯୁବପିଢ଼ି ନିଶ୍ଚିତ ରୂପେ ଏଥିରୁ ଉତ୍ସାହିତ ହେବେ। ଆଗକୁ ରହିଛି ୨୦୨୦ ସମର ଅଲିମ୍ପିକ୍ସ। ଟୋକିଓ ଅଲିମ୍ପିକ୍ସ ପାଇଁ ଏହି ବିରଳ ସଫଳତା ବେଶ୍ ନୂତନ ସମ୍ଭାବନା ନେଇ ଆସିବ। ପି.ଭି. ସିନ୍ଧୁ ଏହି ମେଗା ଇଭେଣ୍ଟରେ ଭାରତକୁ ପଦକ ଦେଇ ପୁନର୍ବାର ଇତିହାସ ରଚିବେ ଏହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ ଅଟେ। ସାବାସ୍ ସିନ୍ଧୁ।





## ସଂକ୍ଷେପରେ ସିନ୍ଧୁ

ନାମ: ପୁସର୍ଲା ଭେଙ୍କଟ ସିନ୍ଧୁ
ଜନ୍ମ: ୧୯୯୫ ଜୁଲାଇ ୫, ହାଇଦ୍ରାବାଦ, ତେଲେଙ୍ଗାନା
ଉଚ୍ଚତା: ୧.୭୯ ମିଟର(୫ ଫୁଟ ୧୦ ଇଞ୍ଚ)
ଓଜନ: ୬୦ କେଜି
କ୍ୟାରିୟର: ୨୦୧୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ
କୋଚ୍: ପୁଲେଲା ଗୋପୀଚାନ୍ଦ

**ମହିଳା ସିଙ୍ଗଲ୍ସ**
କ୍ୟାରିୟର ରେକର୍ଡ: ୩୧୨ ବିଜୟ, ୧୨୯ ପରାଜୟ
କ୍ୟାରିୟର ଟାଇଟଲ: ୧୫
ସର୍ବୋଚ୍ଚ ର୍ୟାଙ୍କିଙ୍ଗ୍: ୨(୨୦୧୭ ଏପ୍ରିଲ ୭)
ବର୍ତ୍ତମାନ ର୍ୟାଙ୍କିଙ୍ଗ୍: ୫(୨୦୧୯ ଅଗଷ୍ଟ ୨୦)

**ପଦକ ରେକର୍ଡ**

**ଅଲିମ୍ପିକ୍ସ**
ବ୍ରୋଞ୍ଜ ପଦକ: ୨୦୧୬, ରିଓ ଡି ଜେନିରୋ, ମହିଳା ସିଙ୍ଗଲ୍ସ

**ବିଶ୍ୱ ଚାମ୍ପିୟନଶିପ୍**
ବ୍ରୋଞ୍ଜ:୨୦୧୩ କୋପେନହାଗେନ, ମହିଳା ସିଙ୍ଗଲ୍ସ
ବ୍ରୋଞ୍ଜ: ୨୦୧୪ ଗୁଆଙ୍ଗଝୋଉ, ମହିଳା ସିଙ୍ଗଲ୍ସ
ରୌପ୍ୟ: ୨୦୧୭ ଗ୍ଲାସ୍‌ଗୋ, ମହିଳା ସିଙ୍ଗଲ୍ସ
ରୌପ୍ୟ: ୨୦୧୮ ନାନ୍‌ଜିଙ୍ଗ୍, ମହିଳା ସିଙ୍ଗଲ୍ସ
ସ୍ୱର୍ଣ୍ଣ: ୨୦୧୯ ବାସେଲ, ମହିଳା ସିଙ୍ଗଲ୍ସ

**ଉବେର କପ୍**
ବ୍ରୋଞ୍ଜ: ୨୦୧୪ ନୂଆଦିଲ୍ଲୀ, ମହିଳା ଟିମ୍
ବ୍ରୋଞ୍ଜ: ୨୦୧୬ କୁନସାନ, ମହିଳା ଟିମ୍

**ଏସିଆନ ଗେମ୍ସ**
ବ୍ରୋଞ୍ଜ: ୨୦୧୪ ଇଞ୍ଚିଅନ, ମହିଳା ଟିମ୍
ରୌପ୍ୟ: ୨୦୧୮ ଜାକର୍ତ୍ତା, ମହିଳା ସିଙ୍ଗଲ୍ସ

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**
ବ୍ରୋଞ୍ଜ: ୨୦୧୪ ଗ୍ଲାସ୍‌ଗୋ, ମହିଳା ସିଙ୍ଗଲ୍ସ
ରୌପ୍ୟ: ୨୦୧୮ ଗୋଲ୍ଡକୋଷ୍ଟ, ମହିଳା ସିଙ୍ଗଲ୍ସ
ସ୍ୱର୍ଣ୍ଣ: ୨୦୧୮ ଗୋଲ୍ଡକୋଷ୍ଟ, ମିକ୍ସଡ ଟିମ୍

**ଏସିଆନ ଚାମ୍ପିୟନଶିପ୍**
ବ୍ରୋଞ୍ଜ: ୨୦୧୪ ଗିମ୍‌ଚେଅନ, ମହିଳା ସିଙ୍ଗଲ୍ସ

**ସାଉଥ୍ ଏସିଆନ ଗେମ୍ସ**
ରୌପ୍ୟ: ୨୦୧୬ ଗୁଆହାଟୀ, ମହିଳା ସିଙ୍ଗଲ୍ସ
ସ୍ୱର୍ଣ୍ଣ: ୨୦୧୬ ଗୁଆହାଟୀ, ମହିଳା ଟିମ୍

# ଯୋଜନାବଦ୍ଧ ଉଦ୍ୟମ ଜରୁରୀ

ହକିର ପ୍ରବାଦ ପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ୧୧୫ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଦେଶସାରା ଅନେକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଳାତ୍ମକ ହକିର ଯାଦୁକର ରୂପେ ସୁନାମ ଅର୍ଜନ କରିଥିବା ଏହି ଅସାଧାରଣ ପ୍ରତିଭା ଭାରତୀୟ ହକିକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଦେଇଥିଲେ। ସେପରି ଏକ ମହାନ ବ୍ୟକ୍ତିତ୍ୱ ବିଶ୍ୱ କ୍ରୀଡା ଜଗତରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ।



ଆଧୁନିକ ହକିରେ ନୂତନ ନିୟମ, ରଣକୌଶଳ, ସମୟ ପରିବର୍ତ୍ତନ ଏବଂ କୃତ୍ରିମ ଟର୍ଫର ବ୍ୟବହାର ଫଳରେ ଆମର ପାରମ୍ପରିକ କଳାତ୍ମକ ହକି ଯଦିଓ କ୍ଷତିଗ୍ରସ୍ତ ହୋଇଛି ତଥାପି ଆମକୁ ୟୁରୋପିଆନ ହକି ସହ ତାଳଦେଇ ଆଗକୁ ଯିବାକୁ ହେବ। ମାଲେସିଆ, ଜାପାନ, ବେଲଜିୟମ୍, ଆର୍ଜେଣ୍ଟିନା, କାନାଡା, କୋରିଆ ଏବଂ ନ୍ୟୁଜିଲାଣ୍ଡ ପରି ଦେଶଗୁଡ଼ିକର ପ୍ରଦର୍ଶନରେ ଉନ୍ନତି ଆସିଥିବାବେଳେ ଆମ ଜାତୀୟ ଦଳର ଖେଳରେ ସ୍ଥିରତା ରହି ପାରିନାହିଁ। ୧୯୮୦ ମସ୍କୋ ଅଲିମ୍ପିକ୍ସ ପରେ ହକିରେ ସ୍ୱର୍ଣ୍ଣପଦକ ଆମ ପାଇଁ ସ୍ୱପ୍ନ ହୋଇ ଯାଇଛି। ୧୨୧ବର୍ଷର ଅଲମ୍ପିକ ଇତିହାସରେ ୮ଥର ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ହକି ଦଳକୁ ଏବେ ପଦକଟିଏ ପାଇଁ ସଂଘର୍ଷ କରିବାକୁ ପଡୁଛି। ସମସ୍ତ ସୁବିଧା ଥିବା ସତ୍ତ୍ୱେ ଆଶାନୁରୂପ ସଫଳତା ନ ମିଳିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ୨୦୧୬ ରିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ଭଲ ପ୍ରଦର୍ଶନ କରିଥିଲେ ହେଁ ଅଳ୍ପକେ ପଦକ ପାଇବାରୁ ବଞ୍ଚିତ ହୋଇଥିଲା। ୧୨୧ବର୍ଷର ଅଲିମ୍ପିକ୍ ଇତିହାସରେ ୧ହଜାର ସ୍ୱର୍ଣ୍ଣ ପଦକ ଜିତି ଆମେରିକା ଇତିହାସ ସୃଷ୍ଟି କରିଛି। ଭାରତ ଅଲିମ୍ପିକ୍ସରେ ଆଜି ପର୍ଯ୍ୟନ୍ତ ହାସଲ କରିଥିବା ପଦକ ସଂଖ୍ୟାଠାରୁ ଆମେରିକା ସନ୍ତରଣକାରୀ ମାଇକେଲ୍ ଫେଲ୍ପ୍ସ ବ୍ୟକ୍ତିଗତ ଅଧିକ ପଦକ ହାସଲ କରିଛନ୍ତି।

ଆମେ ଏପର୍ଯ୍ୟନ୍ତ କ୍ରୀଡା କ୍ଷେତ୍ରରେ ଆଖିଦୃଶିଆ ସଫଳତା ପାଇନାହୁଁ। କେତେଗୁଡ଼ିଏ ହାତ ଗଣତି ଖେଳକୁ ଛାଡିଦେଲେ ଅନ୍ୟ ସମସ୍ତ କ୍ରୀଡାରେ ଆମେ ସମଗ୍ର ବିଶ୍ୱକୁ ଦେଖାଇବା ଭଳି ସଫଳତା ହାସଲ କରିନାହୁଁ। ଆମ ବିଶାଳ ଦେଶ ଲୋକ ସଂଖ୍ୟା ଦୃଷ୍ଟିରୁ ଯେତିକି ଅଗ୍ରଗତି କରିଛି କ୍ରୀଡା କ୍ଷେତ୍ରରେ ଗୋଟିଏ ଅଲିମ୍ପିକ ପାଇଁ ସେତିକି ସଂଘର୍ଷ କରିବାକୁ ପଡୁଛି। ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁଡିକରେ ପଦକଟିଏ ପାଇଁ ଆମକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି। ଆମର କ୍ରୀଡା ସଂସ୍କୃତି ସତେଯେପରି କ୍ରିକେଟ୍ ଖେଳରେ ସୀମିତ ହୋଇ ରହିଛି। ଏକଦା ହକି ଏବଂ ଫୁଟବଲ ପରି ରୋମାଞ୍ଚକର ଏବଂ ଲୋକପ୍ରିୟ ଖେଳରୁ ଆମେ ଭରପୂର ଆନନ୍ଦ ପାଉଥିବା ବେଳେ ଏବେ ସେହି ଖେଳଗୁଡ଼ିକ ଆମ ମାନସପଟରୁ ଦୂରେଇଯିବାକୁ ଆରମ୍ଭ କରିଛି। ଯଦିଓ ଏଥି ମଧ୍ୟରେ ଆମେ କେତେକ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିପାରିଛୁ ମାତ୍ର ସେମାନଙ୍କର ସଂଖ୍ୟା ସିମିତ ରହିବା ଫଳରେ ପରବର୍ତ୍ତୀ ଅବସ୍ଥାରେ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ଆମ ପାଇଁ ଚିନ୍ତାର କାରଣ ପାଲଟିଛି। ଏହା ସ୍ୱୀକାର୍ଯ୍ୟ ଯେ ଆମ ଦେଶର କ୍ରୀଡା ଭିତ୍ତିଭୂମିରେ ଅନେକ ଉନ୍ନତି ଘଟିଛି। ମାତ୍ର ସରକାର ଓ କ୍ରୀଡା ସଙ୍ଗଠନ ଗୁଡିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଆସିପାରିନାହିଁ, ଯାହାକି କ୍ରୀଡାର ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିଛି। କ୍ରୀଡାର ବ୍ୟବସାୟୀକରଣ ପରିବର୍ତ୍ତେ ଚାମ୍ପିୟନ୍‌ଟିଏ ତିଆରି କରିବା ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକର ଲକ୍ଷ୍ୟ ହେଲେ ଏହାର ସୁଫଳ ଦେଶକୁ ମିଳିପାରନ୍ତା।

> ଆମ ଦେଶ ଲୋକ ସଂଖ୍ୟା ଦୃଷ୍ଟିରୁ ଯେତିକି ଅଗ୍ରଗତି କରିଛି କ୍ରୀଡା କ୍ଷେତ୍ରରେ ଗୋଟିଏ ଅଲିମ୍ପିକ ପଦକ ପାଇଁ ସେତିକି ସଂଘର୍ଷର ସାମ୍ନା କରୁଛି। ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତା ଗୁଡିକରେ ପଦକଟିଏ ପାଇଁ ଆମକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି।

ବର୍ତ୍ତମାନ ପ୍ରଧାନ ସମସ୍ୟା ହେଉଛି ଗୋଟିଏ ପିଢିରୁ ପରବର୍ତ୍ତୀ ପିଢି ପାଇଁ ଶ୍ରେଷ୍ଠ ଖେଳାଳି ସୃଷ୍ଟି କରିବା ଆମ ପାଇଁ ସମ୍ଭବ ହେଉନାହିଁ। କ୍ରିକେଟ୍ ଆମ ଦେଶ ପାଇଁ ଐତିହାସିକ ମୁହୂର୍ତ୍ତ ଏବଂ ଗୌରବ ଆଣିଦେଇଛି ଏବଂ ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରିଛି। ସେହି ଅନୁପାତରେ ଫୁଟବଲ୍, ହକି, ବ୍ୟାଡମିଣ୍ଟନ୍, ଟେନିସ୍, ଗଲ୍‌ଫ, ଜିମ୍ନାଷ୍ଟିକ୍, ତୀରନ୍ଦାଜୀ, ବକ୍ସିଂ, ଶୁଟିଂ, ସ୍ନୁକର, କବାଡି ପରି ବିଶ୍ୱସ୍ତରୀୟ ଖେଳରେ ସୀମିତ ସଂଖ୍ୟକ ଖେଳାଳି ସୃଷ୍ଟି ହେବା ଫଳରେ ଆମ ଦେଶ ବାରମ୍ବାର ଅଲିମ୍ପିକ୍ସରେ ବିଫଳ ହେଉଛି। ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍, ଭାରତୀୟ କ୍ରୀଡା ପ୍ରାଧିକରଣ ଏବଂ ଭାରତୀୟ କ୍ରୀଡା ପରିଷଦ ପରି ସର୍ବୋଚ୍ଚ ସଂସ୍ଥାଗୁଡିକ ସେମାନଙ୍କ କାର୍ଯ୍ୟକୁ ଅଧିକ ଶୃଙ୍ଖଳିତ ଏବଂ ବାସ୍ତବଧର୍ମୀ କରିବାକୁ ସକ୍ଷମ ହୋଇପାରି ନାହାନ୍ତି। ସ୍ୱାଧୀନତା ପରବର୍ତ୍ତୀ ୩୫ବର୍ଷ ପର୍ଯ୍ୟନ୍ତ ଭାରତୀୟ ହକି ତାର ଚମକ ହରାଇ ନ ଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ଲକ୍ଷ୍ୟଚ୍ୟୁତ ହେବା ଆମ ପାଇଁ ସବୁଠାରୁ ଦୁଃଖର ବିଷୟ। ମୋଟାମୋଟି ଭାବେ ଆମ ଦେଶ ଆଥଲେଟିକ୍ସରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିବା ଫଳରେ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍‌ର ଦୁର୍ବଳତା ପଦାରେ ପଡିଛି। ବିଭିନ୍ନ ଖେଳରେ ବ୍ୟକ୍ତିଗତ ଉଦ୍ୟମରେ ସଫଳହୋଇ ଅନେକ କ୍ରୀଡାବିତ୍ ଆମ ଦେଶ ପାଇଁ ଗୌରବ ଆଣିଛନ୍ତି। ଦିଲୀପ୍ ତିର୍କୀ, ଲାଜରୁସ୍ ବାର୍ଲା, ଇଗ୍ନେସ ତିର୍କୀ, ସାନିଆ ମିର୍ଜା, ବାଇଚୁଙ୍ଗ ଭୂଟିଆ, ଲିଆଣ୍ଡର ପେସ୍, ସଚିନ୍ ତେନ୍ଦୁଲକର, ବିଶ୍ୱନାଥନ୍ ଆନନ୍ଦ, ମିଥାଲି ରାଜ୍, ପିଟି ଉଷା, ମେରି କମ୍, ସାଇନା ନେହ୍ୱାଲ, ପି.ଭି. ସିନ୍ଧୁ, ଏମ୍. କାର୍ତ୍ତିକେୟନ୍, ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦଙ୍କ ପରି ଖେଳାଳିମାନଙ୍କୁ ନେଇ ଆମେ ନିଶ୍ଚିତ ରୂପେ ଗର୍ବିତ ଏବଂ ଆନନ୍ଦିତ। ମାତ୍ର ୧୩୦କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏପରି ହାତଗଣତି ସଫଳତା ଆଦୌ ଯଥେଷ୍ଟ ନୁହେଁ।

## ଭାଇରାଲ



ପଞ୍ଚାଅଶୀ ବର୍ଷରେ ଅବସର ନେବେ
ଭାଇରାଲ କ୍ରିକେଟର
ଇଣ୍ଡିଜ ବୋଲର ସେସିଲ ରାଇଟ
କେଡ଼େ ଦମ୍ଭ ବଡି ତା'ର
ଗ୍ୟାରେଣ୍ଟି ନାହିଁ ଏଠି କା'ର
ଫର୍ଟି ଟପିଗଲେ ରୋଗ ମାଡ଼ିବସେ
ଡିଫରେଣ୍ଟ ସର୍ଭେ କର।
ବିଶ୍ୱକପ ଦେଶ ନ ପାଇଲା ନାହିଁ
ଟିମ୍ ଟୋକା ମାଲାମାଲ
ଯବାନଙ୍କ ସହ ଟ୍ରେନିଂରୁ ଫେରି
ନୂଆ ଲୁକ୍ ଝଲମଲ
କୁର୍ତ୍ତା ଗାନ୍ଧୀ ଟୋପି ଭେଲ
ନେତା ଲୁକ୍‌ରେ ଧୋନୀ ସୋସିଆଲ
ମିଡିଆରେ ଭାଇରାଲ।
ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଆମର
ଝିଅ ପି.ଭି. ସିନ୍ଧୁ ସୁନା
ସୁଇଜରଲାଣ୍ଡରେ ବିଡବ୍ଲ୍ୟୁଏଫ ଜିତି
କଲା ଇତିହାସ ସିନା
ଜାପାନ ନୋଜୋମି ଛେନା
ଭଲ କାମ ଭାଇରାଲରେ ସୁନାମ
ମନ୍ଦ ବଦନାମ ମୀନା।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
Bhubaneswar, Friday, 30 August, 2019



Dollar 71.80 (3) | Sensex 382.91 ↓ 37,068.93 | Nifty 97.80 ↓ 10,948.30 | Gold ₹250 ↑ 40,220.00 | Silver ₹200 ↑ 49,050.00



“ ଗୋଟିଏ ଥର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ବ୍ୟାନ୍ କରିବା ଲାଗି ବ୍ୟବସାୟୀ ମହାସଂଘ(ସିଏଆଇଟି) ସେପ୍ଟେମ୍ବର ପହିଲାରୁ ସାରା ଦେଶରେ ଅଭିଯାନ ଆରମ୍ଭ କରିବ।
–ବି.ସି.ଭରତିଆ, ସିଏଆଇଟି, ନ୍ୟାଶନାଲ ପ୍ରେସିଡେଣ୍ଟ



“ ଡିଜିଟାଲ ମିଡିଆରେ ୨୬% ଏଫ୍‌ଡିଆଇକୁ ଅନୁମତି ଦିଆଯାଇଥିବାରୁ ଏସମ୍ପର୍କରେ ସରକାରଙ୍କ ନୀତି ସ୍ପଷ୍ଟ ହେବା ଉଚିତ। କାରଣ ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି।
–ଜେହିଲ ଥକ୍କର, ଡେଲଏଟ୍ ଇଣ୍ଡିଆ ପାର୍ଟନର

## ସଂକ୍ଷେପରେ

### ସୁନା ଦର ରେକର୍ଡ ୪୦ ହଜାର ଟପିଲା

ନୂଆଦିଲ୍ଲୀ,୨୯-୮: ସୁନା ଦର ଗୁରୁବାର ପ୍ରତି ୧୦ ଗ୍ରାମ୍ ୨୫୦ ଟଙ୍କା ବୃଦ୍ଧି ପାଇ ରେକର୍ଡ ୪୦ ହଜାର ଟଙ୍କା ଟପିଛି। ଅଲ୍ ଇଣ୍ଡିଆ ସର୍ରାଫା ଆସୋସିଏଶନର ରିପୋର୍ଟ ଅନୁଯାୟୀ ଗୁରୁବାର ସୁନା ଦର ୪୦,୨୨୦ ଟଙ୍କାରେ କାରବାର ବନ୍ଦ ହୋଇଛି। ବୁଧବାର ସୁନା ଦର ୩୦୦ ଟଙ୍କା ବଢ଼ିଥିଲା। ସେହିପରି ଚାହିଦା ବୃଦ୍ଧି କାରଣରୁ ରୁପା ଦର ମଧ ଦିନେ ଦୁଇଦିନ ଭିତରେ ରେକର୍ଡ ୫୦ ହଜାର ଟଙ୍କା ଛୁଇଁବାକୁ ଯାଉଛି। ଗୁରୁବାର ରୁପା ଦର କେଜି ୨୦୦ ଟଙ୍କା ବଢ଼ି ୪୯,୦୫୦ ଟଙ୍କାରେ କାରବାର ବନ୍ଦ ହୋଇଛି। ବ୍ରେକ୍‌ଜିଟର ଅଗ୍ରଗତି, ଆମେରିକା ଓ ଚାଇନା ମଧରେ ବାଣିଜ୍ୟ ଯୁଦ୍ଧ ନେଇ ଆସନ୍ତା ସପ୍ତାହରେ ହେବାକୁ ଥିବା ଆଲୋଚନାରୁ ସୁନା ଦର ଉପରେ ପ୍ରଭାବ ପକାଇବ ବୋଲି ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର ସିନିୟର ଆନାଲିଷ୍ଟ(କମୋଡିଟି) ତପନ ପଟେଲ କହିଛନ୍ତି।

### ଗାନ୍ଧୀ ଜୟନ୍ତୀରୁ ଏୟାର ଇଣ୍ଡିଆରେ ପ୍ଲାଷ୍ଟିକ ବ୍ୟାନ୍

ନୂଆଦିଲ୍ଲୀ,୨୯-୮: ଦେଶକୁ ପ୍ଲାଷ୍ଟିକମୁକ୍ତ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ପ୍ଲାଷ୍ଟିକ ବ୍ୟବହାର କରିବ ନାହିଁ ବୋଲି ନିଷ୍ପତ୍ତି ନେଇଛି। ଅକ୍ଟୋବର ୨ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ଏୟାର ଇଣ୍ଡିଆରେ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲାଗୁ କରାଯିବ ବୋଲି କମ୍ପାନୀ ସିଏମ୍‌ଡି ଅଶ୍ୱିନୀ ଲୋହାନୀ ଗୁରୁବାର କହିଛନ୍ତି। ସେ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ଏୟାର ଏକ୍ସପ୍ରେସର ସମସ୍ତ ବିମାନ ଓ ସହଯୋଗୀ ବିମାନରେ ପ୍ଲାଷ୍ଟିକ ବ୍ୟବହାରକୁ ବ୍ୟାନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଏୟାର ଇଣ୍ଡିଆର ସମସ୍ତ ବିମାନରେ ଏହାକୁ ଲାଗୁ କରାଯିବ। ଦେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ଲାଗି ଜନଆନ୍ଦୋଳନ ଆରମ୍ଭ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏହାକୁ ସାକାର କରିବା ଦିଗରେ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଉକ୍ତ ପଦକ୍ଷେପ ନେବାକୁ ଯାଉଛି।

### ଭାରତରେ ରିଟେଲ ଷ୍ଟୋର ଖୋଲିବ ଆପଲ୍

ନୂଆଦିଲ୍ଲୀ,୨୯-୮: ମହଙ୍ଗା ଫୋନ ଏବଂ ସଫ୍ଟୱେର ତିଆରି କରୁଥିବା ଆମେରିକା କମ୍ପାନୀ ଆପଲ୍ ଭାରତରେ ଏହାର ରିଟେଲ ଷ୍ଟୋର୍ ଖୋଲିବାକୁ ନେଇ ଉତ୍ସୁକ ବୋଲି କହିଛି। ଭାରତୀୟ ଗ୍ରାହକଙ୍କୁ ବିଶ୍ୱ ମାନଦଣ୍ଡ ଅନୁଯାୟୀ ଅନ୍‌ଲାଇନ ଓ ଦୋକାନ ଜରିଆରେ ଉତ୍ପାଦ ବିକ୍ରୀର ଉନ୍ନତ ଅନୁଭବ କରିବାକୁ ନେଇ କମ୍ପାନୀ ଉତ୍ସାହୀ ବୋଲି କହିଛି। ଖୁବ୍‌ଶୀଘ୍ର ଭାରତରେ ଏକ ଷ୍ଟୋର୍ ଖୋଲାଯିବ ବୋଲି ଆପଲ୍ ଗୁରୁବାର ସ୍ପଷ୍ଟ କରିଛି। ସୂଚନାଥାଉ କି, କେନ୍ଦ୍ର ସରକାର ସିଙ୍ଗଲ ରିଟେଲ୍ ବ୍ରାଣ୍ଡରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ) ନିୟମ କୋହଳ କରିବା ଲାଗି ବୁଧବାର ଘୋଷଣା କରିବା ପରେ ଆପଲ୍ ପକ୍ଷରୁ ପ୍ରଥମଥର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଇ-ମେଲ୍ ଜରିଆରେ ଗଣମାଧ୍ୟମକୁ ପଠାଇଥିବା ନିଜ ପ୍ରତିକ୍ରିୟାରେ ଆପଲ୍ କହିଛି ଯେ, ଏହା ଭାରତରେ ପ୍ରଥମ ଦୋକାନ ଖୋଲି ଗ୍ରାହକଙ୍କୁ ସ୍ୱାଗତ କରିବା ଲାଗି ଆଗ୍ରହୀ। ତେବେ କମ୍ପାନୀ ନିଜର ଯୋଜନା ସମ୍ପର୍କରେ କିଛି ପ୍ରକାଶ କରିନାହିଁ। ବର୍ତ୍ତମାନ ଭାରତୀୟ ବଜାରରେ ଆପଲ୍‌କୁ ସ୍ମାର୍ଟଫୋନ ଶ୍ରେଣୀରେ ୱାନ୍ ପ୍ଲସ୍ ଓ ସାମସଙ୍ଗ ସହିତ ମୁକାବିଲା କରିବାକୁ ପଡୁଛି।

### ସାମସଙ୍ଗ ଆଣିଲା ନୂଆ ଗାଲାକ୍ସି ନୋଟ୍୧୦

ମୁମ୍ବାଇ, ୨୯-୮: ସାମ୍‌ସଙ୍ଗ ପକ୍ଷରୁ ନୂଆ ଗାଲାକ୍ସି ନୋଟ୍ ୧୦ ଏବଂ ୧୦ ପ୍ଲସ ସ୍ମାର୍ଟଫୋନ ବଜାରକୁ ଆସିଛି। ଯୁବବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରିଛି। ନୂଆ ସ୍ମାର୍ଟଫୋନରେ ଆକର୍ଷଣୀୟ ଡିଜାଇନ, ଶକ୍ତିଶାଳୀ ପରଫରମାନ୍ସ, ଏବଂ ଉତ୍ପାଦକତା ଟୁଲ ଗ୍ରାହକ ଲାଭ କରିପାରିବେ। ଏଥିରେ ଥିବା ସ୍ୱତନ୍ତ୍ର ଏସ୍ ପେନ ଏବଂ ଅନ୍ୟ ଆକର୍ଷଣୀୟ ଫିଚର ଗ୍ରାହକଙ୍କ ପସନ୍ଦ ଆସିବ ବୋଲି ସାମ୍‌ସଙ୍ଗ ସଭାପତି ଏଚ୍‌ସି ହଙ୍ଗ କହିଛନ୍ତି। ଏସ୍‌ପେନ ସହାୟତାରେ ହାତଲେଖାକୁ ଡିଜିଟାଲ ଟେକ୍ସଟରେ ରୂପାନ୍ତର କରାଯାଇପାରିବ। ସେହିଭଳି ୭ ଏନ୍‌ଏମ୍ ପ୍ରୋସେସର ଏଥିରେ ସ୍ଥାନିତ କରାଯାଇଛି। ୧୨ ଜିବି ଏବଂ ୮ ଜିବି ରାମରେ ଏହା ଆସୁଛି। ପ୍ରୋଗ୍ରେଡ କ୍ୟାମେରା, ଭିଡିଓ ଏଡିଟିଂ, ଏଆର୍ ଡୁଡୁଲ, ୩ ଡି ସ୍କାନର ଗ୍ରାହକ ଏଥିରେ ଲାଭ କରିପାରିବେ।

# ଅର୍ଥନୀତିରେ ମାନ୍ଦାବସ୍ଥା ‘ସମୟାବର୍ତ୍ତୀ’



### ଆର୍‌ବିଆଇ ବାର୍ଷିକ ରିପୋର୍ଟ

- ଢାଞ୍ଚାଗତ ସମସ୍ୟା ଯୋଗୁ ମାନ୍ଦାବସ୍ଥା
- ଚାହିଦା, ଘରୋଇ ନିବେଶ ବୃଦ୍ଧିକୁ ପ୍ରାଥମିକତା
- ବ୍ୟାଙ୍କ ଓ ଅଣବ୍ୟାଙ୍କ କ୍ଷେତ୍ର ଅଧିକ ଦୃଢ଼ୀଭୂତ ହେଉ
- ଭିତ୍ତିଭୂମି ନିର୍ମାଣରେ ହେଉ ଅଧିକ ନିବେଶ
- କଣ୍ଟିଜେନ୍ସି ଫଣ୍ଡ ପରିମାଣ ହ୍ରାସ ପାଇ ୧,୯୬,୩୪୪ କୋଟି ଟଙ୍କା
- ସରକାରଙ୍କୁ ଦେବ ୫୨,୦୦୦ କୋଟି ଟଙ୍କା
- ଘରୋଇ ସ୍ରୋତରୁ ଆୟ ୧୩୨.୦୭% ବୃଦ୍ଧି

ମୁମ୍ବାଇ,୨୯-୮

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗୁରୁବାର ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ନିଜର ବାର୍ଷିକ ରିପୋର୍ଟ ଜାରି କରିଛି। ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ‘ସମୟାବର୍ତ୍ତୀ’ବୋଲି ରିପୋର୍ଟରେ କୁହାଯାଇଛି। ଏଥିରୁ ବାହାରି ଆସିବାକୁ ହେଲେ ବଡ଼ ଧରଣର ସଂସ୍କାର ଜରୁରୀ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି। ଦେଶରେ ଦେଖାଦେଇଥିବା ମାନ୍ଦାବସ୍ଥା ଢ଼ାଞ୍ଚାଗତ ସମସ୍ୟା ସୃଷ୍ଟି ଯୋଗୁ ଦେଖାଦେଇଛି ବୋଲି କୁହାଯାଇଛି।

ଆର୍‌ବିଆଇ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବୃହତ୍ ଆର୍ଥିକ ଦୃଶ୍ୟପଟ ଅସ୍ଥିର ରହିଥିବା ବେଳେ ବଜାରରେ ସନ୍ଦେହ ସୃଷ୍ଟି ହୋଇଛି। ଚଳିତ ଆର୍ଥିକ ବର୍ଷର ଅବଶିଷ୍ଟ ସମୟ ପାଇଁ ଏକାଧିକ ପ୍ରଶ୍ନ ମନକୁ ଆସୁଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମାନ୍ଦାବସ୍ଥାର ପ୍ରକୃତ କାରଣ ଖୋଜିବା ଅସମ୍ଭବ ଏବଂ ଏହାକୁ ଅଲଗା କରିବା ମଧ କଷ୍ଟକର। ପ୍ରାୟ ସମସ୍ତ କ୍ଷେତ୍ର ଯଥା: ମାନୁଫାକ୍‌ଚରିଂ, ଟ୍ରେଡ୍, ହୋଟେଲ, ପରିବହନ, ଯୋଗାଯୋଗ, ପ୍ରସାରଣ, ନିର୍ମାଣ, କୃଷି ଏବଂ ରିଏଲ ଇଷ୍ଟେଟ୍‌ରେ ମାନ୍ଦାବସ୍ଥାର ପ୍ରଭାବ ଅନୁଭୂତ ହେଉଛି ବୋଲି ଏଥିରେ କୁହାଯାଇଛି। ଏଣୁ ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ରେ ଚାହିଦା ବୃଦ୍ଧି ଏବଂ ଘରୋଇ ନିବେଶ ବଢ଼ାଇବା ସର୍ବାଧିକ ପ୍ରାଥମିକତା ହେବା ଉଚିତ। ଏଥିପାଇଁ ବ୍ୟାଙ୍କ ଓ ଅଣବ୍ୟାଙ୍କ କ୍ଷେତ୍ରକୁ ଅଧିକ ଦୃଢ଼ୀଭୂତ କରିବା ସହିତ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଅଧିକରୁ ଅଧିକ ନିବେଶ କରିବାକୁ ହେବ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଆର୍‌ବିଆଇର କଣ୍ଟିଜେନ୍ସି ଫଣ୍ଡ ପରିମାଣ ହ୍ରାସ ପାଇ ୧,୯୬,୩୪୪ କୋଟି ଟଙ୍କା ହୋଇଛି। ଗତବର୍ଷ ଏହି ସମୟରେ ଏହା ୨,୩୨,୧୦୮ କୋଟି ଟଙ୍କା ଥିଲା। ଅତିରିକ୍ତ ପାଣ୍ଠିରୁ ଆର୍‌ବିଆଇ ସରକାରଙ୍କୁ ୫୨,୦୦୦ କୋଟି ଟଙ୍କା ଦେବାକୁ ଯାଉଛି। ସେହିପରି ବଳକା ପାଣ୍ଠିରୁ କେନ୍ଦ୍ରୀୟ ବ୍ୟାଙ୍କ ୧.୨୩ ଲକ୍ଷ କୋଟି ଟଙ୍କା ସରକାରଙ୍କୁ ଦେବାକୁ ଘୋଷଣା କରିସାରିଛି। ରିପୋର୍ଟ ଅନୁଯାୟୀ ଆର୍‌ବିଆଇର ଘରୋଇ ସ୍ରୋତରୁ ଆୟ ଜୁନ୍ ୩୦ରେ ଶେଷ ହୋଇଥିବା ଅବଧିରେ ୧୩୨.୦୭ ପ୍ରତିଶତ ବଢ଼ି ୧,୧୮,୦୭୮ କୋଟି ଟଙ୍କା ରହିଛି, ଯାହା କି, ପୂର୍ବବର୍ଷ ୫୦,୮୮୦ କୋଟି ଟଙ୍କା ଥିଲା।

# ହିରୋ ଏକ୍ସପଲ୍ସ ୨୦୦ର ଏକ୍ସଟ୍ରାକ୍ସ ପ୍ରଦର୍ଶନ



ଭୁବନେଶ୍ୱର, ୨୯-୮

ହିରୋ ମୋଟୋକର୍ପ ପକ୍ଷରୁ ଏହାର ନୂଆ ମୋଟର ସାଇକେଲ ଏକ୍ସପଲ୍ସ ୨୦୦ର ଏକ୍ସଟ୍ରାକ୍ସ ପ୍ରଦର୍ଶନ କରାଯାଇଛି। ଏହାକୁ ଚଳାଇବା ଲାଗି ଆଗ୍ରହୀ ବ୍ୟକ୍ତିବିଶେଷ ଗାଡି ଚାଳନାର ଆନନ୍ଦ ନେଇଛନ୍ତି। ଏହି ସମୟରେ ସୁରକ୍ଷିତ ଗାଡି ଚାଳନା ନେଇ ଲୋକଙ୍କୁ ସଚେତନ କରାଯାଇଛି। ଦିଲ୍ଲୀ ସମେତ ଚେନ୍ନାଇ ଭଳି ସହରଗୁଡିକରେ କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ୫୦୦ରୁ ଅଧିକ ବାଇକ ଚାଳକ ଯୋଗ ଦେଇଥିଲେ। ଆଗାମୀ ଦିନରେ ବାଙ୍ଗାଲୋର, କୋଚି ଏବଂ ପୁଣେରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏହି ମଡେଲଟିରେ ୨୦୦ ସିସି ଇଞ୍ଜିନ, ସିଭି କାର୍ବୋରେଟର ଫୁଏଲ ଇଞ୍ଜେକଶନ ଭଳି ଅନ୍ୟାନ୍ୟ ବୈଶିଷ୍ଟ୍ୟ ରହିଛି।

# ୟୁନିୟନ ବ୍ୟାଙ୍କ- ବ୍ୟାଙ୍କ ବାଜାର ଚୁକ୍ତି

ଭୁବନେଶ୍ୱର, ୨୯-୮

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବ୍ୟାଙ୍କ ବାଜାର ଡଟ୍ କମ୍ ସହ ଚୁକ୍ତିରେ ସାମିଲ ହୋଇଛି। ଡିଟିଟାଲ ସୋର୍ସିଂ ଏବଂ ହାଉସିଂ ଲୋନ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଆର୍ଥିକ ସେବା କ୍ଷେତ୍ରରେ ଡିଜିଟାଲ ଟ୍ରେଣ୍ଡ ବୃଦ୍ଧି ଘଟୁଥିବାରୁ ବ୍ୟାଙ୍କ ଏଦିଗରେ ଅଗ୍ରସର ହେଉଛି। ପାରମ୍ପରିକ ଚ୍ୟାନେଲ ବାଦ୍ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାକୁ ବ୍ୟାଙ୍କ ଯୋଜନା ରଖିଛି। ଡିଜିଟାଲ ଚ୍ୟାନେଲରେ ଅଧିକ ସକ୍ରିୟ ହେବା ଦିଗରେ ଏହା କାର୍ଯ୍ୟ କରିବ ବୋଲି ୟୁନିୟନ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଅଟୋ ସେକ୍ଟର ପାଇଁ ପ୍ୟାକେଜ ପର୍ଯ୍ୟାପ୍ତ ନୁହେଁ:ଫିଚ୍

### ଯାତ୍ରୀବାହୀ ଯାନ ବିକ୍ରି ୪-୭% କମିବା ଆଶଙ୍କା

୨୦୧୯-୨୦ ଆର୍ଥିକ ବର୍ଷରେ ଦେଶରେ ଯାତ୍ରୀବାହୀ ଯାନ ବିକ୍ରି ୪ରୁ ୭% କମିପାରେ। ଘରୋଇ ବଜାରରେ ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏହି ସମସ୍ୟାର ସମାଧାନ ଲାଗି ସରକାର ପ୍ରୋତ୍ସାହନ ପଦକ୍ଷେପ ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ପ୍ରଭାବିତ କୃଷି ଉତ୍ପାଦନ, ଆର୍ଥିକ ଏବଂ ଔଦ୍ୟୋଗିକ ଉତ୍ପାଦନର ପ୍ରଭାବ ଦେଖାଯାଇଛି। ଏଭଳି ପ୍ରସଙ୍ଗ ଅଟୋ କ୍ଷେତ୍ରକୁ ମଧ ପ୍ରଭାବିତ କରିଛି। ଫଳରେ ପାସେଞ୍ଜର ଯାନ ବିକ୍ରି କମିବା ନେଇ ଆଶଙ୍କା କରାଯାଉଥିବା ରେଟିଂ ଏଜେନ୍ସି ଇକ୍ରା ସୂଚନା ଦେଇଛି। ଚଳିତ ବର୍ଷ ଅଟୋ ଶିଳ୍ପରେ ୨୧.୬% ନକାରାତ୍ମକ ଅଭିବୃଦ୍ଧି ଦେଖାଯାଇଛି ବୋଲି ଇକ୍ରା କହିଛି।



ନୂଆଦିଲ୍ଲୀ,୨୯-୮

ଅଟୋ ସେକ୍ଟରକୁ ଗତିଶୀଳ କରିବା ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଦ୍ୱାରା ଗତ ସପ୍ତାହରେ ଘୋଷିତ ପ୍ରୋତ୍ସାହନ ପ୍ୟାକେଜ ପର୍ଯ୍ୟାପ୍ତ ନୁହେଁ। ଘୋଷିତ ପ୍ୟାକେଜ ଆବଶ୍ୟକତା ଦୃଷ୍ଟିରୁ ଅତ୍ୟନ୍ତ ନଗଣ୍ୟ ଏବଂ ବିଳମ୍ବରେ ଉଠାଯାଇଥିବା ପଦକ୍ଷେପ ବୋଲି ରେଟିଂ ଏଜେନ୍ସି ଫିଚ୍ ସଲ୍ୟୁଶନ୍ସ ମାକ୍ରୋ ରିସର୍ଚ୍ଚରେ କୁହାଯାଇଛି। ଗୁରୁବାର ପ୍ରକାଶିତ ଏହି ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ହାର ହ୍ରାସ ସହ ପୁରୁଣା ଗାଡ଼ିକୁ ରଦ୍ଦି ଭାବେ ଘୋଷଣା ନିୟମ ଭଳି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସୂଚନାଥାଉ କି, ଅର୍ଥମନ୍ତ୍ରୀ ସୀତାରାମନ୍ ଗତ ୨୩ରେ ଅଟୋ ସେକ୍ଟର ଲାଗି କେତେକ ପ୍ୟାକେଜ ଘୋଷଣା କରିଛନ୍ତି। ଫିଚ୍ ପକ୍ଷରୁ କୁହାଯାଇଛି ଯେ, ୨୦୧୮-୧୯ରେ ଆସିଥିବା ମାନ୍ଦାବସ୍ଥାକୁ ଦୂରେଇବା ଲାଗି ଅଟୋ ସେକ୍ଟର ପାଇଁ ଅତ୍ୟନ୍ତ ନଗଣ୍ୟ ଘୋଷଣା କରାଯାଇଛି। ସରକାର ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିବାରେ ବିଳମ୍ବ କରିଦେଲେ। କାରଣ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ବହୁ ଦୂର ପର୍ଯ୍ୟନ୍ତ ମାଡିଯାଇଛି। ଏବେ ଏହାକୁ ରୋକିବା ଅସମ୍ଭବ। ତେବେ ଫିଚ୍ ସଲ୍ୟୁଶନ୍ସ ପକ୍ଷରୁ କୁହାଯାଇଛି ଯେ, ନିର୍ମଳାଙ୍କ ପ୍ୟାକେଜ ଘୋଷଣାରୁ ଏହା ଦର୍ଶାଉଛି ଯେ,ସରକାର ଅଟୋ ସେକ୍ଟରରେ ହସ୍ତକ୍ଷେପ କରିବାକୁ ପ୍ରସ୍ତୁତ ଅଛନ୍ତି।

# ଲଣ୍ଡନରେ ରୁଚି ଉଦ୍ୟୋଗ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୯-୮

ଓଡ଼ିଆ ସୋସାଇଟି ଅଫ୍ ୟୁନାଇଟେଡ କିଙ୍ଗଡମ୍ ପକ୍ଷରୁ ଏହାର ୪୦ତମ ବାର୍ଷିକ ଉତ୍ସବରେ ଶ୍ରେଷ୍ଠ ଉଦ୍ୟୋଗ ଭାବେ ପ୍ରମୁଖ ମସଲା କମ୍ପାନୀ ରୁଚିକୁ ସମ୍ବର୍ଦ୍ଧିତ କରାଯାଇଛି। ରୁଚି ପକ୍ଷରୁ ଏହାର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ ଏହି ଅବସରରେ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଉଦ୍‌ଘାଟନ କରିଥିଲେ। ଏହି ସୋସାଇଟି ଓଡ଼ିଶାର ପରମ୍ପରାକୁ ବଞ୍ଚାଇ ରଖିଥିବାରୁ ରୁଚି ପକ୍ଷରୁ ଶିବ ରଞ୍ଜନ ବିଶ୍ୱାଳ, ସୁମନ୍ତ ମାନସିଂହ, ଡ. ପ୍ରକାଶ ଦେ, ଦେବକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବାରେ ରୁଚି ଏହାର ଯୋଗଦାନ ରଖିବ ବୋଲି ନିର୍ଦ୍ଦେଶିକା ରଶ୍ମି ସାହୁ ସୂଚନା ଦେଇଛନ୍ତି।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ହିନ୍ଦୀ ଦିବସ



ଭୁବନେଶ୍ୱର, ୨୯-୮

ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବ୍ୟାଙ୍କର କନ୍ଦରପୁର ଶାଖା ନିକଟସ୍ଥ ସେଣ୍ଟ ଜାଭିୟର୍ସ ସ୍କୁଲଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛତା ଅଭିଯାନ ଉପରେ କବିତା ପାଠ, ବକ୍ତୃତା ପ୍ରତିଯୋଗିତା ଏବଂ ଦଳଗତ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀ, ବରିଷ୍ଠ ସୁରକ୍ଷା ଅଧିକାରୀ ବେଦ ପ୍ରକାଶ ଝା, ରାଜଭାଷା ପ୍ରବନ୍ଧକ ସୋନିଆ ସାଓ୍ୱନ୍ତ, ସ୍କୁଲ ମ୍ୟାନେଜମେଣ୍ଟର ନରେଶ ଚନ୍ଦ୍ର ଜେନା, ବୈଜୟନ୍ତୀ ପଟ୍ଟନାୟକ, ପ୍ରିନ୍ସିପାଲ ଖୁସଖଲ୍ଲୀ ଖାନ ଏହି ଅବସରରେ ଉପସ୍ଥିତ ଥିଲେ।

# ମୂର୍ତ୍ତି ପରେ ଏବେ ମିଳୁଛି ଚାଇନା ଧୂପବତି

ନୂଆଦିଲ୍ଲୀ,୨୯-୮

ଭାରତୀୟଙ୍କ ଘରେ ଏବେ ଚାଇନା ମୂର୍ତ୍ତି ପୂଜା ପାଉଥିବାବେଳେ ଧୂପବତି ପହଞ୍ଚି ସାରିଛି। ଏହା ଏବେ ଏଭଳି ସ୍ଥିତିରେ ପହଞ୍ଚିଲାଣି ଯେ, ଦେଶର ଘରୋଇ ଅଗରବତୀ ଶିଳ୍ପ ସଙ୍କଟ ଘେରକୁ ଆସିଯାଇଛି। ଚାଇନାରୁ ଧୂପବତୀ ଆମଦାନୀ ବହୁ ହଜାର ଗୁଣା ବଢ଼ିଗଲାଣି।

ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ(କେଭିଆଇସି)ର ତଥ୍ୟ ସାମ୍ନାକୁ ଆସିବା ପରେ ସମସ୍ତଙ୍କୁ ଚକିତ କରିଛି। ଚାଇନା ଓ ଭିଏତ୍‌ନାମରୁ ବିପୁଳ ମାତ୍ରାରେ ଧୂପବତି ଭାରତକୁ ଆସୁଛି। ୨୦୧୮ରେ ଭାରତର ଏହି ଶିଳ୍ପ ୬୦୦୦ କୋଟି ଟଙ୍କା ଥିବା ବେଳେ କେବଳ ଚାଇନାରୁ ୮୦୦ କୋଟି ଟଙ୍କାର ଧୂପବତି ଭାରତକୁ ଆମଦାନୀ କରାଯାଇଛି। ଏଥିରେ କଞ୍ଚା ଧୂପ ଓ ବାଉଁଶ କାଠି ସାମିଲ ରହିଛି। କେଭିଆଇସି ଅଧ୍ୟକ୍ଷ ବି.କେ.ସାକ୍ସେନାଙ୍କ କହିବାନୁଯାୟୀ, ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ୧ କୋଟି ଟଙ୍କାରୁ କମ୍ ବାଉଁଶ କାଠି ବିଦେଶରୁ ଆମଦାନୀ ହେଉଥିଲା। ଯାହା ୨୦୧୧ରେ ଆମଦାନୀ ଶୁଳ୍କ ହ୍ରାସ ପରେ ୨୦୧୪ରୁ ୨୦୧୮ ମଧରେ ବଢ଼ି ୧୨୯ କୋଟି ଟଙ୍କାରେ ପହଞ୍ଚିଛି। ଏଭଳି ଭାବେ ଭାରତରେ ୨୦୦୯ରେ ୩୧ କୋଟି ଟଙ୍କାର କଞ୍ଚା ଧୂପବତି ଆମଦାନୀ ହୋଇଥିଲା, ଯାହା ୨୦୧୮ରେ ବଢ଼ି ୫୪୬ କୋଟି ଟଙ୍କା ହୋଇଛି। କେବଳ ଚାଇନାରୁ କଞ୍ଚା ଧୂପବତି ଆମଦାନୀ ୨୦୧୧ରେ ୧.୭ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୧୮ରେ ୨୧୨ କୋଟି ଟଙ୍କାରେ ପହଞ୍ଚିଯାଇଛି। ଗତ ୭ ବର୍ଷ ଭିତରେ ଚାଇନାର ଧୂପବତି ଆମଦାନୀ ୧୨,୩୭୦ ଗୁଣା ବଢ଼ିଯାଇଛି। ୨୦୦୯ରେ ମାତ୍ର ୨ ପ୍ରତିଶତ କଞ୍ଚା ଧୂପବତି ଆମଦାନୀ ହେଉଥିଲା ବେଳେ ଆଜି ୮୦ ପ୍ରତିଶତରେ ପହଞ୍ଚିଯାଇଛି। ସୂଚନାଥାଉ କି, ୨୦୧୧ରେ କଞ୍ଚା ଧୂପବତୀ ଆମଦାନୀ ଶୁଳ୍କକୁ ୩୦ରୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଥିଲା। ୨୦୧୮ରେ ଇଣ୍ଡୋ-ଏସିଆନ ମୁକ୍ତ ବାଣିଜ୍ୟ ଚୁକ୍ତି ବଳରେ ଏହାକୁ ୫%କୁ ହ୍ରାସ କରାଯାଇଥିଲା। ଫଳରେ କଞ୍ଚା ଧୂପବତି କେଜି ୭୦ରୁ ୪୮ ଟଙ୍କାକୁ ହ୍ରାସ ପାଇଛି। ଏହା ଘରୋଇ ଶିଳ୍ପ ପାଇଁ ସଙ୍କଟର କାରଣ ହୋଇଛି। ଏସମ୍ପର୍କରେ ଜାଣିବା ପରେ ସରକାରଙ୍କ ନିଦ ଭାଙ୍ଗିଛି। ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରାଯାଉଛି। ନିକଟ ଭବିଷ୍ୟତରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ବାଉଁଶ କାଠି ଅଥବା କଞ୍ଚା ଧୂପବତି ଉପରେ ଆମଦାନୀ ଶୁଳ୍କ ବଢ଼ାଇବା ନେଇ ନିଷ୍ପତ୍ତି ହୋଇପାରେ ।



- ସଙ୍କଟରେ ଭାରତୀୟ ଘରୋଇ ଉଦ୍ୟୋଗ
- ଚାଇନାରୁ ଭାରତକୁ ୮୦୦ କୋଟି କଞ୍ଚା ଧୂପବତି ଆମଦାନୀ
- ୬୦୦୦ କୋଟି ଟଙ୍କାର ଧୂପବତି ଉଦ୍ୟୋଗ
- ଆମଦାନୀ ଶୁଳ୍କ ୫%କୁ ହ୍ରାସ କାଳ ହେଲା



ଭାରତୀୟ ବୋଲର ହିସାବରେ ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଯଶପ୍ରୀତ ବୁମ୍‌ରାଙ୍କ ବୋଲିଂ ଖୁବ୍ ଉଚ୍ଚକୋଟୀର ଥିଲା ।

–ଭରତ ଅରୁଣ, ବୋଲିଂ କୋଚ୍



ବାମ କାନ୍ଧରେ ଯନ୍ତ୍ରଣା ଯୋଗୁ ୟୁଏସ୍ ଓପନ୍‌ରେ ଜୁଆନ ଇଗ୍‌ନାସିଓ ଲୋଣ୍ଡେରୋଙ୍କ ବିପକ୍ଷ ମ୍ୟାଚରେ ସର୍ଭିସ ଓ ବ୍ୟାକ୍‌ହ୍ୟାଣ୍ଡ ବେଳେ ମୁଁ ସମସ୍ୟାର ସମ୍ମୁଖୀନ ହୋଇଥିଲି ।

–ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି

## ସଂକ୍ଷେପରେ

### ଦ୍ରାବିଡ୍‌ଙ୍କ ସ୍ଥାନରେ କୋଟାକ, ମହାମ୍ବ୍ରେ

ନୂଆଦିଲ୍ଲୀ,୨୯।୮: ପୂର୍ବତନ ସୌରାଷ୍ଟ୍ର ଅଧିନାୟକ ସିତାଂଶୁ କୋଟାକ ଓ ପୂର୍ବତନ ଭାରତୀୟ ସିମର ପାରସ ମହାମ୍ବ୍ରେ ପୂର୍ବତନ ଭାରତୀୟ ଅଧିନାୟକ ରାହୁଲ ଦ୍ରାବିଡ୍‌ଙ୍କ ସ୍ଥାନ ନେଇଛନ୍ତି। ଦୁହେଁ ଯଥାକ୍ରମେ ଭାରତ ଏ' ଓ ୧୯ ବର୍ଷର କମ୍ ଭାରତୀୟ ଦଳର କୋଚ ଭାବେ ନିଯୁକ୍ତ ହୋଇଛନ୍ତି। ଦ୍ରାବିଡଙ୍କୁ ନିକଟରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଦାୟିତ୍ୱ ଦିଆଯାଇଛି। ଏଥିସହ ସେ ଭାରତ ଏ' ଓ ୧୯ ବର୍ଷରୁ କମ୍ ଦଳର ରୋଡ୍‌ମ୍ୟାପ ପ୍ରସ୍ତୁତ କାର୍ଯ୍ୟ କରିବେ। ଏଥିଯୋଗୁ ତାଙ୍କୁ ଏନ୍‌ସିଏରେ ରହିବାକୁ ପଡ଼ିବ। ତେବେ ଆବଶ୍ୟକସ୍ଥଳରେ ସେ ଏ' ଓ ୧୯ ବର୍ଷରୁ କମ୍ ଦଳ ସହ ଗସ୍ତ କରିପାରିବେ। ଏହି ନିଯୁକ୍ତି ନେଇ କୌଣସି ବିଧିବଦ୍ଧ ଘୋଷଣା ହେବ ନାହିଁ। କାରଣ ସମସ୍ତେ ଏନ୍‌ସିଏ ଷ୍ଟାଫ୍ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ୧୩୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ବାମହାତୀ ବ୍ୟାଟ୍ସମ୍ୟାନ କୋଟାକ ଓ୍ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତ ଏ' ଦଳର କୋଚ୍ ଦାୟିତ୍ୱରେ ଥିଲେ। ସେଠାରେ ତାଙ୍କ କାର୍ଯ୍ୟ ଓ ଏଥିକ୍ସ ଦ୍ରାବିଡ୍‌ଙ୍କୁ ପ୍ରଭାବିତ କରିଥିଲା। ଏଥିଯୋଗୁ ସେ ପଦ ବଜାୟ ରଖିବେ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ଭାରତ ପାଇଁ ଦୁଇ ଟେଷ୍ଟ ଓ ୩ ଦିନିକିଆ ମ୍ୟାଚ୍ ଖେଳିଥିବା ମହାମ୍ବ୍ରେଙ୍କୁ ୧୯ ବର୍ଷରୁ କମ୍ ଦଳର କୋଚ୍ ଭାର ଦିଆଯାଇଛି। ବୋଲିଂ କାଚ୍ ପଦରେ ରମେଶ ପାଓ୍ୱରଙ୍କୁ ନିଯୁକ୍ତ କରାଯାଇଛି। କୋଟାକ ଓ ପାଓ୍ୱରଙ୍କୁ କେବଳ ଗୁରୁବାରଠାରୁ ଥିରୁଭାନାନ୍ତପୁରମଠାରେ ଦକ୍ଷିଣ ଆଫ୍ରିକା ଏ' ବିପକ୍ଷରେ ଆରମ୍ଭ ହେବାକୁ ଥିବା ସିରିଜ୍ ପାଇଁ ନିଯୁକ୍ତ କରାଯାଇଛି। ଦ୍ରାବିଡ୍‌ଙ୍କ ସହ ଅଭୟ ଶର୍ମା ଓ ମହାମ୍ବ୍ରେ ଏନ୍‌ସିଏ କାର୍ଯ୍ୟ ଜାରି ରଖିବେ।

### ମ୍ୟାଚ୍ ମଝିରେ କଫି ମଗାଇଲେ ଭେନସ

ନ୍ୟୁୟର୍କ,୨୯।୮: କଫି ପିଇବା କ୍ରୀଡ଼ାବିତଙ୍କ ମଧ୍ୟରେ ସାଧାରଣ କଥା। ତେବେ ମ୍ୟାଚ୍ ମଝିରେ କଫି ମଗାଇବା ନିଶ୍ଚିତ ଭିନ୍ନ ଘଟଣା। ଏଠାରେ ଚାଲିଥିବା ଚଳିତ ସିଜନର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏଲିନା ସ୍ୱିତୋଲିନାଙ୍କଠାରୁ ପ୍ରଥମ ସେଟ୍ ହାରିବା ପରେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭେନସ ଓ୍ୱିଲିୟମ୍ସଙ୍କୁ କଫି ଦରକାର ପଡ଼ିଥିଲା। ଏଣୁ ସେ ମ୍ୟାଚ୍ ମଝିରେ କଫି ମଗାଇଥିଲେ। କିନ୍ତୁ ୩୯ ବର୍ଷୀୟା ଷ୍ଟାରଙ୍କ ଅର୍ଡର ଦୁର୍ଭାଗ୍ୟବାଶତଃ ପ୍ରଥମେ ପୂରା ହୋଇ ପାରି ନ ଥିଲା। ଏହାପରେ ମ୍ୟାଚ୍‌ର ବିରତି ସମୟରେ ପୂର୍ବତନ ୟୁଏସ୍ ଓପନ ଚାମ୍ପିୟନ କୋର୍ଟ ଛାଡ଼ି ଲକର ରୁମକୁ ଯାଇଥିଲେ। ସେ କୋର୍ଟକୁ ଫେରିବାବେଳକୁ ତାଙ୍କ ସିଟ୍ ନିକଟରେ କଫି ରଖାଯାଇଥିଲା। ହେଲେ ଏହା ତାଙ୍କୁ କିଛି ଫାଇଦା ଦେଇପାରି ନ ଥିଲା। ଦ୍ୱିତୀୟ ସେଟ୍‌ରେ ଭେନସ ୩-୦ ବ୍ୟବଧାନରେ ଆଗୁଆ ଥିଲେ। କିନ୍ତୁ ଏହାପରେ ୫ମ ସିଡ୍ ସ୍ୱିତୋଲିନା ୬-୪ ସେଟ୍‌ରେ ମ୍ୟାଚ୍ ହାତେଇ ନେଇଥିଲେ। ସେ ସମାନ ବ୍ୟବଧାନରେ ପ୍ରଥମ ସେଟ୍ ମଧ ଜିତିଥିଲେ। ତେବେ ମ୍ୟାଚ୍ ମଝିରେ ଭେନସଙ୍କ କଫି ମଗାଇବାର ଏହା ପ୍ରଥମ ଘଟଣା ନୁହେଁ। ଚଳିତ ମାସରେ ଅନୁଷ୍ଠିତ ହୋଇଥିବା ସିନସିନାଟି ମାଷ୍ଟର୍ସରେ ଡୋନ୍ନା ଭେକିଙ୍କ ବିପକ୍ଷ ମ୍ୟାଚ୍‌ରେ ଓ୍ୱିଲିୟମ୍ସ କୋଚ୍‌ଙ୍କ ହାତରେ ଗୋଟେ କପ କଫି ମଗାଇଥିଲେ।







ବିଜୁ ପଟ୍ଟନାୟକ ପୁରସ୍କାର ଗ୍ରହଣ ଅବସରରେ କିଟ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ପ୍ରମୋଦଙ୍କ ସାଥୀ ଖେଳାଳି ଦିଲ୍ଲେଶ୍ୱର ରାଓ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମତୀ ଭଦ୍ରାଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରୁଛନ୍ତି।

# କିଟ୍, ପ୍ରମୋଦଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

ଭୁବନେଶ୍ୱର,୨୯।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ କୀଡ଼ା ଦିବସ ତଥା କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକ କ୍ରୀଡ଼ା ସାହସିକତା ଓ ସମାଜସେବା ପୁରସ୍କାର ପ୍ରଦାନ କରିଛନ୍ତି। କ୍ରୀଡ଼ା ପାଇଁ ପାରା ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କୁ ଓ ସାହସିକତାରେ ବନ୍ଧୁଙ୍କୁ ଦୁର୍ଘଟଣାରେ ବଞ୍ଚାଇଥିବା ଅନୁଗୋଳର ଛୋଟ ଝିଅ ଶ୍ରୀମତୀ ଭଦ୍ରାଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଛି। ଉଭୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଓ ମାନପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉପସ୍ଥିତ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନିଜର ବକ୍ତବ୍ୟ ରଖିଥିଲେ। ରାଜ୍ୟର ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଓ ଏହି ସଫଳତା ଯୁବ କ୍ରୀଡ଼ାବିତ୍ ତଥା ପ୍ରତିଭାଙ୍କୁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି। ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ସମର୍ପିତ ଭାବନା ନେଇ ପ୍ରୟାସ ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମଧ୍ୟ ଏହି ଉତ୍ସବରେ ଯୋଗଦେଇ ନିଜର ବ୍ୟକ୍ତବ୍ୟ ରଖିଥିଲେ। ସେ ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଓ ଏହି କ୍ରୀଡ଼ାବିତ୍‌ମାନେ ରାଜ୍ୟର ଗର୍ବ ଓ ଗୌରବ ବୋଲି କହିଥିଲେ। କ୍ରୀଡ଼ାରେ ରାଜ୍ୟ ଏବେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବିଶ୍ୱସ୍ତରୀୟ ଇଭେଣ୍ଟଗୁଡିକ ଆୟୋଜନ କରିବା ସହ ରାଜ୍ୟ ଏବେ ସଫଳ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ତୃଣମୂଳସ୍ତରରେ ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ ରାଜ୍ୟ ସରକାର ଚେଷ୍ଟିତ ରହିଛନ୍ତି। କୋଚିଂ, ବୈଷୟିକ ସୁବିଧାସୁଯୋଗ, ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରୟାସ ଜାରି ରଖିବେ ବୋଲି ସେ କହିଥିଲେ।

### ଶ୍ରୀମତୀଙ୍କୁ ସାହସିକତା ପୁରସ୍କାର

୪ଟି ବର୍ଗ ପାଇଁ ଓ ମୋଟ ଉପରେ ୯ଟି ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ପାଇଁ ଜଣାଶୁଣା ପାରା ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତ, କ୍ରୀଡ଼ାରେ ଶ୍ରେଷ୍ଠ ଅବଦାନ, ପ୍ରଚାର ଓ ପ୍ରସାର ପାଇଁ କିଟ୍, ସାହସିକତା ପାଇଁ ଅନୁଗୋଳର ସ୍କୁଲ ଛାତ୍ରୀ ଶ୍ରୀମତୀ ଭଦ୍ରାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସମାଜସେବା ପାଇଁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। ମୋଟ୍ ଉପରେ ୯ଟି ପୁରସ୍କାର ପ୍ରଦାନ କରାଯାଇଥିଲା। ସମାଜ ସେବା ପାଇଁ ୬ ଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଭଦ୍ରକ ଜିଲାର ରାଧାକାନ୍ତ ତ୍ରିପାଠୀ ଓ ପୁରୀ ଜିଲାର ବଦ୍ରି ମିଶ୍ର, ନୂଆପଡ଼ା ଜିଲାର ମହେନ୍ଦ୍ର କୁମାର ଜୋଷୀ, କୋରାପୁଟ ଜିଲାର କାମାକ୍ଷା ପ୍ରସାଦ ମାଝି, ବଲାଙ୍ଗୀର ଜିଲାର ରାମ ନାରାୟଣ ଦାଶ ଓ କେନ୍ଦୁଝର ଜିଲାର ଅବଦୁଲ ରହମାନ ଖାଁ। ଏହା ବ୍ୟତୀତ ୨୦୧୮ରେ ସଫଳତା ହାସଲ କରିଥିବା ୧୩୮ଜଣ କ୍ରୀଡ଼ାବିତ୍‌ଙ୍କୁ ଉତ୍ସବ ଅବ୍ୟବହତି ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଅର୍ଜୁନ ପୁରସ୍କାର ଗ୍ରହଣ କରିବା ପାଇଁ ପ୍ରମୋଦ ନୂଆଦିଲ୍ଲୀ ଯାଇଥିବାରୁ ସେ ଉତ୍ସବରେ ଅନୁପସ୍ଥିତ ଥିଲେ। ତେବେ ତାଙ୍କ ପାଇଁ ବ୍ୟାଡମିଣ୍ଟନ ଡବଲ୍ସ ପାର୍ଟନର ତଥା ଅନ୍ୟତମ ପାରା ଆଥଲେଟ ଦିଲ୍ଲେଶ୍ୱର ରାଓ ପୁରସ୍କାର ଗ୍ରହଣ କରିଥିଲେ। ପ୍ରମୋଦଙ୍କ କୋଚ୍ ଶିବ ପ୍ରସାଦ ଦାସ ଏହି ଅବସରରେ ଉପସ୍ଥିତ ଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଲୋକ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ କିଟ୍ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡ଼ାରେ ଅସାଧାରଣ ପ୍ରଦର୍ଶନ ପାଇଁ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ, ଭାରୋତ୍ତୋଳକ ଭକ୍ତରାମ ଦେହୁରି, ମହିଳା ଭାରୋତ୍ତୋଳକ ଝିଲ୍ଲୀ ଦଳବେହେରା ଓ ଉଷ୍ଣୁ ଖେଳାଳି ବବ୍‌ଲୁ ମୁଣ୍ଡାଙ୍କୁ ମଧ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ତେବେ ଦୂତୀ ଏହି ଅବସରରେ ଅନୁପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ କଲ୍ୟାଣ ବୋର୍ଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ ନାୟକ, କ୍ରୀଡ଼ା ବିଭାଗ ପ୍ରମୁଖ ସଚିବ ବିଶାଲ ଦେବ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ପ୍ରମୋଦଙ୍କୁ ହରାଇବା କଷ୍ଟକର: ଦିଲ୍ଲେଶ୍ୱର

ପ୍ରମୋଦଙ୍କୁ ଏବେ ହରାଇବା କଷ୍ଟକର ବୋଲି ତାଙ୍କ ଡବଲ୍ସ ପାର୍ଟନର ଦିଲ୍ଲେଶ୍ୱର ରାଓ କହିଛନ୍ତି। ଏବେ ସେ ଯେଉଁ ଫର୍ମରେ ଅଛନ୍ତି ତାଙ୍କୁ ବିଶ୍ୱର କୌଣସି ଖେଳାଳି ହରାଇବା ନିଶ୍ଚିତ ଭାବେ କଷ୍ଟକର। ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଦିଲ୍ଲେଶ୍ୱର ପ୍ରମୋଦଙ୍କ ସହ ଖେଳି ସଫଳତା ପାଇଛନ୍ତି। ସେ ନିଜର କଠିନ ପରିଶ୍ରମ ଓ ଖେଳିବାର ଆଗ୍ରହକୁ କେବେ ଛାଡି ନାହାନ୍ତି। ସେ ପୂର୍ବରୁ ୧ ନମ୍ବର ଖେଳାଳି ଥିଲେ ଓ ଏବେ ମଧ ରହିଛନ୍ତି ବୋଲି ଦିଲ୍ଲେଶ୍ୱର କହିଛନ୍ତି। ତେବେ ଖେଳିବା ବେଳେ ସେ ଯଦି ଅଧିକ ସିରିୟସ ହେବେ ତାହେଲେ ସେ ତ୍ରୁଟି କରିବେ। ନିଜର ସ୍ୱାଭାବିକ ଖେଳ ପ୍ରଦର୍ଶନ କଲେ ସେ ସଫଳତା ଜାରି ରଖିବେ ବୋଲି ଦିଲ୍ଲେଶ୍ୱର କହିଛନ୍ତି।

### ରବିକୁମାର ମୋର ଆଦର୍ଶ: ଭକ୍ତରାମ

ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ରବିକୁମାର ମୋର ଆଦର୍ଶ ବୋଲି ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିବା ଯୁବ ଭାରୋତ୍ତୋଳକ ଭକ୍ତରାମ ଦେହୁରି କହିଛନ୍ତି। ୨୦୧୨ରେ ଖେଳିବା ଆରମ୍ଭ କରିଥିଲି। ଭଲ କୋଚ୍ ଥିଲେ ମଧ ମାଲକାନଗିରି ସ୍ପୋର୍ଟ୍ସ ହଷ୍ଟେଲରେ ସେଭଳି ସୁବିଧା ସୁଯୋଗ ନ ଥିଲା। ବ୍ରହ୍ମପୁର ଆସିବା ପରେ ସବୁ ପ୍ରକାର ସୁବିଧା ସୁଯୋଗ ମିଳିଛି। କମନଓ୍ୱେଲ୍‌ଥରେ ଶେଷଥର ପାଇଁ ପଦକ ହାସଲ କରିଥିଲି। ପିଲାବେଳେ ଜିମ୍ ଯିବାବେଳେ ଭାରୋତ୍ତୋଳନରେ ସାମିଲ ହୋଇଥିଲି। ୪୯ ବର୍ଗରେ ଜାତୀୟସ୍ତରରେ ଜୁନିୟର ଓ ସିନିୟରସ୍ତରରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟ ରହିଛି। ଭବିଷ୍ୟତରେ ରବିକୁମାରଙ୍କ ଭଳି ଭାରୋତ୍ତୋଳକ ହେବେ ବୋଲି ଭକ୍ତରାମ କହିଛନ୍ତି।

## ଟୋକିଓରେ ପଦକ ଜିତିବେ ପ୍ରମୋଦ: ଶିବପ୍ରସାଦ

ଭୁବନେଶ୍ୱର, ୨୯।୮

ପ୍ରଥମ ପାରା ଆଥଲେଟ ହିସାବରେ ପ୍ରମୋଦ ବିଜୁ ପଟ୍ଟନାୟକ ପୁରସ୍କାର ହାସଲ କରୁଥିବାରୁ ଆମ ପାଇଁ ଗର୍ବ ବିଷୟ ବୋଲି ତାଙ୍କ କୋଚ୍ ଶିବପ୍ରସାଦ ଦାସ କହିଛନ୍ତି। କେବଳ ବିଜୁ ପଟ୍ଟନାୟକ ପୁରସ୍କାର ନୁହଁ ପ୍ରମୋଦ ଅର୍ଜୁନ ପୁରସ୍କାର ପାଇଁ ଦିଲ୍ଲୀ ଯାଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ସଫଳତା ପରେ ଏବେ ପାରାଅଲିମ୍ପିକ୍ସ ପଦକ ହାସଲ କରିବାର ପ୍ରମୋଦଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ତାଙ୍କ ପାଖରେ ପ୍ରତିଭା ରହିଛି। ତେବେ ଏଥିପାଇଁ ତାଙ୍କୁ ଶାରୀରିକ ଓ ମାନସିକ ଭାବେ ଫିଟ୍ ରହିବା ସହ ଶୃଙ୍ଖଳିତ ଭାବେ ପ୍ରଶିକ୍ଷଣ ଜାରି ରଖିବାକୁ ହେବ। ସେଥିପାଇଁ ସେ ଖୁବ୍‌ଶୀଘ୍ର ପ୍ରସ୍ତୁତି ଆରମ୍ଭ କରିବେ। କଠିନ ପରିଶ୍ରମ, ଖେଳ ପ୍ରତି ଉତ୍ସର୍ଗୀକୃତ ମନୋଭାବ ଓ ଅଧ୍ୟବସାୟ ପାଇଁ ସେ ଆଜି ଜଣେ ସଫଳ ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିଛନ୍ତି ବୋଲି ଶିବପ୍ରସାଦ କହିଛନ୍ତି। ଏବେ ସେ ଜବରଦସ୍ତ ଫର୍ମରେ ରହିଛନ୍ତି। ତାଙ୍କୁ ହରାଇବା କଷ୍ଟକର ହେବ। ସେ ଭୁଲ ନ କଲେ ତାଙ୍କୁ ହରାଇବା ବିଶ୍ୱର ଯେକୌଣସି ଖେଳାଳିଙ୍କ ପାଇଁ କଷ୍ଟକର। ୨୦୨୦ ଟୋକିଓ ପାରା ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିବା ଆଶା କରୁଛି ବୋଲି ସେ କହିଛନ୍ତି। କେବଳ ପାରା ଆଥଲେଟ ନୁହଁ ଆଗାମୀ ପିଢ଼ିର ଅନ୍ୟ ଆଥଲେଟମାନେ ମଧ ତାଙ୍କଠାରୁ ପ୍ରେରଣା ପାଇପାରିବେ। ଜଣେ ପାରା ଆଥଲେଟ ପାଇଁ ସାମାଜିକ ବୈଷମ୍ୟ ରହିଛି। ତେବେ ଏହାକୁ ଅତିକ୍ରମ କରି ସେ ନିଜକୁ ପ୍ରତିଷ୍ଠିତ କରିବା ଏକ ଅସାଧାରଣ ସଫଳତା ବୋଲି ସେ କହିଛନ୍ତି।



## ଦୁବେ, ଚହଲ, ଅକ୍ଷରଙ୍କ କମାଲ

# ପ୍ରଥମ ଦିନିକିଆରେ ଭାରତ –ଏ ବିଜୟୀ

ଥିରୁଭାନନ୍ତପୁରମ, ୨୯।୮ (ପିଟିଆଇ)

ମୁମ୍ବାଇ ଅଲ୍‌ରାଉଣ୍ଡର ଶିଭମ ଦୁବେ ଓ ଅକ୍ଷର ପଟେଲଙ୍କ ଅପରାଜିତ ଅର୍ଦ୍ଧଶତକ ସାଙ୍ଗକୁ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ୫ ଉଇକେଟ୍ ସଫଳତା ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଭାରତ–ଏ ୬୯ ରନରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା–ଏ'କୁ ପରାସ୍ତ କରିଛି। ଏହି ବିଜୟ ସହ ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଭାରତ–ଏ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶନିବାର ସେହି ସମାନ ଭେନ୍ୟୁରେ ଅନୁଷ୍ଠିତ ହେବ।

ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଖରାପ ପଡ଼ିଆ ଯୋଗୁ ୪୭ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା–ଏ ଅଧିନାୟକ ତେମ୍ବା ବାଭୁମା ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ–ଏ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୩୨୭ ରନ୍ କରିଥିଲା। ଦଳ ପକ୍ଷରୁ ଦୁବେ ୭୯ (୬୦ ବଲ୍) ଓ ଅକ୍ଷର ପଟେଲ ୬୦ ରନ (୩୬ ବଲ୍)କରି ଅପରାଜିତ ରହିଥିଲେ। ଉଭୟଙ୍କ ମଧ୍ୟରେ ଅସମାପ୍ତ ୭ମ ଉଇକେଟ୍ ଯୋଡ଼ିରେ ୧୨୧ ରନ୍‌ର ଭାଗୀଦାରି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୁବମନ ଗିଲ ୪୬, ଅନ୍‌ମୋଲପ୍ରୀତ୍ ସିଂ ୨୯, ମନୀଷ ପାଣ୍ଡେ ୩୯, ଉଇକେଟ୍‌କିପର ଇଶାନ କିଶାନ ୩୭ ଓ କ୍ରୁନାଲ ପାଣ୍ଡ୍ୟା ୧୪ ରନ କରିଥିଲେ। ପ୍ରତିପକ୍ଷ ବୋଲର ବେଉରାନ ହେଣ୍ଡ୍ରିକ୍ସ ଓ ବଜୋମ ଫର୍ଚ୍ୟୁନ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା–ଏ ଓପନର୍ ରିଜା ହେଣ୍ଡ୍ରିକ୍ସ (୧୧୦ ରନ)ଙ୍କ ଶତକ ସତ୍ତ୍ୱେ ୪୫ ଓଭରରେ ୨୫୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଲେଗ୍–ସ୍ପିନର ଚହଲ ୪୭ ରନ୍‌ରେ ୫ ଉଇକେଟ୍ ନେଇ ଭାରତ–ଏ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅକ୍ଷର ପଟେଲ ୨ଟି ଏବଂ ଦୀପକ ଚହର, ଖଲିଲ ଅହମ୍ମଦ ଓ କ୍ରୁନାଲ ଗୋଟିଏ ଲେଖାଏ ଉଇକେଟ୍ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଅକ୍ଷରଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

# ସେରେନା, ଫେଡରରଙ୍କ କଷ୍ଟସାଧ୍ୟ ବିଜୟ

ୟୁଏସ ଓପନ୍



ଏଲିନା ସ୍ୱିତୋଲିନା

ନ୍ୟୁୟର୍କ, ୨୯।୮ (ଏଏଫ୍‌ପି)

ଚଳିତ ୟୁଏସ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ସେରେନା ଓ୍ୱିଲିୟମ୍ସ ଓ ଗତଥର ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ନୋଭାକ୍ ଜୋକୋଭିଚ୍‌ଙ୍କ ଭଳି ଖେଳାଳି କଷ୍ଟସାଧ୍ୟ ବିଜୟ ସହ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବର୍ଷାରେ ବାଧାପ୍ରାପ୍ତ ଖେଳରେ ରୋଜର ଫେଡରର ଭଲ ଆରମ୍ଭ କରି ନ ଥିଲେ ମଧ ତାଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଏଠାରେ କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ମାର୍ଗାରେଟ୍ କୋର୍ଟଙ୍କ ଅଲ୍ ଟାଇମ୍ ରେକର୍ଡ ସମକକ୍ଷ ହେବା ଲକ୍ଷ୍ୟରେ ଥିବା ୮ମ ସିଡ୍ ଆମେରିକୀୟ ଖେଳାଳି ସେରେନା ନିଜ ଦେଶର ୧୭ବର୍ଷୀୟା କ୍ୟାଟି ମ୍ୟାକ୍‌ନାଲିଙ୍କୁ ୫–୭, ୬–୩, ୬–୧ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସୂଚନାଯୋଗ୍ୟ ଓ୍ୱିଲିୟମ୍ସ ୧୯୯୯ରେ ଯେତେବେଳେ ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଜିତିଥିଲେ ସେତେବେଳେ ମ୍ୟାକନାଲି ଜନ୍ମ ହୋଇ ନ ଥିଲେ। ଆର୍ଥର ଆଶେ ଷ୍ଟାଡିୟମରେ ସେ ସେରାନାଙ୍କୁ କଡ଼ା ଟକ୍କର ଦେଇଥିଲେ। ବାମ କାନ୍ଧରେ ଯନ୍ତ୍ରଣା ସତ୍ତ୍ୱେ ଜୋକୋଭିଚ୍ ୫୬ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ଆର୍ଜେଣ୍ଟିନାର ଜୁଆନ ଇଗ୍ନାସିଓ ଲଣ୍ଡେରୋଙ୍କୁ ୬–୪, ୭–୬ (୭/୩), ୬–୧ ସେଟ୍‌ରେ ପରାସ୍ତ କରିଥିଲେ। ୨୦୦୮ରେ ଶେଷ ଥର ୟୁଏସ ଓପନ ଜିତିଥିବା ଫେଡରର ୯୯ ର୍‌ୟାଙ୍କିଙ୍ଗପ୍ରାପ୍ତ ବୋସନିଆର ଦାମିର ଦିଜୁମହରଙ୍କ ବିପକ୍ଷରେ ୩–୬, ୬–୨, ୬–୩, ୬–୪ ସେଟ୍‌ରେ ବିଜୟ ହାସଲ କରି ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକରେ କେଇ ନିଶିକୋରୀ, ଅଷ୍ଟ୍ରେଲିଆର ଆଶଲେ ବାର୍ଟି, ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭା, ୟୁକ୍ରେନର ଏଲିନା ସ୍ୱିତୋଲିନା ଏବଂ ଆମେରିକାର ମାଡିସନ କିଜ୍ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସ୍ୱିତୋଲିନା ୭ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଭେନସ ଓ୍ୱିଲିୟମ୍ସଙ୍କୁ ୬–୪, ୬–୪ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି।

# ସୁସ୍ଥ ଜୀବନ ପାଇଁ ବ୍ୟାୟାମ ଜରୁରୀ

ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଜଣେ ସୁସ୍ଥ ରହିଲେ ଯାଇ ସତେଜ ମାନସିକତାରେ କାର୍ଯ୍ୟ କରିପାରିବ। ତେଣୁ ସାମ୍ପ୍ରତିକ ବ୍ୟସ୍ତ ବହୁଳ ଜୀବନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ପାଇଁ କିଛି ସମୟ ବାହାର କରି ବ୍ୟାୟାମରେ ନିୟୋଜିତ କରିବାକୁ ହେବ। ସମୟ ବାହାନା ଦେଖାଇ କେହି ନିଜପ୍ରତି ଅବହେଳା କରିବା ଉଚିତ ନୁହେଁ ବୋଲି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି କୃଷିମନ୍ତ୍ରୀ ଅରୁଣ ସାହୁ ପ୍ରକାଶ କରିଛନ୍ତି। ଅନ୍ୟତମ ଅତିଥି ତଥା ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମଧ ଅନୁରୂପ ମତ ଦେଇଛନ୍ତି। ଯିଏ ଯେଉଁ କ୍ଷେତ୍ରରେ ଥାଉନା କାହିଁକି ସମସ୍ତଙ୍କ ପାଇଁ ଫିଟ୍‌ନେସ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି। ଦୁଇ ମନ୍ତ୍ରୀଙ୍କ ସମେତ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ ଏବଂ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଖେଳାଳି ତିଆରି କାରଖାନା ଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ଉତ୍କଳ କରାଟେ ସ୍କୁଲର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ୫ କ୍ରୀଡ଼ା ଖବରଦାତା ସୂର୍ଯ୍ୟ ପ୍ରସାଦ ରଥ, ସଞ୍ଜୀବ ବିଶ୍ୱାଳ, ଉମାକାନ୍ତ ମିଶ୍ର, ଦେବୀ ପ୍ରସନ୍ନ ମହାନ୍ତି ଓ ଧରିତ୍ରୀ କ୍ରୀଡ଼ା ପ୍ରତିନିଧି ତପନ କୁମାର ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ସୁଜିତ ଦାସଙ୍କୁ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର ଦିଆଯାଇଥିଲା। ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୀର ଅଜମତ ଅଲୀ, ଗୌରୀ ମହାନ୍ତି, ପୀୟୂଷ ମହାନ୍ତି, ରାଜୀବ ସିଂ, ଜୟଦେବ ପଟ୍ଟନାୟକ, ହିମାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିବାବେଳେ ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ ଗୁରୁବାର ପୁରସ୍କୃତ କ୍ରୀଡ଼ା ଖବରଦାତାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

### ୬ କ୍ରୀଡ଼ା ଖବରଦାତା ସମ୍ମାନିତ

“ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀ ସେମାନଙ୍କ ଚୟନ ଯଥାର୍ଥ ବୋଲି ପ୍ରମାଣ କରିଥିବାରୁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବା ପାଇଁ ରୋହିତ ଶର୍ମାଙ୍କୁ ଅପେକ୍ଷା କରିବାକୁ ପଡ଼ିବ ।

–ଗୌତମ ଗମ୍ଭୀର, ପୂର୍ବତନ ଓପନର



“ନିଜ ଦେଶର କ୍ୟାଟି ମ୍ୟାକନାଲିଙ୍କ ବିପକ୍ଷ ୟୁଏସ୍ ଓପନ ମ୍ୟାଚରେ ମୁଁ ବିଜୟ ଲାଭ କରିଥିଲେ ହେଁ, ଏଥିରେ ଅନେକ ତ୍ରୁଟି କରିଥିବାରୁ ସେଥିପାଇଁ ଅନୁତପ୍ତ ।

–ସେରେନା ୱିଲିୟମ୍ସ, ଆମେରିକୀୟ ଟେନିସ ଖେଳାଳି






ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଅର୍ଜୁନ ପୁରସ୍କାର ଗ୍ରହଣ କରୁଛନ୍ତି (ବାମରୁ) ମହିଳା ବକ୍ସର ସୋନିଆ ଲାଥର, କ୍ରିକେଟର ପୁନମ ଯାଦବ, ବ୍ୟାଡମିଣ୍ଟନ ଖେଳାଳି ବି. ସାଇ ପ୍ରଣୀଥ ଏବଂ ହକି ଖେଳାଳି ଚିଙ୍ଗ୍ଲେନସାନା ସିଂ କାଙ୍ଗୁଜାମ୍।

## ରିଓରେ ସ୍ୱର୍ଣ୍ଣ ଜିତିଲେ ଇଲାଭେନିଲ

ରିଓ ଡି ଜେନିରୋ,୨୯।୮: ଯୁବା ଭାରତୀୟ ଶୁଟର ଇଲାଭେଲିନ ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍ (ରାଇଫଲ/ପିସ୍ତଲ) ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିନିୟର ସ୍ତରରେ ଚଳିତ ବର୍ଷ ପଦାର୍ପଣ କରିଥିବା ଇଲାଭେଲିନ ସାଥୀ ଶୁଟର ଅପୂର୍ବୀ ଚଣ୍ଡେଲା ଓ ଅଞ୍ଜୁମ ଗୁଦଗଲଙ୍କୁ ପଛରେ ପକାଇ ଦେଇଛନ୍ତି। ସେ ଫାଇନାଲରେ ୨୫୧.୭ ସ୍କୋର କରି ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପଛକୁ ୨୫୦.୬ ସ୍କୋର କରିଥିବା ବ୍ରିଟେନର ସୋନେଡ ଏମ୍‌କିଣ୍ଟୋଶ ରୌପ୍ୟ ପଦକ ପାଇଛନ୍ତି। ଚଳିତ ବର୍ଷର ୪ ବିଶ୍ୱକପ୍ ପ୍ରତିଯୋଗିତାର ମହିଳା ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ଭାରତୀୟ ଶୁଟରମାନେ ୩ ସ୍ୱର୍ଣ୍ଣ ପଦକ ଜିତିସାରିଛନ୍ତି। ଏହା ମହିଳା ୧୦ ମି. ଏୟାର ରାଇଫଲ ଇଭେଣ୍ଟରେ ଭାରତର ପତିଆରା ଦର୍ଶାଉଛି। ଗୁଜରାଟ ଇଲାଭେନିଲ ଯୋଗ୍ୟତା ପର୍ଯ୍ୟାୟରେ ୬୨୯.୪ ସ୍କୋର କରି ସିନିୟର ଅଞ୍ଜୁମ (୬୨୯.୧)ଙ୍କୁ ପଛର ପକାଇ ଦେଇଥିଲେ। ଅଞ୍ଜୁମ ଫାଇନାଲରେ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ।

# ଦୀପାଙ୍କୁ ଖେଳରତ୍ନ: ପ୍ରମୋଦ ପାଇଲେ ଅର୍ଜୁନ

ନୂଆଦିଲ୍ଲୀ, ୨୯।୮(ପି.ଟି.)

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପାରା ଅଲିମ୍ପିକ ରୌପ୍ୟ ବିଜୟିନୀ ଦୀପା ମଲିକ ପ୍ରଥମ ଭାରତୀୟ ପାରା ଆଥଲେଟ ହିସାବରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଛନ୍ତି। ଏହି ପୁରସ୍କାର ଲାଭ କରିବାରେ ସେ ସବୁଠାରୁ ବୟସ୍କା ଖେଳାଳି। ଟ୍ରେନିଂରେ ଥିବାରୁ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ରେସ୍‌ଲର ବଜରଙ୍ଗ ପୁନିଆ ଉତ୍ସବରେ ଅନୁପସ୍ଥିତ ଥିଲେ। ଓଡ଼ିଶାର ପାରା- ବ୍ୟାଡ୍‌ମିଣ୍ଟନ ଖେଳାଳି ବିଶ୍ୱ ଚାମ୍ପିୟନ ପ୍ରମୋଦ ଭଗତ ଅର୍ଜୁନ ପୁରସ୍କାର ପାଇଛନ୍ତି। ଦୀପା ୨୦୧୬ ରିଓ ପାରା ଅଲିମ୍ପିକ୍ସରେ ଏଫ୍‌୫୩ କାଟେଗୋରି ଶଟ୍ ପୁଟ୍‌ରେ ରୌପ୍ୟ ଜିତିଥିଲେ। ଚଳିତ ବର୍ଷ ସେ ଏସିଆନ ତଥା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପୁନିଆଙ୍କ ସହିତ ମିଳିତ ଭାବେ ଖେଳରତ୍ନ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିଲେ। କାଜାଖସ୍ତାନରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଲାଗି ପୁନିଆ ଏବେ



ପାରା ଶଟପୁଟର ଦୀପା ମଲିକଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖେଳରତ୍ନ ପୁରସ୍କାର ପ୍ରଦାନ କରୁଛନ୍ତି।

### ପୁନିଆ ଅନୁପସ୍ଥିତ

ରୁଷିଆରେ ତାଲିମ ନେଉଛନ୍ତି। ଡବଲ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟୀ ଜାଭେଲିନ୍ ଥ୍ରୋୟର ଦେବେନ୍ଦ୍ର ଝାଝାରିଆଙ୍କ ପରେ ଏହି ସମ୍ମାନ ପାଇବାରେ ଦୀପା ଦ୍ୱିତୀୟ ପାରାଆଥଲେଟ। ଝାଝାରିଆ ୨୦୧୭ରେ ଖେଳରତ୍ନ ପାଇଥିଲେ। ଦୀପାଙ୍କୁ ବର୍ତ୍ତମାନ ୪୯ ବର୍ଷ ବୟସ। ସେ ସବୁଠାରୁ ବୟସ୍କ ଆଥଲେଟ ଭାବେ ଏହି ପୁରସ୍କାର ଲାଭ କରିଛନ୍ତି।

ଏହାଛଡ଼ା ରାଷ୍ଟ୍ରପତି ରାମ ନାଥ କୋବିନ୍ଦଙ୍କଠାରୁ ଅନ୍ୟ ୧୯ଜଣ ଆଥ୍‌ଲେଟ ଅର୍ଜୁନ ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶାର ପାରା-ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ବ୍ୟତୀତ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ବ୍ୟାଡ୍‌ମିଣ୍ଟନ ଖେଳାଳି ବି. ସାଇ ପ୍ରଣୀଥ, ମହିଳା କ୍ରିକେଟର ପୁନମ ଯାଦବ, ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟିନୀ ହେପ୍ଟଥାଲେଟ ସ୍ୱପ୍ନା ବର୍ମନ, ଫୁଟ୍‌ବଲର ଗୁରୁପ୍ରୀତ ସିଂ ସାନ୍ଧୁ, ଦୁଇଥର ରୌପ୍ୟ ପଦକ ବିଜୟୀ ବକ୍ସର ସୋନିଆ ଲାଥର, ଏସିଆନ ଗେମ୍ସ ରୌପ୍ୟ ଜିତିଥିବା ଅଶ୍ୱଚାଳକ ଫୌଆଦ୍ ମିର୍ଜା, ବିଶିଷ୍ଟ ମୋଟରସ୍ପୋର୍ଟ୍ସ କ୍ରୀଡ଼ାବିତ୍ ଗୌରବ ଗିଲ୍ ଏବଂ କବାଡ଼ି ଅଧିନାୟକ ଅଜୟ ଠାକୁର ଅନ୍ୟତମ।

ସୂଚନାଯୋଗ୍ୟ, ଦୀପା ମଲିକ ଗତ ୩ ବର୍ଷ ହେଲା ଏହି ପୁରସ୍କାର ପାଇବାରୁ ବଞ୍ଚିତ ହୋଇ ଆସୁଥିଲେ। ଏଥିପାଇଁ ସେ ପ୍ରଶ୍ନ ଉଠାଇଥିବା ବେଳେ ଚୟନକର୍ତ୍ତାଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଆସୁଥିଲେ। ପୁନିଆଙ୍କୁ ଛାଡ଼ି ଅନ୍ୟ ଯେଉଁ କେତେଜଣ ଜଣାଶୁଣା ଆଥଲେଟ ଅନୁପସ୍ଥିତ ଥିଲେ ସେମାନେ ହେଲେ କ୍ରିକେଟର ରବୀନ୍ଦ୍ର ଜାଡେଜା, ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଶଟ୍‌ପୁଟର ତେଜିନ୍ଦର ପାଲ୍ ସିଂ ତୁର୍ ଏବଂ ରୌପ୍ୟ ବିଜୟୀ କ୍ୱାର୍ଟରମାଇଲର ମହମ୍ମଦ ଆନାସ। ଏମାନେ ସମସ୍ତେ ଚଳିତ ବର୍ଷ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଜାଡେଜା ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳ ସହିତ ୱେଷ୍ଟଇଣ୍ଡିଜ ଟୁର୍‌ରେ ଅଛନ୍ତି। ତୁର୍ ବର୍ତ୍ତମାନ ୟୁରୋପରେ ଟ୍ରେନିଂ ନେଉଥିବାବେଳେ ଆନାସ ବର୍ତ୍ତମାନ ଲକ୍ଷ୍ନୌଠାରେ ଚାଲିଥିବା ଜାତୀୟ ଆନ୍ତ-ରାଜ୍ୟ ଆଥଲେଟିକ୍ସ ମିଟ୍‌ରେ ଅଂଶଗ୍ରହଣ କରୁଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ପ୍ରତିବର୍ଷ ଅଗଷ୍ଟ ୨୯ରେ ଜାତୀୟ କ୍ରୀଡ଼ା ପୁରସ୍କାର ଦିଆଯାଇ ଆସୁଛି। ଦୀପା ମଲିକ କହିଛନ୍ତି, ଏହି ପୁରସ୍କାର ଭିନ୍ନକ୍ଷମ ମହିଳା ଆଥଲେଟ୍ ପାଇଁ ପ୍ରେରଣା ସଦୃଶ କାର୍ଯ୍ୟ କରିବ। ଭିନ୍ନକ୍ଷମଙ୍କ ଲାଗି ଲୋକମାନଙ୍କର ଚିନ୍ତାଧାରା ବଦଳିବ। ଖେଳରତ୍ନ ପୁରସ୍କାର ବିଜେତାଙ୍କ ଲାଗି ୭.୫ ଲକ୍ଷ ଟଙ୍କା ଏବଂ ଅର୍ଜୁନ ପୁରସ୍କାର ଲାଗି ୫ ଲକ୍ଷ ଟଙ୍କା ଏବଂ ମାନପତ୍ରର ବ୍ୟବସ୍ଥା ରହିଛି। ଏହି ଅବସରରେ ରାଷ୍ଟ୍ରପତି ଖେଳରତ୍ନ ବ୍ୟତୀତ କୋଚ୍‌ମାନଙ୍କ ଲାଗି ଦ୍ରୋଣାଚାର୍ଯ୍ୟ ଏବଂ ଧ୍ୟାନଚାନ୍ଦ ପୁରସ୍କାର, ତେନଜିଂ ନର୍ଗେ ଜାତୀୟ ଦୁଃସାହସିକ ପୁରସ୍କାର, ମୌଲାନା ଅବ୍‌ଦୁଲ କାଲାମ ଆଜାଦ ଟ୍ରଫି ଏବଂ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ, ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖ୍ରିଆଲ, କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିଆ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ମହା ନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ, ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରା ଏବଂ ସେକ୍ରେଟାରୀ ଜେନେରାଲ ରାଜୀବ ମେହେଟ୍ଟା ପ୍ରମୁଖ ଉପସ୍ଥିତ ଥିଲେ।

## ଧୋନୀଙ୍କୁ ସ୍ଥାନ ମିଳିଲାନି, ହାର୍ଦ୍ଦିକ ଫେରିଲେ

ନୂଆଦିଲ୍ଲୀ, ୨୯।୮ (ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଲାଗି ଗୁରୁବାର ଘରୋଇ ଭାରତୀୟ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଦଳରେ ବରିଷ୍ଠ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କୁ ସ୍ଥାନ ମିଳିନାହିଁ। ତେବେ ଆଘାତଜନିତ ସମସ୍ୟାରୁ ମୁକୁଳି ଥିବା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏହି ସିରିଜ ମାଧ୍ୟମରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱକପ୍ ପରେ କ୍ରିକେଟ୍‌ରୁ ୨ ମାସ ବିଶ୍ରାମ ନେଇଥିବା ଧୋନୀ ଟେରିଟୋରିଆଲ୍ ଆର୍ମିରେ ୧୫ ଦିନ ଡ୍ୟୁଟି ସମ୍ପନ୍ନ କରି ବର୍ତ୍ତମାନ ଆମେରିକାରେ ଛୁଟି କାଟୁଛନ୍ତି। କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଲାଗି ଚୟନକର୍ତ୍ତା ଧୋନୀଙ୍କ ଉପଲବ୍ଧି ନେଇ ତାଙ୍କ ସହ ଆଲୋଚନା କରିଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ଖେଳିଥିବା ଦଳରୁ କେବଳ ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କୁ ବିଶ୍ରାମ ଦିଆଯାଇଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ୍‌କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଖଲିଲ୍ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

**ଦକ୍ଷିଣ ଆଫ୍ରିକା ଟି୨୦ ସିରିଜ**

- ପ୍ରଥମ ମ୍ୟାଚ୍- ସେପ୍ଟେମ୍ବର ୧୫, ଧର୍ମଶାଳା
- ଦ୍ୱିତୀୟ ମ୍ୟାଚ୍- ସେପ୍ଟେମ୍ବର ୧୮, ମୋହାଲି
- ୩ୟ ମ୍ୟାଚ୍- ସେପ୍ଟେମ୍ବର ୨୨, ବେଙ୍ଗାଲୁରୁ

## କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

କିଙ୍ଗ୍‌ଷ୍ଟନ (ଜାମାଇକା), ୨୯।୮(ପି.ଟି.)

ସ୍ଥାନୀୟ ସାବିନା ପାର୍କ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆରମ୍ଭ ହେବ। ପ୍ରଥମ ଟେଷ୍ଟରେ ଭାରତ ୩୧୮ ରନରେ ବୃହତ୍ ବିଜୟ ହାସଲ କରି ୧-୦ରେ ଅଗ୍ରଣୀ ହୋଇଥିଲା। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଦ୍ୱିତୀୟ ଟେଷ୍ଟ ଜିତି କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଟେଷ୍ଟ କ୍ରିକେଟ ଖେଳିବାର କଳା ୱେଷ୍ଟଇଣ୍ଡିଜ କ୍ରିକେଟରମାନେ ହରାଇଥିବାରୁ ଭାରତ ପ୍ରଥମ ମ୍ୟାଚ୍ ଭଳି ଏଥିରେ ମଧ୍ୟ ବିଜୟୀ ହେବା ଆଶା କରାଯାଉଛି। ପୂର୍ବରୁ ମଧ୍ୟ ଭାରତ ଟି୨୦ ଓ ଦିନିକିଆ ସିରିଜରେ କ୍ଲିନ୍ ସୁଇପ୍ କରିଥିଲା।

ସାବିନା ପାର୍କରେ ପାରିପାର୍ଶ୍ୱିକ ପରିସ୍ଥିତି ବେଶ୍ ଭଲ ରହିଛି। ପିଚ୍ ମଧ୍ୟ ବେଶ୍ ଭଲ ରହିଛି। ଫଳରେ ଆଉ ଏକ ଉଚ୍ଚକୋଟୀର ପ୍ରଦର୍ଶନ ଦେଖିବାକୁ ମିଳିବ ବୋଲି ଭାରତୀୟ ବୋଲିଂ କୋଚ୍ ଭାରତ ଅରୁଣ କହିଛନ୍ତି। ଦୁଇ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ଇଶାନ୍ତ ଶର୍ମା ପ୍ରଥମ ମ୍ୟାଚ୍‌ରେ ଯଥାକ୍ରମେ ୬ ଓ ୮ ଉଇକେଟ ହାସଲ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳତାକୁ ପଦାରେ ପକାଇଥିଲେ। ପୁଣି ଥରେ ଏହି ସଫଳତାକୁ ଦୋହରାଇବା ଲକ୍ଷ୍ୟରେ ଏହି ଦୁଇ ବୋଲର ଲକ୍ଷ୍ୟ ରଖିଛନ୍ତି।

ପ୍ରଥମ ଟେଷ୍ଟରେ ବୃହତ୍ ବିଜୟ ହାସଲ କରିଥିବାରୁ ଭାରତ ଦଳରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇ ନ ଥିଲେ ମଧ୍ୟ ତାଙ୍କୁ ଅନ୍ତିମ ଏକାଦଶକରୁ ବାଦ୍ ଦିଆଯିବ ନାହିଁ ବୋଲି ଆଶା କରାଯାଉଛି। ଟିମ୍ ମ୍ୟାନେଜମେଣ୍ଟ

### ଆଜିଠୁ ଦ୍ୱିତୀୟ ଟେଷ୍ଟ

### ଫୋକସରେ ପନ୍ତ

ତାଙ୍କ ଉପରେ ଯେଉଁ ଭରସା ରଖିଛି ପନ୍ତ ତାକୁ ପ୍ରମାଣ କରିବାକୁ ପ୍ରୟାସ କରିବେ। ସେ କେତେ ରନ୍ ସଂଗ୍ରହ କରୁଛନ୍ତି ତାହା ଅବଶ୍ୟ ବଡ଼ କଥା ନୁହଁ। କିନ୍ତୁ ସେ ଯେଉଁଭଳି ଭାବେ ବେପରୁଆ ଶଟ୍ ଖେଳି ଆଉଟ ହେଉଛନ୍ତି ତାହା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି।

ପ୍ରଥମ ମ୍ୟାଚ୍‌ରେ ବୃହତ୍ ବିଜୟ ସହ ଅଗ୍ରଣୀ ହାସଲ କରିଥିବାରୁ ଭାରତ ଉପରେ କୌଣସି ଚାପ ନାହିଁ। ପ୍ରଥମ ମ୍ୟାଚ୍‌ରେ ଚମକ ଦେଖାଇବାରେ ବିଫଳ ହୋଇଥିବା ଓପନର ମୟଙ୍କ ଅଗ୍ରୱାଲ ଦ୍ୱିତୀୟ ଟେଷ୍ଟରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ମିଡିଲ ଅର୍ଡରରେ ଉପ- ଅଧିନାୟକ ଅଜିଙ୍କ୍ୟ ରାହାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ଚାପରେ ଉପଯୋଗୀ ଅର୍ଦ୍ଧଶତକ ଓ ଶତକ ହାସଲ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଦ୍ୱିତୀୟ ଇନିଂସରେ ହନୁମା ବିହାରୀ ୯୩ ରନର ଲଢୁଆ ପାଳି ଖେଳି ନିଜ ଚୟନର ଯଥାର୍ଥତା ପ୍ରତିପାଦନ କରିଛନ୍ତି। ଦିନିକିଆ ତାରକା ରୋହିତ ଶର୍ମାଙ୍କୁ ଏବେ ଦଳରେ ସାମିଲ ହେବା ପାଇଁ ଅପେକ୍ଷା କରିବାକୁ ପଡିବ। ଦ୍ରୁତ ବୋଲିଂରେ ଇଶାନ୍ତ ଓ ବୁମ୍‌ରାଙ୍କୁ ବାଦ୍ ଦେଲେ ମହମ୍ମଦ ସାମି ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। ଅଲରାଉଣ୍ଡର ହିସାବରେ ରବୀନ୍ଦ୍ର ଜାଡେଜା ମଧ୍ୟ ତାଙ୍କ ଦକ୍ଷତାର ପ୍ରମାଣ ଦେଇଛନ୍ତି।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ ଘରୋଇ ପରିବେଶରେ ମଧ୍ୟ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ଦୁଇଟି ଯାକ ଇନିଂସରେ ଦଳର କୌଣସି ବ୍ୟାଟ୍ସମ୍ୟାନ ଅର୍ଦ୍ଧ ଶତକ ହାସଲ କରିପାରିନାହାନ୍ତି। ଶିମରନ ହେଟମେୟର ଓ ସାଇ ହୋପ୍‌ଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ମଧ୍ୟ ବିଫଳ ହୋଇଛନ୍ତି। ତେବେ ଦ୍ୱିତୀୟ ଇନିଂସରେ ରଷ୍ଟନ ଚେଜ୍ ଲଢ଼େଇ କରିବାକୁ ପ୍ରୟାସ କରିଥିଲେ। ନୂଆ ବଲ୍‌ରେ ଦୁଇ ଦ୍ରୁତ ବୋଲର ଶାନନ ଗାବ୍ରିଏଲ ଓ କେମର ରୋଚ୍ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଅନ୍ୟ ଖେଳାଳିମାନଙ୍କଠାରୁ ସମର୍ଥନ ପାଇ ନ ଥିଲେ ମଧ୍ୟ ଏହି ଦୁଇ ବୋଲର ଦମ୍‌ଦାର ବୋଲିଂ କରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥିଲେ।



ଅଭ୍ୟାସରତ ଭାରତୀୟ ଖେଳାଳି।

| ଭାରତୀୟ ଦଳ | ୱେଷ୍ଟଇଣ୍ଡିଜ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି, ଇଶାନ୍ତ ଶର୍ମା, ଯଶପ୍ରୀତ ବୁମ୍‌ରା, ରିଦ୍ଧିମାନ ଶାହ, ରବିଚନ୍ଦ୍ରନ ଅଶ୍ୱିନ୍, ଉମେଶ ଯାଦବ ଓ ଭୁବନେଶ୍ୱର କୁମାର। | ଜାସନ ହୋଲ୍ଡର (ଅଧିନାୟକ), କ୍ରେଗ୍ ବ୍ରାଥୱେଟ, ଡାରେନ ବ୍ରାଭୋ, ଶମରା ବ୍ରୁକ୍ସ, ଜନ୍ କ୍ୟାମ୍ପବେଲ, ରଷ୍ଟନ ଚେଜ୍, ରାଖିମ କର୍ନୱାଲ, ଶେନ ଡୋରିଚ୍, ଶାନନ ଗାବ୍ରିଏଲ, ଶିମରନ ହେଟମେୟର, ସାଇ ହୋପ୍, କିମୋ ପଲ ଓ କେମର ରୋଚ। |

**ସମୟ: ରାତି ୮ଟା, ସ୍ଥାନ: ସାବିନା ପାର୍କ, କିଙ୍ଗ୍‌ଷ୍ଟନ, ପ୍ରସାରଣ: ସୋନୀ ନେଟ୍‌ୱର୍କ**

## ଟେଷ୍ଟ ଫର୍ମାଟର ସୌନ୍ଦର୍ଯ୍ୟ ବଢାଇଛନ୍ତି ଷ୍ଟୋକ୍ସ

**ଗୌତମ ଗମ୍ଭୀର**

ତୃତୀୟ ଆଶେସ ଟେଷ୍ଟର ଫଳାଫଳ ଅନେକଙ୍କୁ ଚକିତ କରିଛି। ଏହି ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତକୁ ଏପର୍ଯ୍ୟନ୍ତ କେତେକେ ଭୁଲି ପାରିନାହାନ୍ତି। ହେଡିଂଲେରେ ବେନ୍ ଷ୍ଟୋକ୍ସଙ୍କ ଅବିଶ୍ୱସନୀୟ ବ୍ୟାଟିଂ ଓ ଶତକୀୟ ଇନିଂସ ନିଶ୍ଚିତ ଭାବେ ଐତିହାସିକ। ବିଶ୍ୱକପ୍ ଫାଇନାଲରେ ଏକ ଦମ୍‌ଦାର ଇନିଂସ ଖେଳି ଇଂଲଣ୍ଡକୁ ଚାମ୍ପିୟନ କରାଇଥିବା ଷ୍ଟୋକ୍ସ ଦୁଇମାସ ମଧ୍ୟରେ ଆଉ ଏକ ସୁନ୍ଦର ଇନିଂସ ଖେଳିଛନ୍ତି। ଭଲ, କ୍ୱାଲିଟି ଓ ଟେଷ୍ଟିଂ ଉଇକେଟରେ ଟେଷ୍ଟ ଆୟୋଜନ କରିଥିବାରୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)କୁ ପ୍ରଶଂସା କରିବା ଆବଶ୍ୟକ। ଷ୍ଟୋକ୍ସଙ୍କ ଚମତ୍କାର ବ୍ୟାଟିଂ ଟେଷ୍ଟ କ୍ରିକେଟକୁ ଆହୁରି ସୁନ୍ଦର କରିଛି।

ଦ୍ୱିତୀୟ ଟେଷ୍ଟରେ ଶୁକ୍ରବାର ଭାରତ ଓ ଘରୋଇ ୱେଷ୍ଟଇଣ୍ଡିଜ୍ ମୁହାଁମୁହିଁ ହେବାକୁ ଯାଉଛନ୍ତି। ପ୍ରଥମ ଟେଷ୍ଟ ଭଳି ଏହି ଉଇକେଟ ସେତେଟା ଫ୍ଲାଟ ହେବନାହିଁ ବୋଲି ଆଶା କରୁଛି। ଟେଷ୍ଟ ଫର୍ମାଟର ମୁଁ ଜଣେ ବଡ଼ ପ୍ରଶଂସକ। ତେବେ ଏହି ଫର୍ମାଟ ତିଷ୍ଠି ରହିବା ପାଇଁ ଅତିକମ୍‌ରେ କିଛି ପରିମାଣରେ ପ୍ରଶଂସକ ଆବଶ୍ୟକ କରୁଛି। ଏଥିପାଇଁ କିଛି କ୍ୱାଲିଟି ପିଚ୍‌ର ମଧ୍ୟ ଆବଶ୍ୟକତା ରହିଛି। ଭଲ ପିଚ୍ ମଧ୍ୟ ଭଲ ବ୍ରାଣ୍ଡର କ୍ରିକେଟ ବଲ୍ ଆବଶ୍ୟକ କରିଥାଏ।

ରବିଚନ୍ଦ୍ରନ ଅଶ୍ୱିନଙ୍କ ଭଳି ସ୍ପିନରଙ୍କୁ ଭଲ ସିମ୍ ଥିବା ଏସ୍.ଜି. କିମ୍ବା ଡ୍ୟୁକ୍ ବଲ୍ ମିଳିଲେ ସେ ନିଶ୍ଚିତ ଖୁସି ହେବେ। ପ୍ରକୃତରେ ଯେକୌଣସି ବ୍ରାଣ୍ଡର ବଲ ମିଳିଲେ ମଧ୍ୟ ଅଶ୍ୱିନ୍ ଖୁସି ହେବେ। ତାଙ୍କୁ ପ୍ରଥମ ଟେଷ୍ଟରୁ ବାଦ୍ ଦେବା ମୋତେ ଚକିତ କରିଛି। ଏଥିରେ ନିରାଶ ମଧ୍ୟ ହୋଇଛି। ସେହିପରି ରୋହିତ ଶର୍ମାଙ୍କୁ ପ୍ରଥମ ଟେଷ୍ଟରୁ ବାଦ୍ ଦିଆଯିବା ମଧ୍ୟ ନିରାଶ କରିଛି। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ମଧ୍ୟ ସୁଯୋଗ ମିଳିବାର ସମ୍ଭାବନା ନାହିଁ। ଭଲ ବ୍ୟାଟିଂ କରି ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରୀ ସେମାନଙ୍କ ସ୍ଥାନ ପକ୍କା କରିଛନ୍ତି। ଇଶାନ୍ତ ଶର୍ମା ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଦ୍ୱିତୀୟ ମ୍ୟାଚ୍‌ରେ ସେ ତାଙ୍କ ସଫଳତା ଦୋହରାଇବେ ଓ ଭାରତୀୟ ବୋଲିଂ ବିଭାଗ ମଧ୍ୟ ପ୍ରଥମ ମ୍ୟାଚ୍ ଭଳି ପ୍ରଦର୍ଶନ କରିବ ବୋଲି ଆଶା କରୁଛି।

ବ୍ୟାଟିଂ ବିଫଳତା କାରଣରୁ ୱେଷ୍ଟଇଣ୍ଡିଜ୍ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଛି। ଯୁବ ଖେଳାଳିଙ୍କୁ ନେଇ ଗଠିତ ୱେଷ୍ଟଇଣ୍ଡିଜ ଦଳ ନିକଟରେ ଅଭିଜ୍ଞତାର ଅଭାବ ରହିଛି। କେତେକ ପୂର୍ବତନ ୱେଷ୍ଟଇଣ୍ଡିଜ ଖେଳାଳି ଏବେବି ଦଳ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରା ମଧ୍ୟ ଚଳିତ ପିଢ଼ିରେ ରହିଛନ୍ତି। ଏବେକାର ୱେଷ୍ଟଇଣ୍ଡିଜ ଖେଳାଳି ସେମାନଙ୍କ ପୂର୍ବତନ କ୍ରିକେଟରମାନଙ୍କଠାରୁବହୁତକିଛିଶିକ୍ଷାକରିବାରଆବଶ୍ୟକତାରହିଛି।

(ଗେମ୍ ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)

THE ULTIMATE INVERTER BATTERY
EXIDE
INVATUBULAR

# ବାଣୀବିହାର ଛକରେ ରହିପାରିବନି ବସ୍

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଏଥର ସାବାଡ ହେବେ ବସ୍ ଡ୍ରାଇଭର। ସେମାନେ ଆଉ ମନଇଚ୍ଛା ବାଣୀବିହାର ଛକରେ ନିୟମ ଉଲ୍ଲଂଘନ କରି ବସ୍ ରଖିପାରିବେ ନାହିଁ। ସେହିପରି ରଙ୍ଗ୍‌ରୁଟ୍‌ରେ କୌଣସି ଗାଡ଼ି ଚଳାଚଳ କରିପାରିବ ନାହିଁ। ଏଠାରେ ଟ୍ରାଫିକ ସମସ୍ୟା ଜଟିଳ ହେଉଥିବାରୁ କମିଶନ୍‌ରେଟ ପୋଲିସ୍‌ର ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। କମିଶନରେଟ ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ସକାଳେ ଅନୁଷ୍ଠିତ ଏହି ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ, ଟ୍ରାଫିକ ଇନ୍ସପେକ୍ଟର ସୁରେନ୍ଦ୍ର ଭଳ ପ୍ରମୁଖ ଉପସ୍ଥିତ ରହି ଏନେଇ ଆଲୋଚନା କରିଥିଲେ। ସେହିପରି ଅପରାହ୍ନରେ ଆର୍‌ଟିଓ -୧ କାର୍ଯ୍ୟାଳୟରେ ଆଉ ଏକ ବୈଠକ ବସିଥିଲା। ଏଥିରେ ଆର୍‌ଟିଓ ପ୍ରଦୀପ କୁମାର ମହାନ୍ତି, ଭୁବନେଶ୍ୱର ବସ୍ ମାଲିକ ସଂଘ ସେକ୍ରେଟାରି ବରଦା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବାଣୀବିହାର ଛକରୁ ସତ୍‌ସଂଙ୍ଗ ବିହାର ପର୍ଯ୍ୟନ୍ତ ରାସ୍ତାରେ କୌଣସି ବସ୍ ଅଟକିପାରିବ ନାହିଁ ବୋଲି ବସ୍‌ମାଲିକମାନଙ୍କୁ ଜଣାଇ ଦିଆଯିବା ସହ ନିଜ ନିଜର କର୍ମଚାରୀଙ୍କ ଅବଗତ କରାଇବାକୁ କୁହାଯାଇଥିଲା। ଏଥିପାଇଁ ବସ୍‌ଗୁଡିକଠାରୁ ୫ଶହ ଟଙ୍କା ଲେଖାଏ ଜରମାନା ଆଦାୟ କରାଯିବ। ଟ୍ରାଫିକ୍‌ପୋଲିସ ପକ୍ଷରୁ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରାଯିବା ସହ ଆରଟିଓ ପକ୍ଷରୁ ବସ୍‌ର ଫିଟ୍‌ନେସ୍ ସହ ଅନ୍ୟ କାଗଜପତ୍ର ଯାଞ୍ଚ କରାଯିବ। ବୈଠକର କିଛି ଘଣ୍ଟା ପରେ ବାଣୀବିହାର ଛକରେ ଟ୍ରାଫିକ୍ ପୋଲିସ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଥିଲା। ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ଗାଡି ଚାଳକଙ୍କଠାରୁ ୧୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିରେ ଅଧିକାଂଶ ଥିଲେ ବସ୍ ଡ୍ରାଇଭର। ସେହିପରି ରଙ୍ଗ୍‌ରୁଟ୍‌ରେ ଯାଉଥିବା ବାଇକ୍ ଓ ଅନ୍ୟଗାଡିଠାରୁ ଜରିମାନା ଆଦାୟ କରାଯାଇଥିଲା।

ଅନ୍ୟପକ୍ଷରେ ଲୋକଙ୍କ ଯାତାୟାତ ସୁବିଧା ପାଇଁ ବାଣୀବିହାର ସମ୍ମୁଖ ଓଭରବ୍ରିଜ୍ ତଳେ ଥିବା ଅଣ୍ଡରପାସ୍‌କୁ କାର୍ଯ୍ୟକ୍ଷମ କରିବାକୁ ଟ୍ରାଫିକ୍ ପୋଲିସ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ପରେ ଶନିମନ୍ଦିର ଓ ବାଣୀବିହାର ସମ୍ମୁଖ ଉକ୍ତ ଅଣ୍ଡରପାସ୍‌କୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ଅଣ୍ଡରପାସ୍‌ର ଦୁଇ ପାର୍ଶ୍ୱରେ ଦୁଇଟି ଟ୍ରାଫିକ ପୋଲିସ ରହି ଲୋକଙ୍କୁ ସହାୟତା ଯୋଗାଇ ଦେବେ। ତେବେ ସହରରେ ଟ୍ରାଫିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଅଣ୍ଟା ଭିଡିଥିବା ଟ୍ରାଫିକ ପୋଲିସ ଗୁରୁବାର ଗୋଟିଏ ଦିନରେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧ ଲକ୍ଷ ୧୧ହଜାର ଟଙ୍କା ଜରିମାନା ଆଦାୟ କରିଛି। କେବଳ ଡ୍ରୋନ୍ ମାଧ୍ୟମରେ ୭ ହଜାର ୫ଶହ ଟଙ୍କା ଆଦାୟ କରିଥିବା ସୂଚନା ଦିଆଯାଇଛି।



ଗୁରୁବାର ରାତିରେ ବାଣୀବିହାର ଛକରେ ଟ୍ରାଫିକ୍ ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଛି।

- ରଙ୍ଗ୍‌ରୁଟ୍‌ରେ ବାଣୀବିହାର ଯାତାୟାତ ଉପରେ ଲାଗିଲା କଟକଣା
- ଗୋଟିଏ ଦିନରେ ୧ ଲକ୍ଷ ୧୧ହଜାର ଜରିମାନା ଆଦାୟ

■ କାଠଯୋଡ଼ିକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା

# ସାହସିକତା ପାଇଁ ତୋଫାନଙ୍କୁ ସମ୍ବର୍ଦ୍ଧନା



## ଭାସିଯାଉଥିବାବେଳେ ଉଦ୍ଧାର ହୋଇଥିଲେ

କଟକ ଅଫିସ, ୨୯।୮

କାଠଯୋଡି ନଦୀକୁ ଡେଇଁ ସୋମବାର ଭୁବନେଶ୍ୱରର ଶୁଭାସିନୀ ସାହୁ ନାମ୍ନୀ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ସେହି ସମୟରେ ସେଠାରେ ଗାଧଉଥିବା କଟକ ଖାନ୍‌ନଗରର ଯୁବକ ତୋଫାନ ବେହେରା ସାହସର ସହିତ ତାଙ୍କୁ ଉଦ୍ଧାର କରିଥିଲେ। ଏହି ସାହସିକତା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ତୋଫାନଙ୍କୁ ସମ୍ବର୍ଦ୍ଧନାର ସୁଅ ଛୁଟୁଛି। ଗୁରୁବାର ରାଜ୍ୟ ଛାତ୍ର ବିଜେଡ଼ି ମହାସଚିବ ହରିଶଙ୍କର ରାଉତ, ଖାନ୍‌ନଗର ଯୁବକ ସଂଘ ସମ୍ପାଦକ ପ୍ରତାପ କୁମାର ସାହୁ ତୋଫାନଙ୍କୁ ଭେଟିଥିଲେ। ଟିମ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇ ୫୦୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ସାହୁ, କୁନାଲ ପୃଷ୍ଟି, ସଂଗ୍ରାମ ସ୍ୱାଇଁ, ସନ୍ତୋଷ ନିମାଇଁ, ଚିନ୍ମୟ ବେହେରା ଉପସ୍ଥିତ ଥିଲେ। ସେହିପରି କଟକ ମହାନଗର ସ୍ୱାସ୍ଥ୍ୟ କମିଟିର ପୂର୍ବତନ ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ ତୋଫାନଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ବର୍ତ୍ତମାନର ଯୁବପିଢିଙ୍କ ପାଇଁ ସେ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ।





24x7 Helpline: 0171-3055222





■ ସ୍ପେଶାଲ୍ ସ୍କ୍ୱାଡ୍ ଆଳରେ ବ୍ୟବସାୟୀଙ୍କୁ ଲୁଟ୍ ଘଟଣା

# ୩ ପୋଲିସ କର୍ମଚାରୀଙ୍କ ଜାମିନ ଖାରଜ

କଟକ ଅଫିସ, ୨୯।୮

କମିଶନରେଟ୍ ପୋଲିସ ସ୍ପେଶାଲ୍ ସ୍କ୍ୱାଡ୍ କହି ବ୍ୟବସାୟୀଙ୍କଠୁ ଦେଢ଼ ଲକ୍ଷ ଟଙ୍କା ଲୁଟିବା ଘଟଣାରେ ଅଭିଯୁକ୍ତ ଟାଙ୍ଗୀ ଥାନାର ୩ ପୋଲିସ କର୍ମଚାରୀଙ୍କ ଜାମିନ ଖାରଜ ହୋଇଛି। ଏହି ତିନିଜଣ କଟକ ଜେଏମ୍‌ଏଫସି(ଗ୍ରାମ୍ୟ)ରେ ଜାମିନ ପାଇଁ ଆବେଦନ କରିଥିଲେ। ଅଭିଯୁକ୍ତ କନଷ୍ଟେବଳ ଯୋଗେଶ ପାଣି, ହୋମ୍‌ଗାର୍ଡ ବ୍ରଜକିଶୋର ପଣ୍ଡା ଓ ସନ୍ତୋଷ ମଲ୍ଲିକ ଜେଲ୍‌କୁ ଫେରିଛନ୍ତି। ଗତ ୨୧ ତାରିଖ ରାତିରେ ଜଣେ ବ୍ୟବସାୟୀ କୋଲକତାରୁ ଏକ କାର୍‌ରେ ପରିବାର ସହିତ ଭୁବନେଶ୍ୱର ଫେରୁଥିବାବେଳେ ନିର୍ଗୁଣ୍ଡି ଟୋଲ୍ ଗେଟ୍ ପାଖରେ ଅଭିଯୁକ୍ତମାନେ ତାଙ୍କ ଗାଡ଼ିକୁ ଅଟକାଇଥିଲେ। ପରେ ସେମାନେ ନିଜକୁ କମିଶନରେଟ୍ ପୋଲିସର ସ୍ପେଶାଲ୍ ସ୍କ୍ୱାଡ୍ ବୋଲି ପରିଚୟ ଦେଇ ବ୍ୟବସାୟୀଙ୍କ କାର୍‌କୁ ଯାଞ୍ଚ କରିଥିଲେ। ଏହାପରେ କାର୍‌ରେ ଥିବା ବାକ୍ସରୁ ସେମାନେ ୧ ଲକ୍ଷ ୪୭ ହଜାର ଟଙ୍କା ଜୋରଜବରଦସ୍ତ ନେଇ ପଳାଇଥିଲେ। ପରଦିନ ସମ୍ପୃକ୍ତ ବ୍ୟବସାୟୀ ଟାଙ୍ଗୀ ଥାନାରେ ଅଭିଯୋଗ କରିବାକୁ ଯାଇଥିବାବେଳେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ଚିହ୍ନଟ କରିଥିଲେ। ଟାଙ୍ଗୀ ପୋଲିସର ତଦନ୍ତ ପରେ ଲୁଟ୍‌ରେ ସାମିଲ ଥିବା ଜଣେ କନ୍‌ଷ୍ଟେବଳ ଓ ଦୁଇଜଣ ହୋମ୍‌ଗାର୍ଡଙ୍କୁ ଅଟକ ରଖିଥିଲେ। ଏହାପରେ ଟାଙ୍ଗୀ ପୋଲିସ ନିଜ ଆଡୁ ମାମଲା ରୁଜୁ କରିବା ସହ ୩ଜଣ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହାପରେ ସେମାନେ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।




ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା ପାର୍ଟ ଟାଇମ୍ କଳା ଶିକ୍ଷକ ସଂଘର ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୩ ତେଲ ଗୋଦାମରେ ପୋଲିସର ଚଢ଼ାଉ

କଟକ ଅଫିସ,୨୯।୮

କଟକ ସଦର ପୋଲିସ ବୁଧବାର ଫୁଲନଖରା ନିକଟ ବମ୍ଫକୁଦ ଅଞ୍ଚଳରେ ଚଢାଉ କରି ଏକ ନକଲି ଖାଇବା ତେଲ କାରଖାନା ଠାବ କରିଥିଲା। ସେଠାରୁ ପ୍ରାୟ ୩୮ ହଜାର ଲିଟର ଅପମିଶ୍ରିତ ତେଲ ଜବତ କରାଯାଇଥିଲା। ଏହି ଘଟଣାରେ କାରଖାନାର ମାଲିକ ଜଗଦୀଶ ସାହୁ ଓରଫ ଜଗୁନି ଓ ମ୍ୟାନେଜର ବିଜୟ ଷଡଙ୍ଗୀଙ୍କୁ ଗିରଫ କରାଯାଇଥିଲା। ଜଗୁନିଙ୍କର ମାଲଗୋଦାମ ଅଞ୍ଚଳରେ ୩ଟି ତେଲ ଗୋଦାମ ରହିଥିବାବେଳେ ଗୁରୁବାର କଟକ ସଦର ଓ ମାଲଗୋଦାମ ପୋଲିସ ମିଳିତ ଭାବେ ସେଠାରେ ଚଢ଼ାଉ କରିଥିଲା। ହେଲେ ଏହି ତିନୋଟି ଗୋଦାମରୁ ପୋଲିସକୁ କିଛି ମିଳି ନ ଥିବା ଜଣାପଡ଼ିଛି।






■ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ ନିଷ୍ପତ୍ତି ବଳବତ୍ତର

# ପରବର୍ତ୍ତୀ ବୈଠକ ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ

କଟକ ଅଫିସ, ୨୯।୮

ବିଭିନ୍ନ ଦାବି ନେଇ ଗତ ୨୨ ତାରିଖଠାରୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ସମସ୍ତ ଆଇନଜୀବୀ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରିଙ୍କ କୋର୍ଟ ବର୍ଜନ କରିଛନ୍ତି। ଏହି କୋର୍ଟ ବର୍ଜନର ଗୁରୁବାର ଶେଷଦିନ ରହିଥିଲା। ତେବେ ବାର୍ ଆସୋସିଏଶନ ପରିସରରେ ଗୁରୁବାର ଏକ ବୈଠକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋର୍ଟବର୍ଜନ ନିଷ୍ପତ୍ତିକୁ ବଳବତ୍ତର ରଖିବାକୁ ଘୋଷଣା କରାଯାଇଛି। ବାର୍ ଆସୋସିଏଶନର ପରବର୍ତ୍ତୀ ସାଧାରଣ ପରିଷଦ ବୈଠକ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ କୁମାର ଦାସ କହିଛନ୍ତି। ତେବେ ହାଇକୋର୍ଟର ଅନ୍ୟ ବିଚାରପତିଙ୍କ କାର୍ଯ୍ୟାଳୟରେ ପୂର୍ବ ଭଳି ଆଇନଜୀବୀମାନେ ଯୋଗଦେବେ ବୋଲି ହାଇକୋର୍ଟ ବାର ଆସୋସିଏଶନ ପକ୍ଷରୁ କୁହାଯାଇଛି।

ପ୍ରକାଶଥାଉ କି, ଅନେକ ମାମଲା ରହିଥିବାବେଳେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ଖୁବ୍ କମ୍ ରହିଛି। ହାଇକୋର୍ଟରେ ୨୭ଟି ବିଚାରପତି ପଦବୀ ରହିଥିବାବେଳେ ଏବେ ୧୪ଜଣ ଅଛନ୍ତି। ସେଥିପାଇଁ ମାମଲାଗୁଡ଼ିକର ଫଇସଲା ପାଇଁ ବହୁ ସମୟ ଲାଗୁଛି। ଏ ନେଇ ପୂର୍ବରୁ ବାର୍ ଆସୋସିଏଶନ ପକ୍ଷରୁ ଅଧିକ ବିଚାରପତି ନିଯୁକ୍ତି ଲାଗି ମୁଖ୍ୟ ବିଚାରପତିଙ୍କ ନିକଟରେ ଦାବି କରାଯାଇଥିଲା। ସେହିପରି ସ୍ୟାଟ୍ ଉଚ୍ଛେଦ ପରେ ସେଠାରେ ପଡ଼ି ରହିଥିବା ୭୨ହଜାରରୁ ଊର୍ଦ୍ଧ୍ୱ ମାମଲାକୁ ହାଇକୋର୍ଟକୁ ଆଣିବା, ବରିଷ୍ଠ ଓକିଲ ଘୋଷଣାରେ ବୟସ୍କଙ୍କୁ ଅଣଦେଖା କରିବା ଆଦି ଦାବି ସମ୍ପର୍କରେ ମୁଖ୍ୟ ବିଚାରପତିଙ୍କୁ ବାର୍ ଆସୋସିଏଶନ ପକ୍ଷରୁ ଅବଗତ କରାଯାଇଥିଲା। ହେଲେ ଏହାର ସମାଧାନ ନ ହେବା ଯୋଗୁ ଏହି ନିଷ୍ପତ୍ତି ନିଆଯାଇଥିଲା। ଗୁରୁବାର ଅନୁଷ୍ଠିତ ବୈଠକରେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ଉପ ସଭାପତି ପୀୟୂଷ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଜଟେଶ୍ୱର ନାୟକ, ସହ ସମ୍ପାଦକ ପଦ୍ମାଳୟା ମହାପାତ୍ର, କାର୍ଯ୍ୟକାରୀ ସଭ୍ୟ ମାନସୀ ଦାସ, ଆଶିଷ ମିଶ୍ର, ବିଭୁଦତ୍ତ ବାରିକ, ମାନସ ରଞ୍ଜନ ଦାସ, ଆଦିତ୍ୟ ରଞ୍ଜନ ପରିଡ଼ାଙ୍କ ସହ ହାଇକୋର୍ଟ ବାର୍‌ର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ୮୦ହଜାର ଟଙ୍କା, ସୁନା ଅଳଙ୍କାର ଲୁଟ୍

**ଖୁଣ୍ଟୁଣୀ,୨୯।୮(ଡି.ଏନ୍.ଏ.):** ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତ ଗ୍ରାମର ଗନ୍ଧର୍ବ ନାୟକଙ୍କ ଘରୁ ୮୦ହଜାର ଟଙ୍କା ଓ ୬ଭରି ସୁନା ଅଳଙ୍କାର ଲୁଟ୍ ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବ୍ରାହ୍ମଣବସ୍ତ ଗ୍ରାମର ଗନ୍ଧର୍ବ, ତାଙ୍କ ସ୍ତ୍ରୀ ପ୍ରମିଳା ଓ ବଡ଼ ପୁଅ ରଘୁନାଥ ବୁଧବାର ରାତିରେ ଘର ଡାଇନିଂରେ ଶୋଇଥିଲେ। ଅନ୍ୟ ସଦସ୍ୟମାନେ ରୁମ ଭିତରେ ଶୋଇଥିଲେ। ଗନ୍ଧର୍ବଙ୍କ ଶିଡି ଘରେ କବାଟ ଲାଗି ନ ଥିବାରୁ ବିଳମ୍ବିତ ରାତିରେ ପ୍ରାୟ ୭ଜଣ ଦୁର୍ବୃତ୍ତ ମୁହଁରେ କଳାପଟି ବାନ୍ଧି ଘର ଭିତରକୁ ପ୍ରବେଶ କରି ପରିବାର ସଦସ୍ୟଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଆଲମିରା ଚାବି ମାଗିଥିଲେ। ଭୟରେ ରଘୁନାଥଙ୍କ ସାନ ଭାଇ ରବୀନ୍ଦ୍ର ଚାବି ଦେଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ଆଲିମିରାରୁ ୬ ଭରି ଅଳଙ୍କାର ଓ ୮୦ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଖବରପାଇ ଗୁରୁଡିଝାଟିଆ ପୋଲିସ ପହଞ୍ଚି ଦୁଇ ଭାଇଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଗୁରୁବାର ପୂର୍ବାହ୍ନରେ ଥାନା ଅଧିକାରୀ ବିଜୟ ବିସି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ ଓ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୧/୧୯)ରୁଜୁ କରିଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**କଟକ ସଦର,୨୯।୮(ଡି.ଏନ୍.ଏ.):** ସାପ କାମୁଡ଼ାରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ବୋଧପୁର ଗ୍ରାମର ଲକ୍ଷ୍ମୀପ୍ରିୟା ଭୋଇ(୪୫)। ସୂଚନା ଅନୁଯାୟୀ, ଲକ୍ଷ୍ମୀପ୍ରିୟା ମାଛ ଧରିବା ପାଇଁ ବିଲକୁ ଯାଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଏହା ପରେ ତାଙ୍କୁ ଚିକିତ୍ସା ପାଇଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୌଦ୍ୱାର ପୌରପାଳିକା ପକ୍ଷରୁ ଚଢ଼ାଉ
### ପଲିଥିନ ଜବତ, ୧୭୦୦ଟଙ୍କା ଜରିମାନା ଆଦାୟ

**ଚୌଦ୍ୱାର,୨୯।୮(ଡି.ଏନ୍.ଏ.):** ପୌରାଞ୍ଚଳକୁ ପଲିଥିନ୍ ମୁକ୍ତ କରିବା ଲକ୍ଷ୍ୟରେ ଗୁରୁବାର ଚୌଦ୍ୱାର ପୌରପାଳିକା ପକ୍ଷରୁ ବିଭିନ୍ନ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ପୌର କର୍ମଚାରୀ ଓ ଚୌଦ୍ୱାର ପୋଲିସ କର୍ମଚାରୀଙ୍କ ସହାୟତାରେ ଓଟିଏମ୍ ବଜାର, ଦୁର୍ଗାବଜାର, ପରିବା ମାର୍କେଟ, ହନୁମାନ ବଜାର, ବିରାଟ ବଜାରରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ୧୭୦୦ଟଙ୍କା ଜରିମାନା ଆଦାୟ ସହିତ ବ୍ୟାପକ ପଲିଥିନ୍ ଜବତ କରାଯାଇଥିଲା। ଟିମ୍ ଲିଡର ସେଖ ରାଜୁଦ୍ଦିନ୍‌ଙ୍କ ସହିତ ବିଚିତ୍ରାନନ୍ଦ ସ୍ୱାଇଁ, ଦେବାଶିଷ ମହାପାତ୍ର, ସନ୍ତୋଷ ହୋତା, ପ୍ରହ୍ଲାଦ ସାହୁ, ପ୍ରଦୀପ ସାମଲ, ଲୋଗେଶ ଦାସ, ରବୀନ୍ଦ୍ର ବାରିକ୍ ପ୍ରମୁଖ ଏହି ଚଢ଼ାଉ ବେଳେ ଉପସ୍ଥିତ ଥିଲେ।

■ କାଳିଆ ଯୋଜନାର ଯାଞ୍ଚ ପ୍ରକ୍ରିୟା ଶେଷ

# ତାଲିକାରେ ୧୮୭୦ ଅଯୋଗ୍ୟ ହିତାଧିକାରୀ

■ସାମିଲ ହୋଇଥିଲେ ୨୮, ୬୦୫ ଜଣ ହିତାଧିକାରୀ
■୨୬, ୭୩୫ ଯୋଗ୍ୟ ହିତାଧିକାରୀ
■ଚିହ୍ନଟ ପାଇଁ ଜାରି ହୋଇଥିଲା ୧୪ ଗାଇଡ୍‌ଲାଇନ୍

**ନିଶ୍ଚିନ୍ତକୋଇଲି,୨୯।୮(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକରେ କାଳିଆ ଯୋଜନାର ହିତାଧିକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି। ଏହି ତାଲିକାରେ ୨୬, ୭୩୫ ଜଣ ଯୋଗ୍ୟ ଓ ୧୮୭୦ ଜଣଙ୍କୁ ଅଯୋଗ୍ୟ ହିତାଧିକାରୀ ରହିଥିବା ସୂଚନା ମିଳିଛି। ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଆବେଦନ କରିଥିବା ଚାଷୀ ସିଧାସଳଖ ସହାୟତା ରାଶି ପାଇବାର ବ୍ୟବସ୍ଥା ଥିଲା। ସେତେବେଳେ ଏହି ଯୋଜନାରେ ବ୍ଲକ ଅନ୍ତର୍ଗତ ୪୧ ପଞ୍ଚାୟତର ୨୮, ୬୦୫ ଜଣ ହିତାଧିକାରୀ ସାମିଲ କରାଯାଇଥିଲା। ଏବେ ଯାଞ୍ଚ ସମୟରେ ୧୮୭୦ ଜଣ ଅଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହୋଇ ପ୍ରୋତ୍ସାହନ ରାଶି ହାତେଇଥିବା ଜଣାପଡିଛି। ଆଗାମୀ ୩୧ତାରିଖରେ ଜିଲା ନୋଡାଲ ଅଫିସର ଏହି ତାଲିକାର ଚୂଡାନ୍ତ ରୂପରେଖ ରଖିବେ ବୋଲି ବ୍ଲକ କୃଷି ଅଧିକାରୀ ସିଦ୍ଧାର୍ଥ ସାରଥି ପରିଡା କହିଛନ୍ତି। ଏହି ଯୋଜନାରେ ପ୍ରୋତ୍ସାହନ ରାଶି ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ଯୋଗ୍ୟ ଅଯୋଗ୍ୟ ବାଛିବା ପାଇଁ ରାଜ୍ୟ ସରକାର ୧୪ ଗାଇଡ୍‌ଲାଇନ ଜାରି କରିଥିଲେ। ଏନେଇ ପଞ୍ଚାୟତସ୍ତରରେ ଏକ ୪ ଜଣିଆ ଟିମ୍ ଗଠନ କରାଯାଇଥିଲା । ଟିମ୍‌ରେ ପଞ୍ଚାୟତ ନୋଡାଲ ଅଫିସର, ରାଜସ୍ୱ ନିରୀକ୍ଷକ, ସମବାୟ ସମିତି ସମ୍ପାଦକ ଓ ପଞ୍ଚାୟତର ପାରା ୱାର୍କର ସାମିଲ ହୋଇଥିଲେ। ଗତ ୨୭ ତାରିଖ ସୁଦ୍ଧା ପଞ୍ଚାୟତସ୍ତରରେ ଯୋଗ୍ୟ ଅଯୋଗ୍ୟ ତାଲିକା ପ୍ରସ୍ତୁତ ହୋଇଥିଲା। ବହୁ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅଯୋଗ୍ୟ ହିତାଧିକାରୀ ଓ ସେମାନଙ୍କୁ ଏଥିରେ ସାମିଲ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଚାଷୀ ସଂଗଠନଗୁଡିକ ଦାବି କରିଛନ୍ତି।




ସମିତି ସଭ୍ୟ ଉଦୟ କେଶରୀ ବର୍ମା ଓ ସମର୍ଥକମାନେ ଧାରଣାରେ ବସିଛନ୍ତି।

## ବିଡିଓଙ୍କ ମନମୁଖି କାର୍ଯ୍ୟ ବିରୋଧରେ ସମିତି ସଭ୍ୟଙ୍କ ଧାରଣା

**ସାଲେପୁର,୨୯।୮ (ଡି.ଏନ୍.ଏ)**

ସାଲେପୁର ପଞ୍ଚାୟତ ସମିତି ବୈଠକ ଆରମ୍ଭ ହେବା ପୂର୍ବରୁ ବିଡ଼ିଓଙ୍କ ମନମୁଖି କାରବାର ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ କରି ମୁତାରିଫା ସମିତି ସଭ୍ୟ ଉଦୟକେଶରୀ ବର୍ମା ଗୁରୁବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ସେ ତାଙ୍କ ସମର୍ଥକଙ୍କ ସହ ଆସି ବହୁ ସମୟ ଧରି ଧାରଣାରେ ବସିଥିଲେ। ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ବିନୋଦ ବେହେରା, କଂଗ୍ରେସ ନେତା ରବୀନ୍ଦ୍ରନାଥ କର ପ୍ରମୁଖ ଧାରଣାସ୍ଥଳକୁ ଆସି ତାଙ୍କୁ ସମର୍ଥନ ଜଣାଇଥିଲେ। ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଥିବା ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଖବରପାଇ ବର୍ମାଙ୍କୁ ବୁଝାଶୁଝା କରିବା ନିମନ୍ତେ ତାଙ୍କ ଲୋକଙ୍କୁ ପଠାଇଥିଲେ। ଏହାପରେ ବର୍ମା ଧାରଣା ପ୍ରତ୍ୟାହାର କରି ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିଲେ।




ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ବିଧାୟକ, ସମିତିସଭ୍ୟ ଓ ଅନ୍ୟମାନେ।

### ଅଙ୍ଗନୱାଡି କର୍ମୀଙ୍କୁ ପ୍ରଶିକ୍ଷଣ

**ରଘୁନାଥପୁର, ୨୯।୮ (ଡି.ଏନ.ଏ.)**

ଆଦ୍ୟ ଶୈଶବରେ କୋମଳମତି ଶିଶୁଙ୍କ ଯତ୍ନ ଓ ଶିକ୍ଷା ସମ୍ପର୍କରେ ରଘୁନାଥପୁର ବ୍ଲକ ଆଇସିଡିଏସ୍ ଅଧୀନରେ ଥିବା ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ଥାନୀୟ ଜ୍ୟୋତି ମହାସଂଘ ସଭାକକ୍ଷରେ ଆୟୋଜିତ ପ୍ରଶିକ୍ଷଣ ଶିବିରକୁ ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଶିଶୁଟିଏ ଜନ୍ମ ହେବା ପରଠାରୁ ୬ ବର୍ଷ ପର୍ଯ୍ୟନ୍ତ ତା'ର ସ୍ୱାସ୍ଥ୍ୟ ଓ ହସଖେଳରେ କିପରି ଶିକ୍ଷା ଆରମ୍ଭ କରିପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସମୟରେ ପ୍ରତ୍ୟେକ କର୍ମୀ ଗୃହ ପରିଦର୍ଶନ କରି ଶିଶୁଙ୍କ ଜନନୀ ସହ ଆଲୋଚନା କରିବା ଅତ୍ୟନ୍ତ ଜରୁରୀ ବୋଲି ସିଡିପିଓ ମଲ୍ଲିକ କହିଥିଲେ। ଏହି ଅବସରରେ ଶିଶୁଙ୍କ ବୌଦ୍ଧିକ ବିକାଶ ତଥା ମାନସିକ ସ୍ତରରେ ଉନ୍ନତି ଆଣିବାକୁ ଶିକ୍ଷା ଦିଆଯାଇଥିବା ସମସ୍ତ ପଦ୍ଧତିକୁ ପ୍ରଦର୍ଶନ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଭୟ, ଦଣ୍ଡ ଓ ଚାପଗ୍ରସ୍ତରୁ ଦୂରରେ ରହି ଶିଶୁର ଅନ୍ତର୍ନିହିତ ଗୁଣକୁ ଚିହ୍ନି ପ୍ରତିଭାର ବିକାଶ କରାଇ ପାରିଲେ ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ ବୋଲି ସିଡିପିଓ ମଲ୍ଲିକ କହିଥିଲେ। କୃତ୍ତିବାସ ସାହୁ ପରିଚାଳନାରେ ସହଯୋଗ କରିଥିବାବେଳେ ସୁପରଭାଇଜର ପ୍ରମୋଦିନୀ ଦାଶ, ବିଜୟଲକ୍ଷ୍ମୀ ପଣ୍ଡା, ସୁବାସ ମୋହିନୀ ସାହୁ, ଲିପସା ପ୍ରିୟଦର୍ଶିନୀ ଓ ସୋନାଲି ପ୍ରିୟଦର୍ଶିନୀ କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

■ ୧୦ ମାସ ପରେ ବସିଲା ପଞ୍ଚାୟତ ସମିତି ବୈଠକ

## ଆରୋପ, ଅଭିଯୋଗରେ ବୈଠକ ଶେଷ

**ସାଲେପୁର,୨୯।୮ (ଡି.ଏନ୍.ଏ)**

ଦୀର୍ଘ ୧୦ମାସ ପରେ ସାଲେପୁର ପଞ୍ଚାୟତ ସମିତି ବୈଠକ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଥମ ଥର ପାଇଁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ଦୁର୍ନୀତି ଓ ଉନ୍ନୟନମୂଳକ କାର୍ଯ୍ୟ ଅଟକିଥିବା ନେଇ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଫନୀ ବାତ୍ୟାରେ ବ୍ଲକରେ ହୋଇଥିବା କ୍ଷୟକ୍ଷତି ରିପୋର୍ଟ ଠିକ୍ ନାହିଁ ବୋଲି କହି ସଭ୍ୟମାନେ ହୋହାଲ୍ଲା କରିଥିଲେ। ତହସିଲ ଓ ବ୍ଲକ ପକ୍ଷରୁ ଦିଆଯାଇଥିବା ରିପୋର୍ଟ ମଧ୍ୟରେ ତାଳମେଳ ରହୁନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଏହାପରେ ନୂତନଭାବରେ ଗଠିତ ହୋଇଥିବା ସତ୍ୟଭାମାପୁର, ପଶ୍ଚିମକଚ୍ଛ ଓ ଗୁଜରପୁର ଆଦି ପଞ୍ଚାୟତ ପାଇଁ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଆସିଥିବା ୩୫ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ ହୋଇପାରି ନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଏଥିରେ ଯୋଗଦେଇ ଗତ ବୈଠକର ବିବରଣୀ ସଭ୍ୟମାନଙ୍କୁ ଦିଆଯାଇନାହିଁ ବୋଲି କହିଥିଲେ। ଏଥିସହ ପଞ୍ଚାୟତ ସମିତି ପକ୍ଷରୁ ଅଦ୍ୟାବଧି ୭ ଷ୍ଟାଣ୍ଡିଂ କମିଟି ଗଠନ ହୋଇ ନାହିଁ ବୋଲି ଅଭିଯୋଗ କରିଥିଲେ। ସେହିପରି ମୁତାରିଫା ସମିତି ସଭ୍ୟ ଉଦୟ କେଶରୀ ବର୍ମା ପଞ୍ଚାୟତରେ ଅଙ୍ଗନୱାଡି ଘର ନିର୍ମାଣ ନହେବା, ରାସ୍ତା ନିର୍ମାଣ ନ ହେବା ନେଇ ପ୍ରଶ୍ନ ପଚାରିଥିଲେ। ସେହିପରି ଉନ୍ନୟନ କାର୍ଯ୍ୟପାଇଁ ଆସିଥିବା ଟଙ୍କା ଖର୍ଚ୍ଚ ହୋଇ ପାରି ନଥିବା ନେଇ ବହୁ ସଭ୍ୟ ଆପତ୍ତି ଉଠାଇଥିଲେ। ପାଇଖାନା କାର୍ଯ୍ୟାଦେଶ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ରହିଥିବା ଟଙ୍କା ଖର୍ଚ୍ଚ କରିବା ଲାଗି ଆଲୋଚନା ହୋଇଥିଲା। ବୈଠକରେ ସାଲେପୁର ବିଧାୟକ ବେହେରା ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମ ସୁରୁଖୁରୁରେ କରିବା ଲାଗି ନିର୍ବାଚିତ ପ୍ରତିନିଧିଙ୍କ ସହଯୋଗ କାମନା କରିବା ସହ ଜଳସେଚନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ କଟକ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ବ୍ଲକ୍ ଉପାଧ୍ୟକ୍ଷ ରମେଶ କୁମାର ଜେନା, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଦିଲୀପ୍ କୁମାର ଦାଶ, ସାଲେପୁର ବିଡ଼ିଓ କିଶୋର କୁମାର ପଣ୍ଡା, ସାଲେପୁର ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ ପ୍ରମୁଖ ଯୋଗଦେଇଥଲେ। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ

**ଆଠଗଡ଼,୨୯।୮(ଡି.ଏନ୍.ଏ.)**

**କୃଷ୍ଣ, ବିଷ୍ଣୁଙ୍କୁ ଆକ୍ରମଣ ଅଭିଯୋଗରେ ଶିବଙ୍କୁ ଜେଲ୍ ଦଣ୍ଡ**

ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଆଠଗଡ଼ ବ୍ଲକ ଅନ୍ତର୍ଗତ ଗୁରୁଡ଼ିଝାଟିଆ ଥାନା ଅଧୀନ ଗୋବରା ଗ୍ରାମର ଅଭିଯୁକ୍ତ ଶିବ ଦେହୁରୀଙ୍କୁ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତରଞ୍ଜନ ନନ୍ଦ ଗୁରୁବାର ଦୋଷୀ ସାବ୍ୟସ୍ତକରି ୨ ବର୍ଷ ୬ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦୦୦ ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି।

ସୂଚନାଯୋଗ୍ୟ, ୨୯ ଏପ୍ରିଲ ୨୦୧୫ରେ କୌଣସି କାରଣରୁ ଏହି ଗ୍ରାମର ଶିବ ଦେହୁରୀ ଓ ପଡୋଶୀ କୃଷ୍ଣ ଦେହୁରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଶିବ କ୍ରୋଧାନ୍ୱିତ ହୋଇ ଅନ୍ୟ ସହଯୋଗୀଙ୍କ ସହ ମିଶି କୃଷ୍ଣ ଓ ତାଙ୍କ ଭାଇ ବିଷ୍ଣୁ ଦେହୁରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଗୁରୁଡ଼ିଝାଟିଆ ଥାନାରେ ମାମଲା (ନଂ.୧୭୮/୧୫) ରୁଜୁ ହୋଇଥିଲା। ପରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଏସ୍‌ଡିଜେମ୍‌ଙ୍କ ଅଦାଲତରେ ହାଜିର କରାଯାଇଥିଲା। ସେଠାରେ ସିଟି ମାମଲା (ନଂ.୩୫/୧୫) ରୁଜୁ କରାଯାଇଥିଲା। ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଧୀନରେ ବିଚାରାଧୀନ ଥିଲା। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନେ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଯାଇଥିବା ବେଳେ ଗୁରୁବାର ଶିବଙ୍କ ମାମଲାର ଶୁଣାଣି କରାଯାଇ ଦୋଷୀ ସାବ୍ୟସ୍ତ କରାଯାଇଛି। ଅଭିଯୁକ୍ତଙ୍କ ପକ୍ଷରୁ ଜି.ଆର୍.ପ୍ରଧାନ ଓ ସରକାରଙ୍କ ପକ୍ଷରୁ ଏସ୍.କେ.ଦାସ ମାମଲା ପରିଚାଳନା କରିଥିଲେ।

## ବଣହରା ଉଚ୍ଚବିଦ୍ୟାଳୟରେ ବହୁ ପଦବୀ ଖାଲି

**ସାଲେପୁର,୨୯।୮(ଡି.ଏନ୍.ଏ)**

ସାଲେପୁର ବ୍ଲକ ବଣହରା ଉଚ୍ଚବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକଙ୍କ ସମେତ ୬ ପଦବୀ ଖାଲି ପଡ଼ିଛି। ଫଳରେ ବିଦ୍ୟାଳୟରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏଠାରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠପଢୁଥିବା ବେଳେ ଆବଶ୍ୟକୀୟ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବରୁ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ,ଏହି ବିଦ୍ୟାଳୟରେ ପୂର୍ବତନ ପ୍ରଧାନ ଶିକ୍ଷକ ବଳରାମ ପାତ୍ର ଅବସର ନେବାପରେ ଦୀର୍ଘ ବର୍ଷ ହେବ କେଣସି ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ସେହିପରି ଉର୍ଦ୍ଦୁ ଶିକ୍ଷକ, ବିଜ୍ଞାନ ଶିକ୍ଷକ, କଳା ଶିକ୍ଷକଙ୍କ ସମେତ ୨ ପିଅନ ପଦବୀ ଖାଲି ପଡ଼ିଛି। ତୁରନ୍ତ ଏସବୁ ପଦବୀ ପୂରଣ କରିବା ଲାଗି ସାଧାରଣରେ ଦାବି ହୋଇଛି।

## ଅଗ୍ନିକାଣ୍ଡରେ ୧୨ ଗୋରୁ, ୪ ଛେଳି ଜୀବନ୍ତ ଦଗ୍ଧ

**ଲଳିତଗିରି/ମାହାଙ୍ଗା,୨୯।୮(ସ୍ୱ.ପ୍ର.)**

ମାହାଙ୍ଗା ତହସିଲର ନାହାଙ୍ଗ ପଞ୍ଚାୟତ ଅନ୍ତର୍ଗତ ନାହାଙ୍ଗ ଗ୍ରାମରେ ବୁଧବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୨ ଗୋରୁ ଓ ୪ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅଗ୍ନିକାଣ୍ଡରେ ଗ୍ରାମର ଗୋଚାଷୀ ରବୀନ୍ଦ୍ର ଦାସ କ୍ଷତିଗ୍ରସ୍ତ ହୋଇଛନ୍ତି। ସୂଚନାଯୋଗ୍ୟ, ରବୀନ୍ଦ୍ର ଗାଈ ଓ ଛେଳି ରଖି ନିଜର ଜୀବିକା ନିର୍ବାହ କରନ୍ତି। ବୁଧବାର ଗୋରୁ ଓ ଛେଳିଙ୍କୁ ପଡିଆରେ ଚରାଇବା ପରେ ଗୁହାଳରେ ଆଣି ରଖିଥିଲେ। ଏହାପରେ ସେ ନିକଟରେ ଥିବା ଘରକୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ଗୁହାଳରେ ନିଆଁ ଲାଗିଥିବା ଶୁଣି ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବା ସଂସ୍ଥାରେ ଖବରଦେଇଥିଲେ। ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଗୁହାଳରେ ବନ୍ଧାହୋଇଥିବା ଗୋରୁ ଓ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଇଲେକଟ୍ରିକ ଶଟ୍ ସର୍କିଟଯୋଗୁ ଗୁହାଳ ଭିତରେ ଥିବା ଛଣ ଓ ଘାଷିରେ ଅଗ୍ନି ସଂଯୋଗ ହୋଇଥିବା ସନ୍ଦେହ କରାଯାଉଛି। ଗୁରୁବାର ମାହାଙ୍ଗା ପ୍ରାଣୀଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା ଓ କୋଠପଦା ପ୍ରାଣୀଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ସେଠାରେ ପହଞ୍ଚି ଗୋରୁ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପୋତି ଦିଆଯାଇଛି। ରବୀନ୍ଦ୍ର ଜଣେ ଗରିବ ଗୋଚାଷୀ ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ଲାଗି ନାହାଙ୍ଗ ସରପଞ୍ଚ ଚିତ୍ତରଞ୍ଜନ ମହାନ୍ତି ଓ ସମିତିସଭ୍ୟା ପ୍ରତିନିଧି ଯତୀନଜୟ କୁଅଁର ଦାବି କରିଛନ୍ତି।

## ବିଦ୍ୟାଳୟସ୍ତରୀୟ ଗରିମା କାର୍ଯ୍ୟକ୍ରମ ପାଇଁ ମୂଲ୍ୟାୟନ

**ଟିଗିରିଆ,୨୯।୮(ଡି.ଏନ୍.ଏ.)**

ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ବିଦ୍ୟାଳୟଗୁଡ଼ିକରେ ଉଜ୍ଜ୍ୱଳ ଓ ଉତ୍‌ଥାନ ପାଠ୍ୟକ୍ରମ ଆୟୋଜନ କରାଯାଉଛି। ଏହାର ଠିକ୍ ମୂଲ୍ୟାୟନ ପରେ ଉନ୍ନତମାନର ଶିକ୍ଷା ପ୍ରଦାନ କରୁଥିବା ବିଦ୍ୟାଳୟଗୁଡିକୁ ପଦକ ଦେବା ଲାଗି ବିଭାଗ ପକ୍ଷରୁ 'ମୋ ପିଲା ମୋ ଗରିମା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନୁସାରେ ଟିଗିରିଆ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ୪୪ ବିଦ୍ୟାଳୟ ମଧ୍ୟରୁ ୩୮ ବିଦ୍ୟାଳୟ ବ୍ରୋଞ୍ଜ ପଦକ ପାଇଁ ଆବେଦନ କରିବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ। ବୁଧବାରଠାରୁ ଏହାର ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡିକୁ ବ୍ରୋଞ୍ଜ ପଦକ ପାଇଁ ମନୋନୀତ ହେବା ସହ ଅକ୍ଟୋବରରେ ରୋପ୍ୟ ପଦକ ପାଇଁ ଆବେଦନ କରିବାର ସୁଯୋଗ ପାଇପାରିବେ। ଏହାକୁ ଭିତ୍ତି କରି ଜିଲା କାର୍ଯ୍ୟାଳୟର ନିର୍ଦ୍ଦେଶ ଅନୁଯାୟୀ, ବ୍ଲକ ଶିକ୍ଷା ଅଧିକାରୀ ଡ.ଦୁର୍ଗା ଚରଣ ନାୟକଙ୍କ ସହଯୋଗରେ ମୂଲ୍ୟାୟନ ପ୍ରକ୍ରିୟା ଚାଲୁରହିଛି। ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଅରବିନ୍ଦ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧାପକ ମନୋସ୍ୱିନୀ ବିଶୋଇ ଓ ଗୀତାଳି ରାଉତ ଏହାକୁ ନିରୀକ୍ଷଣ କରୁଛନ୍ତି। ଆଠଗଡ ଶିକ୍ଷକ ତାଲିମ କେନ୍ଦ୍ରର ଏକ ପରୀକ୍ଷକ ଦଳ ଏହି ୩୮ ଗୋଟି ବିଦ୍ୟାଳୟର ଶିକ୍ଷାର ମାନକୁ ନେଇ ମୂଲ୍ୟାୟନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଗୁରୁବାର ନିଜିଗଡ କ୍ଲଷ୍ଟର ଅନ୍ତର୍ଗତ ୪, ମହାଶ୍ୟାମଳାର ୨, ନୂଆପାଟଣା କ୍ଲଷ୍ଟରର ୪ ଏବଂ ପାଞ୍ଚଗାଁ କ୍ଲଷ୍ଟରର ୭ ବିଦ୍ୟାଳୟରେ ମୂଲ୍ୟାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାଧାନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତମଣି ମିଶ୍ର, ପ୍ରମୋଦ କୁମାର ଗୋଛି, ସଚ୍ଚିଦାନନ୍ଦ ରାଉଳ, ଗଙ୍ଗାଧର ସାମଲ, ପ୍ରଭାତ କୁମାର ପଣ୍ଡା, ଭକ୍ତ ଚରଣ ନାୟକ ଓ ପୂର୍ଣ୍ଣଚନ୍ଦ୍ର ଗୁଇଁ ପ୍ରମୁଖ ସହଯୋଗ କରିଥିଲେ।



ବିଦ୍ୟାଳୟରେ ଅଧିକାରୀମାନେ ମୂଲ୍ୟାୟନ କରୁଛନ୍ତି।

## ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବାଙ୍କୀରେ ଗଣଦୌଡ଼

**ବାଙ୍କୀ,୨୯।୮(ସ୍ୱ.ପ୍ର.)**

ବିଶିଷ୍ଟ କ୍ରୀଡ଼ାବିତ୍ ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଗୁରୁବାର ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଗଣ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଏନ୍‌ଏସିର ଚକାପଦା ଠାରୁ ଆରମ୍ଭ ହୋଇଥିବା ଏହି ଗଣ ଦୌଡ଼ ବାଙ୍କୀ କଲେଜ ନିକଟରେ ଶେଷ ହୋଇଥିଲା। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପତାକା ହଲାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାଙ୍କୀ ଉପଖଣ୍ଡର ୫୦୦ରୁ ଊର୍ଦ୍ଧ୍ୱ ଯୁବତୀ,ଯୁବକ ଓ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିଥିଲେ। ଆଥଲେଟିକ୍ ଆସୋସିଏଶନ୍‌ର ଉପସଭାପତି ବିବେକାନନ୍ଦ ସାମଲ, ସାଧାରଣ ସମ୍ପାଦକ ଆଇନଜୀବୀ ସନ୍ତୋଷ କୁମାର ରଣା, ସୌମେନ୍ଦ୍ର ମିଶ୍ର, ଲିଙ୍ଗରାଜ ରାଉତ ଓ ପୂର୍ବତନ ନଗରପାଳ ଅକ୍ଷୟ ପ୍ରଧାନ ଏଥିରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏନେଇ ବାଙ୍କୀ କଲେଜ ସଭାଗୃହରେ ଏକ ସଭାର ଆୟୋଜନ କରାଯାଇଥଲା। ଏଥିରେ ବିବେକାନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ରଣା ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ତ୍ରିପାଠୀ ଏଥିରେ ମୁଖ୍ୟ ଅତିଥିଭାବରେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି ଗଣ ଦୌଡ଼ରେ ବରିଷ୍ଠ ବିଭାଗରେ ପ୍ରଭାତ କୁମାର ସାହୁ ପ୍ରଥମ, ନରେଶ କୁମାର ରଣା ୨ୟ, ବିକାଶ ପ୍ରଧାନ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବିଭାଗରେ ଅପରାଜିତା ଖଟୁଆ ପ୍ରଥମ, ସୁଜାତା ବେହେରା ୨ୟ, ଅନୁରାଧା ରଣା ୩ୟସ୍ଥାନ ଅଧିକାର କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଜମ୍ଭେଶ୍ୱର ନନ୍ଦ ଓ ରାକେଶ ରୋଶନ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପରିବାର ବର୍ଗଙ୍କ ଅର୍ଥରାଶିରେ ଗଣ ଦୌଡ଼ରେ କୃତିତ୍ୱ ହାସଲ କରିଥିବା କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବାଙ୍କୀ ରାଜା ସ୍ୱର୍ଗତ ସାମନ୍ତନାରାୟଣ ଶ୍ରୀଚନ୍ଦନ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ପୁତ୍ର ଅଧାପକ ଶୈଳେନ୍ଦ୍ର ଦେଓ ପ୍ରଦାନ କରିଥିବା ଅର୍ଥରାଶିକୁ ମହିଳା କ୍ରୀଡାବିତ୍‌ମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ ବିଧାୟକ ତ୍ରିପାଠୀଙ୍କୁ ଓ ବାଙ୍କୀର ବିଶିଷ୍ଟ କ୍ରୀଡାବିତ୍ ସନ୍ତୋଷ କୁମାର ପ୍ରଧାନ ଓ ମହେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ମୁଖ୍ୟବକ୍ତାଭାବେ କଲେଜ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ, ସମ୍ମାନିତ ଅତିଥିଭାବେ କେଶବ ଚନ୍ଦ୍ର ବେହେରା, ସୌମେନ୍ଦ୍ର କୁମାର ମିଶ୍ର, ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଲିଙ୍ଗରାଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ଗଣଦୌଡ଼ ଉତ୍ସବରେ ବିଧାୟକ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ



## ସଂକ୍ଷେପରେ

### ଚୌଦ୍ୱାର ପୌରପାଳିକା ପକ୍ଷରୁ ଚଢ଼ାଉ: ପଲିଥିନ୍ ଜବତ

**ଚୌଦ୍ୱାର,୨୯।୮(ଡି.ଏନ୍.ଏ.):** ପୌରାଞ୍ଚଳକୁ ପଲିଥିନ୍ ମୁକ୍ତ କରିବା ଲକ୍ଷ୍ୟରେ ଗୁରୁବାର ଚୌଦ୍ୱାର ପୌରପାଳିକା ପକ୍ଷରୁ ବିଭିନ୍ନ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଥିଲା। ପୌର କର୍ମଚାରୀ ଓ ଚୌଦ୍ୱାର ପୋଲିସ କର୍ମଚାରୀଙ୍କ ସହାୟତାରେ ଓଟିଏମ୍ ବଜାର, ଦୁର୍ଗାବଜାର, ପରିବା ମାର୍କେଟ, ହନୁମାନ ବଜାର, ବିରାଟ ବଜାରରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ୧୭୦୦ଟଙ୍କା ଜରିମାନା ଆଦାୟ ସହିତ ବ୍ୟାପକ ପଲିଥିନ୍ ଜବତ କରାଯାଇଥିଲା।

### ଗଣେଶ ପୂଜା ବୈଠକ

**ଫୁଲନଖରା,୨୯।୮(ଡି.ଏନ୍.ଏ.):** ପ୍ରତାପନଗରୀସ୍ଥିତ ଧାକୁଲେଇଙ୍କ ପୀଠରେ ଗୁରୁବାର କଟକ ସଦର ଥାନା ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଏସିପି ସତ୍ୟରଞ୍ଜନ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା ବେଳେ ୩ଟି ପର୍ଯ୍ୟାୟରେ ମୂର୍ତ୍ତି ବିସର୍ଜନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଯେଉଁ ପୂଜା କମିଟି ଶାନ୍ତିଶୃଙ୍ଖଳା ଓ ନିଶାମୁକ୍ତ ଭସାଣୀ ଉତ୍ସବ କରିବେ ତାଙ୍କୁ ଥାନା ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ପୂର୍ବତନ କର୍ପୋରେଟର ପ୍ରଦୀପ ବେହେରା, ପ୍ରମୋଦ ମହାପାତ୍ର, ବିକ୍ରମ ଶତପଥୀ, ଦିଲୀପ ସ୍ୱାଇଁ, ଲଳିତ୍ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଅତିରିକ୍ତ ଆଇଆଇସି ଅମିତା ସାହୁ, କଟକ ନଗର ପୂଜା ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ ଯୋଗଦେଇ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

### ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘର ସମ୍ମିଳନୀ

**କଟକ ଅଫିସ,୨୯।୮:** ବିଭିନ୍ନ ଦାବି ନେଇ ଗୁରୁବାର ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକନେତା ରାଜକିଶୋର ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଏସ୍‌ୟୁସିଆଇ(ସି)ର କଟକ ଜିଲା କମିଟି ସଭ୍ୟ ଖଗେଶ୍ୱର ସେଠୀ ଯୋଗଦେଇ କହିଥିଲେ, ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ଏବଂ ସରକାରୀ ମାନ୍ୟତା ଦେବାରୁ ବଞ୍ଚିତ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାର ବିକାଶ ନାମରେ ବିଭିନ୍ନ ଯୋଜନାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ପରୋକ୍ଷରେ ଏହାକୁ ଘରୋଇ କମ୍ପାନୀଗୁଡ଼ିକୁ ହସ୍ତାନ୍ତର କରୁଛନ୍ତି। ତେଣୁ ଶ୍ରମିକମାନେ ନିଜର ଦାବି ହାସଲ ପାଇଁ ଆନ୍ଦୋଳନ କରିବା ଛଡା ଅନ୍ୟ ଉପାୟ ନାହିଁ ବୋଲି ସେ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ସଭାପତି ମାନଗୋବିନ୍ଦ ପଣ୍ଡା, ସମ୍ପାଦକ ଯୋଗେନ୍ଦ୍ର ରାଉତଙ୍କୁ ନେଇ କଟକ ସଦର ବ୍ଲକ କମିଟି ଗଠନ କରାଯାଇଥିଲା।

### ପଞ୍ଚାୟତ ସମିତି ବୈଠକ ବାତିଲ

**କଟକ ସଦର,୨୯।୮(ଡି.ଏନ୍.ଏ.):** ପ୍ରାୟ ୧୭ମାସ ପରେ ବୁଧବାର ହେବାକୁ ଥିବା କଟକ ସଦର ପଞ୍ଚାୟତ ସମିତି ବୈଠକ ବାତିଲ ହୋଇଛି। ବ୍ଲକ ଅଧକ୍ଷା ଶ୍ରୀମନ୍ତିନୀ ବେହେରା, ବିଡିଓ ଦେବାଶିଷ ପଟ୍ଟନାୟକ ଓ ଜିପିଇଓ ଯାଜ୍ଞସେନୀ ଗୋଛାୟତଙ୍କ ସମେତ ୬ଜଣ ସଭ୍ୟାସଭ୍ୟ ବ୍ଲକ ସମ୍ମିଳନୀ କକ୍ଷରେ ବସିଥିଲେ। ଅନ୍ୟ ସଭ୍ୟାସଭ୍ୟମାନେ କକ୍ଷକୁ ନ ଆସିବାରୁ ବୈଠକ ପାଇଁ ଆବଶ୍ୟକ କୋରମ ହୋଇ ନ ଥିଲା। ଶେଷରେ ଅଧକ୍ଷା ବେହେରା ବୈଠକ ବାତିଲ ହେଲା ବୋଲି ଘୋଷଣା କରିଥିଲେ। ଏହି ସମୟରେ ୪୦ଜଣ ପଞ୍ଚାୟତ ସମିତି ସଭ୍ୟାସଭ୍ୟମାନେ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ତଳ ମହଲାର ଏକ ପ୍ରକୋଷ୍ଠରେ ବସି ଆଲୋଚନା କରୁଥିବା ଲକ୍ଷ୍ୟ କରାଯାଇଥିଲା। ବିଡିଓଙ୍କ ନାଁରେ ବ୍ଲକ ଅଧକ୍ଷା ଚାଉଳିଆଗଞ୍ଜ ଥାନାରେ ଦେଇଥିବା ଏତଲାକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ବୈଠକ ବର୍ଜନ ଚାଲୁ ରହିବ ବୋଲି ଉପାଧକ୍ଷ ବିଭୂତି ଭୂଷଣ ପରିଡ଼ା, ସରପଞ୍ଚ ତ୍ରିଲୋଚନ ସ୍ୱାଇଁ, ଯତୀନ ରାଉଳ, ତ୍ରିଲୋଚନ ମଲ୍ଲିକ ଓ ସମିତି ସଭ୍ୟା ଇଲାବତୀ ବିଶୋୟୀ ଗଣମାଧ୍ୟମକୁ କହିଥିଲେ। ଏହି ଅବସରରେ ବ୍ଲକ ପରିସରରେ ବିଧାୟକ ବେହେରା ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସୂଚନାଥାଉକି, ୨୦୧୮ ମାର୍ଚ୍ଚ ୭ରେ ଶେଷ ସମିତି ବୈଠକ ହୋଇଥିଲା।

# ଅନିଶ୍ଚିତତା ଘେରରେ ସର୍ଭିସ ରୋଡ କାର୍ଯ୍ୟ

**କଟକ ଅଫିସ, ୨୯।୮**

- ବ୍ରିଜ ପାଲଟିଛି ପାର୍କିଂ ସ୍ଥଳ
- ହୋଇପାରୁନି ଜମି ଅଧିଗ୍ରହଣ



କଟକ ମହାନଗର ନିଗମ ଅଞ୍ଚଳରେ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ହେଲେ କେତେକ କ୍ଷେତ୍ରରେ ପ୍ରଶାସନର ଅବହେଳା ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫଳରେ ସରକାରଙ୍କ ଅର୍ଥ ପାଣିରେ ପଡୁଥିବାବେଳେ ସହରବାସୀ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କଟକ ଲିଙ୍କ୍‌ରୋଡଠାରୁ ଓଏମ୍‌ପି ପର୍ଯ୍ୟନ୍ତ ସଂଲଗ୍ନ ହେଉଥିବା ବ୍ରିଜ ପାର୍ଶ୍ୱ କଲ୍ୟାଣନଗର ସର୍ଭିସ ରୋଡର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ରୋଡ୍ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ଙ୍କ ଦାୟିତ୍ୱରେ ରହିଛି। ଏନ୍‌ଏଚ୍‌ଏଆଇ ପକ୍ଷରୁ ତାଳଦଣ୍ଡା କେନାଲ ଉପରେ କୋଟି କୋଟି ଟଙ୍କା ବ୍ୟୟରେ ଏକ ବ୍ରିଜ ନିର୍ମାଣ କରାଗଲା କିନ୍ତୁ ଏହି ରୋଡ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡିରହିଛି। ଫଳରେ ଏହି ରାସ୍ତାରେ ବଡ ବଡ ଖାଲ ହୋଇଥିବାରୁ ଯାତାୟାତ ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ରାସ୍ତାପାର୍ଶ୍ୱରେ ବଡ ବଡ ପଥର ପଡିରହିଛି। ଏହି ରୋଡ କାର୍ଯ୍ୟ ଏବେ ଅନିଶ୍ଚିତତା ଭିତରେ ରହିଥିବାବେଳେ ଏହା ନିକଟ ତାଳଦଣ୍ଡା କେନାଲ ଉପରେ ନିର୍ମାଣ ହୋଇଥିବା ବ୍ରିଜ ଏବେ ପାର୍କିଂସ୍ଥଳ ପାଲଟିଛି। ଏ ନେଇ ବିଭାଗୀୟ ଅଧିକାରୀମାନେ ଜଣେ ଅନ୍ୟ ଜଣଙ୍କୁ ଦୋଷ ଦେଇ ଖସିଯିବାକୁ ବସିଛନ୍ତି। ଡ୍ରେନେଜ ସମସ୍ୟା, ଜମି ଅଧିଗ୍ରହଣ ପ୍ରକ୍ରିୟା ଲାଗି ରହିଥିବାରୁ ଏହି କାମ ଅଧାରେ ଅଟକିଛି ବୋଲି ଜଣାପଡିଛି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସମାଧାନର ପନ୍ଥା ବାହାର କରିବାରେ ଫେଲ୍ ମାରିଛି ପ୍ରଶାସନ। ଏ ନେଇ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ତଥା ମାନବାଧିକାର କର୍ମୀ ଅଭୟ ପଟ୍ଟନାୟକ କହିଛନ୍ତି, ପ୍ରାୟ ୩ ବର୍ଷ ହେବ ବ୍ରିଜ କାର୍ଯ୍ୟ ସରିଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ଶେଷ ହୋଇପାରୁନାହିଁ। ଫଳରେ ଏହି ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି। ଗୋପଦ ଅଭିଯାନରେ ଜିଲାପାଳ ଏବଂ ସିଏମ୍‌ସି କମିଶନର ଏଠାକୁ ଆସିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସମସ୍ୟା ସମ୍ପର୍କରେ ଏନ୍‌ଏଚ୍‌ଏଆଇର ପ୍ରୋଜେକ୍ଟ ଡାଇରେକ୍ଟର ଦେବୀ ପ୍ରସାଦ ସାହୁ କୁହନ୍ତି, କିନ୍ତୁ ଜମି ଅଧିଗ୍ରହଣ ନ ହୋଇପାରିବାରୁ ଏ କାର୍ଯ୍ୟ ଅଧାରେ ଅଟକିଛି। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ଏହି ରାସ୍ତା ବିଷୟରେ ଆମେ ଅନୁଧ୍ୟାନ କରୁଛୁ। କେଉଁଠି ସମସ୍ୟା ରହିଛି ତାହା ଜଣାପଡିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।



କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଗଣେଶଙ୍କ ମୃଣ୍ମୟୀ ପ୍ରତିମାକୁ ଜଣେ ଶିଳ୍ପୀ ରଙ୍ଗତୁଳୀରେ ରୂପରେଖ ଦେଉଛନ୍ତି।

## ଜାତୀୟ କ୍ରୀଡ଼ା ଦିବସ

**କଟକ ଅଫିସ, ୨୯।୮**

ଡ୍ରିମ୍‌ସ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ୍ରିମ୍‌ସର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଯୋଗଦେଇ ଭାରତୀୟ ହକିର କିମ୍ବଦନ୍ତୀ ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡା ଜଗତକୁ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶକ ଲୋକନାଥ ବେହେରା ଏବଂ କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର ଯୋଗଦେଇ ସୁସ୍ଥ ମନ ଓ ସୁସ୍ଥ ଶରୀର ପାଇଁ କ୍ରୀଡାର ବିଶେଷ ଭୂମିକା ରହିଛି। ଜୀବନ ବ୍ୟାପୀ ସାଧନା ପାଇଁ ମେଜର ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ସମ୍ମାନ ପ୍ରଦାନ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଥିଲେ। ଏହି ଅବସରରେ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଅଜିତ୍ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ରାଜ୍ୟର ଗୌରବ ବହନ କରୁଛି ବାରବାଟୀ ଷ୍ଟାଡିୟମ




ଅତିଥିମାନେ ପୁସ୍ତକ 'ସାଗା ଅଫ ଦି ବାରବାଟୀ ଷ୍ଟାଡିୟମ' ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ,୨୯।୮**

ଓଡ଼ିଶା କ୍ରୀଡ଼ାର ସଂସ୍କୃତି ବାରବାଟୀ ଷ୍ଟାଡିୟମରୁ ଆରମ୍ଭ। ଏହି ଷ୍ଟାଡିୟମର ଭୂମିକା ବର୍ଣ୍ଣନା କରିବା ଆବଶ୍ୟକତା ନାହିଁ। ଆମ ରାଜ୍ୟ ପାଇଁ ଏହି ଷ୍ଟାଡିୟମ ଗୌରବ ବହନ କରୁଛି। ଏହାର ଇତିହାସ ଓ ରାଜ୍ୟରେ କ୍ରୀଡ଼ାର ବିକାଶକୁ ଆଧାର କରି ପୁସ୍ତକ ଲେଖାଯିବାର ଆବଶ୍ୟକତା ଥିଲା ଓ ଏହା ପୂରଣ ହୋଇଛି ବୋଲି କହିଛନ୍ତି ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷଗେଟ ନିକଟ ସମ୍ମିଳନୀ କକ୍ଷରେ 'ସାଗା ଅଫ ଦି ବାରବାଟୀ ଷ୍ଟାଡିୟମ' ପୁସ୍ତକର ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ବେହେରା କହିଥିଲେ, ଜୀବନରେ ପୁସ୍ତକ ପଢ଼ିବାର ଆବଶ୍ୟକତା ବହୁତ। ବର୍ତ୍ତମାନର ଯୁବପିଢ଼ି ଏହା ବୁଝୁନାହାନ୍ତି। ବାରବାଟୀ ଷ୍ଟାଡିୟମ ଉପରେ ଲିଖିତ ପୁସ୍ତକ କ୍ରୀଡ଼ାପ୍ରେମୀଙ୍କ ସମେତ ସାଧାରଣ ଲୋକ ପଢ଼ିବାକୁ ମନ୍ତ୍ରୀ ବେହେରା ପରାମର୍ଶ ଦେଇଥିଲେ। ଏହି ପୁସ୍ତକକୁ ଲେଖିଛନ୍ତି କୈଳାସ ଚନ୍ଦ୍ର ଦାସ(୯୦)। ୧୯୫୬ରୁ କୈଳାସ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଓ ରାଜ୍ୟ କ୍ରୀଡ଼ା ଜଗତ ସହ ଜଡ଼ିତ। ଏହି କାର୍ଯ୍ୟକ୍ରମରେ ଦୀପକ ସାମନ୍ତରାୟ ସଭାପତିତ୍ୱ କରିଥିବାବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ପୂର୍ବତନ ଉପସଭାପତି ପ୍ରଭାତ କୁମାର ମିଶ୍ର, ଖାରବେଳ ମହାନ୍ତି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଷ୍ଟାଡିୟମର ଗ୍ରାଉଣ୍ଡ ତିଆରି ଠାରୁ ଆରମ୍ଭ କରି ବିଭିନ୍ନ ଗ୍ୟାଲେରି ନିର୍ମାଣ ଓ ଓଡ଼ିଶାରେ କ୍ରୀଡ଼ାର ଅନେକ ରୋଚକ ଇତିହାସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ଭଡ଼ାରେ ଲାଗିଛି ସରକାରୀ ବାସଭବନ

**ଟାଙ୍ଗୀ(କଟକ), ୨୯।୮(ଡି.ଏନ୍.ଏ.)**



ଟାଙ୍ଗୀ-ଚୌଦ୍ୱାର ବ୍ଲକ ପରିସରରେ ଥିବା କେତେକ ସରକାରୀ ବାସଭବନକୁ ବ୍ଲକ ଅଧିକାରୀମାନେ ନିଜେ ନ ରହି ଭଡାରେ ଦେଉଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଏହି ବ୍ଲକ ପରିସରରେ ବ୍ଲକ ଅଧିକାରୀମାନଙ୍କୁ ରହିବା ପାଇଁ କ୍ୱାର୍ଟର ଦିଆଯାଇଛି। ଏହି ଅଧିକାରୀମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ନାରାୟଣ ପ୍ରଧାନଙ୍କୁ ମଧ୍ୟ ଏକ ବାସଭବନ ଯୋଗାଇ ଦିଆଯାଇଛି। କିନ୍ତୁ ସେମାନେ କଟକରେ ରହୁଥିବାରୁ କ୍ୱାର୍ଟରଗୁଡ଼ିକ ବାହାର ଲୋକଙ୍କୁ ଭଡାରେ ଦେଇ ଦେଉଛନ୍ତି। ଏ ବିଷୟରେ ଜଣାପଡିବା ପରେ ସ୍ଥାନୀୟ ଲୋକେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଯନ୍ତ୍ରୀ ପ୍ରଧାନଙ୍କୁ ପଚାରିବାରେ କ୍ୱାର୍ଟରରେ ରହିଲେ କ'ଣ ଅଧିକା ହୋଇଥାନ୍ତା। ମୁଁ କୌଣସି ଘରୋଇ ଲୋକଙ୍କୁ ଭଡା ନ ଦେଇ ଜଣେ ସରକାରୀ ଲୋକଙ୍କୁ ଭଡା ଦେଇଛି। ସେଥିରେ ଅସୁବିଧା କ'ଣ ଅଛି। ମୁଁ ବ୍ଲକ ପରିସରରେ ରହୁ ନ ଥିବା ଏକଥା ବିଡିଓ ଜାଣିଛନ୍ତି। ଯଦି ଏଥି ନିମନ୍ତେ କୌଣସି ଅବହେଳା ହୁଏ ତେବେ ମୁଁ ଉପରକୁ ଉତ୍ତର ଦେବି ବୋଲି କହିଥିଲେ। ଏ ନେଇ ବିଡିଓ ବିନୋଦ କୁମାର ସେନାପତି କୁହନ୍ତି, ମୋ ଆସିବା ପୂର୍ବରୁ ତାଙ୍କୁ କ୍ୱାର୍ଟର ମିଳିଛି। କିନ୍ତୁ ରହୁଛନ୍ତି କି ନାହିଁ ସେ କଥା ଜାଣିନାହିଁ। ସମସ୍ତଙ୍କୁ ସରକାରୀ ବାସଗୃହ ଦେବା ସମ୍ଭବ ନୁହେଁ। କାର୍ଯ୍ୟର ଗୁରୁତ୍ୱ ଦେଖି ସରକାରୀ ବାସଗୃହ ଦିଆଯାଏ। ତେବେ ଅଭିଯୋଗ ହୋଇଛି। ତର୍ଜମା ପରେ ଯାହା ପଦକ୍ଷେପ ନିଆଯିବ।

## ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

**ମହିଳା ସମାବେଶ**

**କଟକ ଅଫିସ, ୨୯।୮**

ନିଖିଳ ଉତ୍କଳ ବାରିକ ସମିତି କଟକ ଜିଲା ଶାଖା ପକ୍ଷରୁ ଗୁରୁବାର ଟାଉନ ହଲ୍‌ରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଉପଦେଷ୍ଟା ଯତୀନ୍ଦ୍ରନାଥ ବାରିକ ଉଦ୍‌ଘାଟନ କରିଥିଲେ। ଏଥିରେ ମହିଳା ସଭାନେତ୍ରୀ ନମିତା ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ବାରିକ ସମାଜର ମହିଳା ଶକ୍ତି ନିଶ୍ଚିତ ଭାବେ ସରକାରୀ ପ୍ରୋତ୍ସାହନ ଭାଗୀଦାର ହେବେ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ। ବାରିକ ସମାଜର ଆର୍ଥିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ ବିକାଶ ଏଣିକି ସୁନିଶ୍ଚିତ ବୋଲି ସେ କହିଥିଲେ। ବରେଣ୍ୟ ଅତିଥି କଟକ ଜିଲା ସଭାପତି ଅକ୍ଷୟ କୁମାର ବାରିକ କହିଥିଲେ, ଛାତ୍ରୀଛାତ୍ରମାନଙ୍କର ଶିକ୍ଷାଦାନ କ୍ଷେତ୍ରରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ପରିପ୍ରେକ୍ଷୀରେ ଉମା ବାରିକଙ୍କୁ କଟକ ମହାନଗର ମହିଳା ସଭାନେତ୍ରୀ ଭାବେ ମନୋନୀତ କରାଯାଇ ସମ୍ମାନିତ କରାଯାଇଥିଲା। ଏଥିସହ ଏକ କମିଟି ଗଠନ କରାଯାଇ ମହିଳାଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ଅନିତା ବାରିକ, ପ୍ରିୟଙ୍କା ବାରିକ, ଶ୍ରୀବତ୍ସ ବାରିକ, ସଙ୍ଗଠନ ସମ୍ପାଦକ କୁମାର ଅମ୍ଳାନ, କାର୍ଯ୍ୟକାରିଣୀ ସଭ୍ୟ ରମା ବାରିକ, ପିଙ୍କି ବାରିକ, ପଦ୍ମିନୀ ବାରିକ, ରୀନା ବାରିକ, ଲକ୍ଷ୍ମୀ ବାରିକଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ।

## ଦୁର୍ଗା ପୂଜା କମିଟି ବୈଠକ

**ଚୌଦ୍ୱାର,୨୯।୮(ଡି.ଏନ୍.ଏ.)**

ଦୁର୍ଗାପୂଜା ଉପଲକ୍ଷେ ଚୌଦ୍ୱାର କଳିଙ୍ଗ ବଜାର ପୂଜା କମିଟିର ଏକ ବୈଠକ ମହାଲକ୍ଷ୍ମୀ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କ ଚୟନ କରାଯାଇଥିଲା। ସଭାପତି ଭାବେ କରୁଣାକର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ସାହୁ ଓ ସମ୍ପାଦକ ଭାବେ ପ୍ରମୋଦ ଦାସ ନିଯୁକ୍ତ ପାଇଥିଲେ। ଲକ୍ଷ୍ମୀପୂଜାକୁ ଶାନ୍ତି ଶୃଙ୍ଖଳାରେ ପାଳନ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚୈତନ୍ୟ ସାହୁ, ଗୋଲଖ ସାହୁ, ବାବାଜି ପୃଷ୍ଟି, ଘନଶ୍ୟାମ ସାହୁ, ରବୀନ୍ଦ୍ର ସାହୁ, ବୈଷ୍ଣବ ଦାସ ଓ ପ୍ରଶାନ୍ତ ଆଚାର୍ଯ୍ୟଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**କଟକ ସଦର,୨୯।୮(ଡି.ଏନ୍.ଏ.)**

ସାପ କାମୁଡ଼ାରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋରନଗର ଥାନା ଅନ୍ତର୍ଗତ ବୋଧପୁର ଗ୍ରାମର ଲକ୍ଷ୍ମୀପ୍ରିୟା ଭୋଇ(୪୫)। ସୂଚନା ଅନୁଯାୟୀ, ଲକ୍ଷ୍ମୀପ୍ରିୟା ମାଛ ଧରିବା ପାଇଁ ବିଲକୁ ଯାଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଏହା ପରେ ତାଙ୍କୁ ଚିକିତ୍ସା ପାଇଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଏନ୍‌ସିସି କ୍ୟାଡେଟ୍‌ଙ୍କ ସାଇକେଲ ଶୋଭାଯାତ୍ରା

**ଚୌଦ୍ୱାର,୨୯।୮(ଡି.ଏନ୍.ଏ.)**

ସ୍ୱଚ୍ଛତା ଓ ପ୍ରଦୂଷଣ ସଚେତନତା ପାଇଁ ଚୌଦ୍ୱାର କଲେଜ ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ଏକ ସାଇକେଲ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ସ୍ମୃତି ପଟ୍ଟନାୟକ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ପରେ କ୍ୟାଡେଟ୍‌ମାନେ ସଚେତନତା ବାର୍ତ୍ତା ଲେଖାଥିବା ହାତରେ ପ୍ଲାକାର୍ଡ ଓ ବ୍ୟାନର ସହିତ ସାଇକେଲ ଶୋଭାଯାତ୍ରାରେ ବାହାରି ଚୌଦ୍ୱାର ଅଞ୍ଚଳ ପରିକ୍ରମା କରିଥିଲେ। ଏହି ଅବସରରେ କଲେଜ ପରିସରରେ ଚାରାରୋପଣ କରାଯାଇଥିଲା। କଲେଜର ଏନ୍‌ସିସି ଅଫିସର ମେଜର ଡ. ଶୁଭ୍ରାଂଶୁ ରଞ୍ଜନ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଖାନନଗର ଅଞ୍ଚଳ ବୁଲିରେ ସିଏମ୍‌ସି କମିଶନର

**ଗୋପଦ ଅଭିଯାନ**

**କଟକ ଅଫିସ, ୨୯।୮**

ଫନୀକୁ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସହରର ଖାନନଗରରେ ଥିବା ଶବଦାହ ଚୁଲା ଏବେ ବି ଅଚଳ ହୋଇ ପଡ଼ିରହିଛି। ଏ ନେଇ କଟକ ମହାନଗର ନିଗମ (ସିଏମ୍‌ସି)କୁ ବାରମ୍ବାର ଅଭିଯୋଗ କରାଯାଇଛି। ହେଲେ ଏହାର ପୁନରୁଦ୍ଧାର ନିମନ୍ତେ ସିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିପରି ଖାନ୍‌ନଗର ପାର୍କ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପାର୍କରେ ଥିବା ବ୍ୟାୟାମ ଉପକରଣ, ଗଛଲତା, ପାନୀୟଜଳ ବ୍ୟବସ୍ଥା, ଟଏଲେଟ୍ ନଷ୍ଟ ହୋଇଥିଲେ ମଧ୍ୟ ଏହାର ପୁନରୁଦ୍ଧାର କରାଯାଇନାହିଁ। ଏ ନେଇ ଗୁରୁବାର ଗୋପଦ ଅଭିଯାନରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଯାଇଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ କମିଶନରଙ୍କୁ ଘେରି ଏହାର ପୁନରୁଦ୍ଧାର ପାଇଁ ଦାବି କରିଛନ୍ତି। ଏ ନେଇ ଅଞ୍ଚଳବାସୀ କହିଛନ୍ତି, ଫନୀ ଯିବାର ଦୀର୍ଘଦିନ ବିତିଗଲାଣି। କିନ୍ତୁ ଏହି ବିଦ୍ୟୁତ୍ ଚାଳିତ ଶବଦାହ ଚୁଲା ମରାମତି ହୋଇନାହିଁ। ଏଥିସହ ଉକ୍ତ ପାର୍କର ପୁନରୁଦ୍ଧାର ହୋଇପାରିଲାନାହିଁ। ଏ ସମ୍ପର୍କରେ ବାରମ୍ବାର ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଏଥିପ୍ରତି ସିଏମ୍‌ସି ପଦକ୍ଷେପ ନେବାରେ ଅବହେଳା କରୁଛି। ଗୁରୁବାର କମିଶନର ଆସି ଶବଦାହ ଗୃହ ଏବଂ ଏହାର ଆଖପାଖ ଅଞ୍ଚଳ ବୁଲି ଦେଖିଥିଲେ। ଏହାର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ କମିଶନରଙ୍କୁ ଅବଗତ କରାଯାଇଛି। ଏ ନେଇ କମିଶନର ଦାସ କହିଛନ୍ତି, ଏହାକୁ ନେଇ ଆମ ପାଖରେ ଅଭିଯୋଗ ହୋଇଛି। ଦୁଇମାସ ଭିତରେ ଏହାର ପୁନରୁଦ୍ଧାର କରାଯିବ। ଏଥିସହ ଅଞ୍ଚଳକୁ ସଫା ରଖିବା ଓ ଶବଦାହ ଗୃହ ପଛପଟେ ଆଉ ଏକ ପ୍ରବେଶ ଦ୍ୱାର କରାଯିବ ବୋଲି କମିଶନର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀଙ୍କ ସମେତ ସିଏମସି ଓ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୮୦ହଜାର ଟଙ୍କା, ସୁନା ଅଳଙ୍କାର ଲୁଟ୍

**ଖୁଣ୍ଟୁଣୀ,୨୯।୮(ଡି.ଏନ୍.ଏ.)**



ଆହତ ରଘୁନାଥ ଓ ରବୀନ୍ଦ୍ର।

- ପ୍ରତିବାଦ କରିବାରୁ ଦୁଇ ପୁଅଙ୍କୁ ଭୁଜାଲିରେ ଆକ୍ରମଣ
- ସାଇଣ୍ଟିଫିକ ଟିମ ଓ ପୋଲିସର ତଦନ୍ତ ଆରମ୍ଭ

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତ ଗ୍ରାମର ଗନ୍ଧର୍ବ ନାୟକଙ୍କ ଘରୁ ୮୦ହଜାର ଟଙ୍କା ଓ ୬ଭରି ସୁନା ଅଳଙ୍କାର ଲୁଟ୍ ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବ୍ରାହ୍ମଣବସ୍ତ ଗ୍ରାମର ଗନ୍ଧର୍ବ, ତାଙ୍କ ସ୍ତ୍ରୀ ପ୍ରମିଳା ଓ ବଡ଼ ପୁଅ ରଘୁନାଥ ବୁଧବାର ରାତିରେ ଘର ଡାଇନିଂରେ ଶୋଇଥିଲେ। ଅନ୍ୟ ସଦସ୍ୟମାନେ ରୁମ ଭିତରେ ଶୋଇଥିଲେ। ଗନ୍ଧର୍ବଙ୍କ ସିଡି ଘରେ କବାଟ ଲାଗି ନ ଥିବାରୁ ବିଳମ୍ବିତ ରାତିରେ ପ୍ରାୟ ୭ଜଣ ଦୁର୍ବୃତ୍ତ ମୁହଁରେ କଳାପଟି ବାନ୍ଧି ଘର ଭିତରକୁ ପ୍ରବେଶ କରିଥିଲେ। ପରେ ସେମାନେ ଗନ୍ଧର୍ବ, ପ୍ରମିଳା, ରଘୁନାଥଙ୍କୁ ବାନ୍ଧିବା ସହ ବନ୍ଧୁକ ଓ ଭୁଜାଲି ଦେଖାଇ ଆଲମିରା ଚାବି ମାଗିଥିଲେ। ରଘୁନାଥ ଚାବି ନ ଥିବା କହିବାରୁ ଜଣେ ଦୁର୍ବୃତ୍ତ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପରିବାର ସଦସ୍ୟ ଓ ରଘୁନାଥଙ୍କ ସାନଭାଇ ରବୀନ୍ଦ୍ର ଡାଇନିଂକୁ ଆସିଥିଲେ। ଏହାପରେ ଜଣେ ଦୁର୍ବୃତ୍ତ ରବୀନ୍ଦ୍ରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଆଲମିରା ଚାବି ମାଗିଥିଲେ। ସେ ମଧ୍ୟ ଚାବି ନ ଥିବା କହିବାରୁ ଜଣେ ଦୁର୍ବୃତ୍ତ ମଧ୍ୟ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଭୟରେ ରବୀନ୍ଦ୍ର ଚାବି ଦେଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ଆଲିମିରାରୁ ୬ଭରିର ଅଳଙ୍କାର ଓ ୮୦ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଖବରପାଇ ଗୁରୁଡ଼ିଝାଟିଆ ପୋଲିସ ପହଞ୍ଚି ଦୁଇ ଭାଇଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଗୁରୁବାର ପୂର୍ବାହ୍ନରେ ଥାନା ଅଧିକାରୀ ବିଜୟ କୁମାର ବିସି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ ଓ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୮୧/୧୯)ରୁଜୁ କରିଛି।

## ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୨୯।୮**

କଟକ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଅଣଓସାରିଆ ରାସ୍ତା ସହ ରାସ୍ତାକଡ଼ରେ ଉଠା ଦୋକାନ ଏବଂ ପାର୍କିଂ ଯୋଗୁ ଏଭଳି ସମସ୍ୟା ଉପୁଜୁଛି। ଟ୍ରାଫିକ ସମସ୍ୟା ଦୂର ପାଇଁ କିଛିଦିନ ହେବ ଟ୍ରାଫିକ ପୋଲିସ ପକ୍ଷରୁ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଗୁରୁବାର ଶିଖରପୁରଠାରୁ ମାତାମଠ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଅଞ୍ଚଳରେ ରହିଥିବା ୪୦ ଊର୍ଦ୍ଧ୍ୱ ଉଠାଦୋକାନକୁ ଉଚ୍ଛେଦ କରାଯିବା ସହ ଦୋକାନରେ ଥିବା ସାମଗ୍ରୀକୁ ପୋଲିସ ଜବତ କରିଛି। ଏହି ସବୁ ସ୍ଥାନରେ ଆଗକୁ ଯଦି ପୁନର୍ବାର ଜବରଦଖଲ କରାଯାଏ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଜରିମାନା ଆଦାୟ କରାଯିବ ବୋଲି ଟ୍ରାଫିକ ପୋଲିସ ପକ୍ଷରୁ କୁହାଯାଇଛି। ଉଚ୍ଛେଦ ସମୟରେ ଟ୍ରାଫିକ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗଙ୍କ ସମେତ ଥାନାର ଅନ୍ୟ ଅଧିକାରୀ ଓ ଏକ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ

## ଯୌତୁକ ପାଇଁ ସ୍ତ୍ରୀଙ୍କୁ ନିର୍ଯାତନା: ସ୍ୱାମୀ ଗିରଫ

ବାଲୁଗାଁ,୨୯।୮(ଡି.ଏନ.ଏ.)- ଅଧିକ ଯୌତୁକ ଅର୍ଥ ଦାବି କରି ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ବାଲୁଗାଁ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ଟାଙ୍ଗୀ ଥାନା ବଡକୁହୁଡ଼ି ଗ୍ରାମର ଜଗନ୍ନାଥ ନାୟକ। ପ୍ରକାଶ ଯେ, ବାଲୁଗାଁ ଥାନା ଅଧୀନ ବ୍ରାହ୍ମଣ କୁଶଡ଼ିହ ଗ୍ରାମର ଶରତ ନାୟକଙ୍କ ଝିଅ ସଙ୍ଗୀତା ୩ବର୍ଷ ତଳେ ବଡ଼ କୁହୁଡ଼ି ଗ୍ରାମର ଅନନ୍ତ ନାୟକଙ୍କ ପୁଅ ଜଗନ୍ନାଥଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଝିଅଘର ପକ୍ଷରୁ ବରପକ୍ଷକୁ ପ୍ରଦାନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଅର୍ଥ ବାପଘରୁ ଆଣିବା ପାଇଁ ଜଗନ୍ନାଥ ସ୍ତ୍ରୀଙ୍କ ଉପରେ ଚାପ ପକାଉଥିଲେ। ଏଥିନେଇ ସେ ସଙ୍ଗୀତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସଙ୍ଗୀତା ବାପଘରକୁ ପଳାଇ ଆସି ଏ ସମ୍ପର୍କରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜଗନ୍ନାଥଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

## ବଧୂହତ୍ୟା : ସ୍ୱାମୀ ଅଟକ

ଖୋର୍ଦ୍ଧା ଅଫିସ, ୨୯।୮: ପରକୀୟା ପ୍ରୀତି କାରଣରୁ ଜଙ୍କିଆ ଥାନାର ଓରିମି ଗାଁରେ ଗୁରୁବାର କବିତା ଶ୍ରୀଚନ୍ଦନ ନାମ୍ନୀ ଜଣେ ବୋହୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଦଫା ୩୯୮ ଓ ୪୯୮(ଏ) ରେ ନଂ. ୧୩୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ସ୍ୱାମୀ ସନ୍ତୋଷ ଶ୍ରୀଚନ୍ଦନଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୋଗ ଅନୁସାରେ ଶଗଡଭଙ୍ଗା ଗାଁର କରୁଣାକର ଛୋଟରାୟଙ୍କ ଝିଅ କବିତା ପ୍ରାୟ ୧୫ ବର୍ଷ ତଳେ ଓରିମି ଗାଁର ଗୋବିନ୍ଦ ଶ୍ରୀଚନ୍ଦନଙ୍କ ପୁଅ ସନ୍ତୋଷଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ୮୦ ହଜାର ଟଙ୍କା, ସୁନା ମୁଦି, ସୁନା ଚେନ ସହ ଘର ଉପକରଣ ଯୌତୁକ ଆକାରରେ ଦିଆଯାଇଥିଲା। ବିବାହର ୫ ବର୍ଷ ପର୍ଯ୍ୟନ୍ତ ସ୍ୱାମୀ ସ୍ତ୍ରୀ ଭଲରେ ଚଳିଥିଲେ। ଏହି ଦମ୍ପତିଙ୍କର ପୁଅ ଦଶମ ଶ୍ରେଣୀରେ ପାଠ ପଢୁଥିବାବେଳେ ଝିଅ ୨ୟ ଶ୍ରେଣୀରେ ପଢୁଛି। ତେବେ ୬ରୁ ୭ ବର୍ଷ ତାଳୁ ସନ୍ତୋଷଙ୍କ ପରକୀୟା ପ୍ରୀତି କାରଣରୁ ଘରେ ବିବାଦ ଆରମ୍ଭ ହୋଇଥିଲା। ସ୍ୱାମୀ ବିଭିନ୍ନ ସମୟରେ ପତ୍ନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାରି ଦେବାକୁ ଉଦ୍ୟମ କରିଥିଲେ। ହେଲେ କବିତା ବର୍ତ୍ତି ଯାଇଥିଲେ। ବୁଧବାର ରାତିରେ କବିତାଙ୍କୁ ହତ୍ୟା କରାଯାଇଛି। ପୋଲିସ ମୃତଦେହ ଜବତ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଏଡ୍‌ସ ସଚେତନତା ଶିବିର

ଚିଲିକା, ୨୯।୮(ଡି.ଏନ.ଏ.)- ଚିଲିକା ବ୍ଲକ୍ ଅନ୍ତର୍ଗତ ପଞ୍ଚୁପଲ୍ଲୀ ଭୀମ ବଳବନ୍ତରାୟ ମହାବିଦ୍ୟାଳୟ, ଆଙ୍କୁଲାଚଟି ପରିସରରେ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍ ଶାଖା ଆନୁକୂଲ୍ୟରେ ଏକଦିବସୀୟ ଏଡ୍‌ସ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ରନାଥ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ତଥା ଖୋର୍ଦ୍ଧା ଜିଲା ଯୁଥ୍ ରେଡକ୍ରସର ସଂଯୋଜକ ଲକ୍ଷ୍ମୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଶିକ୍ଷାବିଭାଗ ଅଧାପକ ସଂଗ୍ରାମ କେଶରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଥ୍ ରେଡକ୍ରସର ସଂଯୋଜକ ଅଧାପକ ରବି ଶଙ୍କର ହୋତା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ, ଛାତ୍ରାଛାତ୍ର, ଅଣଶିକ୍ଷକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

■ ଜାତୀୟ ରାଜପଥରେ ଲୁଟେରା ସକ୍ରିୟ

# ୫ ବର୍ଷରେ ୯ ଜଣଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ, ୨୯।୮: ଖୋର୍ଦ୍ଧା ଜିଲା ଦେଇ ଅତିକ୍ରମ କରିଥିବା କୋଲକାତା-ମାଡ୍ରାସ ୧୬ ନଂ. ଓ ବଲାଙ୍ଗୀର- ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଲୁଟେରା ସକ୍ରିୟ ହୋଇ ପଡିଛନ୍ତି। ଦିନବେଳା କାଁ ଭାଁ ଲୁଟ୍ ହେଉଥିବାବେଳେ ସନ୍ଧ୍ୟାରେ ରାଜପଥ ନିରାପଦ ନୁହେଁ। ଗତ ୫ ବର୍ଷ ମଧ୍ୟରେ ଲୁଟ୍ ବେଳେ ବାଇକରୁ ଖସି ୯ ଜଣଙ୍କ ମୃତ୍ୟୁ ଘଟି ସାରିଲାଣି। ବିଭିନ୍ନ ଲୁଟ୍ ସମୟର ତରିକାକୁ ଅନୁଧ୍ୟାନ କଲେ ଲୁଟେରାଙ୍କ ଟାର୍ଗେଟରେ ବାଇକ୍ ରହିଥିବା ସ୍ପଷ୍ଟ ହୋଇଛି। କାରଣ ବାଇକ୍‌ରେ ଯାଉଥିବା ଯାତ୍ରୀଙ୍କଠାରୁ ଲୁଟ୍ କଲେ ଧରା ପଡିବାର ଭୟ ନାହିଁ। ଲୁଟେରାମାନେ ବନ୍ଧୁକ ଦେଖାଇ ଟଙ୍କା, ସୁନା, ରୁପ ଅଳଙ୍କାର ସହ ବାଇକ ମଧ୍ୟ ଲୁଟି ନେଉଛନ୍ତି। ଲୁଟେରାମାନଙ୍କୁ କାବୁ କରିବାକୁ ପୋଲିସର ପଦକ୍ଷେପ ନାହିଁ। ପାଟ୍ରୋଲିଂ ନ ଥିବାରୁ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଗତ ୨ ମାସ ମଧ୍ୟରେ ଦୁଇ ରାଜପଥ ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ଲୁଟ୍ ହୋଇ ସାରିଲାଣି। ତେବେ ବେଶି ଲୁଟ୍ ହେଉଛି ୧୬ ନଂ. ଜାତୀୟ ରାଜପଥରେ। ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଆଦର୍ଶ ଥାନାର ପିତାପଲ୍ଲୀ ଛକଠାରୁ ବାଣପୁର ଥାନାର ହାଟବରଡିହ ଛକ ପର୍ଯ୍ୟନ୍ତ ଲୁଟେରାମାନେ ସେମାନଙ୍କର ରାଜ୍ ଚଳାଇଛନ୍ତି। ଲୁଟ୍ ପରେ ଲୁଟେରାମାନେ ନୟାଗଡ ଓ ଗଞ୍ଜାମ ଜିଲା ସୀମାକୁ ଚାଲି ଯାଉଛନ୍ତି। ଏହି ରାଜପଥ ଅଞ୍ଚଳରେ ଖୋର୍ଦ୍ଧା ଆଦର୍ଶ ଥାନା, ଖୋର୍ଦ୍ଧା ସଦର ଥାନା, ଜଙ୍କିଆ ଥାନା, ନିରାକାରପୁର ଥାନା, ଟାଙ୍ଗୀ ଥାନା, ବାଲୁଗାଁ ଥାନା ଓ ବାଣପୁର ଥାନା ଏବଂ ନୟାଗଡ ଜିଲାର ଚାନ୍ଦପୁର ଥାନା ରହିଥିଲେ ହେଁ ଅପରାଧୀଙ୍କୁ ରୋକ୍ ଲଗାଇ ପାରୁନି। ସେହିପରି ୫୭ ନଂ. ଜାତୀୟ ରାଜପଥରେ ଖୋର୍ଦ୍ଧା ଆଦର୍ଶ ଥାନା, ବାଘମାରୀ ଥାନା, ବେଗୁନିଆ ଥାନା,

■ ଟାର୍ଗେଟରେ ବାଇକ୍
■ ସନ୍ଧ୍ୟା ହେଲେ ରାଜପଥ ନୁହେଁ ନିରାପଦ

ବୋଲଗଡ ଥାନା ଏବଂ ନୟାଗଡ ଜିଲାର ରଣପୁର ଥାନାର ସୁନାଖଳା ଫାଣ୍ଡି ଆସୁଛି। ଏହି ରାସ୍ତାରେ ଲୁଟେରାମାନେ ମଧ୍ୟ ପୋଲିସକୁ ଚକମା ଦେଖାଇ ଲୁଟ୍ କରି ଚାଲିଛନ୍ତି। ଗତ ୨ ମାସ ମଧ୍ୟରେ ୯ ଟି ଲୁଟ୍ ହୋଇ ସାରିଲାଣି। ଲୁଟେରାମାନେ ଖୋର୍ଦ୍ଧା ଜିଲାର ସଡକ ପଥରେ ଲୁଟ୍ କରି ନୟାଗଡ ଜିଲାକୁ ଚାଲି ଯାଉଛନ୍ତି। ଅପରପକ୍ଷେ ୧୬ ନଂ. ଜାତୀୟ ରାଜପଥରେ ୬ ଜଣଙ୍କର ଓ ୫୭ ନଂ ଜାତୀୟ ରାଜପଥରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଗତ ୨୪ ତାରିଖରେ ଜଣେ ମହିଳାଙ୍କଠାରୁ ଲୁଟ୍ ହୋଇଥିଲା। ମହିଳା ଜଣକ ବାଇକ୍‌ର ପଛପାଖରେ ବସିଥିବାବେଳେ ଲୁଟେରାମାନେ ଠେଲି ଦେଇ ଲୁଟ୍ କରିଥିଲେ। ତେବେ ଚଳନ୍ତା ବାଇକରୁ ଖସି ମହିଳା ପ୍ରାଣ ହରାଇଥିଲେ।

### ଥାନାରେ ଅଭିଯୋଗ ହେଉନି ଅଧିକାଂଶ ଲୁଟ୍

୫୭ ନଂ. ଓ ୧୬ ନଂ. ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଲୁଟ୍ ଚାଲିଛି। ତେବେ ଲୁଟ୍ ପରେ ଅଧିକାଂଶ ଲୋକ ଥାନାରେ ଅଭିଯୋଗ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କାରଣ ଥାନାକୁ ଗଲେ ନ୍ୟାୟ ମିଳୁନି। ପ୍ରଥମତଃ ମକଦ୍ଦମା ରୁଜୁ କରିବାକୁ ପୋଲିସକୁ ହାତଗୁଞ୍ଜା ଦେବାକୁ ପଡୁଛି। ୨ୟରେ ମକଦ୍ଦମା ପରେ ଲୁଟେରାଙ୍କୁ ଧରିବାକୁ ପୋଲିସର ଆନ୍ତରିକତା ରହୁ ନାହିଁ। ଲୁଟେରା ଯାହା ନେଲେ ପରେ ପୋଲିସ ପାଇଁ ଖର୍ଚ୍ଚ କରିବାକୁ ଅଧିକାଂଶ ଲୋକ ଚାହୁଁ ନାହାନ୍ତି। ବରଂ ଭାଗ୍ୟକୁ ଆଦରି ଚୁପ ରହୁଛନ୍ତି। ଏଭଳିସ୍ଥଳେ ପୋଲିସ କେତେଦୂର ଲୋକଙ୍କ ନିକଟତର ହେଉଛି ତାହା ଅନୁମେୟ।



ବାଲୁଗାଁ ବଜାର ଉପର ରାସ୍ତାରେ ଛିଡି ପଡିଥିବା ବିଦ୍ୟୁତ୍ ତାର।

■ ବାଲୁଗାଁ ବଜାରରେ ଛିଣ୍ଡିଲା ବିଦ୍ୟୁତ୍ ତାର:

## କୁକୁର ମୃତ, ବର୍ତ୍ତିଲେ ଲୋକେ

ବାଲୁଗାଁ,୨୯।୮(ଡ଼ି.ଏନ.ଏ. ଆଗକୁ ଗଣେଶ ପୂଜା ହେତୁ ବାଲୁଗାଁ ବଜାର ଅଞ୍ଚଳ ଜନଗହଳି ପୂର୍ଣ୍ଣ ରହିଥିବାବେଳେ ଗୁରୁବାର ରାତି ପ୍ରାୟ ୯ଟାରେ ହଠାତ୍ ଗାନ୍ଧୀ ଛକ ନିକଟ ବାଣପୁର ରୋଡ଼ରେ ଏକ ବିଦ୍ୟୁତ୍ ଖୁଣ୍ଟରୁ ଉଚ୍ଚ ଶକ୍ତିସମ୍ପନ୍ନ ତାର ଶର୍ଟସର୍କିଟ ହୋଇ ଛିଣ୍ଡି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ କୁକୁରର ମୃତ୍ୟୁ ହୋଇଥିବାବେଳେ ସୌଭାଗ୍ୟବଶତଃ ଏହି ଜନଗହଳି ପୂର୍ଣ୍ଣ ରାସ୍ତା ଦେଇ ଯାତାୟାତ କରୁଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ଆସନ୍ନ ବିପଦରୁ ବର୍ତ୍ତି ଯାଇଛନ୍ତି। ତାରଟି ପଡ଼ିବା କ୍ଷଣି ଭୟରେ ଲୋକେ ଏଣେତେଣେ ଦୌଡ଼ିଥିଲେ। ଏହି ଘଟଣା ପାଇଁ ସ୍ଥାନୀୟ ଲୋକେ ମୁଖ୍ୟତଃ ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛନ୍ତି। ପ୍ରକାଶ ଯେ, ବହୁ ବର୍ଷ ଧରି ପୁରୁଣା ତାରକୁ ବଦଳା ଯାଉ ନ ଥିବା ଯୋଗୁ ଏହିପରି ବାରମ୍ବାର ଦୁର୍ଘଟଣା ଘଟୁଛି। ବିଭାଗୀୟ ଅପାରଗତା ଯୋଗୁ ସଦାସର୍ବଦା ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ଆଗାମୀ ଦିନରେ ବିଭାଗ ତରଫରୁ ପୁରୁଣା ତାରକୁ ବଦଳାଇବା ଏବଂ ମରାମତି କ୍ଷେତ୍ରରେ ଉଚିତ ପଦକ୍ଷେପ ନ ନେଲେ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ପ୍ରକାଶ କୁମାର ପଣ୍ଡାଙ୍କୁ ପଚାରିବାରେ ବିଭିନ୍ନ ସ୍ଥାନରେ ଉଚ୍ଚ ଶକ୍ତିସମ୍ପନ୍ନ ତାରଗୁଡ଼ିକୁ କେବୁଲ୍ ଦ୍ୱାରା ଆଚ୍ଛାଦିତ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଜାରି ରହିଛି। ଖୁବ୍ କମ୍ ଦିନ ମଧ୍ୟରେ ତଦନ୍ତ କରି ପୁରୁଣା ଓ ଛିଣ୍ଡା ତାର ଗୁଡ଼ିକୁ ବଦଳାଇବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆଦର୍ଶ ପଞ୍ଚାୟତ ପରିଦର୍ଶନ

କୃଷ୍ଣପ୍ରସାଦ,୨୯।୮(ଡି.ଏନ.ଏ.) ଗତ ବାତ୍ୟା ଓ ବିଭିନ୍ନ ପ୍ରାକୃତିକ ଦୁର୍ବିପାକରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ବ୍ରହ୍ମପୁର ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ ଗୁରୁବାର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ, ରାସ୍ତା ଘାଟ, ଚିଲିକା ରିଂ ବନ୍ଧ ଆଦି ପରିଦର୍ଶନ କରିଥିଲେ। ବିଭିନ୍ନ ସୁବିଧା, ସୁଯୋଗ ଓ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସିଂ କହିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝି, ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସାମନ୍ତରାୟ, ସରପଞ୍ଚ କ୍ଷଣପ୍ରଭା କରଣ, ପିଇଓ ଦିଲୀପ କୁମାର ତରେଇ ପ୍ରମୁଖ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଉପସ୍ଥିତ ଥିଲେ।



ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟମାନେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ଜାତୀୟ କ୍ରୀଡା ଦିବସ

ଖୋର୍ଦ୍ଧା ଅଫିସ, ୨୯।୮: ଗୁରୁବାର ଜାତୀୟ କ୍ରୀଡା ଦିବସ ଅବସରରେ ବାଣପୁର ଗମ୍ଭାରୀମୁଣ୍ଡାସ୍ଥିତ ପତିତପାବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ ଦଉଡି ଡିଆଁ ଓ ଛାତ୍ରମାନେ କବାଡି ଖେଳି ଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ଲୁସି ନାୟକ ଚାମ୍ପିୟନ ହୋଇଥିବା ବେଳେ ଦଶମ 'କ' ବିଭାଗ ଦଳଗତ ଚାମ୍ପିୟନ ହୋଇ ପୁରସ୍କାର ଲାଭ କରିଥିଲେ। ଅପରାହ୍ନରେ କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ହୋତା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଦିଲୀପ କୁମାର ସ୍ୱାଇଁ, ପ୍ରଦୀପ କୁମାର ଦାସଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷକ ଶଶିକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

■ ଡିଙ୍ଗର ସମିତି ସଭ୍ୟଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା ମାମଲା

## ଅତିରିକ୍ତ ଜିଲା ଜଜ୍‌କୋର୍ଟରେ ରହିତାଦେଶ

ଖୋର୍ଦ୍ଧା ଅଫିସ, ୨୯।୮: ଖୋର୍ଦ୍ଧା ସିଭିଲ ଜଜ୍ ସିନିୟର ଡିଭିଜନଙ୍କ କୋର୍ଟରେ ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ସମିତି ସଭ୍ୟଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା ମାମଲା ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଗତ ୨୪ ତାରିଖରେ ରହିତାଦେଶ ମିଳିଛି। ଏଣୁ ଡିଙ୍ଗର ସମିତି ସଭ୍ୟ ପ୍ରମୋଦ କୁମାର ସ୍ୱାଇଁଙ୍କୁ ଆଶ୍ୱସ୍ତି ମିଳିଛି। ରହିତାଦେଶ ନ ଉଠିବା ପର୍ଯ୍ୟନ୍ତ ଡିଙ୍ଗର ସମିତିସଭ୍ୟ ପୂର୍ବଭଳି କାମ କରିବାକୁ ନିର୍ଦ୍ଦେଶ ରହିଛି ବୋଲି ପ୍ରମୋଦଙ୍କ ଓକିଲ ଆଇନଜୀବୀ ଅଜିତ୍ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ୨୦୧୭ ପଞ୍ଚାୟତ ନିର୍ବାଚନରେ ପ୍ରମୋଦ ଡିଙ୍ଗର ପଞ୍ଚାୟତ ପାଇଁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତେବେ ନିର୍ବାଚନ ପାଇଁ ଦାଖଲ ପ୍ରାର୍ଥୀପତ୍ରରେ ତାଙ୍କର ୩ଟି ସନ୍ତାନ ବୋଲି ଦର୍ଶାଇଥିଲେ। ତେବେ ପ୍ରମୋଦଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ଚଣ୍ଡିଆପଲ୍ଲୀ ଗ୍ରାମର ସଉରୀ ସାହୁ ଖୋର୍ଦ୍ଧା ସିଭିଲ ଜଜ ସିନିୟର ଡିଭିଜନଙ୍କ କୋର୍ଟରେ ମକଦ୍ଦମା ଦାଏର କରିଥିଲେ। ଯାହାର ରାୟ ଅଗଷ୍ଟ ୯ରେ ପ୍ରକାଶ ପାଇଥିଲା। ଏଥିରେ ଖୋର୍ଦ୍ଧା ସିଭିଲ ଜଜ୍ ସିନିୟର ଡିଭିଜନଙ୍କ କୋର୍ଟରେ ଜଜ୍ ସମିତିସଭ୍ୟ ପ୍ରମୋଦଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା କରିଥିଲେ। ଏ ନେଇ ବେଗୁନିଆ ବିଡିଓ ରବି ନାରାୟଣ ମାଝି କୁହନ୍ତି, ନିର୍ବାଚନ ଅସିଦ୍ଧ ଘୋଷଣା ସମ୍ପର୍କିତ କୋର୍ଟରେ ନିର୍ଦ୍ଦେଶନାମା ଫାଇଲକୁ ସମିତିସଭ୍ୟ ପ୍ରମୋଦଙ୍କ ନିକଟକୁ ପଠାଯାଇଥିଲା। ହେଲେ ସେ ଗ୍ରହଣ ନ କରିବାରୁ ଫେରି ଆସିଛି।

### ଫନୀ କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବଣ୍ଟନ ଘଟଣା

## ଚିରକୁଟି ଦେବା ନେଇ ଅସନ୍ତୋଷ

ନିରାକାରପୁର, ୨୯।୮ (ଡି.ଏନ.ଏ.) ଫନୀ କ୍ଷତିଗ୍ରସ୍ତମାନଙ୍କୁ ୱାର୍ଲ୍ଡ ଭିଜନ ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରିଲିଫ୍ ବଣ୍ଟନ ଘଟଣାକୁ ନେଇ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଲେଣ୍ଡୋ ପଞ୍ଚାୟତରେ ଏହି ଘଟଣାକୁ ନେଇ ତୁମୂଳ କାଣ୍ଡ ଘଟିଥିଲା। ନିର୍ଦ୍ଦିଷ୍ଟ ଦଳର କେତେଜଣଙ୍କୁ କାଗଜ ଚିରିକୁଟି ଧରାଇ ସହାୟତା କିଟ୍ ଦିଆଯାଇଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ତେବେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି, ଆମେ ସରପଞ୍ଚଙ୍କ ସହ ଆଲୋଚନା କରି ରିଲିଫ୍ ବଣ୍ଟନ କରିଛୁ। ଏ ସମ୍ପର୍କରେ ପଚାରିବାରୁ ଆମ ପାଖରେ କିଛି ଖବର ନାହିଁ ବୋଲି ସରପଞ୍ଚ କହିଥିଲେ। ସ୍ୱେଚ୍ଛାସେବୀ ସଂସ୍ଥାର ମ୍ୟାନେଜର ଉଦିତ ନାୟକ ଏ ଘଟଣା ନେଇ କହିଥିଲେ, ଜିଲାପାଳଙ୍କ ସହ ଆଲୋଚନା କରି ଆମେ ରିଲିଫ୍ ବଣ୍ଟନ କରିବା ଉଚିତ ଥିଲା। ଠିକ୍ ଅଛି, ଏବେ ଆମେ ନିଜେ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି କିଟ୍ ଦେବୁ। ଆଗରୁ ଦିଆ ଯାଇଥିବା ଲିଷ୍ଟକୁ ବାତିଲ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

## ଫନୀରେ ଉପୁଡି ପଡିଥିବା ଗଛକୁ ବେଆଇନ ଚାଲାଣ



ଉପୁଡି ପଡିଥିବା ଗଛକୁ କାଟି ଚାଲାଣ କରାଯାଉଛି।

ଖୋର୍ଦ୍ଧା ଅଫିସ, ୨୯।୮ ଖୋର୍ଦ୍ଧା ରେଞ୍ଜ ତରତୁଆ ଜଙ୍ଗଲର ପାଇକତିଗିରିଆ ଅଞ୍ଚଳରେ ଫନୀ ବାତ୍ୟାରେ ଉପୁଡି ପଡିଥିବା ୟୁକାଲ ପଟାସ, ଆକାଶିଆ ଗଛଗୁଡିକୁ କେତେଜଣ ଲୋକ ବେଆଇନ ଭାବେ ବିକ୍ରି କରୁଛନ୍ତି। ବନ ବିଭାଗ ନିକଟରେ ଅଭିଯୋଗ କଲେ ସୁଫଳ ମିଳୁନି। ବରଂ ଜଙ୍ଗଲର ଖାତା ନଂ. ଓ ପ୍ଲଟ ନଂ. ଆଣ ତଦନ୍ତ କରିବା ବୋଲି ସଫେଇ ଦିଆଯାଉଛି। ପ୍ରାପ୍ତ ସୂଚନା ଅନୁସାରେ, ୨୦୧୦ରେ ଏଠାରେ ଥିବା ୨୪୦ରୁ ୨୦୦ ହେକ୍ଟର ଜମିରେ ୟୁକାଲ ପଟାସ ଓ ଆକାଶିଆ ଗଛ ଲାଗିଥିଲା। ଏଥିରୁ ପ୍ରାୟ ୪୦ ପ୍ରତିଶତ ଗଛ ଫନୀରେ ଉପୁଡି ପଡିଥିଲା। ତେବେ ଏଗୁଡିକ ବନ ବିଭାଗ ସୁରକ୍ଷା ନ ଦେଇ ବେଆଇନ ବିକ୍ରି କରୁଥିବା ଲୋକଙ୍କୁ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଖୋର୍ଦ୍ଧା ରେଞ୍ଜର ଉତ୍ତମ ଗଡନାୟକ କୁହନ୍ତି, ବେଆଇନ ଭାବେ ବିକ୍ରି ହେଉଥିବା କାଠ ଜବତ କରାଯାଇଛି। ଏଥିପ୍ରତି ବିଭାଗ ପକ୍ଷରୁ ନଜର ରହିଛି ବୋଲି କହିଛନ୍ତି।

## ଟାଙ୍ଗୀ କରାଟେ ସ୍କୁଲର ସଫଳତା ହେତୁ ଅଭିନନ୍ଦନ

ଟାଙ୍ଗୀ(ଖୋର୍ଦ୍ଧା),୨୯।୮(ଡି.ଏନ.ଏ.) ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହରି ପ୍ରସାଦ ପଟ୍ଟନାୟକ ଓ ଗୌରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱର ରେଲୱେ ଇଣ୍ଡୋର ଷ୍ଟାଡିୟମରେ ୩ ଦିନ ଧରି ଜାତୀୟ କରାଟେ ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ଦୀପକ କୁମାର ସାମନ୍ତରାୟଙ୍କ ଉତ୍କଳ କରାଟେ ସ୍କୁଲ (ଟାଙ୍ଗୀ)ର ପ୍ରଶିକ୍ଷାର୍ଥୀମାନେ ସଫଳତା ଅର୍ଜନ କରିଥିବାରୁ ପ୍ରଶିକ୍ଷକ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସ୍କୁଲର ୧୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପୀତବାସ ମାନସିଂ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ, ହୃଷୀକେଶ ମାନସିଂ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ, ଅଭିଲିପ୍ସା ତ୍ରିପାଠୀ ୨ଟିସ୍ୱର୍ଣ୍ଣ, ବିଶ୍ୱରୂପା ସାହୁ ଗୋଟିଏ କାଂସ୍ୟ, ସ୍ୱୟଂସାଇ ପଣ୍ଡା ଗୋଟିଏ କାଂସ୍ୟ, ସାଇ ସରୋଜ ପଣ୍ଡା ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ଓ ଶିବମ ମହାପାତ୍ର ଗୋଟିଏ ରୌପ୍ୟ ପଦକ ହାସଲ କରି ସ୍କୁଲର ଗୌରବ ବୃଦ୍ଧି କରିଥିବାରୁ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ମାନସିଂ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ପଦକ ପ୍ରାପ୍ତ କରିଥିବା କୃତୀ ପ୍ରତିଯୋଗୀ।

## ୩ ଅଭିଯୁକ୍ତ ଜେଲ ଗଲେ

ଖୋର୍ଦ୍ଧା ଅଫିସ, ୨୯।୮: ବାଣପୁର ଥାନା ପୋଲିସ ୩ଟି ପୃଥକ୍ ପୃଥକ୍ ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନେ ବାଣପୁର ସବ୍‌ଜେଲକୁ ଯିବାକୁ ପଡିଛି। ଭେସରୀ ଗ୍ରାମର ଶାଶ୍ୱତୀ ଜେନା ଗୁରୁବାର ମଧ୍ୟାହ୍ନରେ ବାଣପୁର ବଜାରରେ ଡ୍ରେସ କିଣୁଥିଲେ। ତେବେ ଡ୍ରେସ କିଣା ସମୟରେ ବାଲେଡିହ ଗ୍ରାମର ରବୀନ୍ଦ୍ର ନାରାୟଣ ନାୟକ ଶାଶ୍ୱତୀଙ୍କ ସାଇକେଲଟି ଚୋରାଇ ନେଇଥିଲେ। ଶାଶ୍ୱତୀଙ୍କ ଅଭିଯୋଗ ପରେ ପୋଲିସ କେସ୍ ରୁଜୁ କରି ରବୀନ୍ଦ୍ରଙ୍କୁ ଗିରଫ କରିବା ସହ ଚୋରି ସାଇକେଲ ଜବତ କରିଥିଲା। ସେହିଭଳି ତଦନ୍ତ ସମୟରେ ପୋଲିସ ରବୀନ୍ଦ୍ରଠାରୁ ଅନ୍ୟ ଏକ ଚୋରା ମୋବାଇଲ ଉଦ୍ଧାର କରିଛି। ୧୩ ତାରିଖରେ ବାଲୁଗାଁ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଫରେଷ୍ଟ କଲୋନୀରେ ରହୁଥିବା ଗ୍ଲୋବାଲ ଇଣ୍ଡିଆର ଜନୈକ କର୍ମଚାରୀଙ୍କଠାରୁ ମୋବାଇଲଟି ଲୁଟ କରିଥିବା ରବୀନ୍ଦ୍ର ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ସେହିପରି ସୁନାକେରା ଗ୍ରାମର ମମତା ପ୍ରଧାନ ଓ ପାଣ୍ଡିରିପଦର ଛକର ଲୋକନାଥ ପରିଡା ଅନୁରୂପ ଭାବେ ଗିରଫ ହୋଇଥିଲେ। ଏମାନଙ୍କଠାରୁ ୪୨ଟି ଆସ୍କା ଫର୍ଟି ମଦ ବୋତଲ ଜବତ କରାଯାଇଥିଲା।

## ନିର୍ଯାତିତ ପରିବାରକୁ ମିଳୁନି ଆଇନ ସହାୟତା

### ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

ଟାଙ୍ଗୀ(ଖୋର୍ଦ୍ଧା),୨୯।୮(ଡି.ଏନ.ଏ.) ଟାଙ୍ଗୀ ଥାନା ଅଧୀନ ହରିପୁର ଗ୍ରାମରେ କୌଣସି ଭୁଲ୍ ନ ଥାଇ ଗୋଟିଏ ପରିବାରକୁ ନିର୍ଯାତନା ଦିଆଯାଉଥିଲେ ମଧ୍ୟ ସେମାନଙ୍କୁ ଆଇନ ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଛି। ସେ ହେଉଛନ୍ତି ଲକ୍ଷ୍ମୀଧର ଜେନା। ନିଜସ୍ୱ ଜମି ଗୃହରେ ସେ ରହୁଥିବାବେଳେ ଘର ନିକଟରେ ଏକ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ପୋତାଯିବାକୁ ନେଇ ପ୍ରତିବାଦ କରିଥିଲେ। ତେବେ ତାଙ୍କ ପ୍ରତିବାଦକୁ ବେଖାତିର କରି ନାରୁଣୀଠାରେ ଅବସ୍ଥାପିତ ସେସୁର କନିଷ୍ଠ ଯନ୍ତ୍ରୀ ଗ୍ରାମର କେତେଜଣ ଯୁବକଙ୍କ ସହାୟତାରେ ଖୁଣ୍ଟ ପୋତି ତାର ଟାଣିଥିଲେ। କେତେଜଣ ଯୁବକ ଜେନାଙ୍କ ପରିବାରକୁ ମାରଧର କରିବା ସହ ଜିନିଷପତ୍ର ମଧ୍ୟ ନେଇ ଯାଇଥିବା ସେ ଅଭିଯୋଗ କରିଥିଲେ। ତାଙ୍କ ଘରକୁ ସଂଯୋଗ ବିଦ୍ୟୁତ୍ ତାର ମଧ୍ୟ କାଟି ଦିଆଯାଇଥିଲା। ଚଳିତମାସ ୧୦ ତାରିଖରେ ଏଭଳି ଘଟଣା ହୋଇଥିବା ନେଇ ଜେନାଙ୍କ ସ୍ତ୍ରୀ ସଂଯୁକ୍ତା ଟାଙ୍ଗୀ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ସେ କହିଥିଲେ। ତେଣୁ ୧୯ ତାରିଖରେ ଖୋର୍ଦ୍ଧା ଉପଜିଲାପାଳ ଓ ଜିଲାପାଳ ପ୍ରମୁଖଙ୍କ ନିକଟରେ ଲିଖିତ ଅଭିଯୋଗ କରି ସହାୟତା ଲୋଡିଥିଲେ। ଏହି ପରିବାରଟି ବିପିଏଲ ତାଲିକାଭୁକ୍ତ ଓ ନିୟମିତ ଭାବେ ବିଦ୍ୟୁତ୍ ଦେୟ ପଇଠ କରି ଆସୁଥିଲେ। ତେବେ ୧୦ ତାରିଖଠାରୁ ତାଙ୍କ ଘରକୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ୨୨ ତାରିଖରେ ବାଲୁଗାଁସ୍ଥିତ ଫେଡ୍‌କୋ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗ୍ରାମର ପ୍ରଭାବଶାଳୀ ଗୋଷ୍ଠୀ ଏହି ପରିବାର ବିରୋଧରେ ଥିବା ହେତୁ ସେ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ଟାଙ୍ଗୀ ଥାନା ଅଧିକାରୀ ଏସ୍.ବି. ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଏହା ବିଦ୍ୟୁତ୍ ବିଭାଗ ସମ୍ପର୍କିତ ଯୋଗୁ ଆମେ ବିଶେଷ କିଛି କରିପାରିବୁ ନାହିଁ। ନାରୁଣୀ ସେସୁ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କୁ ଏ ନେଇ ପଚାରିବାରୁ ସେ ବିଶେଷ କିଛି ଅବଗତ ନ ଥିବା ସୂଚନା ଦେଇଥିଲେ। ଏହି କାମ ଫେଡ୍‌କୋର ବୋଲି କହି ଯନ୍ତ୍ରୀ ନୀରବ ରହିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ମାଙ୍କଡ଼ା ଖଣି ନିଲାମକୁ ବିରୋଧ :ଉପଜିଲାପାଳଙ୍କୁ ଫେରାଦ୍

ଖୋର୍ଦ୍ଧା ଅଫିସ, ୨୯।୮: ଖୋର୍ଦ୍ଧା ତହସିଲ ଧଉଳିମୁହଁ ପଞ୍ଚାୟତ ଅଧୀନ ନରସିଂହପ୍ରସାଦ ମୌଜାରେ ପ୍ରଶାସନ କରିଥିବା ମାଙ୍କଡା ଖଣି ନିଲାମର ପ୍ରତିବାଦ ଉଠିଛି। ପୁଣି ଆଉ କିଛି ଅଞ୍ଚଳ ନିଲାମ ଦିଆଯିବାର ରହିଛି। ତେବେ ନିଲାମ ପୂର୍ବରୁ ସର୍ବସାଧାରଣ ସ୍ଥାନରେ ନୋଟିସ୍ ମରା ଯାଇ ନ ଥିବାରୁ ନିଲାମ ସମ୍ପର୍କରେ ଜଣାପଡିଲା ନାହିଁ। ଏଭଳିସ୍ଥଳେ ସ୍ଥାନୀୟ ବାସିନ୍ଦା ଜିଲାପାଳ, ଉପଜିଲାପାଳ ଓ ତହସିଲଦାରଙ୍କୁ ଭେଟି ଗାଁଲୋକଙ୍କୁ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ଅଭିଯୋଗ ଅନୁସାରେ, ନରସିଂହପ୍ରସାଦ ମୌଜାର ଖାତା ନଂ. ୩୭୭/୬ର ପ୍ଲଟ ନଂ. ୭୬ ଓ ୭୭ ଏବଂ ପ୍ଲଟ ନଂ. ୨୦୫(କ)(ଖ) ନିଲାମ ହୋଇଛି। ହେଲେ ଗାଁ ଲୋକ ନିଲାମ ସମ୍ପର୍କରେ ଅବଗତ ହୋଇପାରିଲେ ନାହିଁ। ଗତ ୧୪ ତାରିଖରେ ପଥର କଟା ଆରମ୍ଭ ହେବା ପରେ ଏହା ଲୋକଲୋଚନକୁ ଆସିଥିଲା। ସେହିଭଳି ଉପରୋକ୍ତ ମୌଜାର ପ୍ଲଟ ନଂ. ୭୮, ୫୮୫, ୬୯୬, ୮୫୪, ୬୫୭, ୬୪୫ ପୁଣି ଥରେ ନିଲାମ ହେବାକୁ ଯାଉଛି। ଉପରୋକ୍ତ ଜମିକୁ ସ୍ଥାନୀୟ ଲୋକ ଲିଜ୍ ନେଇ କାଜୁ ବାଦାମ ଗଛ ଲଗାଇ ଗୁଜୁରାଣ ମେଣ୍ଟାଉଛନ୍ତି। ଶ୍ରୀମନ୍ଦିର ପ୍ରଶାସନକୁ ରାଜସ୍ୱ ଦେଇ ଆସୁଛନ୍ତି। ଅନ୍ୟପକ୍ଷେ ଏହି ଅଞ୍ଚଳ ଯୋଗୁ କୃଷି କ୍ଷେତ୍ରରେ ଚାଷ କରିବା ସୁବିଧା ହେଉଛି। ଏଠାରେ ଖଣି କରାଗଲେ ଚାଷ ବି ପ୍ରଭାବିତ ହେବ।



ଖଣି ଖନନ ବନ୍ଦ ପାଇଁ ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ଲୋକମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ଅଗଷ୍ଟ, ୨୦୧୯



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ



## ସଂକ୍ଷେପରେ

### ଜିଲା ପରିଷଦ ସଭ୍ୟାଙ୍କୁ ହତ୍ୟା ଧମକ

ଗୋପ, ୨୯।୮(ଡି.ଏନ୍.ଏ.): ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସରୋଜିନୀ ନାୟକଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଗୋପ ଥାନାରେ ଅଭିଯୋଗ ହେବା ପରେ ଗୋପ ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଗତ ୨୬ ତାରିଖ ଦିନ ୨ଟା ସମୟରେ ଗୋପ ଥାନା ଅଧୀନ ଏକ ଗ୍ରାମର ଜଣେ ବ୍ୟକ୍ତି ଆକ୍ରୋଶମୂଳକ ମନୋଭାବ ରଖି ଜିଲା ପରିଷଦ ସଭ୍ୟାଙ୍କ ଘରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଚୋରି କେସ୍ ସମ୍ବନ୍ଧୀୟ ସନ୍ଧାନ ଥାନାରେ ଦେଉଥିବା ନେଇ ସରୋଜିନୀଙ୍କୁ ଏଭଳି ଧମକ ଦିଆଯାଇଥିବା ସରୋଜିନୀଙ୍କ ଅଭିଯୋଗ ପତ୍ରରେ ଦର୍ଶାଯାଇଥିବାବେଳେ ଏ ନେଇ ଗୋପ ପୋଲିସ ୧୧୫/୧୯ ରେ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଏ ନେଇ ଜନ ପ୍ରତିନିଧିଙ୍କ ଜୀବନ ପ୍ରତି ବିପଦ ଥିବାରୁ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ବିଭିନ୍ନ ମହଲରୁ ଦାବି ହୋଇଛି।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ବ୍ରହ୍ମଗିରି, ୨୯।୮(ଡି.ଏନ୍.ଏ.):ବ୍ରହ୍ମଗିରି ଥାନା ଅନ୍ତର୍ଗତ କେରାଣ୍ଡିଆ ଛକ ନିକଟରେ ଗୁରୁବାର ସକାଳେ ଦୁଇଟି ବାଇକ ମୁହାଁମୁହିଁ ହେବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ରେବଣାନୂଆଗାଁ ଗ୍ରାମର ପ୍ରଦ୍ୟୁମ୍ନ ବରାଳ(୨୨) ଏବଂ ଆହତମାନେ ହେଲେ ଖଟପିରିଙ୍ଗ ଗ୍ରାମର ଦୟାନିଧି ପରିଡ଼ି ଓ ରଞ୍ଜନ ଦଳାଇ। କେରାଣ୍ଡିଆ ନିକଟସ୍ଥ ରେବଣାନୂଆଗାଁ ଉଚ୍ଚବିଦ୍ୟାଳୟ ସାମ୍ନାରେ ଥିବା ଏକ ହମ୍ପସରେ ଗାଡି ଦୁଇଟି ଭାରସାମ୍ୟ ହରାଇ ମୁହାଁ ମୁହିଁ ଧକ୍କା ହୋଇଥିଲେ। ଆହତମାନେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### କ୍ରୀଡ଼ା ଦିବସରେ ମିନି ମାରାଥନ

ପୁରୀ ଅଫିସ,୨୯।୮: ପୁରୀ ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ମିନି ମାରାଥନ ଆୟୋଜିତ ହୋଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଟାଉନ ଥାନା ସମ୍ମୁଖରୁ ଏହା ବାହାରି ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସ୍ପୋର୍ଟସ ହଷ୍ଟେଲ ଅନ୍ତେବାସୀ, ଖେଳାଳି ଓ କ୍ରୀଡ଼ାପ୍ରେମୀ ସାମିଲ ହୋଇଥିଲେ। ଜିଲା କ୍ରୀଡ଼ାଧିକାରୀ ଚନ୍ଦନ ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରତିହାରୀ, କୋଚ ନାରାୟଣ ବେହେରା, କୋଚ୍ ପ୍ରଦୀପ ସାହୁ, କ୍ରୀଡ଼ାବିତ୍ ରବୀନ୍ଦ୍ର ସେନାପତି, ସୁଦର୍ଶନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ଣରେ ଇନଡୋର ଷ୍ଟାଡିୟମରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ହୋଇଥିଲା ଏବଂ ସନ୍ଧ୍ୟାରେ ସଭା ଅନୁଷ୍ଠିତ ହୋଇଥିଲା।

### ଷ୍ଟେଶନରୁ ୧୫ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ପୁରୀ ଅଫିସ,୨୯।୮:ପୁରୀ ରେଳଷ୍ଟେଶନ ପରିସରରୁ ଗୁରୁବାର ଆର୍‌ପିଏଫ୍ ୧୫କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବ୍ରହ୍ମଗିରିର ପ୍ରଶାନ୍ତ ବେହେରା(୨୪)ଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୭୫ହଜାର ଟଙ୍କା ବୋଲି ପୋଲିସ କହିଛି। ଆର୍‌ପିଏଫ୍ ଥାନାଧିକାରୀ ଅନିଲ କୁମାର ସିଂ କହିଛନ୍ତି, ଗିରଫ ଅଭିଯୁକ୍ତ ପ୍ରଶାନ୍ତ ଦିଲ୍ଲୀ ଅଭିମୁଖେ ଟ୍ରେନରେ ଯାତ୍ରା ଲାଗି ପୁରୀ ଷ୍ଟେଶନରେ ପହଞ୍ଚିଥିଲେ। ପ୍ଲାଟଫର୍ମରେ ଏକ ବଡ ପ୍ୟାକେଟ ଧରି ବସିଥିବା ବେଳେ ଆର୍‌ପିଏଫ୍ ପୋଲିସର ସନ୍ଦେହ ହୋଇଥିଲା। ତାଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରୁ ସେ ଗଞ୍ଜେଇ ରଖିଥିବା ସ୍ୱୀକାର କରିଥିଲେ। ଫଳରେ ତାଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଥାନାରେ ୧୪/୧୯ ଏନଡିପିଏସ ଆକ୍ଟ ୧୯୮୯ରେ ଏକ ମାମଲା ରୁଜୁ ହୋଇଛି।

### 'ଖେଳ ବିନା ଶିକ୍ଷା ଅଧୁରା'

ଗୋପ, ୨୯।୮(ଡି.ଏନ୍.ଏ.):ଖେଳ ବିନା ଶିକ୍ଷା ଅଧୁରା। ପାଠପଢ଼ା ସହ ଖେଳକୁଦ ଜରୁରୀ। ଖେଳ ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲ ରହିଥାଏ ବୋଲି ଗୋପ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ନାୟକ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ଶିକ୍ଷକ ସସ୍ମିତା ପୃଷ୍ଟି ଛାତ୍ରୀଛାତ୍ରମାନଙ୍କୁ କ୍ରୀଡ଼ାର ଉପକାରିତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିବାବେଳେ ଶିକ୍ଷକ ଦୀପକ କୁମାର ସାହୁ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବା ବେଳେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା

## ରାମଚନ୍ଦ୍ରଙ୍କୁ ଲାଇଫ୍ ଟାଇମ୍, ଶ୍ରୀକାନ୍ତଙ୍କୁ ଶ୍ରୀକ୍ଷେତ୍ର କ୍ରୀଡ଼ାରତ୍ନ ସମ୍ମାନ

ପୁରୀ ଅଫିସ,୨୯।୮:

ଝାଡ଼େଶ୍ୱରୀ କ୍ଲବ ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ସାଢେ ୭ଟାରେ କ୍ଲବ ପରିସରରୁ ସାଇକେଲ ଓ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହାକୁ ବିଶିଷ୍ଟ ଫୁଟବଲ୍ ଖେଳାଳି ରଘୁନାଥ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ୩ଶହରୁ ଊର୍ଦ୍ଧ୍ୱ ଖେଳାଳି ଓ କ୍ରୀଡ଼ାପ୍ରେମୀ ସାମିଲ ହୋଇ ପ୍ଲାଷ୍ଟିକ, ପଲିଥିନ ଓ ନିଶାମୁକ୍ତ ସହର, ଜଳ ସଂରକ୍ଷଣ, ବେଳାଭୂମି ସ୍ୱଚ୍ଛତା ଏବଂ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ।



ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ସନ୍ଧ୍ୟାରେ ଆୟୋଜିତ ସଭାରେ କ୍ଲବ ସଭାପତି କୃଷ୍ଣଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନାଲ୍‌କୋର ବରିଷ୍ଠ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ସରୋଜ କୁମାର ସିଂ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, କ୍ଲବ ସମ୍ପାଦକ ପାର୍ଥ ସାରଥି ମହାପାତ୍ର, କ୍ରୀଡ଼ା ପ୍ରଶାସକ କୃଷ୍ଣଚନ୍ଦ୍ର ପଣ୍ଡା, କ୍ରୀଡ଼ାବିତ୍ ପ୍ରୀତମ ଜଗଦ୍ଦେବ ଉପସ୍ଥିତ ଥିଲେ। ଏହି ଅବସରରେ କ୍ରୀଡ଼ାବିତ୍ ରାମଚନ୍ଦ୍ର ପାଢୀଙ୍କୁ ଲାଇଫଟାଇମ୍ ଆଚିଭମେଣ୍ଟ ଆୱାର୍ଡ, ଡ. ଶ୍ରୀକାନ୍ତ ମିଶ୍ରଙ୍କୁ ଶ୍ରୀକ୍ଷେତ୍ର କ୍ରୀଡ଼ାରତ୍ନ, ଶଙ୍କର ରଥଙ୍କୁ ଶ୍ୟାମସୁନ୍ଦର ମହାନ୍ତି ସ୍ମାରକୀ ଟ୍ରଫି, ଏସ୍. ଜଗା ରେଡ୍ଡୀଙ୍କୁ ନରେନ୍ଦ୍ରନାଥ ଦାସ ସ୍ମାରକୀ ଟ୍ରଫି, ଆର୍ଯ୍ୟାନ୍ ବ୍ରାହ୍ମଣଙ୍କୁ ପୀତବାସ ପ୍ରଧାନ ସ୍ମାରକୀ ଟ୍ରଫି, ମୌସୁମୀ ଦାସଙ୍କୁ ସରୋଜ ମିଶ୍ର ସ୍ମାରକୀ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ସେହିପରି ରାକେଶ କୁମାର ପାତ୍ରଙ୍କୁ ସର୍ବଶ୍ରେଷ୍ଠ ଖେଳାଳି, କ୍ରୀଡ଼ାବିତ୍ ଭଗବାନ ସୁଆର, ଶୁଭାଶିଷ ଖୁଣ୍ଟିଆ, ପ୍ରେମାନନ୍ଦ ବେହେରାଙ୍କ ସମେତ ବହୁ ଖେଳାଳି ଏବଂ ୩ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁସୂଦନ ମିଶ୍ର, ଜିତେନ୍ଦ୍ର ନାଥ ଦାଶ ଏବଂ ଶୀତେନ୍ଦ୍ର ନାଥ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଇ କେୟାର ହର୍ବାଲାଇଫ ନ୍ୟୁଟ୍ରିଶନ୍ ହେଲଥ୍ କ୍ଲବ ଆନୁକୂଲ୍ୟରେ ଝାଡୁଆଣୀ ଲାଇବ୍ରେରିରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୮୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ଆଜି ସପ୍ତପୁରି ଅମାବାସ୍ୟା

# ଶ୍ରୀମନ୍ଦିରରେ ପହଞ୍ଚିଲା ସାତପୁରୀ ତାଡ଼

ପୁରୀ ଅଫିସ, ୨୯।୮:

ସପ୍ତପୁରି ଅମାବାସ୍ୟାରେ ଶୁକ୍ରବାର ମହାପ୍ରଭୁଙ୍କୁ ସପ୍ତପୁରୀ ତାଡ଼ ଲାଗି ହେବ। ଏଥିଲାଗି ଗୁରୁବାର ସାତପୁରି ତାଡ଼ ଶ୍ରୀମନ୍ଦିରରେ ପହଞ୍ଚିଛି। ଗୁରୁବାର ଦ୍ୱିପହର ଧୂପ ବଢିଲା ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଘଣ୍ଟ, କାହାଳୀ ସହିତ ୪ଟି ସାତପୁରି ତାଡ଼ ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଶ୍ରୀମନ୍ଦିର ଭିତର ବେଢାରେ ଏହାକୁ ଗୋଟିଏ ଥର ବୁଲାଇ ଅଚିନ୍ତା ପହଣ୍ଡି ରୋଷ ବେହେରଣଠାରେ ରଖିଥିଲେ। ସନ୍ଧ୍ୟାଧୂପ ବଢିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହିତ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିଥିଲେ। ଏହାପରେ ଦକ୍ଷିଣକାଳୀଙ୍କ ସେବକମାନେ ଏକ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷ ପାଇକଙ୍କୁ ଅର୍ପଣ କରିଥିଲେ। ଆଜ୍ଞାମାଳ ରୋଷଘରେ ବିଜେ ହେବା ପରେ ଅନ୍ୟାନ୍ୟ ନୀତି ବଢିଥିଲା। ଶୁକ୍ରବାର ସାତପୁରି ରୋଷରେ ଏହି ତାଡ଼ରେ ସାତପୁରୀ ପିଠା ତିଆରି ହେବ। ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରି ପିଠା ଲାଗି କରାଯିବ। ମାଟିରେ ନିର୍ମିତ ସାତପୁରି ତାଡ଼ରେ ସାତପୁରି ପିଠା ପ୍ରସ୍ତୁତ ହୁଏ। କୁମ୍ଭାର ବିଶୋଇ ସେବକମାନେ ଏହାକୁ ତିଆରି କରିଥାନ୍ତି। ୪ଟି ସାତପୁରି ତାଡ଼ ଶ୍ରୀମନ୍ଦିରକୁ ଆସିଥାଏ। ତିନୋଟିରେ ପିଠା ତିଆରି ହୁଏ। ଏହା ମାଟିରେ ନିର୍ମିତ ହୋଇଥିବାରୁ କାଳେ ଭାଙ୍ଗିଯିବ ସେଥିପାଇଁ ଗୋଟିଏ ଅଧିକ ତାଡ଼ ଆସିଥାଏ।


ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ଶ୍ରୀମନ୍ଦିରକୁ ତାଡ଼ ବିଜେ କରାଯାଉଛି।

## ଶିକ୍ଷକ ଅଭାବ ପ୍ରତିବାଦରେ ବିଦ୍ୟାଳୟରେ ତାଲା

# ଧାରଣାରେ ବସିଲେ ଅଭିଭାବକ, ଛାତ୍ରୀଛାତ୍ର

ସାକ୍ଷୀଗୋପାଳ, ୨୯।୮(ଡି.ଏନ୍.ଏ.)

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଦାଶବିଦ୍ୟାଧରପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରତିବାଦରେ ଗୁରୁବାର ବିଦ୍ୟାଳୟରେ ତାଲା ପକାଇ ଦିଆଯାଇଛି। ଶିକ୍ଷୟିତ୍ରୀ ମିନତୀ ମିଶ୍ରଙ୍କ ବଦଳି ଆଦେଶ ବାତିଲ ଓ ଦୁଇବର୍ଷ ହେଲା ବିଦ୍ୟାଳୟରେ ଖାଲି ପଡିଥିବା ବିଜ୍ଞାନ ଶିକ୍ଷକ ଏବଂ କଳା ଶିକ୍ଷକଙ୍କୁ ନିଯୁକ୍ତି ଦାବିରେ ଅଭିଭାବକ, ଶିକ୍ଷା କମିଟିର ସଭ୍ୟାସଭ୍ୟମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଦିନତମାମ ଗେଟ ସମ୍ମୁଖରେ ବସି ରହିଥିଲେ। ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟାର ସମାଧାନ କରିବାକୁ ଲିଖିତ ଭାବେ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ଅଭିଭାବକମାନଙ୍କ ସହିତ ସ୍ଥାନୀୟ ସରପଞ୍ଚ ହରିହର ନନ୍ଦ, ଶିକ୍ଷା କମିଟି ସଦସ୍ୟ ରବୀନ୍ଦ୍ର ମୁଦୁଲି ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ବିଦ୍ୟାଳୟ ସାଧନ କେନ୍ଦ୍ର ସଂଯୋଜକ ରାମଚନ୍ଦ୍ର ଦାଶ ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ବି ଖବର ଲେଖାଯିବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ସୂଚନାଯୋଗ୍ୟ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୫୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପ୍ରଧାନ ଶିକ୍ଷକଙ୍କ ସହିତ ୧୦ଟି ଶ୍ରେଣୀ ପାଇଁ ୮ ଜଣ ଶିକ୍ଷକ ରହିଥିବା ବେଳେ ଚଳିତ ୨୭ ତାରିଖରେ ସେମାନଙ୍କ ମଧ୍ୟରୁ ଶିକ୍ଷୟିତ୍ରୀ ମିଶ୍ରଙ୍କୁ ବଦଳି କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।


ବିଦ୍ୟାଳୟରେ ତାଲା ପକାଇ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବାହାରେ ଠିଆ ହୋଇଛନ୍ତି।

### ୪ ମାସ ହେଲା ସବ୍‌ରେଜିଷ୍ଟ୍ରି କାର୍ଯ୍ୟ ବନ୍ଦ: ଲୋକେ ହନ୍ତସନ୍ତ

କଣାସ, ୨୯।୮(ସ୍ୱ.ପ୍ର.)

ପୁରୀ ଜିଲାର କଣାସ ବ୍ଲକ ଏକ ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ। ଏହି ବ୍ଲକର ଲୋକମାନେ ପୂର୍ବରୁ ଜମିବାଡି ବିକାକିଣା କରିବା ପାଇଁ ପୁରୀ ଓ ସତ୍ୟବାଦୀ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟକୁ ଯାଉଥିଲେ। ଅଞ୍ଚଳବାସୀଙ୍କ ପକ୍ଷରୁ କଣାସରେ ଏକ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା ପାଇଁ ଦାବି ହୋଇଥିଲା। ଫଳରେ ୨୦୦୦ ମସିହାରେ କଣାସଠାରେ ନିର୍ମିତ ହୋଇଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲାଯାଇ ସପ୍ତାହକୁ ଦୁଇ ଦିନ ସବ୍‌ରେଜିଷ୍ଟ୍ରି କାର୍ଯ୍ୟ କରାଯାଉଥିଲା। ଗତ ଫନୀରେ ସବ୍‌ରେଜିଷ୍ଟ୍ରି ଅଫିସ ଆଜ୍‌ବେଷ୍ଟସ ଉଡିଯିବା ଯୋଗୁ ସବ୍‌ରେଜିଷ୍ଟ୍ରି କାର୍ଯ୍ୟ ବନ୍ଦ ରହିଛି। ଫଳରେ ଜମିବାଡି ବିକ୍ରୟ କାର୍ଯ୍ୟ ହୋଇପାରୁ ନ ଥିବାବେଳେ ବାହ୍ୟମୁକ୍ତ ସାର୍ଟିଫିକେଟ୍, ବିବାହ ପଞ୍ଜୀକରଣ, ସାର୍ଟିଫାଏଡ ନକଲ ପାଇବାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଏନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗୃହ ମରାମତି କାର୍ଯ୍ୟ ଚାରିମାସ ହେଲା ଧିମା ଗତିରେ ଚାଲିଥିବା ଦେଖିବାକୁ ମିଳୁଛି। ତୁରନ୍ତ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା ପାଇଁ ଜନସାଧାରଣରେ ଦାବି ହେଉଛି।

# ସତ୍ୟବାଦୀରେ ଜାତୀୟ କ୍ରୀଡ଼ା ଦିବସ

ସାକ୍ଷୀଗୋପାଳ, ୨୯।୮(ଡି.ଏନ୍.ଏ.)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡା ଦିବସ ଗୁରୁବାର ପାଳିତ ହୋଇଯାଇଛି। ହକି ଖେଳର ଯାଦୁଗର ଧ୍ୟାନଚାନ୍ଦଙ୍କ ଜନ୍ମତିଥି ଅଗଷ୍ଟ ୨୯କୁ ଜାତୀୟ କ୍ରୀଡା ଦିବସ ଭାବେ ପାଳନ କରାଯାଉଛି। ସୁସ୍ଥ ଜୀବନ ପାଇଁ କ୍ରୀଡ଼ାର ଆବଶ୍ୟକତା ସହିତ ନିୟମିତ ଅଭ୍ୟାସରେ ଜଣେ ସଫଳ କ୍ରୀଡ଼ାବିତ ଭାବରେ ନିଜକୁ ଗଢ଼ିତୋଳିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ବ୍ୟାନର ଓ ପ୍ଲାକାର୍ଡ ଧରି ପିଲାମାନେ ବିଦ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସାକ୍ଷୀଗୋପାଳ ବଜାର ପରିକ୍ରମା କରିଥିଲେ। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଗୁରୁ, ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶିକ୍ଷକ ମନୋରଞ୍ଜନ ମିଶ୍ର, ସତ୍ୟବାଦୀ ଦାଶ, ବିଜୟ କୁମାର ପରିଡ଼ା, ବସନ୍ତ କୁମାର ସ୍ୱାଇଁ, ଉମାକାନ୍ତ ମିଶ୍ର ପ୍ରମୁଖ କ୍ରୀଡ଼ା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଚିତ୍ର ଖଟୋଇ ଓ ଯୁଧିଷ୍ଠିର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

### ନିଷ୍ଠାର ସହ ଖେଳିଲେ ସଫଳତା ମିଳିବ

ପୁରୀ ଅଫିସ,୨୯।୮:

ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁରେଶ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଭାରତୀ ଓଡ଼ିଶାର ସମ୍ପାଦକ ରଘୁନାଥ ସାହୁ ଯୋଗଦେଇ ଖେଳକୁଦ ଦ୍ୱାରା ମନ ଓ ଶରୀର ସୁସ୍ଥ ରହେ ଏବଂ ନିଷ୍ଠାର ସହ ଖେଳିଲେ ସଫଳତା ମିଳିପାରିବ ବୋଲି କହିଥିଲେ। ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟ ତଦାରଖ କଲେ ନଗର ଉନ୍ନୟନ ସ୍ୱତନ୍ତ୍ର ସଚିବ

କୋଣାର୍କ, ୨୯।୮(ଡି.ଏନ୍.ଏ.):

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରେମ କୁମାର ଝା ଗୁରୁବାର କୋଣାର୍କ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ଏନ୍‌ଏସି ଦ୍ୱାରା ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ, ଉନ୍ନୟନ କାର୍ଯ୍ୟର ସମୀକ୍ଷା ଓ ତଦାରଖ କରିଥିଲେ। ପୁରୀ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଣାର୍କ ଏନ୍‌ଏସିକୁ ସ୍ୱଚ୍ଛ କରିବା ପାଇଁ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୩ଗୋଟି ୱାର୍ଡରେ କିଭଳି ଘରକୁ ଘର ବୁଲି ବିଭିନ୍ନ ପ୍ରକାର ଅଳିଆ ଆବର୍ଜନାକୁ ପରିଚାଳନା କରାଯାଇ ସହରକୁ ସ୍ୱଚ୍ଛ ରଖାଯାଇପାରିବ ସେ ନେଇ ବିଭାଗୀୟ ସ୍ୱତନ୍ତ୍ର ସଚିବ ଝା ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସ୍ୱତନ୍ତ୍ର ସଚିବ କୋଣାର୍କ ଏନ୍‌ଏସି ଦ୍ୱାରା ନିର୍ମାଣାଧୀନ କଲ୍ୟାଣ ମଣ୍ଡପ, ମେଡିକାଲ ପରିସରରେ ଖୋଲା ଯାଇଥିବା ଆହାର କେନ୍ଦ୍ର ଓ ଲୋକାର୍ପିତ ହେବାକୁ ଥିବା ପର୍ଯ୍ୟଟନ ଚିତ୍ତବିନୋଦନ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍ ଶ୍ରୀନିବାସ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର କନିଷ୍ଠ ଯନ୍ତ୍ରୀ ଦେବୀକଲ୍ୟାଣ ମହାପାତ୍ର ଓ ଜିଲା ପରିମଳ ବିଶେଷଜ୍ଞ ରାଜେନ୍ଦ୍ର କୁମାର ସାହୁ, କୋଣାର୍କ ଏନ୍‌ଏସି ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ପ୍ରେମ କୁମାର ଝା କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ମା' ମଙ୍ଗଳା ଯୁବକ ସଂଘର ଧାରଣା


ଧାରଣାରେ ବସିଥିବା ଖେଳାଳିମାନେ।

ପୁରୀ ଅଫିସ, ୨୯।୮:

ଓଡ଼ିଶା ବକ୍ସିଂ ଆସୋସିଏଶନର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଧାରଣା ଦିଆଯାଇଥିଲା। ୮୦ରୁ ଊର୍ଦ୍ଧ୍ୱ ଖେଳାଳି ଧାରଣାରେ ବସିଥିଲେ। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବୀନ୍ଦ୍ର କୁମାର ପ୍ରତିହାରୀ ଏବଂ ଓଡ଼ିଶା ଆମେଚର ବକ୍ସିଂ ଆସୋସିଏଶନର ଉପସଭାପତି ସୁଦର୍ଶନ ସାହୁ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ରାଜ୍ୟ ସଂଘ ସହ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବରଗଛ ମୂଳେ ଚାଲିଛି ଦମକଳକେନ୍ଦ୍ର

# ଖରାବର୍ଷାରେ ନଷ୍ଟ ହେଉଛି ୨ ଗାଡ଼ି

କଣାସ, ୨୯।୮(ସ୍ୱ.ପ୍ର.):

ପୁରୀ ଜିଲା କଣାସ ବ୍ଲକରେ ଦୀର୍ଘଦିନରୁ ଏକ ଦମକଳ କେନ୍ଦ୍ର ପାଇଁ ଦାବି ହେଉଥିବାବେଳେ ୨୦୧୩ରେ ରାଜ୍ୟ ସରକାର ଏଥିପାଇଁ ଅର୍ଥ ମଞ୍ଜୁର କରିଥିଲେ। ଅସ୍ଥାୟୀ ଭାବେ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଏକ ବରଗଛ ତଳେ ୨ଟି ଦମକଳ ରଖାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ମାତ୍ର ଏହା ପରେ ୭ବର୍ଷ ବିତିଯାଇଥିଲେ ବି ସ୍ଥାୟୀ ଦମକଳ କେନ୍ଦ୍ର ନିର୍ମାଣ ପାଇଁ ତହସିଲଦାର ଜାଗା ଚିହ୍ନଟ କରିପାରୁ ନ ଥିବାରୁ ବରଗଛ ତଳେ ଥିବା ଦୁଇଟି ନୂଆ ଦମକଳ ଗାଡ଼ି ଖତ ଖାଇବାକୁ ବସିଲାଣି। ୭ବର୍ଷ ମଧ୍ୟରେ ୩ଜଣ ତହସିଲଦାର କାର୍ଯ୍ୟରେ ଯୋଗଦେଇ ଅନ୍ୟତ୍ର ବଦଳି ହୋଇଥିଲେ ବି କାହିଁକି ଜାଗା ଚିହ୍ନଟ ହେଲା ନାହିଁ ସେନେଇ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। ଦୁଇ ବର୍ଷ ହେଲା ଦମକଳ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାର ୬୫ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏ ସମ୍ପର୍କରେ କଣାସ ତହସିଲଦାର ଉମାକାନ୍ତ ରାଉତଙ୍କୁ ପଚାରିବାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛି। ଏ ସମ୍ପର୍କରେ କିଛି ଜଣିନାହିଁ। ଏନେଇ କ'ଣ କରାଯାଇପାରିବ ଦେଖିବି ବୋଲି କହିଥିଲେ। ପୁରୀ ଜିଲାପାଳ ଏନେଇ ତୁରନ୍ତ ଦୃଷ୍ଟିଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ଦମକଳ ଗାଡ଼ି।